R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୫୫
ତିଥି: ନବମୀ
୨୯ ନଭେମ୍ବର ୨୦୨୫, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 55
29 November 2025, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ୧୭, ୪୪୦ କୋଟିର ଅତିରିକ୍ତ ବଜେଟ୍

ଭୁବନେଶ୍ୱର, ୨୮ ।୧୧ (ସବ୍ୟୁ) : ନିର୍ମାଣାଧୀନ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା, ଆକସ୍ମିକ ପାଣ୍ଠିରୁ ନିଆଯାଇଥିବା ଅଗ୍ରିମ ଅର୍ଥର ଭରଣା, ଚାଲୁ ରହିଥିବା କେନ୍ଦ୍ର ଯୋଜନା, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା, କେନ୍ଦ୍ର ସରକାରଙ୍କ ଘୋଷିତ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ନିମନ୍ତେ ଅତିରିକ୍ତ ବ୍ୟୟ ବରାଦର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ଆଜି ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ମୋଟ୍ ୧୭,୪୪୦ କୋଟିର ଅତିରିକ୍ତ ବଜେଟ୍ ଉପସ୍ଥାପନ କରାଯାଇଛି। ବିଗତ ବର୍ଷ ୧୨,୧୫୫ କୋଟି ୭୦ ଲକ୍ଷ ଟଙ୍କାର ଅତିରିକ୍ତ ବଜେଟ୍ ଉପସ୍ଥାପନ ହୋଇଥିଲା। ସେହିବର୍ଷ ମୂଳ ବଜେଟ୍ ୨ ଲକ୍ଷ ୬୫ ହଜାର କୋଟି ଥିଲା। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ଲାଗି ୨ ଲକ୍ଷ ୯୦



ହଜାର କୋଟିର ବଜେଟ୍ ଉପସ୍ଥାପନ କରାଯାଇଥିଲା।

ଅର୍ଥମନ୍ତ୍ରୀ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତିରିକ୍ତ ବଜେଟ୍‌କୁ ଉପସ୍ଥାପନ କରିଛନ୍ତି। ପ୍ରଶାସନିକ ବ୍ୟୟ ଲାଗି ୩୩୮ ୯ କୋଟି ବ୍ୟୟ ବରାଦ କରାଯାଇଥିବାବେଳେ କାର୍ଯ୍ୟକ୍ରମ ବ୍ୟୟ ଲାଗି ୧୩୭୧୬, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୧୭୧ କୋଟି, ରାଜ୍ୟ ବଜେଟ୍‌ରୁ ସ୍ଥାନାନ୍ତର ୧୬୪ କୋଟି ବରାଦ ହୋଇଛି।୨୦୨୫-୨୬ ବଜେଟ୍ ଅଟକଳ ଅନୁଯାୟୀ ରାଜ୍ୟ ସକଳ ଘରୋଇ ଉତ୍ପାଦର ୩% ଅର୍ଥାତ୍ ୩୧ ହଜାର ୮୦୦ କୋଟି ଟଙ୍କା ବଳକା ରାଜସ୍ୱ ଦେଖାଦେଇଥିବାବେଳେ ରାଜ୍ୟ ସକଳ ଘରୋଇ ଉତ୍ପାଦର ୩.୨% ଅର୍ଥାତ୍ ୩୨ ହଜାର ୪୦୦ କୋଟି ଟଙ୍କା ବିତୀୟ ନିଅଣ୍ଟ ଦର୍ଶାଯାଇଛି। ସେହିଭଳି ରାଜ୍ୟର ମୋଟ୍ ଋଣ ଭାର ୧ ଲକ୍ଷ ୩୪ ହଜାର ୯୧୪ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। କାର୍ଯ୍ୟକ୍ରମ ବ୍ୟୟ ବାବଦରେ ଥିବା ୧୩ ହଜାର ୭୧୬ କୋଟିରୁ କେନ୍ଦ୍ରୀୟ ଯୋଜନା ଲାଗି ୨୦୫୪ କୋଟି, ରାଜ୍ୟ ଯୋଜନା ପାଇଁ ୧୧ ହଜାର ୬୪୩ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରଶାସନିକ ବ୍ୟୟ ବାବଦରେ ବ୍ୟୟ ହେବାକୁ ଥିବା ୩୩୮ ୯ କୋଟି ମଧ୍ୟରୁ ୧୪୦୬ କୋଟି ଟଙ୍କା ସୁଧ ଦେୟ ଏବଂ ୧୩୩ କୋଟି ଟଙ୍କା ଓଡ଼ିଶା ଆକସ୍ମିକ ପାଣ୍ଠିରୁ ନିଆଯାଇଥବା ଅଗ୍ରିମ ଭରଣା କରାଯିବ। ସରକାରୀ ଆବାସିକ କୋଠାଗୁଡ଼ିକର ରକ୍ଷଣ ବେକ୍ଷଣ ପାଇଁ ୨୦୫ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଜିଲ୍ଲାପରିଷଦ ନିର୍ବାଚନ ପରିଚାଳନା ପାଇଁ ୪୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ସରକାରୀ କଲେଜ ପାଇଁ ୩୬ (୯ ପୃଷ୍ଠାରେ)

- ପ୍ରଶାସନିକ ବ୍ୟୟ-୩୩୮ ୯ କୋଟି
- କାର୍ଯ୍ୟକ୍ରମ ବ୍ୟୟ ୧୩୭୧୬ କୋଟି
- ବିପର୍ଯ୍ୟୟ ପ୍ରଶମ ପାଣ୍ଠି ୧୭୧ କୋଟି
- ରାଜ୍ୟ ବଜେଟ୍‌ରୁ ସ୍ଥାନାନ୍ତର ୧୬୪ କୋଟି

- ଜିଲ୍ଲାପରିଷଦ ନିର୍ବାଚନ ପରିଚାଳାନା ଲାଗି ୪୨ କୋଟି
- ଇନ୍‌ପୁଟ୍ ସବ୍‌ସିଡ୍ ଲାଗି ୮ ୫୦ କୋଟି
- ଜାତୀୟ ସ୍ୱାସ୍ଥ୍ୟ ମିଶନ ଲାଗି ୯ ୯୪ କୋଟି
- ଚାଷୀଙ୍କ ଋଣ ସୁଧ ଛାଡ ଲାଗି ୩୦୦ କୋଟି
- ସୁଭଦ୍ରା ଯୋଜନା ଲାଗି ୨ ୯ ୫ କୋଟି
- ପଞ୍ଚସଖା ଶିକ୍ଷା ସେତୁ ଲାଗି ୫୧ କୋଟି
- ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ଲାଗି ୧୪୭ କୋଟି
- ବୃକ୍ଷ ରୋପଣ କ୍ଷତିପୂରଣ ପାଣ୍ଠି ୨୪୨ କୋଟି
- ମାଓ ପ୍ରଭାବିତ କ୍ଷେତ୍ରରେ ସଡ଼କ ଲାଗି ୨୮ କୋଟି
- ନୂଆ ଯୋଜନା ଶକ୍ତିଶ୍ରୀ ଲାଗି ୧୫ କୋଟି
- ପିଏମ୍ ପୋଷଣ ପାଇଁ ୩୯୨ କୋଟି

## ୮.୨% ରହିବ ଦେଶର ଆର୍ଥିକ ଅଭିବୃଦ୍ଧି




ନୂଆଦିଲ୍ଲୀ,୨୮ ।୧୧ : ୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଦେଶର ଜିଡିପି ୮.୨ ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କରିବବୋଲି ଆକଳନ କରାଯାଇଛି । ପୂର୍ବ ବର୍ଷର ୨ୟ ତିନିମାସରେ ଆର୍ଥିକ ଅଭିବୃଦ୍ଧି ୫.୬ ପ୍ରତିଶତ ଥିଲା ବୋଲି ଶୁକ୍ରବାର ପ୍ରକାଶିତ ସରକାରୀ ତଥ୍ୟରୁ ଜଣାପଡ଼ିଛି । ଏହା ସହିତ ଭାରତପୁଣି ଥରେ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ପରିଣତ ହୋଇଛି । କେନ୍ଦ୍ର ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୁପାୟନ ମନ୍ତ୍ରଣାଳୟ ଅଧିନସ୍ଥ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ୨୦୨୫-୨୬ ଆର୍ଥିକ ବର୍ଷର ଜୁଲାଇ-ସେପେଟମ୍ବର ତ୍ରୈମାସିକ ପାଇଁ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ତ୍ରୈମାସିକ ଆକଳନ ପ୍ରକାଶ କରିଛି ।

ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ସେପଟମ୍ବର ୬ ମାସରେ ବାସ୍ତବିକ ଜିଡିପି ୯୬.୫୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବା ଆଶା କରାଯାଉଛି । ୨୦୨୪-୨୫ଆର୍ଥିକ ବର୍ଷର ଏହି ସମୟରେ ବାସ୍ତବିକ ଜିଡିପି ଅଭିବୃଦ୍ଧି ୮୯.୩୫ ଲକ୍ଷ କୋଟି ଥିଲା । ଫଳରେ ଏହି ୬ ମାସରେ ଦେଶର ଜିଡିପି ଆଭିବୃଦ୍ଧି ୮ ପ୍ରତିଶତ ରହିଛି । ୩ୟ ତ୍ରୈମାସ ଅକ୍ଟୋବର-ଡିସେମ୍ବରେ ଭାରତର ଜିଡିପି ଅଭିବୃଦ୍ଧି ଆହୁରି ବଢ଼ିବାର ସମ୍ଭାବନା ରହିଛି । କାରଣ ସରକାରଙ୍କ ଜିଏସଟି ସଂସ୍କାରର ପ୍ରଭାବ ଏହି ତ୍ରୈମାସରୁ ହିଁ ପଡ଼ିବା ଆରମ୍ଭ କରିଥିଲା । ବିଭିନ୍ନ ସାମଗ୍ରୀ ଉପରେ ଜିଏସଟି କମିବା ଫଳରେ ସେଗୁଡ଼ିକ ଶସ୍ତା ହୋଇଛ । ଏହା ଅର୍ଥନୈତିକ କାର୍ଯ୍ୟକଳାପକୁ ବୃଦ୍ଧି କରିଛି ।

ଭାରତର ଅର୍ଥନୈତିକ ଅଭିବୃଦ୍ଧି ବିଶ୍ୱ ଦୃଷ୍ଟି ଆକର୍ଷଣ କରିଚାଲିଛି । ବିଶ୍ୱର ଚତୁର୍ଥ ବୃହତ୍ତମ (୯ ପୃଷ୍ଠାରେ)

## ମାଓବାଦୀଙ୍କ ଆତ୍ମସମର୍ପଣ ରାଶି ବୃଦ୍ଧି

ଭୁବନେଶ୍ୱର, ୨୮ ।୧୧ (ସବ୍ୟୁ) : ମାଓବାଦୀ ଚିନ୍ତାଧାରାରୁ ଓହରି ଆସି ସାଧାରଣ ସ୍ରୋତରେ ସାମିଲ ହେବାକୁ ଚାହୁଁଥିବା ମାଓବାଦୀମାନଙ୍କର ଆତ୍ମସମର୍ପଣ ଅର୍ଥ ରାଶିକୁ ବୃଦ୍ଧି କରାଯାଇଛି। ୩ ଲକ୍ଷ ୩୦ ହଜାର ୪ ଲକ୍ଷ ୯୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏକେ-୪୭ ରାଇଫଲ ଧରି ଆତ୍ମ ସମର୍ପଣ କଲେ ଏହି ରାଶି ମିଳିବ। ସେହିଭଳି ଏସ୍‌ଏଲ୍‌ଆର ରାଇଫଲ ସହ ଆତ୍ମ ସମର୍ପଣ କଲେ ପୂର୍ବରୁ ୧ ଲକ୍ଷ ୬୫ ହଜାର ଟଙ୍କା ଦିଆଯାଉଥିବାବେଳେ ଏବେ ସେମାନଙ୍କୁ ୪ ଲକ୍ଷ ୯୫ ହଜାଣ ଟଙ୍କା ଆତ୍ମସମର୍ପଣ ରାଶି ପାଇବେ ।ଯେଉଁ ମାଓବାଦୀଙ୍କ (୯ ପୃଷ୍ଠାରେ)

## ମଣ୍ଡି ଅବ୍ୟବସ୍ଥା ନେଇ ଗୃହରେ ଉଦ୍‌ବେଗ

ଭୁବନେଶ୍ୱର, ୨୮ ।୧୧ (ସବ୍ୟୁ) : ରାଜ୍ୟ ସରକାର ଧାନ କିଣା ଆରମ୍ଭ କରିଥିବାବେଳେ ମଣ୍ଡି ଅବ୍ୟବସ୍ଥା ନେଇ ବିଧାନସଭାରେ ଉଦ୍‌ବେଗ ପ୍ରକାଶ

### ଧାନ କିଣା ପ୍ରସଙ୍ଗରେ କୃଷିମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ

### ବରଗଡ଼ରେ ଏବେବି ୫୦୦୦ ଚାଷୀ ପଞ୍ଜିକରଣ କରିନାହାନ୍ତି

କରିଛନ୍ତି ବିରୋଧୀ ଉପନେତା ପ୍ରସନ୍ନ ଆଚାର୍ଯ୍ୟ । ସେ କହିଛନ୍ତି, ନଭେମ୍ବର ସରିବାକୁ ବସିଲାଣି ଏପର୍ଯ୍ୟନ୍ତ ଚାଷୀଙ୍କଠାରୁ ଧାନ କିଣା ହୋଇନାହିଁ । ବିଗତ ସରକାରରେ ନଭେମ୍ବର ମାସ ବେଳକୁ ଧାନ କିଣା ହେଉଥିଲା । ତେବେ ଚାଷୀମାନଙ୍କ ଭାଗ୍ୟ ଓ ଭବିଷ୍ୟତ ସହ ଏବେ ସରକାର ଖେଳୁଥିବା ଶ୍ରୀ ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି ।

ଶୂନ୍ୟକାଳରେ ଶ୍ରୀ ଆଚାର୍ଯ୍ୟ ଧାନ ସଂଗ୍ରହ ପ୍ରସଙ୍ଗରେ ସରକାରଙ୍କ ଉପରେ ବର୍ଷିଛନ୍ତି । ନଭେମ୍ବର ମାସ ହେଉଛି ଧାନର ଅମଳ ସମୟ । ଧାନ ସଂଗ୍ରହ କରି ରଖିବାକୁ ସରକାରଙ୍କ ନିକଟରେ ଗୋଦାମ ଘର କମ ରହିଛି । ବରଗଡ଼, ସମ୍ବଲପୁର ଜିଲ୍ଲାରେ ଧାନ ସଂଗ୍ରହ ପାଇଁ ଡିଏଲ୍‌ପିସି ନିଷ୍ପତ୍ତି ନେଇଥିଲା । ୨୮ ତାରିଖ ଅର୍ଥାତ ଆଜି ସୁଦ୍ଧା ଧାନ ସଂଗ୍ରହ ହୋଇପାରିଲା ନାହିଁ । ହଜାର ହଜାର ସଂଖ୍ୟାରେ ଚାଷୀ ଧାନ ବିକ୍ରି କରିବା ପାଇଁ ଏବେ ବି (୯ ପୃଷ୍ଠାରେ)

## ଧାନ ସଂଗ୍ରହ ପ୍ରକ୍ରିୟା ଫେଲ, ମଣ୍ଡିରେ ପଡ଼ିଛି ଧାନ

ସମ୍ବଲପୁର, ୨୮ ।୧୧ (ସବ୍ୟୁ): ସମ୍ବଲପୁର ଜିଲ୍ଲାରେ ଆଜି ଠାରୁ ଧାନ ସଂଗ୍ରହ ପ୍ରକିୟା ଆରମ୍ଭ କରିବାକୁ ଦିନଧାର୍ଯ୍ୟ ହୋଇଥିଲା। ମାତ୍ର ମିଲର୍ସଙ୍କ ଅସହଯୋଗ ଯୋଗୁଁ ଧାନ ସଂଗ୍ରହ ହୋଇ ପାରିନାହିଁ ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି। ଆସନ୍ତା କାଲି ପୂର୍ବାହ୍ନ ୧୧ଟା ସୁଦ୍ଧା ଧାନ କିଣା ପ୍ରକିୟା ଆରମ୍ଭ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅର୍ଥନୈତିକ ଅବରୋଧ କରାଯିବ ବୋଲି ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ ଚେତାବନୀ ଦେଇଛନ୍ତି। ଏହାକୁ ନେଇ ଜିଲ୍ଲା ପ୍ରଶାସନ ଅଡୁଆରେ



ପଡି ଯାଇଛି। ଅନ୍ୟପଟେ ଗୋଦାମରେ ଧାନ ଭର୍ତ୍ତି ହୋଇ ରହିଛି। ରବିଔତୁର ଧାନ ଏଯାଏଁ ଯାଇନାହିଁ ସରକାରଙ୍କ ନିୟମ ମୁତାବକ ମିଲର୍ସ କଷ୍ଟମ ମିଲିଂ ଧାନରୁ ଚାଉଳ ନଦେଲେ ମିଲର୍ସଙ୍କ ସହ ଏଗ୍ରିମେଣ୍ଟ ହୋଇପାରିବ ନାହିଁ ଏଥିଯୋଗୁଁ ମିଲର୍ସ ଓ ପ୍ରଶାସନ ମଧ୍ୟରେ ଏଗ୍ରିମେଣ୍ଟ ହୋଇନାହିଁ ଚାଉଳ ନଉଠିବା ବାହାନା କରି ସରକାରଙ୍କୁ ଚାଉଳ ନଦେଇ ଧାନ କିଣିବା ପାଇଁ ଏଗ୍ରିମେଣ୍ଟ କରିବାକୁ ସିଲର୍ସ ମାନେ ଚାପ ପ୍ରୟୋଗ କରୁଛନ୍ତି। ଏଥିରେ ନୀରିହ ଚାଷୀ ପେଶି ହେଉଛି। ସୂଚନାଯୋଗ୍ୟ, ଜିଲ୍ଲାସ୍ତରୀୟ ଖରିଫ ଧାନ ସଂଗ୍ରହ ବୈଠକରେ ୨୮ ନଭେମ୍ବର, ୨୦୨୫ ଠାରୁ ଧାନ କିଣାବିକା ପାଇଁ ମଣ୍ଡି ଖୋଲିବାକୁ ନିଷ୍ପତି ନିଆଯାଇଥିଲା। ଏଭଳିସ୍ଥଳେ ସମ୍ବଲପୁର ଉପଖଣ୍ଡର କିଛି ଚାଷୀ ବରେଇପାଲି ମାର୍କେଟ୍‌ୟାର୍ଡକୁ ନିଜର ଧାନ ବୋଝେଇ ଗାଡି ନେଇ ଆସିଥିଲେ। (୯ ପୃଷ୍ଠାରେ)

## ୪ରେ ଭାରତ ଆସିବେ ପୁଟିନ୍

ନୂଆଦିଲ୍ଲୀ, ୨୮ ।୧୧ : ଋଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଆସନ୍ତା ୪ ଓ ୫ ତାରିଖରେ ଭାରତ ଆସିବେ । ଅନୁଷ୍ଠିତ ହେଉଥିବା ୨୩ତମ ଭାରତ-ଋଷ୍ ଆନୁଆଲ୍ ସମିଟ୍‌ରେ ଯୋଗଦେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ସେ ଭାରତ ଆସୁଥିବା ଜଣାପଡିଛି। ଗତ କିଛିମାସ ହେବ ଭାରତ ଓ ଋଷ୍ ମଧ୍ୟରେ ଘନିଷ୍ଠତା ବୃଦ୍ଧି ପାଇଛି। ଋଷରୁ ତେଲ ଆମଦାନୀ ଭାରତ ଜାରି ରଖିଛି। ଆମେରିକାର ଟାରିଫ ବୃଦ୍ଧି ସତ୍ତ୍ୱେ ଏହା ଜାରି ରହିଛି। ଭାରତ ଗସ୍ତ ସମୟରେ ପୁଟିନ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଆଲୋଚନା କରିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ଋଷ୍ ନେତାମାନଙ୍କୁ ରାଷ୍ଟ୍ରପତି ଭବନରେ ସ୍ୱାଗତ କରିବା ସହ ଏକ ନୈଶ୍ୟ ଭୋଜିରେ ଆପ୍ୟାୟିତ କରିବେ। ପୁଟିନଙ୍କ (୯ ପୃଷ୍ଠାରେ)

## ଟ୍ରକ୍ ଧକ୍କାରେ ୩ ଯୁବକ ମୃତ

ଢେଙ୍କାନାଳ, ୨୮ ।୧୧ (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ସଦରଥାନା ଅନ୍ତର୍ଗତ ୫୫ ନମ୍ବର ଜାତୀୟ ରାଜପଥରେ ଟ୍ରକ ଧMIରେ ଗୋବିନ୍ଦପୁର ଠାରେ ୩ ଯୁବକଙ୍କ ଜୀବନ ଚାଲିଯାଇଥିବା ବେଳେ ମୂଳିସିଂହ ଠାରେ ମଧ୍ୟ ଅନ୍ୟ ଜଣେ ଯୁବକଙ୍କର ଜୀବନ ଚାଲିଯାଇଛି ।

ସଦରଥାନା ଅନ୍ତର୍ଗତ ଜାତୀୟ ରାଜପଥ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ନିକଟରେ ଶୁକ୍ରବାର ପାହାନ୍ତିଆରୁ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୩ ଜଣ ଯୁବକଙ୍କର ଜୀବନ ଚାଲିଯାଇଛି । ଅନୁଗୁଳ ବନ୍ତଲା ଥାନା କଞ୍ଚା ଗାଁର ସୁରେନ୍ଦ୍ର ବେହେରା(୨୧), ଢେଙ୍କାନାଳ ତୁମୁସିଂହା ଥାନା ମାଛିଆ ଗାଁର ମିଥୁନ ପାତ୍ର (୨୪) ଓ କଟକ ଜିଲ୍ଲା ମାହାଙ୍ଗା ଥାନା ଜଲେଶ୍ୱରପୁର ଗାଁର ଜଗନ୍ନାଥ ଦାଶ(୩୦) ପ୍ରମୁଖ (୯ ପୃଷ୍ଠାରେ)

## ଭାରତର ୬୧% ଅଞ୍ଚଳ ଭୂକମ୍ପ ପ୍ରବଣ ଜୋନ୍

ନୂଆଦିଲ୍ଲୀ, ୨୮ ।୧୧ : ଭାରତର ୬୧% ଅଞ୍ଚଳ ଏବେ ଭୂକମ୍ପପ୍ରବଣ ଜୋନ୍ ଭାବେ ଚିହ୍ନଟ ହୋଇଛି । ବ୍ୟୁରୋଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ (ବିଆଇଏସ୍) ପକ୍ଷରୁ ସଦ୍ୟ ଅପଡେଟ୍ ହୋଇଥିବା ସେସ୍‌ମିକ୍ ଜୋନେସନ୍ ମ୍ୟାପରେ ଏହା ଉଲ୍ଲେଖ କରାଯାଇଛି । ସମଗ୍ର ହିମାଳୟ ଅଞ୍ଚଳଗୁଡ଼ିକ ଏଥିରେ ଦର୍ଶାଯାଇଛି । ପ୍ରଥମଥର ଲାଗି ଏହି ଅଞ୍ଚଳଗୁଡ଼ିକୁ ସର୍ବାଧିକ ବିପଦ ଜୋନ୍ ସ୍ପଷ୍ଟ ଭାବେ ଚିହ୍ନଟ କରାଯାଇଛି ।

ସବୁଠୁ ଉଲ୍ଲେଖନୀୟ ଘଟଣା ହେଉଛି ଯେ ପ୍ରାୟ ଦେଶର ୬୧% ଅଞ୍ଚଳ ଏବେ ଉଚ୍ଚ ବିପଦପୂର୍ଣ୍ଣ ଜୋନ୍‌ରେ ରହିଛି । ପୂର୍ବରୁ ଏହା ଜୋନ୍ ୪ ଓ ୫ ମଧ୍ୟରେ ରହି ଆସୁଥିଲା । ତେବେ ହିମାଳୟ ନିକଟବର୍ତ୍ତୀ ଅଞ୍ଚଳରେ ଏବେ ନିରନ୍ତର ଶ୍ରେଣୀକରଣ ପାଇପାରୁଛି । ପୁରୁଣା ମାନଚିତ୍ରରେ କେନ୍ଦ୍ରୀୟ ହିମାଳୟକୁ ଦୁଇ ଶତାବ୍ଦୀ ଧରି ପ୍ରମୁଖ ବିପଦଶଙ୍କୁଳ ଜୋନ୍ ଭାବେ ଚିହ୍ନଟ କରାଯାଇଥିଲା । ଏବେ ହିମାଳୟ ଅଞ୍ଚଳ ଭାରତରେ ସର୍ବାଧିକ ଭୂକମ୍ପ ପ୍ରବଣ ଜୋନ୍ ହେବାର କାରଣ ପଛରେ ରହିଛି, ଭାରତୀୟ ପ୍ଲେଟ୍ ଓ ଇଉରେସିଆନ ପ୍ଲେଟ୍ ଧକ୍କାରେ ହିମାଳୟ ପର୍ବତ ଯେଉଁ ଗଠନ ହୋଇଛି । ବାରମ୍ବାର ମାଡ ହେଉଥିବା ଯୋଗୁ ଭୂପୃଷ୍ଠ ଉପରେ (୯ ପୃଷ୍ଠାରେ)

## ମଞ୍ଚେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ପାଖରେ ବୋମାମାଡ଼

ଭୁବନେଶ୍ୱର, ୨୮ ।୧୧ (ସବ୍ୟୁ) : ମଞ୍ଚେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ଫାଟକ ପାଖରେ ଶୁକ୍ରବାର ସକାଳେ କେହି ଦୁର୍ବୃତ୍ତ ବୋମାମାଡ କରିଛନ୍ତି । ବୋମାମାଡରେ କ୍ଷୟକ୍ଷତି କିଛି ହୋଇନଥିବା ବେଳେ ପୋଲିସ ପହଞ୍ଚି ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିଛି ।

ଶୁକ୍ରବାର ସକାଳ ୭ଟାରେ ପ୍ରାଇମେରୀ ଛାତ୍ରଛାତ୍ରୀ ପଛପାଖ ଫାଟକରେ ଭିତରକୁ ଯିବା ପରେ ଗେଟ୍ ବନ୍ଦ ଥିଲା । ସମୟ ପ୍ରାୟ ୮ଟା ବେଳେ ପ୍ରଚଣ୍ଡ ଶବ୍ଦ ହେବାରୁ କ୍ୱାର୍ଟର୍ସଗୁଡିକୁ ଦୁଲିକି ଯାଇଥିଲା। କ'ଣ ଶବ୍ଦ ହେଲା ଏତେ ଜୋର୍‌ରେ ବୋଲି କ୍ୱାର୍ଟର୍ସ ରହୁଥିବା ରେଳ କର୍ମଚାରୀ ପରିବାର ଲୋକେ ବାହାରକୁ ଆସି



ଦେଖନ୍ତି ତ ଗେଟ୍ ପାଖରେ ବାରୁଦ ଗନ୍ଧ ହେବା ସାଙ୍ଗକୁ ସୁତୁଲି ଓ ପିରକ କଣ୍ଟା ଚାରିଆଡେ ବିଚ୍ଛୁରିତ ହୋଇପଡିଛି । ଏତେ ଜୋର୍‌ରେ ଶବ୍ଦ ହୋଇଥିଲା ଯେ, ସ୍କୁଲ ଗେଟ୍ ପାଖ ପାଚେରି ଫାଟିଯାଇଛି। ଏହା ଦେଖିବା ପରେ ସେମାନେ ବୋମାମାଡ ହୋଇଥିବା ଜାଣି ଖବର କରିଥିଲେ ।

ଖବର ପାଇ ମଞ୍ଚେଶ୍ୱର ଥାନା ପୋଲିସ, ପିସିଆର୍ (୯ ପୃଷ୍ଠାରେ)

### ଗୃହରେ ଉଠିଲା ବୋମା ବିସ୍ଫୋରଣ ପ୍ରସଙ୍ଗ

ଭୁବନେଶ୍ୱର, ୨୮ ।୧୧ (ସବ୍ୟୁ) : ବିଧାନସଭାରେ ଉଠିଲା ବୋମା ବିସ୍ଫୋରଣ ପ୍ରସଙ୍ଗ । ଏକ ଧ୍ୟାନ ଆକର୍ଷଣକାରୀ ନୋଟିସ୍‌ରେ ବିଜେଡି ବିଧାୟକ ପ୍ରତାପ କେଶରୀ ଦେବ୍ କେନ୍ଦ୍ରୀୟ ବିଦ୍ୟାଳୟ-୩ ନିକଟରେ ହୋଇଥିବା ବୋମା ବିସ୍ଫୋରଣ ପ୍ରସଙ୍ଗ ଉଠାଇ ଉଦ୍‌ବେଗ ପ୍ରକାଶ କରିଥିଲେ । ଏହା କେତେଦୂର ସତ୍ୟ ଗୃହରେ ତଥ୍ୟ ରଖିବାକୁ ଦାବି କରିଥିଲେ । ଘଟଣାର ତଥ୍ୟ ସଂଗ୍ରହ କରି ବିଧାନସଭାରେ ଉପସ୍ଥାପନ କରିବାକୁ ବାଚସ୍ପତି ସୁରମା ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି ।

## କାଠ ସଂଗ୍ରହ ବେଳେ ଆଇଇଡି ବିସ୍ଫୋରଣ

# ଜଣେ ମହିଳା ମୃତ, ଦୁଇ ଗୁରୁତର

ସୁନ୍ଦରଗଡ଼, ୨୮ ।୧୧ (ସବ୍ୟୁ): ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲ୍ଲାର ସରଣ୍ଡା ଜଙ୍ଗଲରେ ମାଓବାଦୀମାନେ ପୁଣି ଥରେ ନିଜର ଉପସ୍ଥିତି ରଖିଥିବା ପ୍ରମାଣ କରିଛନ୍ତି । ସେମାନଙ୍କର ଦ୍ୱାରା ଖଞ୍ଜା ଯାଇଥିବା ଆଇଇଡି ବିସ୍ଫୋରଣରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ଅଛନ୍ତି । ଏହି ଘଟଣା ଶୁକ୍ରବାର ଜରାଇକେଲା ଥାନା ଅଧୀନସ୍ଥ କୋଲବୋଙ୍ଗା ଅଞ୍ଚଳରେ ଘଟିଛି । ମୃତ ମହିଳା ହେଲେ ଫୁଲୋ ଧନୁଆର (୩୫) । ଆହତମାନେ ହେଲେ ସଲାମି କାଣ୍ଡୁଲନା (୨୪) ଓ ବର୍ସି ଧନୁଆର (୨୩) ।

ଘଟଣା ସମ୍ପର୍କରେ ମିଳିଥିବା ସୂଚନା ଅନୁସାରେ, ଫୁଲୋ ଧନୁଆର, ସଲାମି କାଣ୍ଡୁଲନା ଓ ବର୍ସି ଧନୁଆର ଅନ୍ୟ ଦିନ ଭଳି କାଠ ଓ ସଂଗ୍ରହ କରିବା ପାଇଁ ଶୁକ୍ରବାର ଅପରାହ୍ନ ୨ଟା ସମୟରେ ଜଙ୍ଗଲକୁ ଯାଇଥିଲେ । ସେମାନେ ଜଙ୍ଗଲରୁ କାଠ ଓ ପତ୍ର ସଂଗ୍ରହ କରୁଥିବା ବେଳେ କଚ୍ଚା ରାସ୍ତାରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଆଇଇଡି ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ଅତି ଭୟଙ୍କର ଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଏହି କାରଣରୁ ତିନି ଜଣମହିଳା ଗୁରୁତର ଭାବେ ଆହତ ହୋଇଥିଲେ । ସ୍ଥାନୀୟ ଲୋକଙ୍କର ସହଯୋଗ କ୍ରମେ ଗୁରୁତର ମହିଳାମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ଫୁଲୋ ଧନୁଆରଙ୍କର ମୃତ୍ୟୁ ଘଟିଛି । ସଲାମି କାଣ୍ଡୁଲନା ଓ ବର୍ସି ଧନୁଆରଙ୍କ ଚିକିତ୍ସା ଜାରି ରହିଛି । ସେମାନଙ୍କର ଅବସ୍ଥା ଅତ୍ୟନ୍ତ ଉଦବେଗଜନକ ବୋଲି କୁହାଯାଉଛି ।

ପଶ୍ଚିମ ସିଂହଭୂମ ଜିଲ୍ଲାର ଏସପି ଅମିତ୍ ରେଣୁ ଘଟଣାର ପୁଷ୍ଟି କରି କହିଛନ୍ତି ଯେ ଜଙ୍ଗଲରୁ ବିସ୍ଫୋରଣ ସୂଚନା ମିଳିବା ସହିତ ହିଁ ପ୍ରଶାସନିକ ଓ ଚିକିତ୍ସା ସହାୟତା ତତ୍‌କ୍ଷଣାତ ପହଞ୍ଚାଇ ଦିଆଯାଇଥିଲା । ସେ ଘଟଣାସ୍ଥଳ ସଂଲଗ୍ନ ସିଡିପିଓକୁ ଆହତମାନଙ୍କ ସମ୍ପୂର୍ଣ୍ଣ ଚିକିତ୍ସା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅଞ୍ଚଳରେ ନକ୍ସାଲ ବିରୋଧୀ ଅଭିଯାନକୁ ଆହୁରି ତିବ୍ର କରିବା ପାଇଁ ନିର୍ଦ୍ଦେଶ ଦେଇଛି ।



## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି
# ଇନ୍ଦିରା ଗୋସ୍ୱାମୀ

ଜଣେ ଭାରତୀୟ ଲେଖକ, ସମ୍ପାଦକ, କବି, ପ୍ରଫେସର ଭାବେ ଇନ୍ଦିରା ଗୋସ୍ୱାମୀଙ୍କର ରହିଛି ସ୍ୱତନ୍ତ୍ର ପରିଚୟ । ସେ ନିଜର କାର୍ଯ୍ୟ ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର , ଜ୍ଞାନପୀଠ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ସମସାମୟିକ ଭାରତୀୟ ସାହିତ୍ୟର ସେ ଜଣେ ପ୍ରସିଦ୍ଧ ଲେଖିକା ଥିଲେ । ତାଙ୍କର ଅନେକ କାର୍ଯ୍ୟ ତାଙ୍କ ମୂଳ ଆସାମରୁ ଇଂରାଜୀରେ ଅନୁବାଦ କରାଯାଇଛି । ୧୪ ନଭେମ୍ବର ୧୯୪୨ରେ ତାଙ୍କର ଜନ୍ମ ହୋଇଥିଲା । ଆସାମରେ ସେ ନିଜର ପ୍ରାଥମିକ ପାଠ ପଢା ସାରିବା ପରେ ଗୌହାଟି କଲେଜରେ ଆସାମ ସାହିତ୍ୟରେ ସ୍ନାତକ କରିଥିଲେ । ତାଙ୍କ ରଚନାବଳି ମଧ୍ୟରୁ ଅନେକ ମଞ୍ଚସ୍ଥ ହେବା ସହ ଚଳଚ୍ଚିତ୍ରରେ ମଧ୍ୟ ପରିପ୍ରକାଶ ହୋଇଛି । ଏହି ମହାନ ସାହିତ୍ୟିକାଙ୍କର ୨୦୧୧ ନଭେମ୍ବର ୨୯ରେ ଦେହାନ୍ତ ହୋଇଥିଲା ।

### ଆଜିର ଦିନ

୧୭୫୯– ୧୬ତମ ମୋଗଲ ସମ୍ରାଟ ଆଲମଗୀର ଦ୍ୱିତୀୟଙ୍କୁ ହତ୍ୟା ।
୧୭୭୫– ସାର୍ ଜେମ୍ସ ଜେ. ଅଦୃଶ୍ୟ କାଳିର ଆବିଷ୍କାର କଲେ ।
୧୮୩୦– ପୋଲାଣ୍ଡରେ ରୁଷ୍ ଶାସନ ବିରୋଧରେ ବିଦ୍ରୋହ ଆରମ୍ଭ ହେଲା ।
୧୮୭୦– ବ୍ରିଟେନ୍‌ରେ ଆବଶ୍ୟକ ଶିକ୍ଷା ଆଇନ୍ ଲାଗୁ କରାଗଲା ।
୧୭୮୨– ବ୍ରିଟେନ୍ ପକ୍ଷରୁ ଆମେରିକୀୟ ସ୍ୱତନ୍ତ୍ରତାକୁ ମାନ୍ୟତା ମିଳିଲା ।
୧୯୬୧– ବିଶ୍ୱର ପ୍ରଥମ ଅନ୍ତରୀକ୍ଷ ଯାତ୍ରୀ ୟୁରୀ ଗାଗାରିନ୍ ଭାରତ ଆସିଲେ ।
୧୯୭୦– ପ୍ରଥମ ଭାରତୀୟ ରାଜ୍ୟ ରୂପେ ଶତ ପ୍ରତିଶତ ବିଦ୍ୟୁତିକରଣ ଲକ୍ଷ୍ୟ ହାସଲ କଲା ହରିଆଣା ।
୧୯୮୯– ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧିଙ୍କ ଇସ୍ତଫା ।
୧୯୯୯– ମହାରାଷ୍ଟ୍ରର ନାରାୟଣ ଗାଁରେ ବିଶ୍ୱର ସର୍ବବୃହତ୍ ମୋଟରଓ୍ୱେବ୍ ରେଡ଼ିଓ ଟେଲିସ୍କୋପ୍ ଖୋଲିଲା ।
୨୦୧୧– ଜ୍ଞାନପୀଠ ପୁରସ୍କାର ବିଜେତା ଲେଖିକା ଇନ୍ଦିରା ଗୋସ୍ୱାମୀଙ୍କ ପରଲୋକ ।

# ସିମ୍ୱ କୋବି ଚିଲି



**ସାମଗ୍ରୀ–** ସିମ୍ୱ, କୋବି, ପିଆଜ, କ୍ୟାପସିକମ, ଟମାଟୋ, ରସୁଣ, ଧନିଆ ପତ୍ର, ଚିଲି ସସ, ଟମାଟୋ ସସ୍, ସୋୟା ସସ୍, ରାଶି, ଧନିଆ ଗୁଣ୍ଡ, ଜୀରା ଗୁଣ୍ଡ, ହଳଦୀ, ଲୁଣ ।

**ପ୍ରଣାଳୀ–** ପ୍ରଥମେ ସମସ୍ତ ପରିବାକୁ ବଡ ବଡ କରି କାଟି ନିଅନ୍ତୁ । ରସୁଣକୁ କୋଳା ଛଡାଇ ନିଅନ୍ତୁ । ଏହାପରେ ତେଲ ପକାଇ ଅଳ୍ପ ଗୋଟା ଜୀରା ପକାନ୍ତୁ । ଏହା ଫୁଟିବାପରେ ଏଥିରେ କଟା ପିଆଜ ପକାଇ ଭାଜନ୍ତୁ । ଅଳ୍ପ ଭାଜି ହେବା ପରେ ଏଥିରେ ରସୁଣ ଓ କ୍ୟାପସିକମ ପକାଇ ଭାଜନ୍ତୁ । ଅଳ୍ପ ସମୟରେ ଏଥିରେ କୋବି, ସିମ୍ୱ ପକାଇ ଭାଜନ୍ତୁ । ପରିବା ଅଳ୍ପ ସିଝିବା ପରେ ଏଥିରେ ଟମାଟୋ ପକାନ୍ତୁ । ଟମାଟୋ ପକାଇବା ପରେ ଏଥିରେ ସମସ୍ତ ସସ୍ ଓ ଗୁଣ୍ଡ ମସଲା ପକାଇ ନିଅନ୍ତୁ । ଏହାପରେ ଆହୁରି ଅଳ୍ପ ସମୟ ଭାଜନ୍ତୁ, ଯେପରି ପରିବା ଭଲ କରି ଭାଜି ହୋଇଯିବ । ଶେଷରେ ରାଶି ଓ ଧନିଆ ପତ୍ର ପକାଇ ପ୍ରସ୍ତୁତ କରନ୍ତୁ ସିମ୍ୱ କୋବି ଚିଲି ।

# ସୀମା ଜଗିବ ରୋବଟ

ଚୀନ ସବୁବେଳେ ନିଜର ଟେକ୍ନୋଲୋଜି ପାଇଁ ଚର୍ଚ୍ଚାରେ ରହିଥାଏ । ନିକଟରେ ସେହିଭଳି ଏକ ଘଟଣା ପାଇଁ ଚର୍ଚ୍ଚାରେ ରହିଛି ଚୀନ । ନିଜର ସୀମାକୁ ହାଇଟେକ କରିବା ପାଇଁ ଚୀନ ନିଜ ସୀମାରେ ରୋବଟ ଆର୍ମି ନିୟୋଜିତ କରିବାକୁ ଯୋଜନା କରୁଛି । ଏଥିପାଇଁ ଚୀନର ସରକାର ଓ ରୋବୋଟିକ୍ସ କମ୍ପାନୀ ମଧ୍ୟରେ ୩୧୨ କୋଟିର ଚୁକ୍ତି ସ୍ୱାକ୍ଷର ହୋଇଛି । ପ୍ରଥମ ଫେଜରେ ଚୀନ ମଣିଷ ଭଳି ଦେଖାଯାଉଥିବା ରୋବଟଙ୍କର ସେନା ନିୟୋଜିତ କରିବ । ଏହି ରୋବଟମାନେ ସୀମାରେ ପାଟ୍ରୋଲିଂ କରିବା ସହିତ ନଜର ରଖିବେ । ସେହିଭଳି ସୀମାରେ ଯାଆସ କରୁଥିବା ଯାତ୍ରୀଙ୍କୁ ମଧ୍ୟ ଏମାନେ ଗାଇଡ କରିବେ । ଭିଡକୁ ନିୟନ୍ତ୍ରଣ କରିବା ସହିତ ବିଭିନ୍ନ ସାମଗ୍ରୀକୁ ଅପଟ ସେପଟ କରିବା କାର୍ଯ୍ୟ ମଧ୍ୟ କରିବେ । ଏହି କାର୍ଯ୍ୟ ପାଇଁ ଓ୍ୱାକର ଏସ ୨ ମଡେଲର ରୋବଟର ବ୍ୟବହାର କରାଯାଉଛି । ଏହା ଦୁନିଆର ଏଭଳି ଏକ ରୋବଟ ଯାହା ବ୍ୟାଟେରୀ ସରିବା ପରେ ନିଜେ ନିଜର ବ୍ୟାଟେରୀ ବଦଳାଇ ପାରିବ । ଚୀନ ଏହି ପ୍ରକଳ୍ପ ଅଧୀନରେ ୫୦୦ ରୋବଟଙ୍କୁ ନିୟୋଜିତ କରିବାକୁ ଯୋଜନା କରୁଛି । ସେହିଭଳି ଆଗକୁ ୨୦୨୭ ସୁଦ୍ଧା ୧୦ ହଜାରରୁ ଅଧିକ ରୋବଟ ତିଆରି କରିବାକୁ ସେନା ଲକ୍ଷ ରଖିଛି ।



## ସୋସିଆଲ କୋଟ୍ସ



“ମୋତେ ରହିବା ପାଇଁ ଭଡାରେ ଘର ମିଳିବା ମଧ କଷ୍ଟ ହୋଇଛି । ଯେଉଁଠିକୁ ଘର ଖୋଜିବାକୁ ଯାଇଛି, ସେମାନେ ଅଭିନେତ୍ରୀ ଶୁଣିବା ପରେ ଘର ଦେବାକୁ ମନା କରିଛନ୍ତି ।

ୟାମିନି, ଅଭିନେତ୍ରୀ



“ସୈଫ୍ ଖୁବ ସାହାସୀ । ନିଜ ଜୀବନକୁ ବାଜି ଲଗାଇ ସେ ପରିବାର ସଦସ୍ୟଙ୍କ ଜୀବନ ବଞ୍ଚାଇଛନ୍ତି । ଅନ୍ୟଙ୍କ ପାଇଁ ସେ ପ୍ରେରଣା ।

ଅକ୍ଷୟ କୁମାର, ଅଭିନେତା



“ମୋ କ୍ୟାରିୟର ନେପୋଟିଜିମ୍ ପାଇଁ ଖରାପ ହୋଇଛି । ସମସ୍ତେ ମୋତେ ଆଇଟମ ଗର୍ଲ ବୋଲି ଭାବୁଥିଲେ । ତେଣୁ ଭଲ ଚରିତ୍ର ମିଳିଲାନି ଅଭିନୟ କରିବାକୁ ।

ଉର୍ମିଳା, ଅଭିନେତ୍ରୀ

# ସ୍ୱାଦିଷ୍ଟ ଏବଂ ସ୍ୱାସ୍ଥ୍ୟକର



ମକା ସମସ୍ତଙ୍କର ଏକ ପ୍ରିୟ ଖାଦ୍ୟ । ବର୍ଷା ଦିନ ଆସିଲେ ଏହାକୁ ଖାଇବାର ଲାଳସା ଆହୁରି ବଢିଯାଏ । ବର୍ଷାଦିନିଆ ଖାଦ୍ୟ ତାଲିକାରେ ମକାର ନାଁ ଆଗ ଆସିଥାଏ । ତେବେ ମକା କେବଳ ଯେ ସ୍ୱାଦିଷ୍ଟ ହୋଇଥାଏ ତାହା ନୁହେଁ ଏଥିରେ ଔଷଧୀୟଗୁଣ ମଧ୍ୟ ଭରି ରହିଥାଏ । ଏଥିରେ ଅନେକ ପୋଷକ ତତ୍ତ୍ୱ ରହିଛି, ଯାହା ବିଭିନ୍ନ ରୋଗ ଦୂର କରିବାରେ ସହାୟକ ହୋଇଥାଏ ।

**ହୃଦୟ ଓ ମାଂସପେଶୀ ପାଇଁ ଉପକାରୀ:** ମକାରେ ମ୍ୟାଗନେସିୟମର ପରିମାଣ ଅଧିକା ରହିଥାଏ, ଯାହା ମାଂଶପେଶୀ ଶକ୍ତ କରିବା ସହିତ ରକ୍ତଚାପ ନିୟନ୍ତ୍ରଣ କରିଥାଏ । ଏହାସହିତ ମକା ଖାଇବା ଫଳରେ ହୃଦଘାତର ଆଶଙ୍କା ମଧ୍ୟ କମିଥାଏ ।

**ରୋଗପ୍ରତିରୋଧକ ଶକ୍ତି ବଢାଇବା:** ଆମର ରୋଗପ୍ରତିରୋଧକ ବଢାଇବାରେ ମକା ବିଶେଷ ଭାବରେ ସହାୟକ ହୋଇଥାଏ । ଏଥିରେ ଫେରୁଲିକ୍ ଏସିଡ ସହିତ ଅନ୍ୟ ଆଣ୍ଟି ଅକ୍ସିଡାଣ୍ଟ ଥିବାରୁ ଏହା ଶରୀରର ରୋଗନିରୋଧକ ଶକ୍ତି ବୃଦ୍ଧି କରିଥାଏ । ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ମଧ୍ୟ ଏହା ସୁରକ୍ଷା ଦେଇଥାଏ ।

**ଓଜନ ନିୟନ୍ତ୍ରଣ:** ମକାରେ ଥିବା ଫାଇବର ଆମର ଓଜନକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଏହା ଖାଦ୍ୟ ଲାଳସାକୁ କମାଇଥାଏ, ଯାହା ଫଳରେ ବ୍ୟକ୍ତିଙ୍କର ଓଜନ ନିୟନ୍ତ୍ରଣରେ ରୁହେ ।

# ୩୪ ଝିଅଙ୍କ ମା’

ମନେପଡ଼େ



ଅଭିନେତ୍ରୀ ପ୍ରତିଜିଣ୍ଟା ନିଜର ଚୁଲବୁଲି ଅନ୍ଦାଜ ପାଇଁ ବେଶ୍ ପରିଚିତ । ସବୁବେଳେ ବିଭିନ୍ନ ଫିଲ୍ମ ଜରିଆରେ ସେ ଦର୍ଶକଙ୍କ ମନ ମୋହିବା ସହିତ ଅନେକ ହିଟ୍ ଫିଲ୍ମ ବଲିଉଡକୁ ଦେଇଛନ୍ତି । ତେବେ କେବଳ ନିଜର ରିଲ୍ ଦୁନିଆ ନୁହେଁ ରିଅଲ ଦୁନିଆ ପାଇଁ ମଧ୍ୟ ବେଶ୍ ପରିଚିତ ପ୍ରିତି । ତାଙ୍କ ବ୍ୟକ୍ତିଗତ ଜୀବନରେ ଏଭଳି ବିଭିନ୍ନ ଘଟଣା ରହିଛି ଯାହା ତାଙ୍କୁ ଲାଇମ୍ ଲାଇଟ୍‌କୁ ଆଣିଥାଏ । ସେହିଭଳି ଘଟଣା ହେଲା ସେ ପାଖାପାଖି ୩୪ଟି ଝିଅଙ୍କର ମା’ । ସୂଚନା ଅନୁସାରେ ୨୦୦୯ରେ ପ୍ରୀତି ଋଷିକେଶର ଏକ ଅନାଥାଳୟରୁ ୩୪ଜଣଙ୍କୁ ଝିଅଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ । ବର୍ତ୍ତମାନ ସେମାନଙ୍କ ସମସ୍ତଙ୍କ ପାଠପଢା ଖର୍ଚ୍ଚ ପ୍ରୀତି ନିଜେ ବହନ କରିଛନ୍ତି । ସବୁବେଳେ ନାରୀ ମାନଙ୍କ ସପକ୍ଷରେ ମତ ଦେବା ସହିତ କାର୍ଯ୍ୟ ମଧ୍ୟ କରିଥାଆନ୍ତି । ୨୦୧୬ରେ ପ୍ରୀତି ନିଜଠାରୁ ୧୦ ବର୍ଷ ସାନ ଆମେରିକୀୟ ଜୀନ୍ ଗୁଡ୍‌ଇନଫ୍‌ଙ୍କୁ ବିବାହ କରିଥିଲେ । ଉଭୟଙ୍କର ଦୁଇଟି ଯାଆଁଳା ସନ୍ତାନ ରହିଛନ୍ତି ।

# ଡିପଫେକ ଖୁବ ଭୟଙ୍କର



ବର୍ତ୍ତମାନ ଫିଲ୍ମ ଇଣ୍ଡଷ୍ଟ୍ରୀରେ ଅନେକ ସେଲିବ୍ରିଟି ଡିପଫେକର ଶିକାର ହେବାରେ ଲାଗିଛନ୍ତି । ନିକଟରେ ଦୃଶ୍ୟମ ଅଭିନେତ୍ରୀ ଶ୍ରେୟା ସରନ ଏହି ଡିପଫେକକୁ ନେଇ କଥା ହୋଇଛନ୍ତି । ନିକଟରେ ଏକ ସାକ୍ଷାତକାରରେ ତାଙ୍କ ସହିତ ହୋଇଥିବା ଘଟଣା ସମ୍ପର୍କରେ ସେ କଥା ହୋଇଛନ୍ତି । ଅନେକ ସମୟରେ ତାଙ୍କ ଫଟୋ ସହିତ ଡିପଫେକ ବ୍ୟବହାର କରି ଅଜବ ଅଜବ କଥା କରାଯାଉଛି, ଯାହା ତାଙ୍କ ସହିତ ତାଙ୍କ ପରିବାରକୁ ମଧ ଡିଷ୍ଟର୍ବ କରୁଛି । ଏପରିକି ମିଛରେ କେହି ତାଙ୍କ ନାଁ ନେଇ ତାଙ୍କ ସାଙ୍ଗସାଥୀଙ୍କ ସହିତ ସମ୍ପର୍କ ମଧ୍ୟ କରୁଛି। ପ୍ରଥମେ ପ୍ରଥମେ ସେ ଏହାକୁ ଏତେ ଗୁରୁତ୍ୱ ଦେଉ ନଥିଲେ । ହେଲେ ଜଣେ ବ୍ୟକ୍ତି ତାଙ୍କ ନାଁ ନେଇ ଅନ୍ୟମାନଙ୍କୁ ଖୁବ ଅଧିକ ସମସ୍ୟାରେ ପକାଇଲା ତେଣୁ ସେ ଏନେଇ କଥା ହେବାକୁ ନିଷ୍ପତ୍ତି ନେଲେ ବୋଲି ଶ୍ରିୟା ପ୍ରକାଶ କରିଛନ୍ତି । ପ୍ରତ୍ୟେକ ଦିନ ସେ ନିଜର ଏଭଳି ଏକ ଫଟୋ ଦେଖିବାକୁ ପାଆନ୍ତି, ଯାହାକୁ ଏଆଇର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି । ଏହା ଏତେ ଅବିକଳ ଯେ ଏହାକୁ ଚିହ୍ନିବାରେ ତାଙ୍କ ପରିବାର ମଧ ବିଫଳ ହୁଅନ୍ତି । ତେଣୁ ବର୍ତ୍ତମାନ ଏଭଳି ସମସ୍ୟାକୁ ଗୁରୁତର ସହ ନେବାର ସମୟ ଆସିଛି ବୋଲି ଶ୍ରେୟା ମତ ଦେଇଛନ୍ତି ।

# ପରିସ୍ରାଚାଳିତ ଟ୍ରାକ୍ଟର



ମହଙ୍ଗା ପ୍ରେଟୋଲ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ସାଜିଛି । ଧନୀ ଠାରୁ ଗରିବ ସମସ୍ତଙ୍କ ପକେଟକୁ ଏହି ମହଙ୍ଗା ମାଡ ବେଶ୍ ବାଧିଛି । ତେଣୁ ବର୍ତ୍ତମାନ ସମୟ ଆସିଛି ଏହାର ବିକଳ୍ପ ପାଇଁ ଚିନ୍ତା କରିବାର । ଏହି ବିକଳ୍ପ ପ୍ରସ୍ତୁତ ପାଇଁ ଅନେକ କମ୍ପାନୀ ଓ ବୈଜ୍ଞାନିକ କାର୍ଯ୍ୟ କରୁଛନ୍ତି । ତେବେ ଏହା ମଧ୍ୟରେ ପେଟ୍ରୋଲର ବିକଳ୍ପ ଭାବେ ମନୁଷ୍ୟର ପରିସ୍ରାକୁ ବଛାଯାଇଛି । ଏହାକୁ ଭବିଷ୍ୟତରେ ଇନ୍ଧନର ବିକଳ୍ପଭାବେ ବ୍ୟବହାର ପାଇଁ କାର୍ଯ୍ୟ ଜାରି ରହିଛି । ମନୁଷ୍ୟଙ୍କର ପରିସ୍ରାରେ ଆମୋନିଆର ମାତ୍ରା ଖୁବ ଅଧିକ ଥାଏ, ଯେଉଁଥିରେ ଟ୍ରାକ୍ଟର ଚାଲିବା ସମ୍ଭବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି । ଆମେରିକୀୟ କମ୍ପାନୀ ଅମୋଗୀ ଆମୋନିଆରେ ଚାଲୁଥିବା ଏକ ଟ୍ରାକ୍ଟରର ନିର୍ମାଣ କରିଛନ୍ତି । କମ୍ପାନୀ ଏକ ଏଭଳି ରିୟାକ୍ଟରର ନିର୍ମାଣ କରିଛି ଯିଏ ଆମେନିଆକୁ ଭାଙ୍ଗି ହାଇଡ୍ରୋଜେନର ବ୍ୟବହାର କରି ଏଥିରୁ ଉର୍ଜା ବାହାର କରିବ । ଏହି ଉର୍ଜାକୁ ବ୍ୟବହାର କରି ଗାଡି ଚାଲିପାରିବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି। ବର୍ତ୍ତମାନ କମ୍ପାନୀ ଏହାକୁ ଟ୍ରାକ୍ଟରରେ ପରୀକ୍ଷଣ କରିଛି, ଭବିଷ୍ୟତରେ ଅନ୍ୟ ଯାନବାହାନରେ ମଧ୍ୟ ବ୍ୟବହାର କରାଯିବ ବୋଲି କମ୍ପାନୀର ଅଧିକାରୀ ମତ ଦେଇଛନ୍ତି ।

# କମ୍ ସମୟରେ ସଜାଡନ୍ତୁ ଘର

ସଫା ଓ ସୁନ୍ଦର ଘର ସମସ୍ତଙ୍କର ସ୍ୱପ୍ନ ହୋଇଥାଏ । ତେବେ ଆଜିକାଲିର ବ୍ୟସ୍ତ ବହୁଳ ଜୀବନଶୈଳୀରେ ଘରକୁ ସଫା ସୁନ୍ଦର ରଖିବା ଏକ କଷ୍ଟକର କାର୍ଯ୍ୟରେ ପରିଣତ ହୋଇଛି । କାହା ପାଖରେ ସମୟ ନାହିଁ ଘର ସଜାଡିବାକୁ । ତେବେ ଏଭଳି କିଛି ଟ୍ରିକ୍ ରହିଛି ଯାହାକୁ ବ୍ୟବହାର କରି ଆପଣ ନିଜ ଘରକୁ ଖୁବ୍ ଜଲଦି ସଫା ସହିତ ସୁନ୍ଦର ମଧ୍ୟ କରିପାରିବେ ।

**ପୁରୁଣା ଡ୍ର’ର ବ୍ୟବହାର–** ଯଦି ଶୋଇବା ଘରେ କିମ୍ବା ଡ୍ରଇଂ ରୁମ୍‌ରେ ଯାଗା କମ୍ ଅଛି, ତେବେ ଘରେ ଥିବା ଖାଲି ଡ୍ର’ର ବ୍ୟବହାର ଆପଣ କରିପାରିବେ । କାଠ, ଷ୍ଟିଲ୍ କିମ୍ବା ମେଟାଲରୁ ନିର୍ମିତ ଡ୍ର’ରେ ସାମଗ୍ରୀକୁ ସଜାଇ ରଖନ୍ତୁ । ଏଥିରେ ସାମଗ୍ରୀ ସୁବ୍ୟବସ୍ଥିତ ଢଙ୍ଗରେ ରହିବା ସହିତ ଘରକୁ ମଧ୍ୟ ସଫା ରଖିବାରେ ସହାୟକ ହୋଇଥାଏ । ଏହାକୁ ଏକ ଛୋଟ ଟେବୁଲ୍, ଖଟ ତଳେ କିମ୍ବା ବଡ ଆଲମିରା ପଛରେ ସହଜରେ ରଖିହେବ ।

**କରନ୍ତୁ ହ୍ୟାଙ୍ଗରର ବ୍ୟବହାର–** ଯାଗା ବଞ୍ଚାଇବାର ସବୁଠାରୁ ସହଜ ଉପାୟ ହେଲା ହ୍ୟାଙ୍ଗରର ବ୍ୟବହାର । ହ୍ୟାଙ୍ଗରରେ ପୋଷାକ ରଖିବା ଫଳରେ ଏହାକୁ ଭାଙ୍ଗିବାରୁ ମୁକ୍ତି ମିଳିଥାଏ । ଏହାସହିତ ଅଧିକ ପୋଷାକ ଏକାଥରେ ମଧ ରଖିହୋଇଥାଏ । ଏହା ପୋଷାକ ଚୟନରେ ମଧ ସହାୟକ ହୋଇଥାଏ ।

**ମେକଅପ୍ ସାମଗ୍ରୀ ପାଇଁ ଡ୍ର’–** ଝିଅ ହୁଅନ୍ତୁ କିମ୍ବା ଘରଣୀ ସମସ୍ତଙ୍କର ମେକଅପ୍ ସାମଗ୍ରୀର ତାଲିକା ଢେର ଲମ୍ବା ଥାଏ । ତେବେ ଏହି ସାମଗ୍ରୀ ଗୁଡିକୁ ସଜାଡି ନ ରଖିଲେ ଏହା ଘରେ ଅଧିା ସ୍ଥାନ ନେବା ସହିତ ଖୋଜିଲା ସମୟରେ ମିଳି ନଥାଏ । ତେଣୁ ଏଭଳି ସାମଗ୍ରୀକୁ ଡ୍ରେସିଂ ଟେବୁଲ୍ ଡ୍ର’ରେ ସଜାଡି ରଖନ୍ତୁ । ଏପରି କଲେ ଏହା ସଙ୍ଗେ ସଙ୍ଗେ ମିଳିବା ସହିତ ଘରକୁ ସୁନ୍ଦର କରିବାରେ ସହାୟକ ହୋଇଥାଏ ।





ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ମେଲାଣି ଦେଉଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାର୍ଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ବରିଷ୍ଠ ମନ୍ତ୍ରୀମାନେ ।

## ଅଶାଳୀନ ମନ୍ତବ୍ୟ ମାମଲାରେ ଯୁବକ ଗିରଫ

ନାଉଗାଁ ,(ସବ୍ୟୁ): ନାଉଗାଁ ବଜାରରେ ଚାଲିଥିବା ଜବର ଦଖଲ ଉଚ୍ଛେଦ କାର୍ଯ୍ୟକ୍ରମ ସମୟରେ ସୃଷ୍ଟି ହୋଇଥିବା ଉତ୍ତେଜନା । ବଜାରର ୮୦ ଉର୍ଦ୍ଧ୍ବ ଦୋକାନୀ ମାନଙ୍କ ଦୋକାନ ଭାଙ୍ଗି ସେମାନଙ୍କ ରୋଜି ରୁଟିକୁ ଭାଙ୍ଗିବାରୁ ଉକ୍ଷିପ୍ତ ହୋଇ ପଡ଼ିଥିଲେ । କାନୁଗୋସାହି ଗ୍ରାମର ଯୁବ ଅନୁସୂଚିତ ଜାତି ନେତା ଭଗବାନ କାଣ୍ଡି । ଗରିବ ଦୋକାନୀମାନଙ୍କୁ ପ୍ରଥମେ ସେ ଥଇଥାନ ପାଇଁ ପ୍ରଶାସନ ନିକଟରେ ଦାବି କରୁଥିଲେ । ଏହି ସମୟରେ ଲୋକଙ୍କ ଦୁଃଖକୁ ସହି ନପାରି ଉତକ୍ଷିପ୍ତ ହୋଇ ମୋହନ ମାଝୀ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ବୋଲଡଜାର ରାଜକୁ କଡା ଭାଷାରେ ଗାଳି କରି ଆଶାଳନ ଭାବରେ ମନ୍ତବ୍ୟ କରାଯାଇଥିବାରୁ କାନୁଗୋସାହି ଗ୍ରାମର ଏହି ଅନୁସୂଚିତ ଜାତି ଯୁବ ନେତା ଭଗବାନ କାଣ୍ଡି ଙ୍କୁ ନାଉଗାଁ ପୋଲିସ ଗିରଫ କରିଛି । ଏହି ଘଟଣା ସମ୍ବନ୍ଧରେ ଗୋଡାନ୍ସ ଗ୍ରାମର ବିଜେପି କର୍ମୀ ପ୍ରତ୍ୟୁଷ ମହାନ୍ତି ଅଭିଯୋଗ ଦାଖଲ କରିଥିଲେ । ତାହାକୁ ଭିତ୍ତିକରି ନାଉଗାଁ ପୋଲିସ ଶୁକ୍ରବାରି ପୁର୍ବାହ୍ନରେ ଦଳିତ ଯୁବ ନେତା ଭଗବାନ କାଣ୍ଡିଙ୍କୁ ଗିରଫ କରି ୩୩୧ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଉଚ୍ଛେଦ ପ୍ରକ୍ରିୟା ମଧ୍ୟରେ ଘଟିଥିବା ଏହି ଘଟଣା ଅଞ୍ଚଳରେ ତୀବ୍ର ଚର୍ଚ୍ଚାର ସୃଷ୍ଟି କରିଛି ।




ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ତାଳଚେର ପୌର ପରିଷଦ ଅଧ୍ୟକ୍ଷ ପବିତ୍ର ଭୂତିଆଙ୍କ ସମେତ ୧୩ କାଉନସିଲର ବିଜେପିରେ ସାମିଲ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ସ୍ଥାନୀୟ ସମସ୍ୟା ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶୃତି ଦେଇଛନ୍ତି । ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ ।

### ନାବାଳିକାଙ୍କୁ ଦୁର୍ବ୍ୟବହାର ପ୍ରସଙ୍ଗରେ ଆଲୋଚନା

# ନାରୀ ସୁରକ୍ଷାକୁ ନେଇ ଉଦ୍‌ବେଗ

- ରାଜ୍ୟରେ ନାରୀ ସୁରକ୍ଷିତ ନୁହଁନ୍ତି : ବିରୋଧୀ
- ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି : ବିଜେପି

ଭୁବନେଶ୍ୱର(ସବ୍ୟୁ): ଶୀତ ଅଧିବେଶନ ସୁରୁଖୁରୁରେ ଚାଲିଛି । ଶାନ୍ତିପୂର୍ଣ୍ଣ ଭାବେ ପ୍ରଶ୍ନକାଳ, ଶୂନ୍ୟକାଳ ଆଲୋଚନା ହୋଇଛି । ମୁଲତବୀ ଆଲୋଚନା ବେଳେ ନାରୀ ସୁରକ୍ଷାକୁ ନେଇ ଗୃହରେ ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ । ବିରୋଧୀ ଦଳ ଓ ଶାସକ ସଦସ୍ୟ ପରସ୍ପର ବିରୋଧରେ ଆରୋପ-ପ୍ରତ୍ୟାରୋପ କରିଛନ୍ତି ।

ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍‌ଭି-୭୨ ଗାଁରେ ୩ଜଣ ନାବାଳିକାଙ୍କୁ ଦୁର୍ବ୍ୟବହାର ଓ ନାରୀ ସୁରକ୍ଷା ପ୍ରଦାନରେ ବିଫଳତା ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଣିଥିଲା କଂଗ୍ରେସ । ଉଭୟ କଂଗ୍ରେସ ଓ ବିଜେଡି ସଦସ୍ୟମାନେ କହିଲେ, ରାଜ୍ୟରେ ନାରୀ ନିର୍ଯାତନା ବଢ଼ିବାରେ ଲାଗିଛି । ସରକାର ନାରୀଙ୍କୁ ସୁରକ୍ଷା ଦେଇପାରୁନାହାନ୍ତି ।

ଆଲୋଚନା ଆରମ୍ଭ କରି କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ କହିଥିଲେ, କାଲିମେଳା ଏମଭି-୭୨ ଗାଁ ରେ ୩ଜଣ ନାବାଳିକା ନିର୍ଯାତନାର ଶିକାର ହୋଇଛନ୍ତି । ଏହା ଗୋଟିଏ ଘଟଣା ନୁହେଁ, ନୀଳଗିରି, ସୋର, ଢେଙ୍କାନାଳ ଭଳି ଅନେକ ସ୍ଥାନରେ ମହିଳାଙ୍କ ଉପରେ ଅତ୍ୟାଚାର ଘଟିଛି । ସରକାରୀ ତଥ୍ୟ ଅନୁସାରେ ୨୦୨୪ ଜୁନରୁ ୨୦୨୫ ଜୁଲାଇ ମାସ ମଧ୍ୟରେ ରାଜ୍ୟରେ ୨୯୩୩ ଦୁଷ୍କର୍ମ, ୮୨୭୦ ଅପହରଣ ମାମଲା ପଞ୍ଜୀକୃତ ହୋଇଛି । ବିଜେପି ସରକାର ମହିଳାଙ୍କ ପ୍ରତି ଉଦାସୀନତା ମନୋଭାବ ପୋଷଣ କରୁଛନ୍ତି । କଂଗ୍ରେସ ଶାସନ ସମୟରେ ନୈତିକତା ଦୃଷ୍ଟିରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଇଥିଲେ । ବର୍ତ୍ତମାନ ସରକାର ଏଭଳି ଉଦାହରଣ ସୃଷ୍ଟି କରନ୍ତୁ । ବିଧାୟକ ମଙ୍ଗୁ ଖିଲ କହିଲେ, ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମହିଳାଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି । ଅପରାଧୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟଛନୁଷ୍ଠାନ ଗ୍ରହଣ କରାଯାଉ । ବିଜେଡି ସଭ୍ୟ ଗୌତମବୁଦ୍ଧ ଦାସ କହିଲେ, ୩ଜଣ ଶିଶୁଙ୍କୁ ଯୌନ ଉତ୍ପୀଡ଼ନ ଦିଆଯାଇଛି । ସରକାର ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ହାଲୁକା ଭାବେ ନେଉଛନ୍ତି । କେବଳ କାଲିମେଳା ନୁହେଁ, ସାରା ରାଜ୍ୟରେ ଏଭଳି ବିଭତ୍ସ ଚିତ୍ର ଦେଖିବାକୁ ମିଳୁଛି । ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁ ମଧ ସରକାରଙ୍କୁ ସମାଲୋଚନା କରିଥିଲେ ।

ଶାସକ ଦଳ ପକ୍ଷରୁ ବିଧାୟକ ନରସିଂହ ମାଡ଼କାମୀ କହିଲେ, ବିଗତ ଦିନର ସରକାର ସମୟରେ ମହିଳା ଅତ୍ୟାଚାର ଅଭିଯୋଗ ଆସିଲେ ମାମଲା ରୁଜୁ ହେଉନଥିଲା । ଆଜିର ସରକାର ସମୟରେ ତୁରନ୍ତ ଦଣ୍ଡବିଧାନ ପାଇଁ ପଦକ୍ଷେପ ନିଆଯାଉଛି । ବିଧାୟକ ବାବୁ ସିଂ କହିଲେ, ପୂର୍ବ ସରକାରମାନେ ଦୋଷୀଙ୍କୁ ଘଣ୍ଟ ଘୋଡ଼ାଉଥିଲେ । ବର୍ତ୍ତମାନ ସରକାରରେ କୌଣସି ବ୍ୟକ୍ତିଙ୍କୁ ଛଡ଼ାଯାଉନି । ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ବିରୋଧୀଙ୍କ ଅଭିଯୋଗ ଭିତ୍ତିହୀନ । ନାରୀ ନିର୍ଯାତନା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାର ସଂକଳ୍ପବଦ୍ଧ । ବିଜେପି ସଦସ୍ୟ ଇରାଶିଷ ଆଚାର୍ଯ୍ୟ ମଧ ପୂର୍ବ ସରକାରଙ୍କ ସମୟର ଘଟଣାବଳୀକୁ ମନେପକାଇ ବିରୋଧୀ ଦଳକୁ ଟାର୍ଗେଟେ କରିଥିଲେ ।

## ତ୍ୱରିତ କାର୍ଯ୍ୟାନୁଷ୍ଠାନ ସହ ଦଣ୍ଡବିଧାନ ହାର ବଢ଼ିଛି : ମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ମହିଳା ସୁରକ୍ଷା ନେଇ ସରକାର ଜିରୋ ଟଲେରାନ୍ସ ନୀତି ପାଳନ କରୁଛନ୍ତି । ଏସବୁ ମାମଲାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ମାଲକାନଗିରି କାଲିମେଳା ଘଟଣାରେ ଗତ ୨୫ ତାରିଖ ସନ୍ଧ୍ୟାରେ ଏତଲାକୁ ଗ୍ରହଣ କରି ମାମଲା ରୁଜୁ କରାଗଲା । ୨୬ ତାରିଖରେ ଅଭିଯୁକ୍ତକୁ ଗିରଫ କରାଗଲା । ନୂଆ ସରକାର ଆସିବା ପରେ ନାରୀ ନିର୍ଯାତନା ମାମଲାରେ ଦଣ୍ଡବିଧାନ ହାର ବଢ଼ିଛି । ପୋକସୋ ମାମଲାର ଦଣ୍ଡବିଧାନ ହାରରେ ଓଡ଼ିଶା ଏବେ ବହୁ ଆଗରେ । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉତ୍ତରରେ ଏହା କହିଛନ୍ତି ।

୨୦୨୪ ଜୁଲାଇରୁ ୨୦୨୫ ସେପେଟମ୍ବର ଶେଷ ସୁଦ୍ଧା ମହିଳାମାନଙ୍କ ବିରୋଧରେ ଘଟୁଥିବା ଅପରାଧକୁ ନେଇ ରାଜ୍ୟରେ ମୋଟ ୪୦ ହଜାର ୯୪୭ଟି ମାମଲା ପଞ୍ଜୀକୃତ ହୋଇଛି । ତେବେ ୨୦୨୩ ଏପ୍ରିଲ ପହିଲାରୁ ୨୦୨୪ ଜୁନ୍ ୩୦ ଭିତରେ ରାଜ୍ୟରେ ୪୦ ହଜାର ୭୭୧ଟି ମାମଲା ହୋଇଥିଲା । ସରକାର ବଦଳିବା ପରେ ରାଜ୍ୟରେ ଦୁଷ୍କର୍ମ ମାମଲା ୩.୩%, ଅସଦାଚରଣ ମାମଲା ୧.୯%, ଯୌତୁକ ନିର୍ଯାତନା ୭.୨%, ଯୌତୁକଜନିତ ହତ୍ୟା ମାମଲା ୨୦.୬%, ଏସିଡ ଆକ୍ରମଣ ୬୬.୭%, ମହିଳା ଚାଲାଣ ମାମଲା ୨୪.୧% ହ୍ରାସ ପାଇଛି । ବିରୋଧୀ ଦଳ ରାଜନୀତି ପାଇଁ ଓଡ଼ିଶାକୁ ବଦନାମ କରିବାକୁ ପ୍ରୟାସ କରନ୍ତୁ ନାହିଁ । ପୂର୍ବ ସରକାର ସମୟରେ ନାରୀ ନିର୍ଯାତନା ମାମଲାରେ କେବେ ଏଭଳି ତ୍ୱରିତ ପଦପେକ୍ଷପ ନେବା ନଜିର ନାହିଁ । ଶେଷରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ତାଙ୍କ ଉତ୍ତରରେ କହିଲେ, କାଲିମେଳା ଘଟଣାରେ ପୁଲିସ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଏହି ଘଟଣାକୁ ଆଦୌ ହାଲୁକା ଭାବେ ନିଆଯାଇନାହିଁ । ମୁଖ୍ୟମନ୍ତ୍ରୀଙ୍କ ନର୍ଦ୍ଦେଶ କ୍ରମେ ପୋଲିସ ମାମଲା ରୁଜୁରେ ଲୋକଙ୍କୁ ସହଯୋଗ କରୁଛନ୍ତି । ସେଥିପାଇଁ ଭୟମୁକ୍ତ ହୋଇ ଲୋକେ ଥାନାକୁ ଆସି ଏତଲା ଦେଉଛନ୍ତି । ୬୪୯ ଥାନାରେ ମହିଳା ଓ ଶିଶୁ ଡେସ୍କ ଖୋଲିଛି । ୭୧ଟି ଶିଶୁ ଅନୁକୂଳ ଥାନା କାମ କରୁଛି । ଜଘନ୍ୟ ମାମଲାରେ ତ୍ବରିତ ତଦନ୍ତ ଓ ବିଚାର ପାଇଁ ପଦକ୍ଷେପ ନିଆଯାଉଛି । ମନ୍ତ୍ରୀ ଗୃହରେ ଉତ୍ତର ରଖିବାବେଳେ ଉଭୟ କଂଗ୍ରେସ ଓ ବିଜେଡି ସଭ୍ୟମାନେ କକ୍ଷତ୍ୟାଗ କରିଥିଲେ ।

## ଶିକ୍ଷା ପାଇଁ ୨୩୨୭ କୋଟି ବ୍ୟୟବରାଦ

ଭୁବନେଶ୍ୱର(ସବ୍ୟୁ): ବିଧାନସଭାର ମୌସୁମୀ ଅଧିବେଶନରେ ଅତିରିକ୍ତ ବଜେଟ୍ ଆଗତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଅତିରିକ୍ତ ବଜେଟରେ ଶିକ୍ଷା ପାଇଁ ମୋଟ ୨୩୨୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସମଗ୍ର ଶିକ୍ଷାକୁ ରାଜ୍ୟ ସହାୟତା ବାବଦରେ ୩୦୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୩୨୦ କୋଟି ଟଙ୍କା, ପିଏମ୍ ପୋଷଣ ପାଇଁ ରାଜ୍ୟ ସହାୟତା ବାବଦରେ ୩୯୨ କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ପାଇଁ ୭୧ କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ଜନଜାତୀୟ ଆଦିବାସୀ ନ୍ୟାୟ ମହା ଅଭିଯାନ ପାଇଁ ୧୮୮ କୋଟି ଟଙ୍କା ଏବଂ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ପାଇଁ ୯୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

### କେଉଁ ବିଭାଗକୁ କେତେ ଟଙ୍କା?

- ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ୧୧୬୪ କୋଟି
- ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ପାଇଁ ୫୩୧ କୋଟି
- ଖାଦ୍ୟ ଯୋଗାଣ ଏବଂ ଗ୍ରାହକ କଲ୍ୟାଣ ପାଇଁ ୪୩୨୯ କୋଟି
- ପଞ୍ଚାୟତିରାଜ, ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ପାଇଁ ୬୧୬ କୋଟି
- କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ ୧୬୭୩ କୋଟି
- ସହରୀ ବିକାଶ ପାଇଁ ୩୦୩ କୋଟି
- ଶିକ୍ଷା କ୍ଷେତ୍ର ପାଇଁ ୨୩୨୭ କୋଟି
- ମହିଳା ଓ ଶିଶୁ ବିକାଶ ପାଇଁ ୧୫୫୮ କୋଟି
- ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ସୂଚନା ପ୍ରଯୁକ୍ତି କ୍ଷେତ୍ର ପାଇଁ ୧୧୭ କୋଟି
- ଭିତ୍ତିଭୂମି ବିକାଶ ପାଇଁ ୧୯୫୫ କୋଟି
- ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ପାଇଁ ୫୭୬ କୋଟି
- ଶିଳ୍ପ ଏବଂ ଏମଏସଏମଇ ବିକାଶ ପାଇଁ ୩୩୭ କୋଟି
- ଓଡ଼ିଆ ଭାଷା, ସଂସ୍କୃତି ଏବଂ ହସ୍ତତନ୍ତ, ବୟନଶିଳ୍ପ ପାଇଁ ୩୬୩ କୋଟି
- ଆଭ୍ୟନ୍ତରୀଣ ସୁରକ୍ଷା ଓ ଆଇନ ପାଇଁ ୩୧୬ କୋଟି

### ନାବାଳିକା ଛାତ୍ରୀକୁ ଅସଦାଚରଣ ଅଭିଯୋଗ

ଖୋର୍ଦ୍ଧା, (ସବ୍ୟୁ) : ସଦରଥାନା ଅଂଚଳରେ ପୁଣି ଜଣେ ନାବାଳିକାକୁ ଅସଦାଚରଣ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ସଦର ଥାନାରେ ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିବାବେଳେ ପୁଲିସ ଏହାକୁ ଗୁରୁତର ସହ ଗ୍ରହଣ କରି ତଦନ୍ତ ଚଳାଇଛି। ପ୍ରକାଶ ଥାଉକି, ନାବାଳିକା ଆଜି ସ୍କୁଲ ଯାଉଥିବା ସମୟରେ ତାକୁ ଦୁଇଜଣ ଜଙ୍ଗଲକୁ ନେଇ ଅସଦାଚରଣ କରିଥିଲେ। ଏନେଇ ସେ ପରିବାର ଲୋକଙ୍କୁ ଜଣାଇବାରେ ସନ୍ଧ୍ୟାରେ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି।

### ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ପୋଲିସ ଦାଖଲ କରୁନି ସି ଡି : ହାଇକୋର୍ଟ କ୍ଷୁବ୍ଧ

## ବ୍ୟକ୍ତିଗତ ହାଜର ହେବେ ରାମପୁର ଥାନା ଅଧିକାରୀ

କଟକ, (ସବ୍ୟୁ):ପୋଲିସ୍ ଅଧିକାରୀ ମାନେ ଏତଲା କୁ ଆଧାର କରି ମାମଲା ରୁଜୁ କରିଦେଉଛନ୍ତି । କିନ୍ତୁ ଆଇନ ଅନୁଯାୟୀ ଆବଶ୍ୟକୀୟ ନଥିପତ୍ର ଦାଖଲ କରୁ ନାହାନ୍ତି। ଫଳରେ ଅଦାଲତର ଆଶ୍ରୟ ନେଇଥିବା ପକ୍ଷ ବା ପ୍ରତିପକ୍ଷ ନ୍ୟାୟ ପାଇବାରେ ବିଳମ୍ବ ହେଉଛି। ଅଭିଯୋଗ ଆଧାରରେ ମାମଲା ରୁଜୁ କରିଦେଇ ପୋଲିସ ଅଧିକାରୀ ମାନେ ହାତବାନ୍ଧି ବସି ପଡୁଛନ୍ତି। ନା ଦାଖଲ କରୁଛନ୍ତି ମାମଲା ସଂକ୍ରାନ୍ତୀୟ କେସ ଡାଏରୀ ଅଥବା ଆବଶ୍ୟକୀୟ ନଥିପତ୍ର। ଅଦାଲତଙ୍କ ନିର୍ଦ୍ଦେଶ ପରେ ମଧ ସମ୍ପୃକ୍ତ ଥାନା ଅଧିକାରୀ ମାନେ ଦାଖଲ କରୁ ନାହାନ୍ତି କେସ୍ ଡାଏରୀ। ଜନୈକ ବ୍ୟକ୍ତିଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି ବେଳେ କେସ ଡାଏରୀ ଦାଖଲ ହୋଇ ନଥିବା ଜାଣି ହାଇକୋର୍ଟର ବିଚାରପତି ଭି ନରସିଂହ ବିରକ୍ତି ପ୍ରକାଶ କରିବା ସହ ପରବର୍ତ୍ତୀ ତାରିଖରେ ସମ୍ପୃକ୍ତ ଥାନା ଅଧିକାରୀ ଆବଶ୍ୟକୀୟ ନଥିପତ୍ର ସହ ବ୍ୟକ୍ତିଗତ ଭାବେ ହାଜର ହୋଇ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍ ବ୍ୟତୀତ ସେହି ଦିନ ରେଞ୍ଜ ଡିଆଇଜି ଓ ସମ୍ପୃକ୍ତ ଏସ ପି ଭର୍ଚୁଆଲ ମୋଡ ରେ ଉପସ୍ଥିତ ରହି ମାମଲାରେ ସହଯୋଗ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦିଷ୍ଟ ଅବଧି ପୂର୍ବରୁ ଯେଭଳି ଆବଶ୍ୟକୀୟ ନଥିପତ୍ର ଅଦାଲତରେ ଦାଖଲ ହେବ ସେ ସଂକ୍ରାନ୍ତରେ ପଦକ୍ଷେପ ନେବାକୁ ଗୃହ ବିଭାଗ ସଚିବ, ପୋଲିସ ଡିଜିପି ଙ୍କୁ ଅବଗତ କରିବାକୁ ଆଦେଶରେ ସ୍ପଷ୍ଟ କରାଯାଇଅଛି।

ତେବେ ଆଗୁଆ ଜାମିନ ଆବେଦନ କରିଥିବା ଅତୁଲ ଜୁଆଡ଼ି ଙ୍କ ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରଖିଛନ୍ତି। ମାମଲାର ବିବରଣୀ ରୁ ପ୍ରକାଶ ଯେ ଆବେଦନକାରୀ ଅତୁଲ ଜୁଆଡି ଙ୍କ ବିରୁଦ୍ଧରେ ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଥାନାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୨୬(୨)/୨୯୬/୩୫୧(୩) ଏବଂ ଅସ୍ତ୍ର ଶସ୍ତ୍ର ଆଇନ ର ୨୫ ଓ ୨୭ ଅନୁଯାୟୀ ଦଣ୍ଡନୀୟ ମାମଲା ଯାହା ରାମପୁର ଜେ ଏମ ଏଫ୍ ସି ରେ ବିଚାରଧୀନ ଅଛି। ଗିରଫ ଦାରୀ କୁ ଏଡ଼ାଇବା ପାଇଁ ସେ ହାଇକୋର୍ଟଙ୍କ ଶରଣ ପଶିଥିବା ବେଳେ ପୁର୍ବରୁ ତାଙ୍କୁ ଗିରଫ ନ କରିବା ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଥିଲା ବେଳେ ରାମପୁର ଥାନା କୁ କେସ ଡାଏରୀ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ସରକାରୀ ଓକିଲ ମାମଲାର ଶୁଣାଣୀ ବେଳେ କେସ ଡାଏରୀ ଦାଖଲ ପାଇଁ ଅସମର୍ଥ ହୋଇଥିଲେ । ମାମଲାର ପରବର୍ତ୍ତୀ ଶୁଣାଣୀ ଆସନ୍ତା ଡିସେମ୍ବର ୮ ତାରିଖକୁ ଧାର୍ଯ୍ୟ ହୋଇଛି।

## ଆହାର ଯୋଜନାକୁ ୧୫ କୋଟି

ଭୁବନେଶ୍ୱର(ସବ୍ୟୁ): ଖାଦ୍ୟ ସୁରକ୍ଷା ଯୋଜନା ପାଇଁ ରାଜ୍ୟ ସରକାର ମୋଟ ୪୩୨୯ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଆଣିଛନ୍ତି । ଏହା ମଧ୍ୟରେ ଆହାର ଯୋଜନା ପାଇଁ ୧୫ କୋଟି ଟଙ୍କା ଥିବା ବେଳେ ସାଧାରଣ ବଣ୍ଟନ ପ୍ରଣାଳୀ ପାଇଁ ୩ ହଜାର କୋଟି ଟଙ୍କା, ସାଧାରଣ ବଣ୍ଟନ ବ୍ୟବସ୍ଥାର ସବସିଡ୍ ପାଇଁ ୧୩୨୫ କୋଟି ଟଙ୍କା ଓ ଓଜନ, ମାପ ଓ କୋଠାଘର ନିର୍ମାଣ ବାବଦରେ ୧ କୋଟି ଟଙ୍କାର ବ୍ୟୟବରାଦ ହୋଇଛି । ସହରୀ ଗରିବ ଲୋକଙ୍କ ପାଇଁ ଚାଲୁ ରହିଥିବା ଆହାର ଯୋଜନା ପାଇଁ ରାଜ୍ୟ ସରକାର ୧୫ କୋଟି ଟଙ୍କା ଅତିରିକ୍ତ ବ୍ୟୟବରାଦ ହୋଇଛି । ଏହି ଯୋଜନାରେ ସହରରେ ବାସ କରୁଥିବା ଲୋକମାନଙ୍କ ୫ ଟଙ୍କା ମୂଲ୍ୟରେ ଖାଦ୍ୟ ଯୋଗାଯାଇଥାଏ । ବିଶେଷ କରି ରାଜ୍ୟର ବଡ଼ ବଡ଼ ସହରମାନଙ୍କରେ ଏହି ଯୋଜନା ଚାଲିଛି । ସହରରେ ରହୁଥିବା ଶ୍ରମକ ଓ ଗରିବ ଶ୍ରେଣୀର ଲୋକଙ୍କ ସହ ସରକାରୀ ମେଡିକାଲକୁ ଆସୁଥିବା ଲୋକଙ୍କ ପାଇଁ ସୁଲଭ ମୂଲ୍ୟରେ ସରକାର ଖାଦ୍ୟ ଯୋଗାଇ ଦେଇଥାନ୍ତି । ପୂର୍ବ ସରକାର ସମୟରୁ ଏହି ଯୋଜନା ଚାଲୁ ରହିଛି ।

## ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲାଗି ୪୦ କୋଟି

ଭୁବନେଶ୍ୱର(ସବ୍ୟୁ): ଆସିଛି ଅତିରିକ୍ତ ବଜେଟ୍ । ଆଉ ବଜେଟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଜାଗା ନେଇଥିବା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ୪୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ଲୋକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ଅତିରିକ୍ତ ବଜେଟରେ ୧୧୬୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ନୂତନ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ କଟକ ମେଡିକାଲ କଲେଜର ଉନ୍ନତିକରଣ ପାଇଁ ୫୦ କୋଟି ଟଙ୍କା, ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ୯୯୪ କୋଟି ଟଙ୍କା, ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସେବା-ଔଷଧ କ୍ରୟ ପାଇଁ ୧୪ କୋଟି ଟଙ୍କା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ୪୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

### ରାଜ୍ୟରେ ଡ୍ରପ୍‌ଆଉଟ୍ ସଂଖ୍ୟା ହ୍ରାସ ପାଉଛି

## ୬୦, ୭୨୯ ଜଣ ପିଲା ସ୍କୁଲ ଫେରିଲେଣି

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ୧ଲକ୍ଷ ୮୩ହଜାର ୨୧୬ ଜଣ ଡ୍ରପ୍‌ଆଉଟ୍ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୦,୭୨୯ ଜଣ ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିବାରେ ସରକାର ସଫଳ ହୋଇଛନ୍ତି । ୨୦ରୁ କମ୍ ସଂଖ୍ୟା ଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍କୁଲ ଖୋଲିବାକୁ ବ୍ୟବସ୍ଥା ନାହିଁ । ଗତ ସରକାର ତରବରିଆ ଭାବେ ବିଚାର ନକରି ଅନେକଗୁଡ଼ିଏ ସ୍କୁଲ ବନ୍ଦ କରିଦେଇଛନ୍ତି । ଜିଲ୍ଲାସ୍ତରୀୟ କମିଟି ରାଜ୍ୟସ୍ତରୀୟ କମିଟିକୁ ପ୍ରସ୍ତାବ ଦେଲେ ସ୍କୁଲ ଖୋଲିବାକୁ ସରକାର ଯୋଜନା କରିବେ । ତେବେ ୪୬ଟି ସ୍କୁଲକୁ ପୁନଃ ଖୋଲାଯାଇଥିବା ବେଳେ ୫ଟି ସ୍କୁଲ ଖୋଲିବା ପାଇଁ ପ୍ରସ୍ତାବ ଆସିଛି । ୫ଟି ସ୍କୁଲ ମଧ୍ୟରୁ ଗୋଟିଏ ସ୍କୁଲକୁ ବାତିଲ କରାଯାଇଥିବା ବେଳେ ବାକି ୪ଟି ସ୍କୁଲକୁ ସରକାର ଖୋଲିବା ପାଇଁ ଯୋଜନା ରଖିଛନ୍ତି ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୃହକୁ ସୂଚନା ଦେଇଛନ୍ତି । ବିଧାୟିକା ସୁବାସିନୀ ଜେନାଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ଗଣ୍ଡ କହିଛନ୍ତି, ବସ୍ତା ନିର୍ବାଚନମଣ୍ଡଳୀରେ ୩୨୯ ଜଣ ପିଲା ଡ୍ରପ୍‌ଆଉଟ୍ ହୋଇଥିଲେ । ସେଥି ମଧ୍ୟରୁ ୩୦୦ ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ଫେରାଇ ଆଣିବାରେ ସରକାର ସଫଳ ହୋଇଛନ୍ତି । ବାକି ୨୯ ଜଣ ପିଲାଙ୍କୁ ଫେରାଇ ଆଣିବା ପାଇଁ ପ୍ରୟାସ ଜାରି ରହିଛି । ଗ୍ରାମ ଓ ପଡ଼ାରେ ସମସ୍ତ ବିଦ୍ୟାଳୟରେ ନାମ ଲେଖାଇଲା ବେଳେ ପ୍ରବେଶ ଉତ୍ସବ କରାଯାଉଛି । ଘରକୁ ଘର ଯାଇ ଡ୍ରପ୍‌ଆଉଟ୍ ପିଲାମାନଙ୍କୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ବୁଝାଉଛନ୍ତି । ୧୨ ଜିଲ୍ଲାରେ ୨୧ଟି ଛାତ୍ରାବାସ ରହିଛି ।

ଅତିରିକ୍ତ ପ୍ରଶ୍ନକର୍ତ୍ତା ବିଜେଡି ସଭ୍ୟ ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ୨୦ରୁ କମ୍ ଛାତ୍ର ରହିଥିବା ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିଦିଆଯାଇଛି । ସେଠାରେ ଯେଉଁ ଛାତ୍ରଛାତ୍ରୀ ପାଠ ପଢୁଥିଲେ ଏବେ ନାଳ ନର୍ଦ୍ଦମା ଡେଇଁ ନିକଟସ୍ଥ ସ୍କୁଲକୁ ଯାଉଛନ୍ତି । ଫଳରେ ଡ୍ରପ୍‌ଆଉଟ୍ ସଂଖ୍ୟା ବଢୁଛି । ଛାତ୍ରଛାତ୍ରୀ ଅଭାବରୁ ଯେଉଁସବୁ ସ୍କୁଲ ବନ୍ଦ ହୋଇଥିଲା ପୁନଃ ତାହା ଆରମ୍ଭ ହେବ କି ବୋଲି ସେ ପ୍ରଶ୍ନ କରିଥିଲେ । ଉତ୍ତରରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ, ଗତ ସରକାର ତରବରିଆ ଭାବେ ବିଚାର ନକରି ଅନେକଗୁଡ଼ିଏ ସ୍କୁଲ ବନ୍ଦ କରିଦେଇଛନ୍ତି । ଆମ ସରକାର ଆସିବା ପରେ ଡ୍ରପ୍‌ଆଉଟ୍ ରୋକିବା ପାଇଁ ଆସ ସ୍କୁଲ ଯିବା ଅଭିଯାନ ଆରମ୍ଭ କରିଛନ୍ତି । ଏହି ଅଭିଯାନ ମାଧ୍ୟମରେ ଡ୍ରପ୍‌ଆଉଟ୍ ହାର ହ୍ରାସ ପାଇବାରେ ଲାଗିଛି । ଡ୍ରପ୍‌ଆଉଟ୍ କମାଇବା ପାଇଁ ଆମ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏହି ପ୍ରଶ୍ନରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଭାଗ ନେଇ କହିଥିଲେ, ୨୦୨୪-୨୫ରେ କେତେଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି ଏବଂ ୨୦୨୫-୨୬ରେ କେତେଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି ବୋଲି ତଥ୍ୟ ମାଗିଥିଲେ । ଘରୋଇକରଣ ଓ ଶିକ୍ଷକମାନଙ୍କୁ ନୂତନ ପ୍ରଶିକ୍ଷଣ ନଦେବା ଯୋଗୁଁ ଡ୍ରପ୍‌ଆଉଟ ହାର ବଢ଼ିଛି । ଉତ୍ତରରେ ମନ୍ତ୍ରୀ କହିଥିଲେ ଜାତୀୟ ଶିକ୍ଷାନୀତି ୨୦୨୦ ରାଜ୍ୟରେ ଲାଗୁ ହୋଇଛି । ଏହାସହ ଶିକ୍ଷକମାନଙ୍କୁ ଉନ୍ନତମାନର ତାଲିମ୍ ବ୍ୟବସ୍ଥା ଦିଆଯାଉଛି । ଅତିରିକ୍ତ ପ୍ରଶ୍ନକର୍ତ୍ତା ଭାବେ ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଅଶୋକ ଦାସ ଓ ପ୍ରମିଳା ମଲ୍ଲିକ ଭାଗ ନେଇଥିଲେ ।

## ଓପିଟିସିଏଲ୍ ପକ୍ଷରୁ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ବିଦ୍ୟୁତ୍ କଟକଣା

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ୧୩୨/୩୩ କେ.ଭି. ବଲାଙ୍ଗିର ଗ୍ରୀଡ୍ ସବଷ୍ଟେସନରେ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ବେହେରାପାଲି, ଭାଲେର୍, ମାଧିଆପାଲି, ମହିମୁଣ୍ଡା, ସଦେଇପାଲି, ସନ୍ତପୁର ଆଦି ଅଞ୍ଚଳ ଓ ଏହାର ଆଖାପାଖ ଅଞ୍ଚଳରେ ଆସନ୍ତା ତା. ୩୦.୧୧.୨୦୨୫ ରିଖ (ରବିବାର) ଦିନ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ । ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ ଅଟେ । ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲୁଓଡିଏଲ୍ କତୃପକ୍ଷ ଦୁଃଖପ୍ରକାଶ କରିବା ସହ ଉକ୍ତ ଅଞ୍ଚଳର ସମସ୍ତ ବିଦ୍ୟୁତ୍ ଉପଭୋକ୍ତା ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଅଛନ୍ତି ।

### ରାଜ୍ୟ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

## ବିଜେଡ଼ି ଛାଡି ୧୩ କାଉନ୍‌ସିଲରଙ୍କ ସହ ବିଜେପିରେ ଯୋଗଦେଲେ ତାଳଚେର ନଗରପାଳ

ଭୁବନେଶ୍ୱର, (ସବ୍ୟୁ): ବିଜେପି ହେଉଛି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ। ଦେଶର ୨୧ ରାଜ୍ୟରେ ବିଜେପି ଏବଂ ଏନଡିଏର ସରକାର ଅଛି। ଓଡ଼ିଶାବାସୀଙ୍କ ସହଯୋଗରେ ରାଜ୍ୟରେ ବିଜେପି ସରକାର ୧୭ ମାସ ପୂରଣ କରିଛି। ଓଡ଼ିଶାରେ ଏକାକୀ ସରକାର ଗଠନ କରିବା ଦିନରୁ ସଂକଳ୍ପପତ୍ରରେ ଯାହା ସବୁ ପ୍ରତିଶ୍ରୁତି ଦେଇଥିଲା ସେଥିରୁ ଅଧିକାଂଶ ବିଜେପି ପୂରଣ କରିସାରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ବଢ଼ିଚାଲିଛି। ରାଜ୍ୟରେ ଡବଲ ଇଂଜିନ ସରକାରର ବିକାଶ ମଡେଲକୁ ଆଧାର କରି ସମସ୍ତେ ଏବେ ବିଜେପି ମୁହାଁ। ତାଳଚେର ଓ ଅନୁଗୁଳ ହେଉଛି ଓଡ଼ିଶାର କେନ୍ଦ୍ରାଂଚଳ। ଏହି ମିଶ୍ରଣ ପରେ ତାଳଚେର ସମେତ ଅନୁଗୁଳ ଜିଲ୍ଲାରେ ଦଳର ସଂଗଠନ



ଆହୁରି ଶକ୍ତିଶାଳୀ ହୋଇଯାଇଛି। ସଶକ୍ତ ସଂଗଠନ ଗଢି ତୋଳିବାର ଦାୟୀତ୍ୱ ଆମ ସମସ୍ତଙ୍କର ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଏହି ଅବସରରେ ତାଳଚେର ପୌର ପରିଷଦର ନଗରପାଳ ପବିତ୍ର ଭୂତିଆ ବିଜେଡି ଦଳ ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି। ଶ୍ରୀ ଭୁତିଆଙ୍କ ସମେତ ତାଳଚେର ପୌର ପରିଷଦର ୧୩ ଜଣ କାଉନସିଲର, ଅନେକ ସଂଖ୍ୟାରେ ସରପଂଚ ଓ ନିର୍ବାଚିତ ଜନପ୍ରତିନିଧି ଏବଂ ବିଜେଡି ନେତା ବିଜେପିରେ ଯୋଗଦାନ କରିଛନ୍ତି।

# ଚାଲିଗଲେ ମଞ୍ଜୁ ଅପା

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଅଂଚଳର ଜଣେ ଜଣାଶୁଣା ମହିଳା ମଞ୍ଜୁଲତା ଖୁଁଟିଆ (୬୯) ଙ୍କ ହୃଦ୍‌ଘାତ ରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପରଲୋକ ଘଟିଛି। ଗୁରୁବାର ସନ୍ଧ୍ୟାରେ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସା ଳୟରେ ଭର୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖୋର୍ଦ୍ଧା ଅଂଚଳରେ ସେ ମଞ୍ଜୁଅପା ନାମରେ ପରିଚିତ ଥିଲେ। ସେ ୧୯୮୦ ମସିହା ମାର୍ଚ୍ଚ ୧୭ ତାରିଖରେ ସେ କଟକ ଜିଲ୍ଲାରୁ ଆସି ଖୋର୍ଦ୍ଧା କୋଣାର୍କ ଘଂଟା କମ୍ପାନୀରେ ଚାକିରୀ କରିଥିଲେ। ୧୯୯୬ ମସିହାରେ କମ୍ପାନୀ ବନ୍ଦ ହୋଇଯାଇଥିଲେ ମଧ ସେ ଖୋର୍ଦ୍ଧାରେ ରହି ବିଭିନ୍ନ ଅନୁଷ୍ଠାନରେ କାମ କରୁଥିଲେ। ପୌରାଂଚଳ ୬ନମ୍ବର ୱାର୍ଡରେ ଥିବା ଆଂଚଳିକ ମହିଳା ମହାସଂଘର



ପୂର୍ବତନ ସମ୍ପାଦିକା, ଅଙ୍ଗନବାଡି କେନ୍ଦ୍ରର ସହାୟିକା, ବାବା ଆଖଣ୍ଡଳମଣି ସ୍ୱୟଂ ସହାୟିକା ଗୋଷ୍ଠିର ସମ୍ପାଦିକା ଭାବେ ସୁଚାରୁ ରୁପେ କାର୍ଯ୍ୟ କରି ସମସ୍ତଙ୍କ ପ୍ରିୟ ଭାଜନ ହୋଇ ପାରିଥିଲେ। ଗତ ୩୦ ବର୍ଷ ହେବ ଅନ୍ନ ଭୋଜନ ବନ୍ଦ କରିବା ସହିତ ପ୍ରତ୍ୟେକ ଏକାଦଶୀ ରେ ସେ ପୁରୀକୁ ଯାଇ ଜଗନ୍ନାଥ ଦର୍ଶନ କରୁଥିଲେ।ତାଙ୍କ ମୃତ୍ୟୁ ଖବରପାଇ କାଉନ୍ସିଲର ଅମୀୟ ମହାନ୍ତି, ପୂର୍ବତନ କାଉନ୍ସିଲର ଦେବପ୍ରସାଦ ରଥ, ସମାଜସେବୀ ସୃଷ୍ଟି ରାଜ ତ୍ରିପାଠୀ (ନନୁ), ନାରୀନେତ୍ରୀ ବାସନ୍ତି ମହାପାତ୍ର ଏବଂ ଚାକିରୀ ସମୟର ଶତାଧିକ ସହକର୍ମୀ ଓ ସାମ୍ବାଦିକ ତଥା ଜିଲ୍ଲା ପ୍ରେସ କ୍ଲବର ଉପସଭାପତି ଲଳିତ ମୋହନ ମହାପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଖବର ପାଇ ଡାକ୍ତର ଖାନାରେ ପହଁଚିଥିଲେ। ଶେଷ ଦର୍ଶନ ପାଇଁ ସ୍ଥାନୀୟ ଗାନ୍ଧି ପଡିଆସ୍ଥିତ ଅଙ୍ଗନବାଡି କେନ୍ଦ୍ରରେ ରଖାଯାଇଥିବା ତାଙ୍କ ମର ଶରୀରରେ ପୁଷ୍ପ ମାଲ୍ୟ ଦେବାସହ ଶେଷ ଦର୍ଶନ କରିଥିଲେ। ଉପସ୍ଥିତ ସହଯୋଗୀ ମାନଙ୍କ ଦ୍ୱାରା ପୁରୀ ସ୍ୱର୍ଗ ଦ୍ୱାରରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା। ପୁତୁରା ଦୁର୍ଗା ପ୍ରସାଦ ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

## ଏସ୍‌ଡିଆଇ, ଭୁବନେଶ୍ୱରରେ 'ଦ ଏଜ୍ୟୁକେସନ ଡାଏଲୋଗ'

# ବିଶ୍ୱବ୍ୟାପୀ ଜ୍ଞାନର ଅନ୍ୱେଷଣ କରିବା ପାଇଁ ଓଡ଼ିଆ ପିଲାଙ୍କୁ ପ୍ରସ୍ତୁତ କରାଇବା : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଆ ପିଲାମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଇବାକୁ ହେବ । ପରିବର୍ତ୍ତିତ ଟେକ୍ନୋଲୋଜି ଦୃଶ୍ୟପଟ୍ଟରେ ସେମାନଙ୍କ ମାଧ୍ୟମରେ ବିଶ୍ୱବ୍ୟାପୀ ଜ୍ଞାନର ଅନ୍ୱେଷଣ କରିବା ଆମର ପ୍ରୟାସ ରହିଛି । ଏହି ଲକ୍ଷ୍ୟରେ ବିଶ୍ୱର ଅଗ୍ରଣୀ ଅନୁଷ୍ଠାନ ତଥା ସିଙ୍ଗାପୁରର ଜିଏଫଟିଏନ୍, ଏଆଇଡିଏଫ ଏବଂ ନ୍ୟାସନାଲ୍ ୟୁନିଭର୍ସିଟି ଅଫ୍ ସିଙ୍ଗାପୁର ମିଳିତ ଭାବରେ ଏସଡିଆଇ, ଭୁବନେଶ୍ୱରରେ ଫିନଟେକ୍ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି, ଯାହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶୁକ୍ରବାର ସ୍କିଲ ଡେଭଲପମେଣ୍ଟ୍ ସେଣ୍ଟର ଏବଂ ଜିଏଫଟିଏନର ମିଳିତ ସହଯୋଗରେ ଅନୁଷ୍ଠିତ "ଶିକ୍ଷା ସମ୍ବାଦ - ପ୍ରଯୁକ୍ତି ବିଦ୍ୟା ସହିତ ଭବିଷ୍ୟତ" କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଶ୍ରୀ ପ୍ରଧାନ । ଏହି ଅବସରରେ ସେ ସମ୍ବାଦ ଅଧିବେଶନରେ ଭାଗ ନେଇ ନିଜର ମତାମତ ବ୍ୟକ୍ତ କରିଥିଲେ । ଶ୍ରୀ ପ୍ରଧାନ କହିଛନ୍ତି ଯେ କୃତ୍ରିମ ବୁଦ୍ଧିମତା (ଏଆଇ) ଏବଂ ଭର୍ଚୁଆଲ ରିଆଲିଟି (ଭିଆର) ଆମର ଶିକ୍ଷା, କାର୍ଯ୍ୟ ଏବଂ ଯୋଗାଯୋଗକୁ ବର୍ତ୍ତମାନ ସମୟରେ ରୂପାନ୍ତରିତ କରୁଛି । ଏହା ଏବେ କେବଳ




ଏକ ବିଷୟ ନୁହେଁ ବରଂ ଆମ ଜୀବନଶୈଳୀର ଏକ ଅଂଶ ପାଲଟିଛି ; ଅଡିଓ କମ୍ୟୁନିକେସନରୁ ଆରମ୍ଭ କରି ଜଟିଳ ସମାଧାନ ପର୍ଯ୍ୟନ୍ତ ସବୁଠି ଏହାର ପ୍ରୟୋଗ ହେଉଛି । ଆମେ ବର୍ତ୍ତମାନ ଶିଳ୍ପ ବିପ୍ଳବ ୫.୦ ଆଡକୁ ଅଗ୍ରସର ହେଉଛୁ । ଭବିଷ୍ୟତର ଟେକ୍ନୋଲୋଜି ବିଶେଷ ଭାବରେ ୬ଜି ଏବଂ କ୍ୱାଣ୍ଟମ କମ୍ପ୍ୟୁଟିଂ ଆଗାମୀ ଦିନରେ ଏକ ନୂଆ ପରିଚୟ ସୃଷ୍ଟି କରିବ । ଏହି ବୈଷୟିକ ପରିବର୍ତ୍ତନର ସାମ୍ନା କରିବାକୁ ହେଲେ ଆମକୁ କେବଳ କ୍ୟାମ୍ପସ ନୁହେଁ ବରଂ ନୂଆ ଦକ୍ଷତା, ଉଚ୍ଚତା, ସ୍ୱପ୍ନ ଓ ଆକାଂକ୍ଷାକୁ ପ୍ରୋତ୍ସାହିତ କରୁଥିବା ଏକ ଶିକ୍ଷା ଓ କୌଶଳର ସଂସ୍କୃତି ତିଆରି କରିବାକୁ ପଡ଼ିବ । ଏହି ପରିପ୍ରେକ୍ଷୀରେ ଏସଡିଆଇ ଭୁବନେଶ୍ୱର ଆମର ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରରେ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବାର ନିଷ୍ଠା ପ୍ରଶଂସନୀୟ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାଷା ଭିତ୍ତିରେ ଓଡ଼ିଶା ୨୦୩୬ରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ । ଏଣୁ ଆମର ଆଗାମୀ ୧୦ ବର୍ଷର ଲକ୍ଷ୍ୟ ସ୍ପଷ୍ଟ ହେବା ଆବଶ୍ୟକ । ଆମର ପ୍ରଥମ ଲକ୍ଷ୍ୟ ହେଉଛି ୨୦୩୫ ସୁଦ୍ଧା ଏକ ବିକାଶମୂଳକ ବାତାବରଣ ତିଆରି କରିବା, ଯେଉଁଠାରେ ଆମେ କେବଳ ନିଯୁକ୍ତି ଖୋଜିବା ନାହିଁ, ବରଂ ନିଯୁକ୍ତିଦାତା ଭାବେ ଉଭା ହେବା । ଏହି ଐତିହାସିକ ମୁହୂର୍ତ୍ତ ପାଇଁ ଆମକୁ ନିଜକୁ ପ୍ରସ୍ତୁତ କରିବାକୁ ପଡ଼ିବ । ଏହି ସମୟ ପାଇଁ ପ୍ରସ୍ତୁତ ହୋଇ ଓଡ଼ିଆ ଭାବେ ନିଜର ଦାୟିତ୍ୱବୋଧକୁ ଉପସ୍ଥାପନ କରିବାକୁ ପଡ଼ିବ। ଏହା କରିବାକୁ ହେଲେ ଆମକୁ ସାହସୀ ଓ ସ୍ୱାଭିମାନୀ ହେବା ସହ ପୁରୁଷାର୍ଥ ମାଧ୍ୟମରେ ସମୃଦ୍ଧି ଓ ସମ୍ପନ୍ନତା ଆଣିବାକୁ ହେବ । ନିକଟରେ ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଓ ସିଙ୍ଗାପୁର ସ୍ଥିତ ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟୱାର୍କ (ଜିଏଫଟିଏନ) ସହଯୋଗରେ ଓଡ଼ିଶାର ଯୁବପିଢ଼ିଙ୍କୁ ଫିନଟେକ୍ କ୍ଷେତ୍ରରେ ଏକବିଂଶ ଶତାବ୍ଦୀର ସମ୍ପୂର୍ଣ୍ଣ ସୁଯୋଗ ନେବା ପାଇଁ 'ସମନ୍ୱିତ ବିଶ୍ୱ ଆର୍ଥିକ ପ୍ରଯୁକ୍ତିବିଦ୍ୟା ସାମର୍ଥ୍ୟ ହବ୍' - ଭାରତନେତ୍ରର ଶୁଭାରମ୍ଭ ହୋଇଥିଲା । ଏହି କେନ୍ଦ୍ରର ମୂଳ ଲକ୍ଷ୍ୟ ହେଉଛି ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୭,୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପ୍ରଯୁକ୍ତିବିଦ୍ୟା, ରେଗୁଲେସନ ଏବଂ ବ୍ୟବସାୟର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ତାଲିମ ଦେବା । ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଆଗକୁ ନେବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ମତବିନିମୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଶ୍ରୀ ପ୍ରଧାନ ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଛାତ୍ରଛାତ୍ରୀ, କର୍ମଚାରୀ, ପ୍ରଶିକ୍ଷକଙ୍କ ସହ କଥା ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଆଇଓସିଏଲ ଆର୍ ଆଣ୍ଡ ଡି'ର ନିର୍ଦ୍ଦେଶକ ଆଲୋକ ଶର୍ମା, ଜିଏଫଟିଏନ, ସିଙ୍ଗାପୁରର ସିଇଓ ଜେମ୍ସ ବୋ, ଏନୟୁଏସର ଆଡଜଣ୍ଟ ପ୍ରଫେସର ଇଲେନ୍ ସୋର, ଏସଡ଼ିଆଇ ଭୁବନେଶ୍ୱରର ସିଇଓ ରଞ୍ଜନ ଭୌମିକ ପ୍ରମୁଖ ଉପସ୍ଥିତ ଥିଲେ ।

# ରେଳଯାତ୍ରୀଙ୍କୁ ଲୁଟ; ଅଭିଯୁକ୍ତ ଗିରଫ

କଟକ(ସବ୍ୟୁ): ଟ୍ରେନରେ ଯାତ୍ରୀଙ୍କୁ ଲୁଟପାଟ କରୁଥିବା ଜଣେ ପେସାଦାର ଲୁଟେରାକୁ କଟକ ଆରପିଏଫ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଲା ଦରଘାବଜାର ଥାନା ଅନ୍ତର୍ଗତ କେଶରପୁରର ସେକ ବାବୁ(୩୦) । ତା' ପାଖରୁ ୩ଟି ଦାମୀ ମୋବାଇଲ ଫୋନ୍ ଜବତ କରାଯାଇଛି ।ଶୁକ୍ରବାର ସକାଳ ପ୍ରାୟ ୮ଟାରେ କଟକ ରେଳ ଷ୍ଟେସନର ୩ନଂ ପ୍ଲାଟଫର୍ମରେ ଦୁର୍ଗ-ପୁରୀ ଏକ୍ସପ୍ରେସ ଆସି ପହଞ୍ଚିଥିଲା । ଏହାପରେ ଆରପିଏଫ କର୍ମଚାରୀ ଉକ୍ତ ଟ୍ରେନରେ ଚଢି ଯାଞ୍ଚ କରିଥିଲେ । ଏହି ସମୟରେ ଟ୍ରେନର ଶେଷ ବଗିରେ ସନ୍ଦେହଜନକ ଭାବେ ବସିଥିବା ଜଣେ ଯୁବକ ଠାବ ହୋଇଥିଲା । ତା' ପାଖକୁ ଯାଇ ପଚରାଉଚରା କରିବାରୁ ସେ ହଡବଡାଇ ଯାଇଥିଲା । ସେ କେଉଁଆଡେ ଯାଉଛି କିମ୍ବା କେଉଁଠାରୁ ଆସିଛି କିଛି କହିପାରିନଥିଲା । ତଲାସି ନେବାରୁ ତା' ପାଖରୁ ୩ଟି ଦାମୀ ମୋବାଇଲ ମିଳିଥିଲା । ଉକ୍ତ ମୋବାଇଲ ଗୁଡିକୁ ସେ ନିଜର ବୋଲି ଦାବି କରିଥିଲେ ମଧ୍ୟ ତାହାର ଲକ୍ କିମ୍ବା ବିଲ ଦେଖାଇ ପାରିନଥିଲା । ସନ୍ଦେହ ହେବାରୁ ତାକୁ ଆରପିଏଫ ପୋଷ୍ଟକୁ ଧରିଆଣି ଜେରା କରିବାରୁ ସବୁ କଥା ମାନିଯାଇଥିଲା । ଉକ୍ତ ମୋବାଇଲ ଗୁଡିକୁ ସେ ଟ୍ରେନର ବିଭିନ୍ନ ଯାତ୍ରୀଙ୍କ ଠାରୁ ଚୋରାଇଥିବା ସ୍ୱୀକାର କରିଥିଲା । ଅଭିଯୁକ୍ତ ବାବୁ ଜଣେ ଅଭ୍ୟାସଗତ ଅପରାଧୀ ।

## ପଏଣ୍ଟସ୍ ମ୍ୟାନଙ୍କ ଚତୁର୍ଥ ସ୍ତର

# ଗ୍ରେଡ଼ପେ ପଦୋନ୍ନତି ଦାବି ଉପରେ କେନ୍ଦ୍ରୀୟ ଅର୍ଥ ମନ୍ତ୍ରାଳୟର ମଞ୍ଜୁରୀ

ଜଟଣୀ, (ସବ୍ୟୁ): ଖୋର୍ଦ୍ଧାରୋଡ ରେଳମଣ୍ଡଳ ଏବଂ ସାରା ଭାରତୀୟ ରେଳରେ କାର୍ଯ୍ୟରତ ପଏଣ୍ଟସ ମ୍ୟାନ ବା ଟିପି ମାନଙ୍କ ଗ୍ରେଡ଼ପେ (ଜିପି ) ୧୯ ଶହ ବଦଳରେ ଜିପି ୪୨ ଶହ ପର୍ଯ୍ୟନ୍ତ ପଦୋନତ ପାଇବେ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରାଳୟ ମଞ୍ଜୁରୀ ଦେଇଛନ୍ତି । ଖବର ମୁତାବକ ଯେଉଁମାନେ ରେଳବିଭାଗରେ ଜୁନିଅର ପଏଣ୍ଟସ ମ୍ୟାନ ବା ଟିପି ଭାବେ ଜିପି ୧୮ ଶହ ଲେବଲ ୧ ରେ ନିଯୁକ୍ତି ପାଇଥାନ୍ତି ସେମାନେ ତାଙ୍କ ୩୫ ରୁ ୪୦ ବର୍ଷ ଚାକିରୀ କାଳ ଭିତରେ ମାତ୍ର ଜିପି ୧୯ ଶହ ଲେବଲ ୨ କୁ ପଦୋର୍ନତି ସହିତ ଚାକିରୀରୁ ଅବସର ନେଇଥାନ୍ତି । ଅନ୍ୟ କର୍ମଚାରୀ ମାନଙ୍କୁ ଚତୁର୍ଥ ସ୍ତର ପର୍ଯ୍ୟନ୍ତ ପଦୋନତି ସୁବିଧା ଥିଲେ ମଧ୍ୟ ଏହି ବର୍ଗର କର୍ମଚାରୀ ମାନଙ୍କ ପାଇଁ ସୁବିଧା ନଥିଲା । ଫଳରେ ଦୀର୍ଘ ୪୦ ବର୍ଷ ପର୍ଯ୍ୟନ୍ତ ଚାକିରୀ କରି ମଧ୍ୟ ସେମାନଙ୍କ ଦରମା ବଢ଼ିପାରେ ନାହିଁ କି ଫାଷ୍ଟକ୍ଲାସ ପାସ ଏବଂ ଅନ୍ୟାନ୍ୟ ଆର୍ଥିକ ଲାଭ ପାଇବାରୁ ବଞ୍ଚିତ ହୁଅନ୍ତି । ଏଭଳି ମନୋଭାବରୁ ରେଳପ୍ରଶାସନ ବିରତ ରହିବା ପାଇଁ ଦୀର୍ଘ ବର୍ଷ ହେବ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ଜେନେରାଲ ସେକ୍ରେଟାରୀ ରମେଶ ଚନ୍ଦ୍ର ସାହୁ ଏବଂ ଏନଏଫଆଇଆର ମହାସଚିବ



(ନୂଆଦିଲ୍ଲୀ) ଡ଼ଃ ଏମ ରାଘଭେୟା ବାରମ୍ବାର ରେଳ ବୋର୍ଡ ପାଖରେ ଦାବି କରିଆସୁଥିଲେ । ପୂର୍ବତଟ ରେଳପଥ ଶ୍ରମିମ କଂଗ୍ରେସର ୧୧ତମ ଜେନେରାଲ ବଡିର ରେଜୁଲେସନ ନଂ ୬ ଏବଂ ଏନଏଫଆଇଆର ରେଳବୋର୍ଡ ପିଏନଏମ ଏଜେଣ୍ଡା ନଂ ୩୨/୨୦୧୨ ଉପରେ କେନ୍ଦ୍ରୀୟ ଅର୍ଥମନ୍ତ୍ରାଳୟ ସହିତ ବାରମ୍ବାର ବୈଠିକ ଚାଲିଥିଲା । ଯାହା ଦ୍ୱାରା ଚଳିତ ମାସ ସତେଇଶି ତାରିଖରେ କେନ୍ଦ୍ରୀୟ ଅର୍ଥମନ୍ତ୍ରାଳୟ ତରଫରୁ ମଞ୍ଜୁରୀ ମିଳିଲା ବୋଲି ଶ୍ରମିମ କଂଗ୍ରେସ ମିଡିଆ ସେଲ ମୁଖ୍ୟ ଏଲ ଡି ମହାନ୍ତି ସୂଚନା ଦେଇଛନ୍ତି । ଏଣିକି ଚାକିରିକାଳ ଭିତରେ ତିନୋଟି ପଦୋନତି ଯଥା ଜିପି ୧୯ ଶହ, ୨୪ଶହ ଏବଂ ଜିପି ୪୨ଶହ ପର୍ଯ୍ୟନ୍ତ ପଦୋର୍ନତି ପାଇପାରିବେ ବୋଲି ଜେନେରାଲ ସେକ୍ରେଟାରୀ ଶ୍ରୀ ସାହୁ କହିଛନ୍ତି ।

# ଜାପାନ ଆଇଟି କମ୍ପାନୀରେ ନିଯୁକ୍ତି ପାଇଲେ ଚନ୍ଦ୍ରଶେଖର ଏକାଡେମୀର ୨ ଛାତ୍ର

ଭୁବନେଶ୍ୱର (ସବ୍ୟୁ) : ଜାପାନର ଆଇଟି କମ୍ପାନିରେ ନିଯୁକ୍ତି ପାଇଛନ୍ତି ପୁରୀ କୋଣାର୍କ ମେରାଇନ ଡ୍ରାଇଭି ରୋଡସ୍ଥିତ ଚନ୍ଦ୍ରଶେଖର ଏକାଡେମୀର ୨ ଛାତ୍ର । ସେମାନେ ଡିସେମ୍ବର ୨ ତାରିଖରେ ଜାପାନ ଯିବେ । ଲଗାତାର ୨ ବର୍ଷ ଧରି ଦୁଇ ଛାତ୍ର ଜାପାନ ଭାଷା ସହିତ ଆଇଟି ପାଠ୍ୟକ୍ରମ ଅଧ୍ୟୟନ କରୁଥିଲେ । ସେମାନ ଙ୍କୁ ଜାପାନର ଏକ ଆଇଟି କମ୍ପାନୀ ମନୋ ନୀତ କରିଥିବା ଏକାଡେମୀର ଚେୟାର ମ୍ୟାନ ତଥା ଇଣ୍ଡିଆ- ଜାପାନ ଫ୍ରେଣ୍ଡସିପ ସେଣ୍ଟର ସଭାପତି ଶ୍ରୀମନ୍ତ କୁମାର ଦାଶ ସୂଚନା ଦେଇଛନ୍ତି । ଦୁଇ ଛାତ୍ର ହେଲେ ରାକେଶ କୁମାର ବେହେରା ଓ ପ୍ରକାଶ ଚନ୍ଦ୍ର ବରାଳ । ଏହାକୁ ନେଇ ଏକାଡେମୀ ସମେତ ପୁରୀ ସହରରେ ଖୁସିର ଲହରି ଖେଳିଯାଇଛି । ଏହି ୨ ଛାତ୍ରଙ୍କ କୃତିତ୍ୱ ଯୋଗୁଁ ଏକାଡେମୀ ଆଜି ଗର୍ବିତ ବୋଲି ଶ୍ରୀ ଦାଶ ମତବ୍ୟକ୍ତ କରିଛନ୍ତି । ଏନେଇ ରାକେଶ କୁହନ୍ତି, ଯାଜପୁରରୁ ଆସି ପୁରୀରେ ରହିବା ପରେ ଚନ୍ଦ୍ରଶେଖର ଏକାଡେମୀରେ ଗରିବ ଓ ମେଧାବୀ ପିଲାମାନଙ୍କୁ ଜାପାନ ଭାଷା ଓ ଆଇଟି ଶିକ୍ଷା ଲାଭ କରିବା ପରେ ଜାପାନ କମ୍ପା ନୀରେ ନିଯୁକ୍ତି ମିଳୁଥିବା ଶୁଣିଥିଲି । ସେହି ଆଶା ନେଇ ଏକାଡେମୀରେ ୨ ବର୍ଷ ଧରି ଅଧ୍ୟୟନ କରିବା ପରେ ଆଜି ମୋ ଲକ୍ଷ୍ୟ ପୂରଣ ହୋଇଛି । ଅନୁଷ୍ଠାନ ନିକଟରେ ମୁ ଚିରଋଣୀ ରହିବି ବୋଲି କହିଛନ୍ତି ରାକେ ଶ । ସେହିପରି ପ୍ରକାଶ କୁହନ୍ତି ଗ୍ରାମାଞ୍ଚଳରୁ ଆସି ମୁ ଆଜି ଜାପାନ କମ୍ପାନୀରେ ଚାକିରୀ ମିଳିବା ଭାଗ୍ୟର କଥା। ଏକାଡେ ମୀ ଯୋଗୁ ଆଜି ତାହା ସମ୍ଭବ ହୋଇ ପାରିଛି। ଏହି ଅବସରରେ ଜାପାନ, ତୋତରୀ ସରକାରଙ୍କ ବାଣିଜ୍ୟ ପରାମର୍ଶ ଦାତା ତଥା ପୁରୀ ସିଟି ବ୍ରାଣ୍ଡ ଆମ୍ବାସଡର କୁନା ଦାଶ ନିଯୁକ୍ତି ପାଇଥିବା ଦୁଇ ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତ ୫ ବର୍ଷ ମଧ୍ୟରେ ଏକାଡେମୀରୁ ୨୫ରୁ ଅଧିକ ଛାତ୍ର ଜାପାନରେ ନିଯୁକ୍ତି ପାଇଛନ୍ତି।

# ଚୌଦ୍ୱାର ଶବରସାହିରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଚୌଦ୍ୱାର,(ସ.ବ୍ୟୁ.): ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ବିକାଶ ଦ୍ୱାରା ପରିଚାଳିତ ଜନଶିକ୍ଷଣ ସଂସ୍ଥାନ କଟକ ପକ୍ଷରୁ ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ଶବରସାହିରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜନଶିକ୍ଷଣ ସଂସ୍ଥାନ କଟକର ନିର୍ଦ୍ଦେଶିକା ଅନିମା ଦାଶ ଯୋଗ ଦେଇ ବର୍ତମାନ ଯୁଗରେ ମହିଳାମାନଙ୍କ ପାଇଁ କୌଶଳ ଶିକ୍ଷାରେ ଗୁରୁତ୍ୱ ଓ ସଂସ୍ଥାନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ଏହି ଶିକ୍ଷା ଦ୍ୱାରା ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ସାହୁ, ଚିନ୍ମୟ ବେହେରା ଓ ରାଜରତନ ପରିଡ଼ା ଅତିଥି ଭାବେ ଯୋଗ ଦେଇଥିବା ବେଳେ ସଂସ୍ଥାନ ପକ୍ଷରୁ ୪୦ଦିନିଆ ସୌନ୍ଦର୍ଯ୍ୟ ରକ୍ଷା ପ୍ରଶିକ୍ଷଣ ଦିଆଯିବ ବୋଲି ମୁଖ୍ୟ ଅତିଥି ଶ୍ରୀମତୀ ଦାଶ ପ୍ରକାଶ କରିଥିଲେ । ସଂସ୍ଥାନର ଅଧିକାରୀ ସମ୍ବିତ୍ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଶିକ୍ଷିକା ସ୍ୱପ୍ନରାଣୀ ଦାସ ସହଯୋଗ କରିଥିଲେ ।

# ଫାୟାରମ୍ୟାନ ଓ ଡ୍ରାଇଭର ପଦରେ ନିଯୁକ୍ତି ପ୍ରସଙ୍ଗ , ୩ ବର୍ଷ ବୟସ ସୀମା କୋହଳ କଲେ ହାଇକୋର୍ଟ

କଟକ,(ସବ୍ୟୁ): ଓଡ଼ିଶା ଅଗ୍ନିଶମ ବିଭାଗରେ ଅଗ୍ନିକ(ଫାୟାରମ୍ୟାନ) ଓ ଅଗ୍ନିକ ଡ୍ରାଇଭରଙ୍କ ବୟସସୀମାରେ ହାଇକୋର୍ଟ ୩ବର୍ଷ ପର୍ଯ୍ୟନ୍ତ କୋହଳ କରିଛନ୍ତି । ଏହି ପଦରେ ବୟସ ସୀମା କୋହଳ ପାଇଁ ଆବେଦନ କରି ୭ଜଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏହି ଆବେଦନକୁ ଗ୍ରହଣ କରି ୩ବର୍ଷ ଲାଗି ବୟସ ସୀମା କୋହଳ ପାଇଁ ଅନୁମତି ପ୍ରଦାନ କରିଛନ୍ତି । ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ଏହି ୭ଜଣଙ୍କ ନିଯୁକ୍ତିର ବାଟ ସଫା ହୋଇଯାଇଛି। ଖାଲି ଥିବା ଫାୟାରମ୍ୟାନ ପଦରେ ଏହି ଆବେଦନକାରୀଙ୍କୁ ନିଯୁକ୍ତି ଦେବାକୁ ପଦକ୍ଷେପ ନେବାକୁ କୁହାଯାଇଛି। ୨ମାସ ମଧ୍ୟରେ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟା ଶେଷ ହେବ। ଏହାଛଡ଼ା ଏହି ବୟସସୀମା କୋହଳକୁ ଏକ ସ୍ୱତନ୍ତ୍ର ମାମଲା ଭାବେ ଗ୍ରହଣ କରିବା ଏବଂ ଏହାକୁ ଭବିଷ୍ୟତ ପାଇଁ ନଜିର ଭାବେ ଗ୍ରହଣ ନ କରିବାକୁ ମଧ୍ୟ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ହିରଣ୍ୟ କୁମାର ସାମଲଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ଫାୟାରମ୍ୟାନ ଓ ଡ୍ରାଇଭର ପଦରେ ନିଯୁକ୍ତି ପାଇଁ ୨୦୨୩ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏଥିରେ ବୟସ ସୀମା ୧୮ ରୁ ୨୫ ବର୍ଷ ରହିଥିଲା । ରାଜ୍ୟ ସରକାର ୨୦୨୨ରେ ଗ୍ରୁପ୍-ସି ପଦ ପାଇଁ ବୟସ ସୀମାକୁ ୩୮ ବର୍ଷ କରିଥିଲେ । ଫାୟାରମ୍ୟାନ ପଦ ଏହି ଗ୍ରୁପ୍-ସି ବର୍ଗରେ ଆସୁଥିବାରୁ ବୟସ ସୀମାକୁ ନେଇ ବିବାଦ ଉପୁଜିଥିଲା । ଅନେକ ପ୍ରାର୍ଥୀଙ୍କ ବୟସ ୨୫ ବର୍ଷ ଅତିକ୍ରମ କରିଥିବାରୁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହାଇଥିଲେ। ସେମାନେ ଦର୍ଶାଇଥିଲେ ଯେ ଏହି ପଦରେ ୨୦୧୫ ଠାରୁ କୌଣସି ନିଯୁକ୍ତି ହୋଇନାହିଁ । କୋଭିଡ୍‌ରେ ୩ରୁ ୪ ବର୍ଷ ପର୍ଯ୍ୟନ୍ତ କୌଣସି ନିଯୁକ୍ତି ଦିଆଯାଇନଥିଲା । ସରକାର ଗ୍ରୁପ୍-ସି ପଦ ପାଇଁ ବୟସ ସୀମା ୩୮ ବର୍ଷ କରିଥିବାରୁ ସେମାନଙ୍କ କ୍ଷେତ୍ରରେ ଏହାକୁ ଲାଗୁ କାହିଁକି କରାନଯିବ ବୋଲି ପ୍ରଶ୍ନ ଉପସ୍ଥାପନ କରିଥିଲେ । ଏକ ଅନ୍ତରୀଣ ଆଦେଶକ୍ରମେ ହାଇକୋର୍ଟ ଆବେଦନକାରୀମାନେ ପରୀକ୍ଷା ଦେଇପାରିବେ ବୋଲି ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଅଦାଲତଙ୍କ ଅନୁମତି ବିନା ପରୀକ୍ଷା ଫଳ ପ୍ରକାଶ ପାଇବ ନାହିଁ ବୋଲି କୁହାଯାଇଥିଲା । ଏହି ପରୀକ୍ଷାରେ ସେମାନେ ସଫଳ ହୋଇଥିଲେ।

## କିଟ୍‌ରେ ୨୬ ତମ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ଉଦ୍‌ଘାଟିତ

# ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ନିମନ୍ତେ ବିଜ୍ଞାନର ପ୍ରୟୋଗ ଜରୁରୀ

ଭୁବନେଶ୍ୱର, (ସବ୍ୟୁ): ୨୬ ତମ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ଏବଂ ଏସ୍‌ଡିଜି: ସାଇନ୍‌ସ ଆଣ୍ଡ ଟେକ୍ନୋଲୋଜି ଇନୋଭେସନ୍‌ସ ବିଷୟବସ୍ତୁ ଆଧାରିତ ସଷ୍ଟେନେବଲ୍ ଗ୍ରୀନ୍ ଫ୍ରଣ୍ଟିୟର୍ସ ଉପରେ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ କିଟ୍‌ରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ୩୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ଅନ୍ତର୍ଜାତୀୟ ସମ୍ମିଳନୀକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍ଘାଟନ କରି ରସାୟନ ବିଜ୍ଞାନ କ୍ଷେତ୍ରରେ ଜୀବନ ବ୍ୟାପୀ ଅବଦାନ ନିମନ୍ତେ ପ୍ରତିବର୍ଷ ଜଣେ ରସାୟନ ବିଜ୍ଞାନୀଙ୍କୁ କିଟ୍ ପକ୍ଷରୁ ୧ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ନିରନ୍ତର ସବୁଜ ସୀମା ଉପରେ ଏହି ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ଓଡ଼ିଶା ଏନଭିରନମେଣ୍ଟ ସୋସାଇଟି ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଉଦ୍ୟମରେ ଆୟୋଜିତ ହୋଇଛି। ଚଳିତ ବର୍ଷର ବିଷୟବସ୍ତୁ ରହିଛି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ନବସର୍ଜନା। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାକୁ କିପରି ପ୍ରୟୋଗ କରିବା, ନିରନ୍ତର ବିକାଶ ଲକ୍ଷ୍ୟକୁ ହାସଲ କରିବା



ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଏହି ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଭାରତ ସରକାରଙ୍କ ପ୍ରାକ୍ତନ ସଚିବ ଡ. ଅରୁଣ କୁମାର ରଥ ଯୋଗ ଦେଇଥିବା ବେଳେ ଡିଆର୍‌ଡିଓ ବେଙ୍ଗାଲୁରୁର ମହାନିର୍ଦ୍ଦେଶକ (ଇସିଏସ୍), ପ୍ରଫେସର ଟି କେ ବସ୍ତିଆ, ଓଡ଼ିଶା ପରିବେଶ ସମିତି ସଂଯୋଜକ ପ୍ରଫେସର ଏସ୍ ଏନ୍ କୁଣ୍ଡୁ, କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ ୪୫୦ରୁ ଅଧିକ ପ୍ରତିନିଧି ଯୋଗଦାନ କରିଛନ୍ତି।

ବିଶ୍ୱସ୍ତରରେ ୨୦୧୬ ରୁ ୨୦୩୦ ପର୍ଯ୍ୟନ୍ତ ଜାତିସଂଘ ଆନୁକୁଲ୍ୟରେ କାର୍ଯ୍ୟକାରୀ ହେଉଥିବା ନିରନ୍ତର ବିକାଶ ଲକ୍ଷ୍ୟର ଗୁରୁତ୍ୱ ଏବଂ ଏ ସବୁ ଲକ୍ଷ୍ୟ ସାଧନ ନିମନ୍ତେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଭାରତରେ ଏ ସବୁ ଲକ୍ଷ୍ୟ ହାସଲ ନିମନ୍ତେ ଗବେଷଣାରତ ବୈଜ୍ଞାନିକମାନେ, ବିଶେଷତଃ ଯୁବ ବୈଜ୍ଞାନିକ ଗୋଷ୍ଠୀ ନବସର୍ଜନା ମାଧ୍ୟମରେ ସଫଳତା ହାସଲ କରିବାକୁ ଅତିଥିମାନେ ଆହ୍ୱାନ କରିଥିଲେ। ଏହି ଅବସରରେ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପଦାର୍ଥ ବିଜ୍ଞାନୀ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂ, ଜୀବ ବିଜ୍ଞାନୀ ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ, ପରିବେଶ ବିଜ୍ଞାନୀ ପ୍ରଫେସର ବିନୋଦ ଚନ୍ଦ୍ର ଚୌଧୁରୀ ଏବଂ ଯାନ୍ତ୍ରିକ ବିଜ୍ଞାନୀ ଡ. ବିନୟ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କୁ ଏହି ସମ୍ମିଳନୀର ଆବାହକ ରୂପେ ୧୫ ବର୍ଷର ଅବଦାନ ନିମନ୍ତେ ମଧ୍ୟ ସମ୍ମାନୀତ କରାଯାଇଥିଲା। ଶେଷରେ ପରିବେଶ ସମିତିର ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ହିମାଳୟ ବେବି କେୟାର ବ୍ରାଣ୍ଡ ଭାବରେ ନେତୃତ୍ୱକୁ ପାଳନ କରୁଛି

ଭୁବନେଶ୍ୱର (ସବ୍ୟୁ): ହିମାଳୟ ବେବିକେୟାର ଶିଶୁମାନଙ୍କୁ ସମ୍ମୁଖରେ ଏବଂ ଏହାର କାହାଣୀର କେନ୍ଦ୍ର ସ୍ଥଳରେ ରଖୁଥିବା ହୃଦୟସ୍ପର୍ଶୀ ନୂଆ ପ୍ରଚାର ଅଭିଯାନ ସହିତ 'ଶିଶୁମାନେ ଭଲ ପାଉଥିବା' ଏକ ବ୍ରାଣ୍ଡ ଭାବରେ ନିଜର ଉପସ୍ଥିତିକୁ ପାଳନ କରୁଛି। 'ଡାକ୍ତରମାନଙ୍କ ଦ୍ୱାରା ପରାମର୍ଶ ଦିଆଯାଉଥିବା, ମା'ମାନଙ୍କ ଦ୍ୱାରା ଭରସା କରାଯାଉଥିବା ଏବଂ ଶିଶୁମାନଙ୍କ ଦ୍ୱାରା ଭଲ ପାଉଥିବା' (ପ୍ରେସକ୍ରାଇବଡ ବାଇ ଡକ୍ଟରସ୍, ଟ୍ରଷ୍ଟେଡ ବାଇ ମମ୍‌ସ୍, ଆଣ୍ଡ ଲଭ୍‌ଡ ବାଇ ବେବିଜ) ଶୀର୍ଷକ ଏହି ପ୍ରଚାର ଅଭିଯାନ ଶିଶୁମାନେ ଭଲ ପାଉଥିବା, ମା'ମାନେ ଭରସା କରୁଥବା ଏବଂ ଡାକ୍ତରମାନଙ୍କ ଦ୍ୱାରା ପରାମର୍ଶ ଦିଆଯାଉଥିବା ବ୍ରାଣ୍ଡର ଅନନ୍ୟ ସାମର୍ଥ୍ୟ ସମ୍ପର୍କରେ ଆଲୋକପାତ କରୁଛି। ବିଶ୍ୱାସର ଏହି ମଜଭୁତ ମୂଳଦୁଆ ଉପରେ ପ୍ରସ୍ତୁତ ପ୍ରଚାର ଅଭିଯାନ ଏକ ଖେଳୁଆଡ ଏବଂ ଭାବପ୍ରବଣ ପ୍ରତିଧ୍ୱନିତ କାହାଣୀ ଜରିଆରେ ଶିଶୁ ଯତ୍ନର ନେତୃତ୍ୱକୁ ପୁନଃ ମଜଭୁତ କରୁଛି।

# କଳିଙ୍ଗନ କେଏସଏର ଅଷ୍ଟମ ବାର୍ଷିକ ଉତ୍ସବ




ଭୁବନେଶ୍ୱର (ସବ୍ୟୁ): ସାଉଦିଆରବର ଦମାମ ସହରରେ ପ୍ରବାସୀ ଓଡ଼ିଆମାନଙ୍କ ଦ୍ୱାରା ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନ "କଳିଂଗନ କେଏସଏର ଅଷ୍ଟମ ବାର୍ଷିକ ଉତ୍ସବ ଚଳିତ ମାସ ୨୧ ତାରିଖରେ ପାଳିତ ହୋଇଛି । ୬୫୦ରୁ ଅଧିକ ପ୍ରବାସୀ ଓଡ଼ିଆ ପରିବାର ଉକ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଆ ସଂସ୍କୃତି, କଳା ଏବଂ ପରମ୍ପରାକୁ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଳ୍ପପତି ଡ଼ଃ ଦେବ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ମାନଙ୍କ ଏକତା ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କ ବକ୍ତବ୍ୟ ମାଧ୍ୟମରେ ଓଡ଼ିଆ ଅସ୍ମିତା ତଥା ଓଡ଼ିଆ ଜାତିର ପ୍ରଗତି ପାଇଁ ଆହ୍ୱାନ ଦେଇଥିଲେ । କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ ଏବଂ ଅନିନ୍ଦିତା ଦାସଙ୍କ ସୁମଧୁର ଓଡ଼ିଆ ଗୀତ ଏବଂ ହାସ୍ୟକଳାକାର ମିଷ୍ଟର ଗୁଲୁଆଙ୍କ ଚମତ୍କାର ବ୍ୟଙ୍ଗ ପ୍ରଦର୍ଶନ ଦର୍ଶକଙ୍କ ମନୋରଞ୍ଜନ କରିଥିଲା। ଯୁବ ଓଡ଼ିଆ ପ୍ରତିଭା ଆଦିତ୍ୟ ମହାନ୍ତି ଏବଂ ଓଡ଼ିଶୀ ନୃତ୍ୟ ଶିଳ୍ପୀ ସାଗରିକା ମହାନ୍ତିଙ୍କ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା। ଶାଶ୍ୱତ ଓ ସାଗରିକାଙ୍କ ଦ୍ୱାରା ପରିବେଷିତ "ରଥ ପଥ ଯାତ୍ରା ଜଗନ୍ନାଥ" ଅଭିନୟ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟିକରିଥିଲା ଏବଂ ସମଗ୍ର କାର୍ଯ୍ୟକ୍ରମ ସ୍ଥଳ 'ଜୟ ଜଗନ୍ନାଥ' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ଏହି ଅବସରରେ କଳିଙ୍ଗାନର ଅଫିସିଆଲ ୱେବସାଇଟ୍ www.kalingans.org ଏବଂ ବାର୍ଷିକ ପତ୍ରିକାର 'ନାରୀ ଶକ୍ତି' ସଂସ୍କରଣକୁ ଲୋକାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମର ସଫଳ ପରିଚାଳନା କଳିଙ୍ଗାନର କୋର କମିଟି ସଦସ୍ୟମାନଙ୍କ ଦ୍ୱାରା କରାଯାଇଥିଲା। କୋର କମିଟିରେ ସନ୍ତୋଷ ଦାସ, ବିଶ୍ୱ ରଞ୍ଜନ ସାହୁ, ରଞ୍ଜନ ରଥ, ଶୋଭନ ମହାନ୍ତି, ସୂର୍ଯ୍ୟକାନ୍ତ ଦାସ, ଦିଗମ୍ବର ମହାଖୁଦ, ଇମତୀୟାଜ଼ ଅଲ୍ଲୀ, ଅଗଷ୍ଟି କ୍ଷୀର, ବସନ୍ତ ସାହୁ, ଜ୍ୟୋତିର୍ମୟ ଦାସ, ଏବଂ ପ୍ରୀତମ ମହାନ୍ତି ପ୍ରମୁଖ ସାମିଲ ଥିଲେ ।

# ଦୁଇଶହ ଚୋରି ମୋବାଇଲ ଜବତ, ୪ ଯୁବକ ଅଟକ

ବ୍ରହ୍ମପୁର, (ସବ୍ୟୁ) : ବଡବଜାର ଥାନା ଅନ୍ତର୍ଗତ ଶ୍ରୀକ୍ଷେତ୍ର ବିହାର ଠାରେ ଥିବା ଏକ ଘରୁ ବଡବଜାର ଥାନା ପୋଲିସ ୨୦୦ରୁ ଅଧିକ ଚୋରି ମୋବାଇଲ ଜବତ କରିଛି । ଏହି ମୋବାଇଲ ଚୋରି ରାକେଟରେ ସଂପୃକ୍ତ ଥିବା ୪ ଜଣଙ୍କ ପୋଲିସ କାବୁ କରିଛି ।

ତେବେ ଏହି ଅଭିଯୁକ୍ତମାନେ ଏତେ ସଂଖ୍ୟକ ମୋବାଇଲ କେଉଁଠୁ ଆଣିଲେ ତାକୁ ନେଇ ପୋଲିସ ତନାଘନା ଆରମ୍ଭ ଚଳାଇଛି । ଅଭିଯୁକ୍ତମାନେ ଆନ୍ତଃ ଜିଲ୍ଲା ଚୋର ଗ୍ୟାଙ୍ଗର ସଦସ୍ୟ ବୋଲି ସନ୍ଦେହ କରାଯାଉଛି । ସହରରେ ପ୍ରତ୍ୟେକ ଦିନ ଲୋକଙ୍କ ମୋବାଇଲ ଚୋରି ହେଉଛି । କିଏ ବଜାରକୁ ଯାଉଥିବା ବେଳେ ମୋବାଇଲ ଚୋରି ହୋଇ ଯାଉଛି ତା' ଆଉ କିଏ ରାସ୍ତାରେ ଯାଉଥିବା ବେଳେ ଲୁଟର ଶିକାର ହେଉଛନ୍ତି । ଏନେଇ ଅଭିଯୋଗ ପରେ ଥାନାରେ ମାମଲା ରୁଜୁ ହୋଇଛି ।

ପୋଲିସ ପକ୍ଷରୁ ପୂର୍ବରୁ ଏଭଳି ଶତାଧିକ ଚୋରି ମୋବାଇଲ ଉଦ୍ଧାର କରାଯାଇ ମୋବାଇଲ ପ୍ରକୃତ ମାଲିକଙ୍କୁ ଫେରସ୍ତ ମଧ୍ୟ କରାଯାଇଛି । ତେବେ ଏକ ମୋବାଇଲ ଚୋରି ମାମଲାର ତଦନ୍ତ ବେଳେ ବଡବଜାର ଥାନା ପୋଲିସ ଏକାଧିକ ଅଭିଯୁକ୍ତଙ୍କୁ କାବୁ କରିଥିଲା । ତାଙ୍କ ବୟାନ ଆଧାରରେ ଶ୍ରୀକ୍ଷେତ୍ର ବିହାର ଠାରେ ଥିବା ଏକ ଘରେ ଚଢଉ କରାଯାଇଥିଲା । ଚଢଉ ବେଳେ ସେହି ଘର ଭିତରେ ଏକ ଟ୍ରଲି ବ୍ୟାଗରେ ଭର୍ତ୍ତି ହୋଇଥିବା ୨୦୦ରୁ ୩୦୦ ଟି ଦାମୀ ମୋବାଇଲ ରହିଥିଲା । ଏହି ସମସ୍ତ ମୋବାଇଲ ଚୋରି ନତୁବା ଲୁଟ କରି ଅଣାଯାଉଥିବା ପୋଲିସ ଜାଣିବାକୁ ପାଇଥିଲା । ସେହି ମୋବାଇଲଗୁଡ଼ିକୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି । ଏହି ମୋବାଇଲ ଗୁଡ଼ିକ ବ୍ରହ୍ମପୁରରୁ ଚୋରି କରାଯାଇଛି ନାଁ ରାଜ୍ୟର ବିଭିନ୍ନ ସ୍ଥାନରୁ ଚୋରି କରାଯିବା ପରେ ସେଗୁଡ଼ିକୁ ବେଆଇନ ଭାବେ ବିକ୍ରି ପାଇଁ ଏଠାକୁ ଅଣାଯାଉଛି ସେ ଦିଗରେ ପୁଲିସ ପଚରାଉଚରା ଚଳାଉଛି ।

# ପଥରରେ ଛେଚି ଯୁବକଙ୍କୁ ନିର୍ମମ ହତ୍ୟା, ରାସ୍ତାକଡ଼ରୁ ମୃତଦେହ ଉଦ୍ଧାର

ବାରିପଦା, (ସବ୍ୟୁ) : ବର୍ବର ହତ୍ୟାକାଣ୍ଡ! ରାସ୍ତା ପାଶ୍ୱରେ ଯୁବକଙ୍କ ମୃତଦେହ ଉଦ୍ଧାର, ପଥରରେ ଛେଚି ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ଏହିପରି ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ବଡଖୁଣ୍ଟା ଅଞ୍ଚଳରେ। ମୃତକ ଯୁବକ ଜଣକ ଖପରାପାଳ ଗ୍ରାମର ଗଣେଷ ହେମ୍ବ୍ରମ। ଖୁଣ୍ଟା ଥାନା ଖପରାପାଳ ଗ୍ରାମର ଗଣେଷ ହେମ୍ବ୍ରମ ଗୁରୁବାର ଖୁଣ୍ଟା ସାପ୍ତାହିକ ହାଟ ଆସିଥିଲେ। ହେଲେ ହାରୁ ଆଉ ଘରକୁ ଫେରି ନଥିଲେ। ଆଜି ସକାଳୁ ସ୍ଥାନୀୟ ଲୋକେ ରାସ୍ତାରେ ଯିବା ସମୟରେ ବଡଖୁଣ୍ଟା ରାସ୍ତା ପାଶ୍ୱରେ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ।

ଏନେଇ ପୋଲିସକୁ ଖବର ଦେବା ପରେ ଖୁଣ୍ଟା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ଏବଂ ଯୁବକଙ୍କ ମୁହଁକୁ ଅତି ନିର୍ମମ ଭାବେ ପଥରରେ ଛେଚି ହତ୍ୟା କରାଯାଇଥିବା ପୋଲିସ ଜାଣିବାକୁ ପାଇଥିବାବେଳେ କେଉଁ କାରଣରୁ ହତ୍ୟାକାଣ୍ଡ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ ହେଲେ ମୃତଦେହ ପାଖରେ ଗାଡି ଚାବି ପଡ଼ିଥିବା ବେଳେ ତଦନ୍ତ ପାଇଁ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ଲୋଡ଼ିଛି ପୋଲିସ । ତେବେ କିଏ ଏବଂ କଣ ପାଇଁ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଭିଆଇଲା ତାହାର ତଦନ୍ତ ଚାଲିଛି ।

# ଡାକ୍ତର ଚନ୍ଦନ ଗନ୍ତାୟତଙ୍କୁ ରାଜ୍ୟସ୍ତରୀୟ କବିଚନ୍ଦ୍ର କାଳି ଚରଣ ଯୁବ ପ୍ରତିଭା ସମ୍ମାନ



ଫୁଲବାଣୀ, (ସବ୍ୟୁ) : ରାଜ୍ୟ ସରକାରଙ୍କ ଅଧୀନସ୍ଥ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ତରଫରୁ ସୁଗମ ସଙ୍ଗୀତ ବର୍ଗରେ, ଶ୍ରେଷ୍ଠ ବିଶେଷଜ୍ଞ ତଥା କଣ୍ଠଶିଳ୍ପୀ ଡାକ୍ତର ଚନ୍ଦନ ଗନ୍ତାୟତ କବିଚନ୍ଦ୍ର କାଳିଚରଣ ଯୁବ ପ୍ରତିଭା ସମ୍ମାନ ୨୦୨୩ ରେ ସମ୍ମାନିତ ହୋଇଛନ୍ତି ।

ଭୁବନେଶ୍ୱର ସ୍ଥିତ ଲୋକସେବା ଭବନ ପ୍ରେକ୍ଷାଳୟ ଠାରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଆକାଶବାଣୀ କଣ୍ଠଶିଳ୍ପୀ ଡାକ୍ତର ଚନ୍ଦନଙ୍କୁ ନିଜର ସୁନ୍ଦର ଗାୟନ ତଥା ସୁଗମ ସଂଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ଜନକ ପୁରସ୍କାରରେ ସମ୍ମାନିତ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ, ବିଧାୟକ ବାବୁ ସିଂ, ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର, ବିଧାୟକ ତଥା ଅଭିନେତା ଆକାଶ ଦାସ, ସଂଗୀତ ନାଟକ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା ଉପସ୍ଥିତ ରହି ମାନପତ୍ର, ଅଙ୍ଗବସ୍ତ୍ର ଏବଂ ପୁରସ୍କାର ଅର୍ଥରାଶି ପ୍ରଦାନ କରିଥିଲେ । ପ୍ରକାଶ ଥାଉକି ଡାକ୍ତର ଗନ୍ତାୟତ ବର୍ତ୍ତମାନ ଫୁଲବାଣୀ ସ୍ଥିତ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଭେଷଜ ବିଭାଗରେ ଆସୋସିଏଟ ପ୍ରଫେସର ଭାବେ କାର୍ଯ୍ୟରତ । ଏଭ ସଫଳତା ପାଇଁ ଡାକ୍ତର ଚନ୍ଦନଙ୍କ ପାଇଁ ବିଭିନ୍ନ କଳାକାର ବର୍ଗ ତଥା ବୁଦ୍ଧିଜୀବି ମହଲରୁ ପ୍ରଶଂସାର ସୁଅ ଛୁଟିଛି ।

# ବିଜେଡି ସାଙ୍ଗଠନିକ ବୈଠକ, ବ୍ଲକ ସମସ୍ୟା ନେଇ ଆଲୋଚନା

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ବ୍ଲକ ଅନ୍ତରପଡା ପଞ୍ଚାୟତ ଅନ୍ତର୍ଗତ ମାଁ ସାଙ୍କୁଳେଇ ପୀଠରେ ବିଜୁ ଜନତା ଦଳର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛ । ବ୍ଲକ ବିଜେଡି ସଭାପତି ଖଦାଳ ଖଟେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ପ୍ରାକ୍ତନ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ସମେତ ଶହଶହ କର୍ମୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ । ଏ ଅବସରରେ ଦଳର ସାଙ୍ଗଠନିକ ଅଭିବୃଦ୍ଧି ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା । ଏଥି ସହ ବ୍ଲକର ବିଭିନ୍ନ ପଞ୍ଚାୟତର ଦେଖା ଦେଇଥିବା ସମସ୍ୟା ସାଙ୍ଗକୁ ଦଳର କର୍ମୀ ଏବଂ ଜନପ୍ରତିନିଧିଙ୍କୁ ଶାସକ ଦଳ କର୍ମୀଙ୍କ ପକ୍ଷରୁ କରାଯାଉଥିବା ଅଯଥା ହଇରାଣ ହରକତ ସାଙ୍ଗକୁ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏନେଇ ଆଗାମୀ ଦିନରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଅବଗତ କରାଯିବାକୁ ସ୍ଥିର ହୋଇଥିଲା ବେଳେ ଯଦି ପ୍ରଶାସନ ପକ୍ଷରୁ ସମସ୍ୟାର ସମାଧାନ ସକାଶେ କୌଣସି ସକାରାତ୍ମକ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବାକୁ ବୋଲି ମତ ପ୍ରକାଶ ପାଇଥିଲା । ବୈଠକରେ ବୁଗୁଡା ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ କିଶୋର ଚନ୍ଦ୍ର ବେହେରା ଓ ଉପାଧ୍ୟକ୍ଷ ଟୁକୁନା ସ୍ୱାଇଁ, ଜିତେନ୍ଦ୍ର କୁମାର ନାୟକ, ବ୍ଲକ ବିଜେଡି ଉପସଭାପତି କବିରାଜ ଗୌଡ଼, ଅନ୍ତରପଡା ସରପଞ୍ଚ ବସନ୍ତ ଶତପଥୀ, ପ୍ରଶ୍ନ କୁମାର ଜେନା, ଚୋରିଆ ମଳିକଙ୍କ ସମେତ ଶହଶହ ବିଜେଡି କର୍ମୀ ଉପସ୍ଥିତ ରହିଥିଲେ ।

### ବହଳଦା ବ୍ଲକର ଦୁମାଡିହି ସରକାରୀ ଉଚ୍ଚ ବିଦ୍ୟାଳୟରେ

# ବିଜ୍ଞାନ ଓ ସଂସ୍କୃତ ଶିକ୍ଷକଙ୍କ ତୁରନ୍ତ ନିଯୁକ୍ତି ପାଇଁ ମାସାଆର୍ମୀର ଦାବି



ବାରିପଦା, (ସବ୍ୟୁ) : ବହଳଦା ବ୍ଲକ ଅନ୍ତର୍ଗତ ଦୁମାଡିହି ସରକାରୀ ଉଚ୍ଚ ବିଦ୍ୟାଳୟରେ ନାହାନ୍ତି ବିଜ୍ଞାନ ଓ ସଂସ୍କୃତ ଶିକ୍ଷକ। ଆଉ ଦୁଇ ମାସ ରହିଲା ମେଟ୍ରିକ ବୋର୍ଡ ପରିକ୍ଷା। ଯାହା ଫଳରେ ଛାତ୍ରୀ ମାନଙ୍କ ଠାରୁ ଆରମ୍ଭ କରି ଅଭିଭାବକ ମଧ୍ୟ ଚିନ୍ତାରେ ପଡିଛନ୍ତି। ରାଇରଙ୍ଗପୁରରେ ଥିବା ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଆଜି ମାସାଆର୍ମୀ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଅଭିଭାବକ ମାନେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ବାରିପଦା ଠାରେ ଥିବା କାର୍ଯ୍ୟାଳୟରେ ସାକ୍ଷାତ କରି ତୁରନ୍ତ ବିଜ୍ଞାନ ଓ ସଂସ୍କୃତ ଶିକ୍ଷକ ନିଯୁକ୍ତି କରିବାକୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଆଗାମୀ ୫ ଦିନ ଭିତରେ ଉକ୍ତ ସମସ୍ୟାର ସମାଧାନ କରା ନଗଲେ ମାସା ଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଅଭିଭାବକ ମାନଙ୍କୁ ନେଇ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରି ଅଚଳ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଆଜିର କାର୍ଯ୍ୟକ୍ରମରେ ଅଭିଭାବକ ମଧ୍ୟରୁ ଉଦୟ ହାଁସଦାଃ, ମାଝି ହାଁସଦାଃ, ବୁଦାନ ସୋରେନ ଓ ସାକିଲା ବାସ୍କେ ସହିତ ମାସା ଆର୍ମୀ ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ବାମନଘାଟି ସଭାପତି ଦାସମାତ୍ ସରେନ ପ୍ରମୁଖ ସାମିଲ ଥିଲେ।

# ଡକାୟତି ଯୋଜନା : ବନ୍ଧାହେଲେ ୫

ବ୍ରହ୍ମପୁର, (ସବ୍ୟୁ) : ଜାତୀୟ ରାଜପଥରେ ଯାତାୟାତ କରୁଥିବା ଟ୍ରକକୁ ଡକାଇ ଡକାୟତି ଯୋଜନା କରୁଥିବା ଏକ ୫ ଜଣିଆ ଗ୍ୟାଙ୍ଗକୁ ବଡବଜାର ଥାନା ପୋଲିସ କାବୁ କରିଛି । ସେମାନେ ହେଲେ ପ୍ରହଲ୍ଲାଦନଗର ରାମ ଜେନା(୨୬) ଓ ସମୀର ଜେନା(୨୩, ପୁରୁଣା ବ୍ରହ୍ମପୁର କୁଠାରୀମନ୍ଦିର ସାହିର ଚନ୍ଦନ ପଟ୍ଟନାୟକ(୨୨), ପଞ୍ଚଦେଉଳ ସାହି ଉତ୍କଳ ହଲ ନିକଟର କାର୍ତ୍ତିକ ବେହେରା(୩୧) ଓ ହରିଡାଖଣ୍ଡି ଧର୍ମନଗରର ଜିଶୁ ମହାନ୍ତି(୩୦) । ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୨ଟି ବୋମା, ୨ଟି ଖଣ୍ଡା, ମୋବାଇଲ, ଟର୍ଚ୍ଚ, ମଦ ବୋତଲ ଆଦି ଜବତ କରିଛି । ପ୍ରକାଶଥାଉକି, ଗତକାଲି ରାତି ସାଢେ ୧୦ ଟା ବେଳେ ବଡବଜାର ଥାନାର ଏସଆଇ ରଞ୍ଜିତ ପ୍ରଧାନ ଓ ତାଙ୍କ ଟିମ ରାତ୍ରକାଳୀନ ପାଟ୍ରୋଲିଂ କରୁଥିବା ବେଳେ ମୁନିସିପାଲଟି ସେଡ୍ ନିକଟ ପଥର ଘର ଠାରେ କିଛି ଯୁବକ ଏକତ୍ରିତ ହୋଇ କୌଣସି ଯୋଜନା କରୁଥିବା ଖବର ମିଳିଥିଲା । ସେହିକ୍ରମରେ ପୋଲିସ ଟିମ ଉକ୍ତ ସ୍ଥାନରେ ପହଞ୍ଚି ଅତର୍କିତ ଚଢଉ କରିଥିଲା । ଚଢଉ ବେଳେ ପୋଲିସ ଅଭିଯୁକ୍ତଙ୍କୁ କାବୁ କରିବା ସେମାନଙ୍କ ନିକଟରୁ ବୋମା ଓ ଖଣ୍ଡା ଜବତ କରିଥିଲା । ଅଭିଯୁକ୍ତମାନେ ଖଣ୍ଡା ଓ ବୋମା ଦେଖାଇ ଟ୍ରକ ଚାଳକଙ୍କୁ ଭୟଭୀତ କରି ଡକାୟତି ପାଇଁ ଯୋଜନା କରୁଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡିଛି । ଗିରଫ ପରେ ସମସ୍ତ ୫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଯୁବ ପ୍ରତିଭା ଶ୍ରୀପତି ସାହୁଙ୍କ ସ୍ମୃତିସଭା



କଟକ, (ସ୍ୱପ୍ର): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଭଟିମୁଣ୍ଡା ଗ୍ରାମର ଯୁବ ପ୍ରତିଭା ଶ୍ରୀପତି ସାହୁଙ୍କ ଅକାଳ ବିୟୋଗରେ ସାରଙ୍ଗାସ୍ଥିତ ମଦନମୋହନ ଜୀଉ ପାଠାଗାର ପ୍ରାଙ୍ଗଣରେ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି ।

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଲୋକ ସଂପର୍କ ଅଧିକାରୀ ନିରାକାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ସ୍ୱର୍ଗତ ସାହୁଙ୍କ ଫଟୋଚିତ୍ରରେ ବିଭିନ୍ନ ବର୍ଗର ବ୍ୟକ୍ତି ପ୍ରଦୀପ ପ୍ରଜ୍ୱଳନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ସ୍ୱର୍ଗତ ସାହୁ ଜଣେ ପରୋପକାରୀ, ବନ୍ଧୁବତ୍ସଳ, ନାଟ୍ୟ କଳାକାର, ସାରସ୍ୱତ ସ୍ରଷ୍ଟା ଏବଂ ବାମପନ୍ଥୀ ଚିନ୍ତାଧାରାର ମଣିଷ ଥିଲେ । ତାଙ୍କ ବିୟୋଗରେ ଅଞ୍ଚଳ ଜଣେ ଯୁବ ପ୍ରତିଭାଙ୍କୁ ହରାଇଲା ବୋଲି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ବକ୍ତାମାନେ କହିଥିଲେ । ଭଟିମୁଣ୍ଡା ସରପଞ୍ଚ ତାପସ କୁମାର ସାହୁ, ସିପିଏମ୍ କଟକ ଜିଲା ସଂପାଦକ ବଦ୍ରୀ ନାରାୟଣ ଦାଶ, ରବିନାରାୟଣ ସାହୁ, ପୂର୍ବତନ ସମିତି ସଭ୍ୟ ଡମ୍ବରୁଧର ସାହୁ, ରମେଶ ବେହେରା, ରଣଜିତ୍ ସାହୁ, ମଳୟ ପୃଷ୍ଟି, ବିଜୟ ପୃଷ୍ଟି, ରମେଶ ସାହୁ ଏବଂ ଶ୍ରୀପତିଙ୍କ କନିଷ୍ଠ ଭ୍ରାତା ଶ୍ରୀବସିଲାଞ୍ଜନ ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ ।

# ୨୬ ସରକାରୀ ବିଦ୍ୟାଳୟର ଶିକ୍ଷକଙ୍କ ଏକ୍ସପୋଜର ଭିଜିଟ୍

ବାରିପଦା, (ସବ୍ୟୁ) : ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ, ଉପନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା, ଆଇଏଏସଙ୍କ ନେତୃତ୍ୱରେ ପିଏମ୍ ଶ୍ରୀ ଯୋଜନାର କାର୍ଯ୍ୟକାରିତା ବିଷୟରେ କେନ୍ଦ୍ରୀୟ ବିଦ୍ୟାଳୟ-୧, ଲକ୍ଷ୍ମୀପୋଷି ପରିଦର୍ଶନ କରିଥିଲେ । ସେ ପିଏମ୍ ଶ୍ରୀ ଯୋଜନାରେ ଥିବା ୬ଟି ଦିଗ ଉପରେ ହୋଇଥିବା ସର୍ବାଙ୍ଗୀନ ଉନ୍ନତି, ଶୈକ୍ଷିକ ଭିତ୍ତିଭୂମିର ବିକାଶର କାର୍ଯ୍ୟକାରିତା, ଡିଜିଟାଲ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ପିଏମ୍ ଶ୍ରୀ ଯୋଜନାର ସାମଗ୍ରିକ ପ୍ରୟୋଗ ଓ ବ୍ୟବହାର ବିଷୟରେ ଉଚ୍ଚ ପ୍ରଶଂସା କରିଥିଲେ ଏବଂ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧ ଲକ୍ଷ୍ମୀପୋଷିକୁ ଏକ ଆଗଧାଡିର ଆଦର୍ଶ ବିଦ୍ୟାଳୟ ଭାବେ ଘୋଷଣା କରିଥିଲେ ଏବଂ ସେହିଠାରେ ଉପସ୍ଥିତ ଥିବା ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏହି ବିଦ୍ୟାଳୟରେ ହୋଇଥିବା କାର୍ଯ୍ୟକ୍ରମକୁ ଅନୁସରଣ କରିବାକୁ ଉପଦେଶ ଦେଇଥିଲେ । ତାଙ୍କର ଉପଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସରକାରୀ ବିଦ୍ୟାଳୟର ଗଣିତ, ସାମାଜିକ ବିଜ୍ଞାନ, ଇଂରାଜୀ, ଓଡ଼ିଆ ଓ ବିଜ୍ଞାନ ବିଭାଗର ୨୬ଜଣ ଶିକ୍ଷକ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧ କୁ ଏକ୍ସପୋଜର ଭିଜିଟ୍ କରିଥିଲେ । ସେଥିରେ ସେମାନେ ଭୌତିକ ବିଜ୍ଞାନ ପ୍ରୟୋଗଶାଳା, ଭାଷା ପ୍ରୟୋଗଶାଳା, ରାସାୟନିକ ବିଜ୍ଞାନ ପ୍ରୟୋଗଶାଳା, ଜୀବ ବିଜ୍ଞାନ ପ୍ରୟୋଗଶାଳା, ଗଣିତ ପ୍ରୟୋଗଶାଳା, ଚିତ୍ରକଳା କକ୍ଷ, ପୁସ୍ତକାଳୟ, ସ୍ମାର୍ଟ କ୍ଲାସରୁମ, ସଙ୍ଗୀତ କକ୍ଷ, କାର୍ଯ୍ୟକଳାପ କକ୍ଷ, ଇକୋକ୍ଲବ, ବାଲବାଟିକା କକ୍ଷ, କମ୍ପ୍ୟୁଟର ପ୍ରୟୋଗ ଶାଳା, ଡାକ୍ତରୀ କକ୍ଷ, ପାକଶାଳା ବଗିଚା, ଖେଳ ପଡିଆ, ଟିଏଲଏମ୍ କକ୍ଷ, ଆଧୁନିକ ଶୌଚାଳୟ, ବାଲ ବିଜ୍ଞାନ ପ୍ରଦର୍ଶନୀ ଆଦିକୁ ପରିଦର୍ଶନ କରିବା ତାହା ସଙ୍ଗେ ସଙ୍ଗେ ଫଟୋ ଓ ଭିଡ଼ିଓ କରିନେଇଥିଲେ ।

# ଶ୍ରୀ ମଦନ ମୋହନ ଜୀୟୁ ନୂତନ କମିଟି ସଦସ୍ୟଙ୍କ ସାଂସଦଙ୍କୁ ସାକ୍ଷାତ



କଟକ, (ସ୍ୱପ୍ର): ଶୁକ୍ରବାର ଶ୍ରୀ ମଦନ ମୋହନ ଜୀୟୁ ଚାଉଳିଆଗଞ୍ଜର ନୂତନ ପରିଚାଳନା କମିଟିର ସମସ୍ତ ସଦସ୍ୟ ସାଂସଦ ଭର୍ତ୍ତୃହରି ମହତାବଙ୍କୁ ସାକ୍ଷାତ କରି ମନ୍ଦିର ଓ ଏହାର ପରିଚାଳନା ନେଇ ଆଲୋଚନା କରିଛନ୍ତି । ଶ୍ରୀ ମଦନ ମୋହନ ଜୀୟୁ ଚାଉଳିଆଗଞ୍ଜର ମୁଖ୍ୟ ପରିଚାଳକ ଚିରଞ୍ଜୟ ସାହୁଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟମାନେ ସାଂସଦ ଶ୍ରୀ ମହତାବଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରି ସମ୍ମାନୀତ କରିଥିଲେ । ସଦସ୍ୟମାନେ ମନ୍ଦିରର ସମସ୍ୟା, ପରିଚାଳନା କମିଟି ମନ୍ଦିର ଉନ୍ନତିକରଣ ନେଇ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ସହିତ ସାଂସଦଙ୍କ ସହଯୋଗ କାମନା କରିଥିଲେ । ଏଇ ଆଲୋଚନା ସମୟରେ ସଦସ୍ୟ ଶିବ ପ୍ରସାଦ ସାହୁ, ମାଣିନାଥ ସାହୁ, ସୁନୀଲ ସାହୁ, ସୋମନାଥ ବାରିକ, ପ୍ରଶାନ୍ତ ଦାସ, ଈଶ୍ୱର ସାହୁ, ମଦନମୋହନ ଲେଙ୍କା, ସନାତନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ପରିଚାଳକ ଶ୍ରୀଯୁକ୍ତ ସାହୁ ମନ୍ଦିର ଆସିବାକୁ ସାଂସଦଙ୍କୁ ନିବେଦନ କରିଥିଲେ ।

# ବିପର୍ଯ୍ୟୟ ପରିଚାଳନା ରୋଡ ମ୍ୟାପ ଗ୍ରାମ୍ୟସ୍ତରରୁ ଆରମ୍ଭ ହେବ

ବାରିପଦା, (ସବ୍ୟୁ) : "ଶୂନ୍ୟ ମୃତ୍ୟୁହାର ତଥା "ପ୍ରତ୍ୟେକ ଜୀବନ ମୂଲ୍ୟବାନ ଏହା ହେଉଛି ବିପର୍ଯ୍ୟୟ ପରିଚାଳନାର ମୂଳମନ୍ତ୍ର। ଏଭଳି ଏକ ଆଭିମୁଖ୍ୟ ନେଇ ଗ୍ରାମ୍ୟ ସ୍ତରରୁ ବିପର୍ଯ୍ୟୟ ପରିଚାଳନାକୁ ଅଧିକରୁ ଅଧିକ କ୍ରିୟାଶୀଳ, ସୁଦୃଢ, ଓ ସଶକ୍ତ କରିବା, ଅଭିନବ ଜ୍ଞାନ କୌଶଳର ପ୍ରୟୋଗ, ସୃଜନଶୀଳତାକୁ ଗୁରୁତ୍ୱ ଦେବା, ଯୋଜନା ପ୍ରସ୍ତୁତି, ଦୁର୍ବଳ ଗୋଷ୍ଠୀ ସମୂହର ଚିହ୍ନଟକରଣ, ଗୋଷ୍ଠୀ ସହଭାଗିତା ବୃଦ୍ଧି ସହିତ ଗ୍ରାମ ଓ ପଞ୍ଚାୟତ ସ୍ତରରେ ଏହାର ସଠିକ ଓ ସଫଳ ରୂପାୟନ ସଙ୍ଗେ ସଙ୍ଗେ ଜଳବାୟୁ ପରିବର୍ତ୍ତନ ତଥା ବିଶ୍ୱ ତାପମାନ ବୃଦ୍ଧି ହେତୁ ଆଗାମୀ ଦିନରେ ସମ୍ମୁଖୀନ ହେବାକୁ ଥିବା ପ୍ରତିବନ୍ଧକ ସବୁର ସହଜ ସମାଧାନ ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିନିମନ୍ତେ ବିପର୍ଯ୍ୟୟ ପରିଚାଳନାର ରୋଡ ମ୍ୟାପ କିଭଳି ଗୋଷ୍ଠୀ ସ୍ତରରୁ ଆରମ୍ଭ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେଇ ମୟୂରଭଞ୍ଜ ଜିଲ୍ଲାର ୪୦୪ ପଞ୍ଚାୟତର କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନଙ୍କୁ ପର୍ଯ୍ୟାୟ କ୍ରମେ ବିପର୍ଯ୍ୟୟ ପରିଚାଳନା ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ବାରିପଦା ସ୍ଥିତ ପଞ୍ଚାୟତ ସଂସାଧନ କେନ୍ଦ୍ର ସଭା ଗୃହରେ ଆୟୋଜିତ ହେଉଛି ବୋଲି ଉଦଯାପନୀ ସଭାରେ ଡେପୁଟୀ କଲେକଟର ଶ୍ରଦ୍ଧା ସୁମନ ଯୋଗ ଦେଇ ମତପ୍ରକାଶ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ବିପର୍ଯ୍ୟୟ ପରିଚାଳନା ହେଉଛି ଏକ ଟିମ୍ ଓ୍ୱାର୍କ ଯେଉଁଥିରେ ଉଭୟ ସରକାରୀ ସଂସ୍ଥା, ବେସରକାରୀ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ଓ ଗୋଷ୍ଠୀ ସମୂହର ସମାନ ଭୂମିକା ଥାଏ ଏବଂ ସମସ୍ତଙ୍କର ସହଯୋଗରେ ଆମେ ଅସମ୍ଭବକୁ ସମ୍ଭବ କରିଥାନ୍ତି। ଏହିକ୍ରମରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମିଳିତ ଭାବେ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ କରୁଥିବା ସେ ପ୍ରକାଶ କରିଥିଲେ। ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି ଏହି ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇବା ସଙ୍ଗେ ସଙ୍ଗେ ଏହି ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ସଫଳତାର ସହିତ ସମାପନ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବିଧାନକୁ ସାକ୍ଷୀ ରଖି ଜାତି, ଜାତକ, ଯୌତୁକ, ପୁରୋହିତ ଓ କର୍ମକାଣ୍ଡ ବିହୀନ ଆଦର୍ଶ ବିବାହ



ବ୍ରହ୍ମପୁର, (ସବ୍ୟୁ): ଆଜି ସ୍ଥାନୀୟ ହିଲ ପାଟଣା ସ୍ଥିତ ସହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟ ହଲ ପରିସରରେ ସମ୍ବିଧାନକୁ ସାକ୍ଷୀ ରଖି ବ୍ରହ୍ମପୁରର ବିଶିଷ୍ଟ ଲେଖିକା ଡଃ ବିଧୁପ୍ରଭା ରଥଙ୍କ କନ୍ୟା ପ୍ରୀତିପନ୍ନାଙ୍କର ଆନ୍ଧ୍ର ପ୍ରଦେଶ କାକିନାଡା ନିବାସୀ ବି. ନାଗଗୌରୀଙ୍କ ଜ୍ୟେଷ୍ଠ ପୁତ୍ର ଭାନୁ ତେଜାଙ୍କ ସହ ଆଦର୍ଶ ବିବାହ ବନ୍ଧୁ ପରିଜନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ବରକନ୍ୟା ପରସ୍ପରକୁ ବରଣମାଳା ଦେଇ ନିଜର ଜୀବନସାଥୀ ଭାବେ ଗ୍ରହଣ କରିବା ସହ ସମ୍ବିଧାନର ଆଧାରରେ ଏକ ଶପଥ ପାଠ କରିଥିଲେ । ଅଣ ପାରମ୍ପରିକ ଭାବେ ଅତ୍ୟନ୍ତ ସରଳ ଓ ନିରାଡମ୍ବର ଭାବେ ଆୟୋଜିତ ଏହି ବିବାହ ଜାତି, ଜାତକ, ଯୌତୁକ, ପୁରୋହିତ ଓ କର୍ମକାଣ୍ଡରୁ ମୁକ୍ତ ଥିଲା । ବିବାହ ପାଇଁ କୌଣସି ମୁହୂର୍ତ୍ତ ଦେଖାଯାଇ ନଥିଲା କିମ୍ବା ପୁରୋହିତ, ହୋମ କିମ୍ବା ମନ୍ତ୍ରର ଆବଶ୍ୟକ ପଡିନଥିଲା । ଭିନ୍ନ ଭିନ୍ନ ଜାତିରୁ ଆସିଥିବା ବର କନ୍ୟା ସମସ୍ତଙ୍କ ସମ୍ମୁଖରେ ଶପଥ ପାଠ କରି ଆନ୍ତଃଜାତି ବିବାହ କରିଥିଲେ । ଏହି ଅବସରରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ଉଭୟ ବରକନ୍ୟା ମଧ୍ୟ ରକ୍ତଦାନ କରିଥିଲେ । ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ପ୍ରଫେସର ପ୍ରତାପ ରଥ ଉଭୟ ବରକନ୍ୟାଙ୍କୁ ଶପଥ ପାଠ କରାଇଥିଲେ । ଏଭଳି ଜାତି, ଜାତକ, ଯୌତୁକ, ପୁରୋହିତ ଓ କର୍ମକାଣ୍ଡ ବିହୀନ ନିରାଡମ୍ବର ବିବାହ ସମାଜ ପାଇଁ ଉଦାହରଣ ଅଟେ । ଆଗାମୀ ଦିନରେ ଏଭଳି ବିବାହ କରିବାକୁ ଅଧିକରୁ ଅଧିକ ଯୁବକ ଯୁବତୀଙ୍କୁ ଆକଷ୍ଟ କରିବ ବୋଲି ଆୟୋଜକମାନେ ମତ ପ୍ରକାଶ କରିଥିଲେ । ଆଜିର ବିବାହରେ ପ୍ରଫେସର ବିଷ୍ଣୁ ଚୌଧୁରୀ, ବିଜୟ ବହିଦାର, ପ୍ରଫୁଲ୍ଲ ସାମନ୍ତରା, ପ୍ରଫେସର ବି ରାମଚନ୍ଦ୍ର ପ୍ରମୁଖ ବୁଦ୍ଧିଜୀବୀ ଉପସ୍ଥିତ ରହି ବରକନ୍ୟାଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହରର ଅନେକ ବୁଦ୍ଧିଜୀବୀ, ସାମାଜିକ ଓ ରାଜନୈତିକ କର୍ମୀ ତଥା ଉଭୟ ବରକନ୍ୟାଙ୍କ ପରିବାରର ଲୋକେ ତଥା ବନ୍ଧୁ ପରିଜନ ଯୋଗ ଦେଇଥିଲେ । ଏହି ବିବାହ ଉତ୍ସବରେ ମାନବବାଦୀ ଓ ହେତୁବାଦୀ ସଂଗଠନର କର୍ମକର୍ତ୍ତାମାନେ ଏଭଳି ବିବାହ କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ସହଯୋଗ କରିଥିବା ବେଳେ ଏଭିବିଡି ପକ୍ଷରୁ ରକ୍ତଦାନ କାର୍ଯ୍ୟକ୍ରମକୁ ସହଯୋଗ କରାଯାଇଥିଲା ।

# ଆରବିଆଇ ପକ୍ଷରୁ ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର କାର୍ଯ୍ୟକ୍ରମ



ବାରିପଦା, (ସବ୍ୟୁ) : ଭାରତ ସରକାରଙ୍କ ଅର୍ଥ ସେବା ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ବାରିପଦା ସ୍ଥିତ ଷ୍ଟାଡିୟମ୍ କନଫରେନ୍ସ ହୋଲ ଠାରେ "ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର ବିଷୟରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କ ସମେତ ବ୍ୟାଙ୍କ ଅଫ ଇଣ୍ଡିଆର କ୍ଷେତ୍ରୀୟ ପ୍ରବନ୍ଧକ କମଲେଶ ରଞ୍ଜନ । ଏହି ସଚେତନତା ଶିବିରରେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ପ୍ରବନ୍ଧକ ସନ୍ତୋଷ କୁମାର ମିଶ୍ର, ଡିଡ଼ିଏମ ନାବାର୍ଡ ସ୍ମାରକ ମହାନ୍ତି, ଏସବିଆଇର ମୁଖ୍ୟ ପ୍ରବନ୍ଧକ ଗବର୍ଧନ ଦାସ, ଏବଂ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ବରିଷ୍ଠ ପ୍ରବନ୍ଧକ ଶ୍ୱେତପଦ୍ମା ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ଏତତ୍‌ବ୍ୟତୀତ ବାରିପଦା ସହରର ବିଭିନ୍ନ ବ୍ୟାଙ୍କର ଅଧିକାରୀ ଏବଂ ବୀମା, ମ୍ୟୁଚୁଆଲ ଫଣ୍ଡର ଅଧିକାରୀ ମାନେ ଯୋଗ ଦେଇଥିଲେ । ବ୍ୟାଙ୍କ ଅଫ ଇଣ୍ଡିଆର ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ସୂର୍ଯ୍ୟ ନାରାୟଣ ମହାନ୍ତି ଅତିଥି ମାନଙ୍କୁ ସ୍ୱାଗତ କରି ସଭା ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଲୋକ ମାନଙ୍କ ଦଶବର୍ଷରୁ ଉର୍ଦ୍ଧ୍ୱର୍ ଅଚଳ ହୋଇ ରହିଥିବା ଜମାରାଶି ଓ ପୁଞ୍ଜି ଉପରେ ଆଲୋକପାତ କରି ଏହାକୁ କିପରି ସହଜରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ନିଷ୍ପାଦନ କରିବା ଉପରେ ଗୁରୁତ୍ୱଆରୋପ କରିଥିଲେ । ଏତତ ବ୍ୟତୀତ ବିଭିନ୍ନ ସୋସିଆଲ ସିକ୍ୟୁରିଟି ସ୍କିମ, ସାଇବର ଅପରାଧ ଉପରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଶ୍ରୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲ୍ୟ ବିବାହ ମୁକ୍ତ ଭାରତ ପାଇଁ ସଚେତନ କାର୍ଯ୍ୟକ୍ରମ

ବ୍ରହ୍ମପୁର, (ସବ୍ୟୁ): 'ସେବା' ଏବଂ ଗଣିଆ ଉନ୍ନୟନ କମିଟି ତରଫରୁ ବିଭିନ୍ନ ବିଦ୍ୟାଳୟରେ ବାଲ୍ୟ ବିବାହ ମୁକ୍ତ ଭାରତ ୧୦୦ ଦିନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ୨୦୩୦ ସୁଦ୍ଧା ସମଗ୍ର ଭାରତବର୍ଷକୁ ତଥା ବିଶେଷ ଭାବରେ ଗଞ୍ଜାମ ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରାଇବା ଉଦ୍ଦେଶ୍ୟ ନେଇ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଜଷ୍ଟ ରାଇଟସ ଫର ଚିଲଡ୍ରେନ ଏବଂ ଇଣ୍ଡିଆ ଚାଇଲଡ୍ ପ୍ରୋଟେକ୍ସନ ଆକଫ ଅନୁଯାଇ କାମ କରାଯାଉଛି । ତେଣୁ 'ସେବା' ସମ୍ପାଦିକା ଅଳକା ସାହୁ, ଗଞ୍ଜାମ ଜିଲ୍ଲା ଶିଶୁ ମଙ୍ଗଳ କମିଟି ସଦସ୍ୟା ଲାଇନା ଚାନ୍ଦ, ଗଣିଆ ଉନ୍ନୟନ କମିଟି କର୍ମଚାରୀ କଲ୍ୟାଣ କୁମାର ସିଂ, ସହ ସଂଯୋଜିକା ପ୍ରଗତି କୌର, ସୁଚିତ୍ରା ସାହୁ, ସ୍ୱପ୍ନରାଣି ନାହାକ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଛାତ୍ର ଛାତ୍ରୀ ମାନଙ୍କୁ ବାଲ୍ୟ ବିବାହ ମୁକ୍ତ ଭାରତ ବିଷୟରେ ସଚେତନ କରିବା ସହ ଶପଥ ପାଠ କରାଯାଇଥିଲା । ବାଲ୍ୟ ବିବାହ ହେଲେ କେଉଁ ସବୁ ସମସ୍ୟା ଦେଖାଯାଏ ଯଥା, ଶିଶୁ ମୃତ୍ୟୁ, ମାତୃମୃତ୍ୟୁ, ବିକଳାଙ୍ଗ ଶିଶୁ ଜନ୍ମ, ଶାରୀରିକ ମାନସିକ କ୍ଷେତ୍ରରେ ଦୁର୍ବଳତା, ଆଦି ସମସ୍ୟାକୁ ରୋକିବା ପାଇଁ ଏହି ଦିନରେ ହସ୍ତ ଉତ୍ତୋଳନ କରି ଶପଥ ନେଇ ବାଲ୍ୟ ବିବାହକୁ ରୋକିବା ନେଇ କାର୍ଯ୍ୟକ୍ରମ କରାଯାଇଥିଲା । ତେଣୁ ସେବା ତରଫରୁ ସଚେତନତା କାର୍ଯ୍ୟକ୍ରମ ଯଥା ସଚେତନ ମାଧ୍ୟମରେ ଶିଶୁ ଏବଂ ଜନ ସାଧାରଣଙ୍କୁ ଶପଥ କରାଇବା, ବିଭିନ୍ନ ଧାର୍ମିକ ଅନୁଷ୍ଠାନ, ପଞ୍ଚାୟତ କାର୍ଯ୍ୟାଳୟ ବାହାରେ ବାଲ୍ୟ ବିବାହ ବିଷୟରେ ହୋର୍ଡିଙ୍ଗ ଲଗାଇବା ଏବଂ ଗ୍ରାମ ସ୍ତରୀୟ ଶିଶୁ ସୁରକ୍ଷା କମିଟିକୁ ସୁଦୃଢ କରିବା ଶିଶୁ ସୁରକ୍ଷା ଏବଂ ବାଲ୍ୟ ବିବାହ ମୁକ୍ତ ହୋଇ ପାରିବା । ଏଥିରେ 'ସେବା' ସମ୍ପାଦିକା ଅଳକା ସାହୁ, ସେବା ସଦସ୍ୟା ଶୃତି ବେହେରା, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟା ଲାଇନା ଚାନ୍ଦଙ୍କ ସମେତ ଗଣିଆ ଉନ୍ନୟନ କମିଟିର ଅନେକ ସଦସ୍ୟ ସଦସ୍ୟା ଉପସ୍ଥିତ ରହିଥିଲେ ।

# ସର୍ବଭାରତୀୟ ଭଞ୍ଜ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ : ହାଇଦ୍ରାବାଦର ଆଶା ଧୂଳିସାତ୍, ସେମିରେ ମରାଠା ଏଫସି ଓ ଜେଡି କ୍ଲବ୍ ଫୁଲବାଣୀ ଲଢେଇ



ଭଞ୍ଜନଗର, (ସବ୍ୟୁ) : ସ୍ଥାନୀୟ କବିସମ୍ରାଟ ଷ୍ଟାଡିୟମରେ ପରିସରରେ ଆୟୋଜିତ ସର୍ବ ଭାରତୀୟ ଭଞ୍ଜ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟର ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚରେ ତେଲେଙ୍ଗାନାର ହାଇଦ୍ରାବାଦ ପୁଲିସ ସ୍ପୋର୍ଟସ ଟିମ୍ ସ୍ଥାନୀୟ ଦର୍ଶକଙ୍କୁ ନିରାଶ କରିଛି । ଟାଇଟଲ ଦାବିଦାର ହାଇଦ୍ରାବାଦ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରି ପ୍ରତିପକ୍ଷ ଜେଡି କ୍ଲବ୍ ଫୁଲବାଣୀ ଠାରୁ ୨-୦ ଗୋଲ୍‌ରେ ପାରାଜିତ ହୋଇ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛି । ଫଳରେ ସେମିରେ ପ୍ରବେଶ କରିଛି ଜେଡି କ୍ଲବ୍ ଫୁଲବାଣୀ । ଶନିବାର ଜେଡି କ୍ଲବ୍ ଫୁଲବାଣୀ ଓ ମରାଠା ଏକାଦଶ ମଧ୍ୟରେ ସେମି ଫାଇନାଲ ଲଢେଇ ଅନୁଷ୍ଠିତ ହେବ । ଶୁକ୍ରବାର ଆୟୋଜିତ ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ ଜେଡି କ୍ଲବ୍ ଫୁଲବାଣୀ ଓ ହାଇଦ୍ରାବାଦ ପୁଲିସ ସ୍ପୋର୍ଟସ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଜେଡି କ୍ଲବ୍ ପକ୍ଷରୁ ରାହୁଲ ଲାକ୍ରା ମ୍ୟାଚର ମାତ୍ର ୧୦ ମିନିଟ ସମୟରେ ହାଇଦ୍ରାବାଦ ବିପକ୍ଷରେ ଏକ ଗୋଲ୍ ସ୍କୋର କରି ଆରମ୍ଭରୁ ହିଁ ପ୍ରତିପକ୍ଷ ଟିମ୍‌କୁ ଚାପରେ ରଖିବାକୁ ସଫଳ ହୋଇଥିଲେ । ହାଇଦ୍ରାବାଦ ପୁଲିସ ସ୍ପୋର୍ଟସ ଟିମ୍‌କୁ ଅନେକ ସୁଯୋଗ ମିଳିଥିଲେ ମଧ୍ୟ ଏହା ଗୋଲ୍‌ରେ ରୂପାନ୍ତରିତ ହୋଇପାରିନଥିଲା । ଫଳରେ ପ୍ରଥମାର୍ଦ୍ଧ ଖେଳ ୧-୦ ରେ ଶେଷ ହୋଇଥିଲା । ଆଉ ଦ୍ୱିତୀୟାର୍ଦ୍ଧରେ ୪୭ତମ ମିନିଟରେ ଜେଡି କ୍ଲବ୍ ଫୁଲବାଣୀର ଖେଳାଳି ଚିଣ୍ଟୁ ସାମଲ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ୍ ସ୍କୋର କରିଥିଲେ । ଆଉ ରେଫେରିଙ୍କ ଶେଷ ହୁଇସିଲ ବାଜିବା ସହ ଜେଡି କ୍ଲବ୍ ଫୁଲବାଣୀ ସେମି ଫାଇନାଲ ଯୋଗ୍ୟତା ଅର୍ଜନ କରିଥିଲା । ତେବେ ହାଇଦ୍ରାବାଦ ପୁଲିସ ସ୍ପୋର୍ଟସ ଟିମ୍ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ମ୍ୟାଚ ଖେଳି ଦର୍ଶକଙ୍କ ଶ୍ରଦ୍ଧାଭାଜନ ହୋଇଥିଲେ । ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବ ଉପସଭାପତି ଧୀରେଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଜେପି ଘୁମୁସର ଜିଲ୍ଲା ସଭାପତି ନୀଳମାଧବ ପାତ୍ର ମୁଖ୍ୟଅତିଥି, ସାଂସଦ ପ୍ରତିନିଧି ସନ୍ତୋଷ ତିଆଡ଼ି, ସମୀର ନାୟକ, ଉଦ୍ଧବ ମିଶ୍ର ଓ ହୃଷିକେଶ ପ୍ରଧାନ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ । ରାହୁଲ ଲାକ୍ରା ମ୍ୟାଚ ଅଫ୍ ଦ ମ୍ୟାଚ ଟ୍ରଫି ହାସଲ କରିଥିଲେ ।

# ବାଲ୍ୟ ବିବାହ ମୁକ୍ତ ଅଭିଯାନ




ବଉଣ୍ଡା, (ସବ୍ୟୁ): ବିଶ୍ୱ ଯୁବ କେନ୍ଦ୍ର ଦ୍ୱାରା ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ ପାଳନ କରାଯାଇଛି । ଏହି ଅଭିଯାନରେ ଅନୁଗୁଳ ଜିଲ୍ଲାର ୫୦ ଟି ଗ୍ରାମରେ, ଢେଙ୍କାନାଳ ଜିଲ୍ଲାର ୫୦ଟି ଗ୍ରାମରେ ଓ ବୌଦ୍ଧ ଜିଲ୍ଲା ର ୨୫ ଟି ଗ୍ରାମରେ କ୍ୟାଣ୍ଡେଲ୍ ଶୋଭାଯାତ୍ରା ଓ ସଚେତନତା ରାଲି ଆୟୋଜନ କରାଯାଇଥିଲା । ଏହି କେଣ୍ଡେଲ୍ ଶୋଭାଯାତ୍ରାରେ ସ୍କୁଲ ଛାତ୍ର ଛାତ୍ରୀ, ଗ୍ରାମବାସୀ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ମହିଳା ନେତ୍ରୀ, ଓ୍ୱାର୍ଡ ମେମ୍ବର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମ ଗୁଡିକରେ ବାଲ୍ୟ ବିବାହ ବିରୁଦ୍ଧରେ ସଚେତନତା ସୃଷ୍ଟି କରିବା ମୂଳ ଲକ୍ଷ୍ୟ ଥିଲା । ବିଭିନ୍ନ ସ୍କୁଲ ମାନଙ୍କରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଇବା ସହ ଶପଥ ପାଠ ମଧ କରଯାଇଥିଲା । କେନ୍ଦ୍ର ସରକାରଙ୍କ ଓ ଜସଫ ରାଇଟ୍ସ ଫର ଚିଲଡ୍ରେନ ଦ୍ୱାରା ନୂଆଦିଲ୍ଲୀରେ ୧୦୦ ଦିନିଆ ଦେଶ ବ୍ୟାପି ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ ଆରମ୍ଭ କରିଥିବା ବେଳେ ବିଶ୍ୱ ଯୁବ କେନ୍ଦ୍ର ଦ୍ୱାରା ହୋଟେଲ ଦୂର୍ଗା ଠାରେ ଏକ ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ନିଯୁକ୍ତି ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ସଦସ୍ୟା ଶିଶୁ କଲ୍ୟାଣ କମିଟି, ଭାରପ୍ରାପ୍ତ ଥାନା ଅଧିକାରୀ, ବନରପାଳ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଜିଲ୍ଲା ସଂଯୋଜକ ମମତା ଯୋଜନା, ବରିଷ୍ଠ ସମାଜସେବୀ, ବୀରେନ ନାୟକ,ନିର୍ଦ୍ଦେଶକ ବିଶ୍ୱ ଯୁବ କେନ୍ଦ୍ର, ସୁରକ୍ଷା ଅଧିକାରୀ ଉପସ୍ଥିତ ଥିଲେ । ଅନ୍ୟ ଅଂଶ ଗ୍ରହଣକାରୀ ଭାବରେ ପଞ୍ଚାୟତ ନିର୍ବାହ ଅଧିକାରୀ, ଅଙ୍ଗନବାଡ଼ି କର୍ମୀ, ସରପଞ୍ଚ, ଅଙ୍ଗନବାଡି ସୁପରଭାଇଜାର, ଶିଶୁ ସହାୟତା ହେଲ୍‌ଲାଇନ, ସଖୀ ଯୋଗ ଦେଇଥିଲେ । ଏହି ଅଭିଯାନକୁ ଦୃଷ୍ଟିରେ ରଖି ବିଶ୍ୱ ଯୁବ କେନ୍ଦ୍ର ଦ୍ୱାରା ଅନୁଗୁଳ ଜିଲ୍ଲାରେ କିପରି ଅଭିଯାନକୁ କାର୍ଯ୍ୟକାରୀ କରି ହେବେ ସେ ସମ୍ପର୍କରେ ଆଲୋଚନା କରଯାଇଥିଲା ।

# ପାଲଲହଡାରେ ମାଲମାଲ ସାମ୍ବାଦିକ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ପାଇଲେ ୧୬

ପାଲଲହଡା, (ସବ୍ୟୁ): ସତେଇଶି ଗୋଟି ପଂଚାୟତକୁ ନେଇ ଗଠିତ ଶିଳ୍ପ ବିହୀନ ପାଲଲହଡା ବ୍ଲକରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ପ୍ରେସ ଡେ ସମୟରେ କିଛି ଅଣ ସାମ୍ବାଦିକ ନିଜକୁ ସଚ୍ଚା ସାମ୍ବାଦିକର ପରିଚୟ ଦେଉଥିବା ଦେଖିବାକୁ ମିଳୁଛି । ସର୍ବଦା ଦେଖିବାକୁ ମିଳେ ମାଲ ମାଲ ସାମ୍ବାଦିକ । ଆଉ ଏଇ ଅଣସାମ୍ବାଦିକଙ୍କ ପ୍ରାଦୁର୍ଭାବ କଥା କହିଲେ ନସରେ । ସକାଳ ପାହିଲେ ଯେଉଁମାନେ ଖବର ସଂଗ୍ରହ ପାଇଁ ବହୁ କଷ୍ଟ ସ୍ୱୀକାର କରି ଖବର ପରିବେଷଣ କରିଥାନ୍ତି । ସେମାନଙ୍କୁ ନା ପ୍ରଶାସନ ନା ରାଜନୈତିକ ନେତା ମାନେ ଚିହ୍ନିପାରୁଛନ୍ତି, କେହିବି ନୁହଁ ।

ମାତ୍ର ଏଠାରେ ଅବସ୍ଥାପିତ କିଛି ଚାଟୁକାର ବ୍ୟକ୍ତିବିଶେଷ (ଅଣ ସାମ୍ବାଦିକ) ନିଜକୁ ସାମ୍ବାଦିକର ପରିଚୟ ଦେଇ ଆମେ ପଞ୍ଜିକୃତ ସଙ୍ଘର ସଦସ୍ୟ ବୋଲି ସଫେଇ ଦେଇ ରାଜନୈତିକ ନେତାଙ୍କ ଠାରୁ ଆରମ୍ଭ କରି ସରକାରୀ ପଦାଧିକାରୀ ମାନଙ୍କର ଅତି ପାଖଲୋକ ହୋଇ ବିଭିନ୍ନ ପ୍ରକାର ଫାଇଦା ନେବାକୁ ପଛାଉନାହାନ୍ତି । ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଥିଲା ଗତ ପାଲଲହଡା ମହୋତ୍ସବ ସମୟରେ । ସେତିକିବେଳେ ପାଲଲହଡାରେ ମୋଟ ବତିଶ ଜଣ ସାମ୍ବାଦିକ ଅଛନ୍ତି ବୋଲି ଆୟୋଜକ କମିଟି ଆଗରେ ସଫେଇ ଦେଇ ବତିଶ ଜଣଙ୍କ ନାଁ ରେ ମଧ ପକେଟ ଖର୍ଚ୍ଚ ଦିଆଯାଇଥିବାର ଦେଖା ଯାଇଥିଲା । କିନ୍ତୁ ପ୍ରକୃତ ପକ୍ଷେ ଏଠାରେ ବତିଶ ନୁହଁ ମାତ୍ର ଷୋହଳ ଜଣ ସାମ୍ବାଦିକ ଥିବାର ସରକାରୀ ସୂତ୍ରରୁ ପ୍ରକାଶ । ଏହି ୧୬ ଜଣ ସାମ୍ବାଦିକଙ୍କ ମଧ୍ୟରୁ ଦୈନିକ ବିଭିନ୍ନ ପ୍ରକାର ଗଣ ମାଧମ (ବୈଦ୍ୟୁତିକ ଓ ଖବର କାଗଜ ) ରେ ମାତ୍ର ପାଞ୍ଚ ଛଅ ଗୋଟି ଖବର କାଗଜ ଓ ବୈଦ୍ୟୁତିକ ଗଣ ମାଧମରେ ପାଲଲହଡାର ବିଭିନ୍ନ କାର୍ଯ୍ୟକ୍ରମ, ଘଟଣା ଦୁର୍ଘଟଣାର ଖବରମାନ ପ୍ରକାଶ ପାଇଥାଏ । କିନ୍ତୁ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ପାଇଁ ଚଳିତ ବର୍ଷ ମାତ୍ର ଷୋହଳ ଜଣ ପ୍ରକୃତ ସାମ୍ବାଦିକ ବୋଲି ସେହିମାନେ ଯୋଗ୍ୟ ବିବେଚିତ ହୋଇ ସରକାରଙ୍କ ତରଫରୁ ବୀମା କାର୍ଡ ପ୍ରଦାନ କରାଯାଇଛି । ଏଥିରୁ ପାଲଲହଡା ଉପଖଣ୍ଡ ସ୍ତରୀୟ ସାମ୍ବାଦିକ ସଙ୍ଘର ସର୍ବାଧିକ ଆଠ ଜଣ, ପ୍ରେସ କ୍ଲବରୁ ଚାରିଜଣ, ଆଞ୍ଚଳିକ ସାମ୍ବାଦିକ ସଙ୍ଘ ଖମାର ଅଞ୍ଚଳରୁ ମାତ୍ର ତିନିଜଣ ଏବଂ କୌଣସି ସଙ୍ଘର ସଦସ୍ୟ ନଥିବା ସମ୍ବାଦର ସାମ୍ବାଦିକ ରଘୁନନ୍ଦନ ଆଚାର୍ଯ୍ୟ ଯୋଗ୍ୟ ବିବେଚିତ ହୋଇଛନ୍ତି । କିନ୍ତୁ ପ୍ରେସ ଡେ ସମୟରେ ଏଠାରେ ଚାରିଗୋଟି ସଙ୍ଘ । ସାତଗୋଟି ଅନଧିକୃତ ସଙ୍ଘର ଲେଟର ପ୍ୟାଡ଼ ବୁଲିଥାଏ ।

ମାତ୍ର ପ୍ରକୃତ ପକ୍ଷେ ତିନିଗୋଟି ସଙ୍ଘର ଥିବା ପ୍ରାୟ ଚାଳିଶ ଜଣ ସଦସ୍ୟଙ୍କ ଭିତରୁ ମାତ୍ର ଷୋହଳ ଜଣ ସାମ୍ବାଦିକ ବୋଲି ସରକାରୀ ନଥିପତ୍ରରୁ ସ୍ପଷ୍ଟ ହୋଇଯାଇଛି । ଏହି ଷୋହଳ ଜଣ ଯୋଗ୍ୟ ସାମ୍ବାଦିକଙ୍କ ମଧ୍ୟରେ ଉପଖଣ୍ଡସ୍ତରୀୟ କର୍ତ୍ତବ୍ୟରତ ସାମ୍ବାଦିକ ସଙ୍ଘର ସଭାପତି ଖଗେଶ୍ୱର ଦାଶ, ଉପସଭାପତି ରବିନାରାୟଣ ପ୍ରଧାନ, ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ, ସହ ସମ୍ପାଦକ ଖଗେଶ୍ୱର ମହାନ୍ତ, କୋଷାଧ୍ୟକ୍ଷ ଦିବ୍ୟଜ୍ୟୋତି ଦାଶ, ବରିଷ୍ଠ ସଦସ୍ୟ ଦେବଦତ୍ତ ସାହୁ, ହରିଶ ଚନ୍ଦ୍ର ଦାସ, ଶିଶିର ଆଚାର୍ଯ୍ୟ ଏବଂ ପ୍ରେସ କ୍ଲବରୁ ବିଷ୍ଣୁପ୍ରସାଦ ବେହେରା, ତରୁଣକାନ୍ତ ମହାନ୍ତି, ନିହାର ରଞ୍ଜନ ସାମଲ, ଗଂଜନ କୁମାର ସାହୁ ଓ ଆଞ୍ଚଳିକ ସାମ୍ବାଦିକ ସଙ୍ଘ ଖମାରର ସଭାପତି ଯୁଗଳ କିଶୋର ଜିତ, ସମ୍ପାଦକ ରଜନୀକାନ୍ତ ମହାରଣା, ବରିଷ୍ଠ ସାମ୍ବାଦିକ ଭୀଷ୍ମ କୁମାର ଗଡ଼ନାୟକ ଏହି ବୀମା ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସୁତରାଂ ଏଠାରେ ଚାଲିଥିବା ଅଣ ସାମ୍ବାଦିକ ଙ୍କ ପ୍ରାଦୁର୍ଭାବରୁ ଉପଖଣ୍ଡ ପ୍ରଶାସନ ଓ ରାଜନୈତିକ ନେତାଙ୍କୁ କେବେ ନିଜ ଛତ୍ର ଛାୟାରୁ ପାର କରି ପ୍ରକୃତ ସ୍ପଷ୍ଟବାଦୀ ସାମ୍ବାଦିକ ଙ୍କୁ ଚିହ୍ନିବେ ସେତିକି ଦେଖିବାକୁ ବାକି ରହିଲା ବୋଲି ବୁଦ୍ଧିଜୀବୀ ମହଲରେ ଜନ ଗୁଞ୍ଜରଣ ସୃଷ୍ଟି ହେଉଛି ।

## ଶତୃଘ୍ନ ମାଟିଙ୍କୁ ସଙ୍ଗୀତ ନାଟକ ଅଭିନୟ ସମ୍ମାନ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳର ବିଶିଷ୍ଟ ନାଟ୍ୟକାର ତଥା ନିର୍ଦ୍ଦେଶକ ଶତୃଘ୍ନ ମାଟିଙ୍କୁ ୨୦୨୫ ବର୍ଷ ପାଇଁ ସଙ୍ଗୀତ ନାଟକ ସମ୍ମାନ ମିଳିଥିବା ଜଣାପଡିଛି । ଶତୃଘ୍ନ ମାଟି ମଞ୍ଚନାଟକ, ଚଳଚିତ୍ର, ଟେଲିଭିଜନ ଧାରାବାହିକ, ଟିଭି ନାଟକ ସହିତ ଅନେକ କ୍ଷେତ୍ରରେ ନିଜର ପ୍ରତିଭାକୁ ପ୍ରଦର୍ଶନ କରିଛନ୍ତି । ବହୁ ସମ୍ମାନରେ ସମ୍ମାନୀତ ହେବା ସହିତ ଦର୍ଶକଙ୍କୁ ସ୍ୱୀକୃତି ଲାଭ କରିଛନ୍ତି । ସମର ତରଙ୍ଗଓ ମହିମାଧର୍ମର ସନ୍ଥ ତଥା ପ୍ରଚାରକ ଭୀମ ଭୋଇଙ୍କ ଉପରେ ନାଟ୍ୟକାର ଅବନୀ ମିଶ୍ରଙ୍କ ରଚିତ ଗୀତିନାଟ୍ୟରେ ସେ ନିର୍ଦ୍ଦେଶନା ଦେଇ ସଫଳତା ଅର୍ଜନ କରିଛନ୍ତି । ବିଶିଷ୍ଟ ନାଟ୍ୟକାର ଦିଲେଶ୍ୱର ମହାରଣାଙ୍କ ଦିଗଦର୍ଶନ ଏବଂ କଳାପରିଷଦ ନାଟ୍ୟ ଅନୁଷ୍ଠାନରେ ନିଜର କଳାତ୍ମକ ଜବନକୁ ଉତ୍ସର୍ଗ କରି ସେ ସଫଳତା ପାଇଛନ୍ତି । ଶତାଧିକ ନାଟକରେ ସେ ଅଭିନୟ କରି ଜଣେ ସଫଳ ଅଭିନେତା ଭାବରେ।

# ଏନଟିପିସି ତାଲଚେର ଥର୍ମାଲ ଅବସରପ୍ରାପ୍ତ କର୍ମଚାରୀଙ୍କ ବନ୍ଧୁମିଳନ

ତାଲଚେର, (ସବ୍ୟୁ): ଏନଟିପିସି ତାଲଚେର ଥର୍ମାଲ ପାଓ୍ୱାର ପ୍ଲାଣ୍ଟ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନେଇ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରାୟ ୫ଶହ କର୍ମୀଙ୍କ ଆନନ୍ଦ ଦାୟକ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା । ଯେଉଁମାନେ ପୂର୍ବରୁ ସେମାନଙ୍କ ଅତୁଳନୀୟ ସମର୍ପଣ ସହ ଟିଟିପିଏସର ଅଭିବୃଦ୍ଧି ଏବଂ ସଫଳତାକୁ ଶିର୍ଷ ସ୍ଥାନରେ ପହଚାଇ ପାରିଥିଲେ । ଏହି ଉତ୍ସବ ସକାଳ ୧୦ଘଟିକାରେ



ଆରମ୍ଭ ହୋଇଥିଲା । ଅବସରପ୍ରାପ୍ତ କର୍ମଚାରୀଙ୍କୁ ଗୋପାଲା ଫୁଲ, ତିଳକ, ବସ୍ତ୍ର ଏବଂ ମିଠା ପ୍ୟାକେଟ୍ ଦେଇ ସ୍ୱାଗତ କରାଯାଇଥିଲା, ଯାହା ଶ୍ରଦ୍ଧାର ଏବଂ ସ୍ନେହରେ ପରିପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା । ଏହି ସମାବେଶ ପ୍ରକଳ୍ପର ଦୃଢ଼ ମୂଳଦୂଆ ପକାଇଥିବା କର୍ମଚାରୀଙ୍କୁ ସମ୍ମାନୀତ କରିଥିଲା ।

ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟ ଚାନ୍ଦ ଆନୁଷ୍ଠାନିକ ଭାବେ ଉଦଘାଟନ କରି ତାଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଟିଟିପିଏସ ଗଠନରେ ପ୍ରତ୍ୟେକ ଅବସରପ୍ରାପ୍ତ କର୍ମାଚରୀଙ୍କ ସ୍ଥାୟୀ ଅବଦାନ ବିଷୟରେ ପ୍ରକାଶ କରିଥିଲେ । ଡ଼ଃ ଜେପି ରାଏ ମହାପ୍ରବନ୍ଧକ ପ୍ରକଳ୍ପ, ପ୍ରବୀର କୁମାର ମେକାନିକାଲ ଇରେକସନ୍, ରୋହିତ କୁମାର ଅତିରିକ୍ତ ମହାପ୍ରବନ୍ଧକ ମାନବ ସମ୍ବଳ, ସମସ୍ତ ବିଭାଗ ମୁଖ୍ୟ ଏବଂ ଏନଟିପିସି ଟିଟିପିଏସ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଜନ ବିକାଶ ୱେଲଫେୟାର ଆସୋସିଏସନ କ୍ୟାପିଟାଲ ମାର୍କେଟର ନୂଆ କାର୍ଯ୍ୟକର୍ତ୍ତା ଚୟନ

ଖମାର, (ସବ୍ୟୁ): ପାଲଲହଡା ଉପଖଣ୍ଡ ଖମାର ଜନ ବିକାଶ ୱେଲ୍‌ଫେୟାର ଆସୋସିଏସନ କ୍ୟାପିଟାଲ ମାର୍କେଟ ଖମାରର ଖମାର କୁଟାରୀମୁଣ୍ଡା ନାଳ ପାଖ ପମ୍ପ ହାଉସ ଠାରେ ନୂତନ କାର୍ଯ୍ୟକର୍ତ୍ତା ଚୟନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ମାର୍କେଟର ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ସାହୁ ଓ କୈଳାଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସର୍ବ ସମ୍ମତି କ୍ରମେ ନୂତନ ସଭାପତି ଭାବେ ବସନ୍ତ କୁମାର ପ୍ରଧାନ, ଉପ ସଭାପତି ବିକ୍ରମା ଦିତ୍ୟ ମହାନ୍ତି, ସମ୍ପାଦକ କାଳନ୍ଦୀ ଚରଣ ନାୟକ, ସହ ସମ୍ପାଦକ ଅମର ସାମଲ, କୋଷାଧକ୍ଷ ସଦାନନ୍ଦ ମହାନ୍ତିଙ୍କୁ ମନୋନୀତ କରାଯାଇଛି । କମିଟି କାର୍ଯ୍ୟକାରୀ ସଦସ୍ୟ ତରଣୀ ପ୍ରଧାନ, ସରୋଜ କୁମାର ସାହୁ, ଦୁଃଶାସନ ପ୍ରଧାନ, ରିଙ୍କୁ ସାହୁ, ମନୋଜ ସାହୁ, ଅଜୟ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଦାଦା ଶ୍ୱଶୁରଙ୍କୁ ଛୁରୀ ମାରି ହତ୍ୟା

ବଅଁରପାଳ, (ସବ୍ୟୁ): ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଅନ୍ତର୍ଗତ ଫୁଲପଡ଼ା ପଞ୍ଚାୟତରେ ପୂର୍ବତନ ସରପଞ୍ଚ ବିରେନ୍ ଦାସଙ୍କୁ ହତ୍ୟା କରାଯାଇଛି । ବିରେନ୍‌ଙ୍କ ବଡ଼ ଭାଇର ଜ୍ୱାଇଁ ପ୍ରବୀର ବେହେରା ହତ୍ୟା କରିଛି । ବୀରେନଙ୍କ ବଡ଼ ଭାଇ ବାବୁଲା ଦାସଙ୍କ ଝିଅ ମାନିନିର ୬ ବର୍ଷ ତଳେ ଆଠମଲ୍ଲିକ ବନମାଳିପୁରର ପ୍ରବୀର ବେହେରାଙ୍କୁ ବିବାହ କରିଥିଲେ । ବିବାହ ପରେ ଜ୍ୱାଇଁ ଝିଅକୁ ନିର୍ଯାତନା ଦେଉଥିଲା । ବାବୁଲା ଦାସଙ୍କ ମୃତ୍ୟୁ ଘଟିବା ପରେ ବିରେନ୍ ବଡ଼ ଭାଇ ଝିଅର ସମସ୍ତ ଦାୟିତ୍ୱ ନେଉଥିଲେ । କିନ୍ତୁ ପ୍ରବୀର ଅନେକ ସମୟରେ ମଦ୍ୟପାନ କରି ପନିଙ୍କୁ ମାଡ଼ପିଟ କରୁଥିଲେ । ଅନେକ ଥର ଝିଅ ବାପ ଘରକୁ ପଳାଇ ଆସିଛି । ପୁଣି ବୁଝାବୁଝି କରି ବିରେନ ମାନିନିକୁ ଶାଶୂ ଘରେ ଛାଡି ଆସୁଥିଲା । ହେଲେ ସ୍ୱାମୀର ନିର୍ଯାତନା ଅସହ୍ୟ ହେବାରୁ ମାନିନି ଗୁରୁବାର ଦିନ ସନ୍ଧ୍ୟାରେ ଗାଁକୁ ଆସିଥିଲା । ତାଙ୍କ ପଛେ ପଛେ ପ୍ରବୀର ଶ୍ୱଶୁର ଘରେ ପହଞ୍ଚିଥିଲା । ଏହି ଘଟଣାକୁ ନେଇ ବୀରେନ ଓ ପ୍ରବୀରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଜ୍ୱାଇଁ ପ୍ରବୀର ଦାଦାଶୁର ବିରେନ ଦାସଙ୍କୁ ଗାଁ ଦାଣ୍ଡରେ ଛୁରି ଭୁଷି ଦେଇଥିଲା । ଫଳରେ ବିରେନ୍ ଶରୀରରୁ ପ୍ରବଳ ରକ୍ତଶ୍ରାବ ହୋଇଥିଲା । ଚିକିତ୍ସା ପାଇଁ ତାଙ୍କୁ ପରିବାର ଲୋକେ ଅନୁଗୋଳ ଡାକ୍ତରଖାନା ନେବା ବାଟରେ ବିରେନ୍ ଙ୍କ ମୃତ୍ୟୁ ଘଟିଥିଲା । ଆକ୍ରମଣ କରିବା ପରେ ଜ୍ୱାଇଁ ପ୍ରବୀରକୁ ଗ୍ରାମବାସୀ କାବୁ କରି ପୋଲିସକୁ ଖବର ଦେଇଥିଲେ । ଖବର ପାଇ ମହୀଧରପୁର ଫାଣ୍ଡି ଅଧିକାରୀ ମାନସ ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ପ୍ରବୀରକୁ ଗିରଫ କରିଥିଲେ । ବିରେନ୍‌ଙ୍କ ମୃତ ଦେହକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛନ୍ତି । ବିରେନ୍‌ଙ୍କ ଅକାଳ ମୃତ୍ୟୁରେ ଗାଁ ରେ ଶୋକର ଛାୟା ଖେଳିଯାଇଛି ।

## ବୁଣା ଧାନଚାଷ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ

କଣିହାଁ, (ସବ୍ୟୁ): ସ୍ୱେଚ୍ଛାସେବୀ ସଙ୍ଗଠନ ସୋସିଆଲ ଡେଭେଲପମେଣ୍ଟ ଫାଉଣ୍ଡେସନ୍, ତାଲଚେର ତରଫରୁ କଣିହାଁ ବ୍ଲକ କୁଲେଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଟରାପଡା ଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାରଙ୍କ ସହାୟତାରେ କୃଷି କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳ ତଥା ସମୟ ଉପଯୋଗୀ ଚାଷ କ୍ଷେତ୍ରରେ ତଥା ଶୁଖିଲା ତଥା ଗଡାଣିଆ ଏବଂ ଢିପ ଜମିରେ ଆବଶ୍ୟକତାକୁ ଭିତ୍ତି କରି ଯାନ୍ତ୍ରିକ ମାଧ୍ୟମରେ ବୁଣାଧାନ ଚାଷ ସହିତ ଶୀତଋତୁ ଭିତ୍ତିକ ଚାଷ ଉପରେ ଗ୍ରାମର ଅଗ୍ରଣୀ ଚାଷୀ ଭାଇମାନଙ୍କ ସହଭାଗୀତାରେ ଅନୁଷ୍ଠିତ ହୋଇଯାଇଛି । କୃଷି ଅଧିକାରୀ ଅବିନାଶ ନାହାକ, କୃଷି ଓଭରସିୟର ସୁନୀଲ ଶତପଥୀ, କୃଷି ଗ୍ରାମ ସେବକ ଅମ୍ରିତା ଗଡନାୟକ କାର୍ଯ୍ୟକ୍ରମ ଯୋଗଦାନ କରିବା ସହ ବିହନ, ଶ୍ରମିକ ସମସ୍ୟା, ସ୍ୱଳ୍ପଖର୍ଚ୍ଚ ସାଙ୍ଗକୁ ଅଧିକ ଅମଳକ୍ଷମ ଉପରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ବୁଦ୍ଧଦେବ ଦାସ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ପରିଚୟ ପ୍ରଦାନ ଏବଂ କାର୍ଯ୍ୟକ୍ରମର ସଫଳ ରୂପାୟନ ଏବଂ ସଠିକ୍ ଭାବେ ପରିଚାଳନା କରିବା ଦାୟିତ୍ୱ ସାମାଜିକ ଅନୁଷ୍ଠାନ ସହିତ କୃଷି ବିଭାଗର ଦାୟିତ୍ୱ ରହିଛି ବୋଲି ଚାଷୀଙ୍କୁ ବୁଝାଇଥିଲେ ।

## ଏଡ଼ସ୍ ସଚେତନତା ନେଇ ସ୍ୱେଚ୍ଛାସେବୀ ସଙ୍ଗଠନ ମେଡିକ୍ସ କାର୍ଯ୍ୟରତ

ଅନୁଗୁଳ, (ସବ୍ୟୁ): ଶିଳ୍ପ ସମୃଦ୍ଧ ଅନୁଗୁଳ ଜିଲ୍ଲାରେ ଏଚ୍‌ଆଇଭି ରୋଗୀଙ୍କ ସଂଖ୍ୟା ଅନୁଗୁଳ ଜିଲ୍ଲାରେ ବଢ଼ି ଚାଲିଛି । ଗତ ଏକ ବର୍ଷ ମଧ୍ୟରେ ନୂଆ ନୂଆ ଖଣିଖାଦାନ ପାଇଁ ଅନୁଗୁଳ ଜିଲ୍ଲାରେ ଜିଲ୍ଲା ତଥା ରାଜ୍ୟ ବାହାରୁ ଲୋକଙ୍କ ଆତଯାତ ବଢି ଯାଇଛ । ଏହି ସମୟ ମଧ୍ୟରେ ବିଶେଷ କରି ଠିକା ଶ୍ରମିକ, ଟ୍ରକ ଡ୍ରାଇଭର, ହେଲ୍ପରଙ୍କ ସଂଖ୍ୟା ବହୁ ଅଧିକ ଭାବରେ ବଢିଛି । ଏଥି ସହିତ ଅନୁଗୁଳ ଜିଲ୍ଲାରେ ଯୁବ ପିଢ଼ିଙ୍କ ମଧ୍ୟରେ ନିଶା ସେବନ, ବ୍ରାଉନ ସୁଗାର ସେବନ ପ୍ରକ୍ରିୟା ଅଧିକ ଦେଖିବାକୁ ମିଳୁଛି । କଲେଜ ମେସ, ହଷ୍ଟେଲ ଗୁଡିକରେ ଅସୁରକ୍ଷିତ ସମଲିଙ୍ଗି ଦୈହିକ କରବାର ମଧ ବାଢ଼ିଥିବା ଖବର ମିଳୁ । ରାଜ୍ୟ ବାହାରୁ ଆସୁଥିବା ଟ୍ରକ୍ ଚାଳକ ମାନେ ସ୍ତ୍ରୀ ପରିବାର ଛାଡ଼ି ଦୀର୍ଘ ଦିନ ବାହାରେ ରହୁଥିବାରୁ ଅସୁରକ୍ଷିତ ଯୌନ ସମ୍ପର୍କ ରଖିବାକୁ ମନ ବଳାଉଛନ୍ତି । ଏହା ଦ୍ୱାରା ଜିଲ୍ଲାରେ ଏଚଆଇଭି ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ସେହିଭଳି ଜିଲ୍ଲାରେ କିନ୍ନର ମାନେ ସଚେତନତା ତଥା ଆବଶ୍ୟକ ରୋଜଗାର ମାଧ୍ୟମ ନପାଇ ଅସୁରକ୍ଷିତ ଯୌନାଚାରେ ଲିପ୍ତ ରହୁଛନ୍ତି ଯଦ୍ୱାରା ସମାଜରେ ଏଚଆଇଭି ବ୍ୟାପିବାରେ ସହାୟକ ହେଉଛି ।

ସମାଜରେ ଏଚ୍‌ଆଇଭି ବ୍ୟାପିବାରେ ମେଡିକସ କିନ୍ନର ମାନଙ୍କ ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ପ୍ରତିଶୃତି ବଦ୍ଧ ବୋଲି ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅନୁଗୁଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦି ମେଡିକ୍ସର ନିର୍ଦ୍ଦେଶକ ତଥା ସମ୍ପାଦକ ଡ. ଦିଲ୍ଲୀପ କୁମାର ସାମଲ ପ୍ରକାଶ କରିଛନ୍ତି । ସେ କହିଛନ୍ତିଯେ ମେଡିକ୍ସ ବିଭିନ୍ନ ସମୟରେ କିନ୍ନର ମାନଙ୍କୁ ସମାଜର ମୁଖ୍ୟ ସ୍ରୋତ ରେ ସାମିଲ କରିବାପାଇଁ ସେମାନେ କିଭଳି ରୋଜଗାରକ୍ଷମ ହୋଇ ପରିବାର ପ୍ରତି ପୋଷଣ କରି ପାରିବେ ସେନେଇ ମୂଲ୍ୟବାନ ପରାମର୍ଶ ଦେଇଥିଲେ । ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ସେମାନଙ୍କୁ ଥଇଥାନ ପାଇଁ ଉଦ୍ୟମ କରାଯାଉଛି । ବର୍ତମାନ ସୁଦ୍ଧା ଅନୁଗୁଳ ବ୍ଲକ୍‌ରେ ୫୫୬ଜଣ, ବଅଁରପାଳ-୪୩୨ ଜଣ, ତାଳଚେର-୫୩୫ ଜଣ, ଛେଣ୍ଡିପଦା-୨୫୭ ଜଣ ଏଚ.ଆଇ.ଭି ପଜିଟିଭ୍ ରୋଗୀ ଚିହ୍ନଟ ହୋଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଦି ମେଡିକ୍ସ ଅନୁଷ୍ଠାନର କାଉନସିଲର ସଂଘମିତ୍ରା ରାଉତ ଓ ପ୍ରୋଗ୍ରାମ ମ୍ୟାନେଜେର ଇତିଶ୍ରୀ ଅପରାଜିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଅନୁଗୋଳ ଯୁବ ଉତ୍ସବ ଆୟୋଜିତ, ବିକଶିତ ଭାରତ ପାଇଁ ଆହ୍ୱାନ

ଅନୁଗୋଳ, (ସବ୍ୟୁ): ଅନୁଗୋଳ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅନୁଗୋଳରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ୨୦୨୫ ଆୟୋଜିତ ହୋଇଯାଇଛି । ପ୍ରଥମ ଦିବସର ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅନୁଗୋଳ ଜିଲ୍ଲାପାଳ ଅବ୍ଦାଲ୍ ଏମ ଅଖତର, ସମ୍ମାନିତ ଅତିଥି ଭାବରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଡଃ ନୀଳାଚଳ ପଟେଲ ଯୋଗ ଦାନ କରି ଯୁବଶକ୍ତିକୁ ରାଷ୍ଟ୍ର ଶକ୍ତି ବୋଲି ସମ୍ବୋଧିତ କରିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ପ୍ରାଧାପିକା ସୁଜ୍ଞାନି ରଥ ଧନ୍ୟବାଦ୍ ଅର୍ପଣ କରିଥିଲେ । ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଅନୁଗୋଳର ସହକାରୀ ପ୍ରଫେସର ବନମାଳୀ




ବାଗ ମଞ୍ଚ ପରିଚାଳନା କରିଥିଲେ । ଉଦଘାଟନୀ ମହୋତ୍ସବରେ ଜିଲ୍ଲାପାଳ ମହୋଦୟ ଯୋଗଦାନ କରି ଶିକ୍ଷାର୍ଥୀଙ୍କୁ ନିଜ ଯୁବଶକ୍ତିକୁ ଚିହ୍ନିବା ସହିତ ଦେଶ ଗଠନରେ ଅଗ୍ରଣୀ ଭୂମିକା ନେବାକୁ ଉତ୍ସାହିତ କରିଥିଲେ । ସେହିପରି ସମ୍ମାନିତ ଅତିଥି ଡଃ ପଟେଲ ଶିକ୍ଷାର୍ଥୀ ଙ୍କୁ ବିକଶିତ ଓଡ଼ିଶା ତଥା ବିକଶିତ ଭାରତ ଗଠନରେ ଯୋଗଦାନ କରିବାକୁ ଆହ୍ୱାନ ରଖିଥିଲେ । ଅପରାହ୍ନରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରିତିମୟ ଯୋଗଦାନ କରି ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ଯୁବପିଢିଙ୍କ ମାଧ୍ୟମରେ ସଞ୍ଚାରିତ କରିବା ପାଇଁ ଆହ୍ୱାନ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତା ମଧ୍ୟରେ ଲୋକ ନୃତ୍ୟ, କବିତା ଲିଖନ, ଗଳ୍ପ ଲିଖନ, ବକ୍ତୃତା, ଚିତ୍ରକଳା, ଓ ବିଜ୍ଞାନମେଳା ମାଧ୍ୟମରେ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ ଯୋଗ ଦେଇଥିଲେ । ଲୋକନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ଆଠମଲ୍ଲିକ ବ୍ଲକରୁ ରାଧାକାନ୍ତ ମାଝୀ ଓ ତାଙ୍କ ସାଥୀ ରାଜ୍ୟ ସ୍ତରକୁ ମନୋନୀତ ହୋଇଥିବା ବେଳେ, କବିତା ଲିଖନରେ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅନୁଗୋଳର ଅନ୍ୱେଷା ତ୍ରିପାଠୀ, ବକ୍ତୃତା ପ୍ରତିଯୋଗୀତାରେ ସ୍ମୃତିଶ୍ମିତା ରାଉତ, ଗଳ୍ପ ଲିଖନରେ ଅନୁଗୋଳ ମହିଳା ମହାବିଦ୍ୟାଳୟର ପ୍ରିୟଙ୍କା ପ୍ରିୟଦର୍ଶିନୀ ରାଉତ, ଚିତ୍ରକଳାରେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ସୁଦିପ୍ତା ପ୍ରିୟଦର୍ଶିନୀ, ତଥା ବିଜ୍ଞାନ ମେଳାରେ ପ୍ରଜ୍ଞା ପ୍ରିୟଦର୍ଶିନୀ ଓ ପ୍ରିୟଙ୍କା ସାହୁ ରାଜ୍ୟକୁ ମନୋନୀତ ହୋଇଛନ୍ତି । ଅପରାହ୍ନରେ ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ଅର୍ଦ୍ଧସମ୍ପ୍ରସାରଣ କର୍ମଚାରୀଙ୍କୁ ନେଇ କୃଷି ବିଭାଗର କର୍ମଶାଳା

ଆଠମଲ୍ଲିକ, (ସବ୍ୟୁ): ଆଠମଲ୍ଲିକ ସହରରେ ଥିବା କୃଷି କାର୍ଯ୍ୟାଳୟ ପରିସରରେ ଅର୍ଦ୍ଧ ସମ୍ପ୍ରସାରଣ କର୍ମଚାରୀ ମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଆଠମଲ୍ଲିକ ଜିଲ୍ଲା କୃଷି ଅଧିକାରୀ ବିନୋଦ କୁମାର ଦଳେଇଙ୍କ ଅଧକ୍ଷତାରେ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଉମା ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବରେ ବରିଷ୍ଠ କୃଷି ବୈଜ୍ଞାନିକ ଡ଼ଃ ଦେବାଶିଷ ମିଶ୍ର, ବ୍ଲକ କୃଷି ଅଧିକାରୀ ଜଗନ୍ନାଥ ବାରିକ, କିଶୋରନଗର ବ୍ଲକ କୃଷି ଅଧିକାରୀ ଦେବି ପ୍ରସାଦ ପୃଷ୍ଟି, ପୂର୍ବତନ କୃଷି ଜିଲ୍ଲା ଅଧିକାରୀ ବିମ୍ବାଧର ସାହୁ ପ୍ରମୁଖ ଯୋଗଦେଇ ଉନ୍ନତ ଜ୍ଞାନ କୌଶଳରେ ଚାଷ କଲେ କମ ଜମିରୁ ମଧ ଅମଳ ହୋଇଥାଏ ଓ ଧାନ ଅମଳ ପରବର୍ତ୍ତୀ ଚାଷ ପାଇଁ ସରକାର ଗୁରୁତ୍ୱ ଦେଇ ମୁଗ ବିରି ଚାଷ ପାଇଁ ପ୍ରୋତ୍ସାହନ ଯୋଗେଇ ଦେବେ ବୋଲୀ ବକ୍ତବ୍ୟ ରଖିଥିଲେ । ଏହି କର୍ମଶାଳା ରେ ଓଭରସିୟର ତୀର୍ଥବାସୀ ସାମଲ, ବିଚିତ୍ରା ନନ୍ଦ ବାରିକ ପ୍ରମୁଖଙ୍କ ସମେତ ଉପଖଣ୍ଡର କୃଷି କର୍ମଚାରୀ ମାନେ ଯୋଗ ଦେଇଥିଲେ ।

## ବାଜିରାଉତ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଡାଇମଣ୍ଡ ହାରବର ଓ ଇନକମ ଟାକ୍ସ ଚେନାଇ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ତଥା ଦେଶର ସର୍ବକନିଷ୍ଠ ସହୀଦ ବାଜିରାଉତଙ୍କ ଜନ୍ମ ଶତବାର୍ଷିକ ଅବସରରେ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ଆସାମ ରାଇଫଲ ସଲଙ୍ଗକୁ ପରାସ୍ତ କରି ପ୍ରଥମ ଦଳ ଭାବରେ ଫାଇନାଲକୁ ପ୍ରବେଶ କରିଛି । ଜିଲ୍ଲା କ୍ରୀଡା ସଙ୍ଘ ଏବଂ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ଓ ଢେଙ୍କାନାଳ ଜିଲ୍ଲାପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ହେଉଛି । ଆଜି ଅନୁଷ୍ଠିତ ମ୍ୟାଚଆସାମ ରାଇଫଲ ସିଲଙ୍ଗ ଏବଂ କୋଲକୋତା ଡାଇମଣ୍ଡ ହାରବର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ଡାଇମଣ୍ଡ ହାରବର କୋଲକୋତା ୩-୧ ଗୋଲରେ ଆସାମ ରାଇଫଲ ସିଲଙ୍ଗକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି ।

ଏହି ମ୍ୟାଚରେ ପ୍ରଥମ ଗୋଲରେ ୩୩ ମିନିଟରେ ଡାଇମଣ୍ଡ ହାରବରର ମାଇକେଲ କୋର୍ଟାଜାର ଦେଇଥିବା ବେଳେ ଦ୍ୱିତୀୟ ଗୋଲ ଆଂଟୋନିଆନ ମୋୟାନୋ ଏବଂ ତୃତୀୟ ଗୋଲ ଜୁବି ଜଷ୍ଟିନ ଦେଇଥିବାବେଳେ ଖେଳର



୪୮ ମିନିଟରେ ଆସାମ ରାଇଫଲସର କରନ ଛତ୍ରୀ ତୃତୀୟ ଗୋଲ ଦେଇଥିଲେ । ଆଜିର ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଇଣ୍ଡିଆନ ପୋଟାସ ଲିମିଟେଡର ଜେନେରାଲ ମ୍ୟାନେଜର ବିକାଶ କୁମାର ଚୌଧୁରୀ, ନଓ୍ୱା କର୍ପୋରେଟ ପ୍ରାଇଭେଟ ଲିମିଟେଡର ରଜେଶକୁମାର ଘୋଷ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସଞ୍ଜୟ କୁମାର ମହାପାତ୍ର ଯୋଗଦେଇଥିଲେ ।

ଆଜିର ମ୍ୟାଚକୁ ରେଫରୀ ଭାବରେ ଶଶିକାନ୍ତ ଦାଶିଆ ,ପ୍ରଦୀପ୍ତ ନାୟକ, ଅରୁଣ ନାୟକ, ଆଶିର୍ବାଦ କାନୁନଗୋ ପ୍ରମୁଖ ପରିଚାଳନା କରିଥିବା ବେଳେ କମିଶନର ଭାବରେ ମାୟାଧର ସାହୁ ଯୋଗଦେଇଥିଲେ । ଆଜିର ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ଭାବରେ ଡାଇମଣ୍ଡ ହାରବର କ୍ୟାପଟେନ ଗରିରି ଖୋସଲାଙ୍କୁ ଭୁବନେଶ୍ୱର ନଓ୍ୱା ଇମେଜ ଟେକେନ କେୟାର ତରଫରୁ ସଂସ୍ଥାର ଅଧକ୍ଷ ୩ହଜାର୫ଶହ ଟଙ୍କା ପ୍ରଦାନ କରିଥିଲେ । ଏହି ମ୍ୟାଚରେ କ୍ରୀଡା ସମ୍ପାଦକ ନଳିନୀକୁମାର ଦାସ, ଉପସଭାପତି ସଞ୍ଜୟ କୁମାରଭଞ୍ଜ, ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର, ଗୌରାଙ୍ଗ ସେଠୀ, ମନୋଜ ପଟ୍ଟନାୟକ, ପ୍ରତାପ ମହାନ୍ତି, ବାବୁ ପାଢୀ, ସୁନିଲ ପଣ୍ଡାଙ୍କ ସହିତ ଅନ୍ୟମାନେ ସହଯୋଗ କରିଥିଲେ । ଘୋଷଣ ଭାବରେ ପର୍ଶୁରାମ ମିଶ୍ର, ପ୍ରେମାନନ୍ଦ ମହାନ୍ତି, ଆଡଭୋକେଟ ସରୋଜ କୁମାରପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆସନ୍ତା ରବିବାର ଦିନ ଫାଇନାଲ ମ୍ୟାଚ ଇନକମ ଟାକ୍ସ ଚେନାଇ ଏବଂ କୋଲକୋତାର ଡାଇମଣ୍ଡ ହାରବର ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ରୀଡା ସମ୍ପାଦକ ନଳିନୀ କୁମାର ଦାସ ଜଣାଇଛନ୍ତି ।

## ପରଜଙ୍ଗ ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ଉତ୍ସବ

ପରଜଙ୍ଗ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବରିଷ୍ଠ ନାଗରିକ ପରିଷଦ ପରଜଙ୍ଗର ୧୭ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଉପେନ୍ଦ୍ର ନାଥ ପରିଡା ଯୋଗଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ପ୍ରଫେସର ମେଜର ସୁବ୍ରତ କୁମାର ଦାସ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ସଂଘର ନିର୍ମାତା ଭ୍ରମର ବର ବିଶ୍ୱାଳ ଉପଦେଷ୍ଟା ରମେଶ ଚନ୍ଦ୍ର ସାହୁ, ସଂପାଦକ ଅକ୍ଷୟ କୁମାର ସାହୁ ଏବଂ ବର୍ତ୍ତମାନ ସଂଘର ସଭାପତି ପ୍ରାକ୍ତନ ପ୍ରିନସପାଲ ପ୍ରଫେସର ସନାତନ ସାମଲ ଯୋଗଦାନ କରିଥିଲେ । ସମସ୍ତ ଅତିଥି ବୃନ୍ଦ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପ ଧୂପ ଦେଇ ଅନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ପ୍ରଥମେ ମଙ୍ଗଳ ସଂଗିତ ଗାନ କରାଯାଇଥିଲା ଏହା ପରେ ମୃତ୍ୟୁବରଣ କରିଥିବା ବରିଷ୍ଠ ସଭ୍ୟ ମାନଙ୍କ ଆତ୍ମାର ସଦଗତି ନିମନ୍ତେ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଅତିଥି ବୃନ୍ଦ ବରିଷ୍ଠ ନାଗରିକ ମାନଙ୍କର କର୍ତ୍ତବ୍ୟ ସମ୍ବନ୍ଧରେ ଆଲୋକପାତ କରାଇଥିଲେ । ଶେଷ ରେ ସଭାପତି ଧନ୍ୟବାଦ ଅର୍ପଣ କରି ସଭାକାର୍ଯ୍ୟ ଶେଷ ହୋଇଥିଲା ।

## ପାଲଲହଡାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ପାଲଲହଡା, (ସବ୍ୟୁ): ଆଜି ସ୍ଥାନୀୟ ମହତାବ ଉଚ୍ଚ ବିଦ୍ୟାଳୟ ପରିସରରେ ପାଲଲହଡା ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ଏକ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ପଂଚାୟତ ସମିତି ଅଧକ୍ଷା ରୀନାରାଣୀ ନାଏକ, ସମ୍ମାନିତ ଅତିଥି ରୂପେ ବରିଷ୍ଠ ସରକାରୀ ଓକିଲ ତଥା ବିଧାୟକଙ୍କ ପ୍ରତିନିଧି ଆଡ଼ଭୋକେଟ ତନ୍ମୟ କୁମାର ସାହୁ, ବରିଷ୍ଠ ବିଜେପି ନେତା ତଥା ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାଶ ଯୋଗଦେଇ ଶିବିରର ଉଦଘାଟନ କରିଥିଲେ । ଏହି ଶିବିରରେ ପାଲଲହଡା ବ୍ଲକର ବିଭିନ୍ନ ଅଞ୍ଚଳରୁ ମୋଟ ୪୯୬ଜଣ ପଞ୍ଜିକରଣ କରିଥିଲାବେଳେ ସେଥିମଧ୍ୟରୁ ୮ ଜଣ ବସ ପାସ ପାଇଁ, ୨ ଜଣ କୃତ୍ରିମ ଅଙ୍ଗ ପାଇଁ, ୨ ଜଣ ଦକ୍ଷତା ବିକାଶ ପାଇଁ, ଭିନ୍ନକ୍ଷମ ଭତ୍ତା ପାଇଁ ବତିଶ ଜଣଙ୍କୁ ଚିହ୍ନଟ କରାଯାଇଥିଲା । ଆଜିର ଏହି ଶିବିରରେ ଅନୁଗୁଳ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅସ୍ଥିଶଲ୍ୟ ବିଭାଗ ବିଶେଷଜ୍ଞ ଡାକ୍ତର ଦୁର୍ଲଭ ସାହୁ, ଶିଶୁବିଭାଗ ବିଶେଷଜ୍ଞ ଡ଼କଟର ସ୍ୱାତି ସାହୁ, କର୍ଣ୍ଣ ବାଧିତ ବିଶେଷଜ୍ଞ ଡ଼କଟର ପି କେ ମହାନ୍ତି, ଦୃଷ୍ଟି ବାଧିତ ବିଶେଷଜ୍ଞ ଡ଼କଟର ପରମେଶ୍ୱର ଜେନା, ମାନସିକ ବିକାରଗ୍ରସ୍ତ ବିଶେଷଜ୍ଞ ଡ଼କଟର ରଂଜିତା ଭଞ୍ଜଦେଓ, ମେଡ଼ିସିନ ସ୍ପେସିଆଲିଷ୍ଟ ଡ଼କଟର ଦିଲ୍ଲୀପ କୁମାର ଭୋଇ ପ୍ରମୁଖ ବିଭିନ୍ନ ବିଭାଗର ଭିନ୍ନକ୍ଷମ ବିକାର ଗ୍ରସ୍ତମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।

ଆଜିର ଏହି ଶିବିରକୁ ବ୍ଲକ ପ୍ରଶାସନର ସମସ୍ତ ସରକାରୀ କର୍ମଚାରୀ, ମହତାବ ଉଚ୍ଚ ବିଦ୍ୟାଳୟର ସମସ୍ତ କର୍ମଚାରୀ, ସ୍କୁଲର ସମସ୍ତ ସମର ଶିକ୍ଷାର୍ଥୀ ବାହିନୀର କ୍ୟାଡେଟ ବୃନ୍ଦ ସହଯୋଗ କରିଥିଲେ ।

# ଛାତ୍ରୀ ନିବାସ ଉଦ୍‌ଘାଟନ କଲେ ସାଂସଦ



କେନ୍ଦୁଝର ,(ଜିପ୍ର): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଶାଳପଡାସ୍ଥିତ କନକ ମଞ୍ଜରୀ ମହାବିଦ୍ୟାଳୟର ଏକ ନବ ନିର୍ମାଣ ଛାତ୍ରୀ ନିବାସକୁ ଉଦ୍ଘାଟନ କରିଛନ୍ତି କେନ୍ଦୁଝର ସାଂସଦ ଅନନ୍ତ ନାଏକ । ଉକ୍ତ ମହାବିଦ୍ୟାଳୟଟି ଆନନ୍ଦପୁରର ବହୁ ପୁରାତନ । ଏଠାରେ ଛାତ୍ରୀଙ୍କ ନିମନ୍ତେ ଏକ ଛାତ୍ରୀ ନିବାସ( ଓବିସୀ )ଆବଶ୍ୟକ ଥିଲା । ତେବେ ରାଜ୍ୟ ସରକାରଙ୍କ ମଞ୍ଜୁରପାଇଁ ଏକ ଶହ ବିଶିଷ୍ଟ ଛାତ୍ରୀ ନିବାସ ନିର୍ମାଣ ହେଇଥିଲା ।ଗୁରୁବାର ପୂର୍ବାହ୍ନରେ ସାଂସଦ କଲେଜକୁ ଆସି ଏହାକୁ ଉଦ୍ଘାଟନ କରିଥିଲେ । ଏହି ସମୟରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧ ସୁନା ଓ ମହାବିଦ୍ୟାଳୟ ଅଧକ୍ଷା ସୌଭାଗ୍ୟମୟୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବିଜେପି ନେତା ଆଲୋକ ସେଠୀ, ଡ଼ ଶମ୍ଭୁନାଥ ରାଉତ, ପୌରପାଳିକା ସଂସାଦ ପ୍ରତିନିଧି ରାମଚନ୍ଦ୍ର ସାହୁ, ହାଟଡିହି ବ୍ଲକ ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତ ସିଂହାରଙ୍କ ଶତାଧିକ ବିଜେପି କାର୍ଯକର୍ତ୍ତା ଉପସ୍ଥିତରହି ସାସଂଦଙ୍କୁ ସମ୍ବର୍ଦ୍ଧନା କରିଥିଲେ।

# ଗୃହ ନିର୍ମାଣ ଚୁକ୍ତି କରି ଠକୁଥିଲେ ଜେଲ ଗଲେ ଅଙ୍ଗନବାଡି କର୍ମୀ

ଠାକୁରମୁଣ୍ଡା,(ସବ୍ୟୁ) : ଠାକୁରମୁଣ୍ଡା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ କରାଇ ଦେବା ପାଇଁ ଚୁକ୍ତି କରି ଅର୍ଥ ନେବା ପରେ ଆଉ ଧରା ଛୁଆଁ ଦେଉନଥିଲେ । ହିତାଧିକାରୀ ଥାନାରେ ପୂର୍ବରୁ ଦେଇଥିବା ଏତଲା ଆଧାରରେ ଠକ ଅଙ୍ଗନବାଡି କର୍ମୀଙ୍କୁ ପୁଲିସ ବାନ୍ଧି କୋର୍ଟ ଚାଲାଣ କରିଛି । ଏ ସମ୍ପର୍କରେ ଠାକୁରମୁଣ୍ଡା ଥାନାରେ କେଶ ନଂ ୩ /୨୫ ରେ ମୋକଦ୍ଦମା ରୁଜୁ ହୋଇ ଅନୁସନ୍ଧାନ ଜାରି ରହିଥିଲା ।ଠାକୁରମୁଣ୍ଡା ବ୍ଲକ ଦିଗଧର ପଞ୍ଚାୟତ ଖୁଣ୍ଟାପୋଷି ଗ୍ରାମର ସୁମି ଗାଗରାଇ ପ୍ରଧାନମନ୍ତ୍ରୀ ଆବାସ ପାଇଁ କାର୍ଯ୍ୟାଦେଶ ପାଇଥିଲେ। ସେ ଘର କାମ ଆରମ୍ଭ କରିପାରିନଥିବା ବେଳେ କରଞ୍ଜିଆ ଥାନା ଚାଞ୍ଚବଣୀ ଗ୍ରାମର ମଦନ ଲୋହାରଙ୍କ ସ୍ତ୍ରୀ ଲବଙ୍ଗଲତା ଲୋହାର(୪୬) ଏବଂ ପୁରୁଣାପାଣି ଗ୍ରାମର ଶଙ୍କର ନାଏକଙ୍କ ସାବିତ୍ରୀ ନାଏକ(୫୦) ୨୦୨୪ ଅଗଷ୍ଟ ୧୩ ତାରିଖରେ ଚୁକ୍ତିନାମା କରି ସୁମି ଗାଗରାଇ ପାଖରୁ ୪୦୦୦୦/- (ଚାଳିଶ ହାଜର ), ଟୁନି ମୁଣ୍ଡା ନିକଟରୁ ୩୮୦୦୦ ଏବଂ ବାହାଦୁର ହାଁସଦା ନିକଟରୁ ୯୦୦୦ ଟଙ୍କା ନେଇଥିଲେ । ୩୦ ଅଗଷ୍ଟ ୨୦୨୪ ସୁଦ୍ଧା କାର୍ଯ୍ୟ ଆରମ୍ଭ ନକଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇପାରିବେ ବୋଲି ଚୁକ୍ତିନାମାରେ ଉଲ୍ଲେଖ କରିଥିଲେ । ଅଗଷ୍ଟ ଯାଇ ଜାନୁଆରୀ ୨୦୨୫ ରେ କାମ ନହେବାରୁ ଠକାମୀର ଶିକାର ହୋଇଥିବା ଜାଣି ଜାନୁଆରୀ ୧୭ ତାରିଖରେ ଟୁନି ମୁଣ୍ଡା ଥାନାରେ ଏତଲା ଦାଏର କରିଥିଲେ । ଲବଙ୍ଗଲତା ଲୋହାର ଜଣେ ଅଙ୍ଗନବାଡି କର୍ମୀ । ସେ ଏବଂ ସାବିତ୍ରୀ ଠାକୁରମୁଣ୍ଡା ସମେତ ଶୁକୁଳି, ରରୁଆଁ ଆଦି ଅନ୍ୟାନ୍ୟ ବ୍ଲକରେ ନିରାଶ୍ରୟମାନଙ୍କ ଘର ନିର୍ମାଣ କରିବାକୁ ଚୁକ୍ତି କରି ଅଗ୍ରିମ ଅର୍ଥ ଠକି ନେଇଥିବା ଜଣାପଡିଛି । ତେବେ କେବଳ ଟୁନି ମୁଣ୍ଡା ଥାନାରେ ଏତଲା ଦେଇଥିଲେ । ପୋଲିସ ମୋକଦ୍ଦମା ରୁଜୁ କରି ତଦନ୍ତ ଜାରି ରଖିଥିଲା । ଠକ ଜେଲ ଗଲା ସତ ମାତ୍ର ଟଙ୍କା କିପରି ଫେରି ପାଇବେ ସେ ଚିନ୍ତା ତାଙ୍କୁ ଘାରିଛି । ଅଙ୍ଗନବାଡି କର୍ମୀ ଲବଙ୍ଗଲତା ଜଣେ ପେସାଦାର ଠକ । ଅନେକ ଥାନା ଆସି ଅଭିଯୋଗ କରୁନଥିବାରୁ ସେମାନେ ଖସି ଯାଉଥିଲେ ୯ ନିରାଶ୍ରୟାଙ୍କୁ ଠକୁଥିବା ଏଭଳି ଲୋକଙ୍କୁ କଠୋର ସଜା ଦିଆଯାଉ ବୋଲି ସାଧାରଣରେ ଦାବି ହେଉଛି ।

# ଭଦ୍ରକ ନର୍ସିଂ କଲେଜ ଉଦ୍‌ଘାଟିତ



ଭଦ୍ରକ,(ସବ୍ୟୁ):ଭଦ୍ରକ ମୋଟେଲ ଛକ ସ୍ଥିତ କଳ୍ପନାଦେବୀ ବିଜ୍ଞାନ ଆବାସିକ ମହାବିଦ୍ୟାଳୟ ଓ ଶାରଦା କମଳା ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଉକ୍ତ ପରିସରରେ ଭଦ୍ରକ ନର୍ସିଂ କଲେଜର ଉଦ୍‌ଘାଟନ କରିଛନ୍ତି ଆଇନଜୀବି ତଥା ଅନୁଷ୍ଠାନର ପ୍ରାଣପ୍ରତିଷ୍ଠାତା ଡ.ମହେଶ ଚନ୍ଦ୍ର ରାୟ ଓ ମୁଖ୍ୟଅତିଥି ସମାଜ ସେବି ଅଜୟ ନାୟକ,ଭଦ୍ରକ ମହିଳା କଲେଜର ଅଧକ୍ଷ ଡ.ଅଭୟ ଦାସ,ଅନୁଷ୍ଠାନର ସହଯୋଗୀ ନିର୍ଦ୍ଦେଶକ ଆଦର୍ଶ ପାଣିଗ୍ରାହୀ ଏବଂ ପଣ୍ଡିତ ନାରାୟଣ ଚନ୍ଦ୍ର ପଣ୍ଡାଙ୍କ କରକମଳରେ ଉଦଘାଟିତ ହୋଇଯାଇଛି। ଶିକ୍ଷା ଓ ସେବା ବିଦ୍ୟାର୍ଥୀମାନଙ୍କୁ ଉଚ୍ଚ କୋଟୀର ମଣିଷ ଭାବରେ ଗଢିଥାଏ,ସେଥିପାଇଁ ସଦ୍‌ଗୁରୁଙ୍କ ଆଶ୍ରିତ ଓ ଗୁରୁଙ୍କ ଆଶୀର୍ବାଦ ଯେଉଁ ବିଦ୍ୟାର୍ଥୀକୁ ପ୍ରାପ୍ତ ହୋଇଥାଏ ସେ ସଂସାରର ଏକ ଶ୍ରେଷ୍ଠ ଉଦାହରଣ ହୋଇ ଉଭା ହୋଇଥାଏ। ଅନୁଷ୍ଠାନର ପ୍ରାଣପ୍ରତିଷ୍ଠା ଡ.ମହେଶ ଚନ୍ଦ୍ର ରାୟ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ସେମାନଙ୍କର ଅନୁଷ୍ଠାନ ପ୍ରତି ଓ ଅନ୍ତେବାସୀଙ୍କ ପ୍ରତି ଦାୟିତ୍ୱ ବୋଧକ ପାଇଁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଇଂ.ମାହେଶ୍ୱରୀ ରାୟ ମଂଚାସୀନ ଅତିଥି ଓ ଉପସ୍ଥିତ ସାମ୍ବାଦିକ ଏବଂ ଉପସ୍ଥିତ ବନ୍ଧୁ ଅଭିଭାବକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ଅଧକ୍ଷ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ ଓଡ଼ିଆ ବିଭାଗର ଶତ୍ରୁଘ୍ନ ପତି ସଭା ସାଙ୍ଗ କରିଥିଲେ।

# ଉପଜିଲ୍ଲାପାଳଙ୍କ ଚଢ଼ାଉ ପରେ ପଥର ନିଲାମ ଜାରି

ସୋର,(ସବ୍ୟୁ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ଖଞ୍ଜାମହାଲ ପଥର ଖାଦାନକୁ ବାଲେଶ୍ୱର ଉପ ଜିଲ୍ଲାପାଳ ଶିଭ ମାଲଭିୟେ ଅଚାନକ ଗସ୍ତ କରି ବେଆଇନ ଭାବେ ପାହାଡ ଫଟା ଯାଇ ଗଚ୍ଛିତ ରଖାଯାଇଥିବା ୪ ହଜାର କ୍ୟୁଭି ମିଟରରୁ ଅଧିକ ପଥର ଜବତ କରାଯାଇଥିବା ଜଣାପଡିଛି। ସୂଚନା ଅନୁସାରେ ବାଗୁଡି ପଥର ଖାଦାନ ଦୀର୍ଘ ୪ ବର୍ଷରୁ ଅଧିକ ଦିନ ଧରି ବନ୍ଦ ଥିବାବେଳେ ପ୍ରତିଦିନ ଅହରହ ପଥର ଲୁଟ ହେଉଛି। ପ୍ରଶାସନର ସମସ୍ତ ଉପାୟକୁ ନାକାମ କରି ମାଫିଆ ମାନେ କିଛି ଅସାଧୁ ଅଧିକାରୀଙ୍କୁ ହାତ କରି ଏହି ପଥର ଲୁଟ କରୁଥିବା ଅଭିଯୋଗ ହୋଇଛି। ଫଳରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ବେଳେ ମାଫିଆ ମାନେ ମାଲେମାଲ ହେଉଛନ୍ତି। ଏବାବାଦରେ ସ୍ଥାନୀୟ ଲୋକେ ଅଭିଯୋଗ କରିବା ପରେ ଗୁରୁବାର ପୂର୍ବାହ୍ଣରେ ବାଲେଶ୍ୱର ଉପ ଜିଲ୍ଲାପାଳ ଶିଭ ମାଲଭିୟେ , ସୋର ତହସିଲଦାର ଦୈତାରୀ ମଲ୍ଲିକ,ଖଣି ଓ ବନ ବିଭାଗର ଅଧିକାରୀଙ୍କ ସହ ଅଚାନକ ଗସ୍ତ କରିଥିଲେ। ଏହି ସମୟରେ ବିପୁଳ ମାତ୍ରାରେ ପଥର ଗଚ୍ଛିତ ଥିବା ଦେଖିବା ସହିତ ସ୍ଥିତି ଯାଞ୍ଚ କରି ଫେରିଥିଲେ। ପରେ ଉପଜିଲ୍ଲାପାଳ ଶ୍ରୀ ମାଲଭିୟେଙ୍କ ନିର୍ଦ୍ଦେଶରେ ସୋର ତହସିଲଦାର ଦୈତାରି ମଲ୍ଲିକ ଓ ବନ ବିଭାଗର ଅଧିକାରୀ ମାନେ ପହଞ୍ଚି ବନାଞ୍ଚଳରୁ ୨ ହଜାର କ୍ୟୁଭି ମିଟର ଏବଂ ୫୬ ନମ୍ବର କ୍ୱାରିରୁ ୬ ଶହ ଓ ୯୧ କ୍ୱାରୀ ନିକଟ ବାହାର ଅଞ୍ଚଳରୁ ୧୪ଶହ କ୍ୟୁଭି ମିଟର ପଥର ଜବତ କରି ନିଲାମ ପାଇଁ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।ସନ୍ଧ୍ୟାରେ ୫୬ ନମ୍ବର କ୍ୱାରୀ ସମେତ ବାହାରେ ଗଚ୍ଛିତ ଥିବା ୨ ହଜାର କ୍ୟୁଭି ମିଟର ପଥରକୁ ୧ ଲକ୍ଷ ୧୮ ହଜାର ୪୭୮ଟଙ୍କାରେ ନିଲାମ ଦିଆଯାଇଥିବା ବେଳେ ବାକି ପଥରକୁ ଆଗାମୀ ଦିନରେ ନିଲାମ ଦିଆଯିବ ବୋଲି ଜଣାପଡିଛି।ତେବେ ଅନ୍ୟ ଗଚ୍ଛିତ ପଥରକୁ କୌଣସି ବ୍ୟକ୍ତି ନିଲାମ ନେବାକୁ ରାଜି ହେଉ ନ ଥିବା ଜଣା ପଡିଛି।

# ଓପିଏସସି ପରୀକ୍ଷାରେ ଆଶୁତୋଷଙ୍କ ସଫଳତା



ବାସୁଦେବପୁର,(ସବ୍ୟୁ): ସରକାରଙ୍କ ଅଧିନରେ ଥିବା ଓଡିଶା ପବ୍ଲିକ ସର୍ଭିସ କମିଶନ ପକ୍ଷରୁ ହୋଇ ଥିବା ପରୀକ୍ଷାରେ ବାସୁଦେବପୁର ବ୍ଲକର ଲୁଙ୍ଗା ପଞ୍ଚାୟତର ବଡକିଆରୀ ଗ୍ରାମର ଆଶୁତୋଷ ମଲିକ କୃତିତ୍ୱ ସହିତ ସଫଳତାର ଲାଭ କରି ବାସୁଦେବପୁର ପାଇଁ ଗୌରବ ଆଣି ଦେଇଛନ୍ତି । ଓଡ଼ିଶା ଲୋକ ସେବା ଆୟୋଗଙ୍କ ଚିଠି ନମ୍ବର ୮୧୩୧ ତା-୨୪ ନଭେମ୍ବର ୨୦୨୫ ରିଖରେ ପ୍ରକାଶିତ ଆସିଷ୍ଟାଣ୍ଟ କଞ୍ଜରଭେଟର ଅଫ ଫରେଷ୍ଟ (ଏସିଏଫ) ତାଲିକାରେ ୩୦ ତମ ତାଲିକାରେ ସ୍ଥାନ ପାଇଛନ୍ତି । ଆଶୁତୋଷ ମଲ୍ଲିକ ବଡକିଆରୀ ଗ୍ରାମର ଅବସରପ୍ରାପ୍ତ ହାବିଲଦାର ଅଭିମନ୍ୟୁ ମଲିକ ଓ ଚମ୍ପାବତୀ ମଲିକଙ୍କର ସାନ ପୁଅ । ଭଦ୍ରକ ଜିଲ୍ଲାର ଚାନ୍ଦିମାଳ ନବୋଦ୍ୱୟ ବିଦ୍ୟାଳୟରୁ ଯୁକ୍ତ ଦୁଇ ଶେଷ ପରେ ଭୁବନେଶ୍ୱର ଓୟୁଏଟିର ବିଏସସି ଓ ପରେ ପ୍ଲାଣ୍ଟ ସାଇନ୍ସରେ ଏମଏସି ପାସ କରିଥିଲେ । ନିଜର ନିଷ୍ଠାପର ଉଦ୍ୟମ ଓ ଦୃଢ ଇଛା ଶକ୍ତି ସଫଳତାର ପାଦ ଦେଶରେ ପହଞ୍ଚାଇ ଥାଏ । ଆଶୁତୋଷ ହେଉଛନ୍ତି ଲୁଙ୍ଗା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ସ୍ୱର୍ଗତଃ ବୃନ୍ଦାବନ ମଲିକଙ୍କ ନାତି ଅଟନ୍ତି । ଆଶୁତୋଷଙ୍କ ସଫଳତା ପାଇଁ ବାସୁଦେବପୁର ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି । ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି ।

## ଆନ୍ତଃଜିଲ୍ଲା ଡକାୟତି ଗ୍ୟାଙ୍ଗର ଫେରାର ଅଭିଯୁକ୍ତ ଗିରଫ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଠାରୁ ମାତ୍ର ୫୦୦ମିଟର ଦୂରରେ ୧୮ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଏକ ବଡ ଧରଣର ଡକାୟତ ଗ୍ୟାଙ୍ଗ ବୈଶିଙ୍ଗା ଅଞ୍ଚଳରେ ମାରଣାସ୍ତ୍ର ସହିତ ଏକ ବଡ ଧରଣର ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପୁଲିସ ମାଡି ବସିବା ସହିତ ୩ ଅନ୍ତଃଜିଲା ଡକାୟତଙ୍କୁ ଘଟଣା ସ୍ଥଳରୁ ପୁଲିସ ଗିରଫ କରିଥିବା ବେଳେ ଅନ୍ୟ ୩ଜଣ ଫେରାର ହୋଇଯାଇଥିଲେ। । ତେବେ ସେହି ଗ୍ୟାଙ୍ଗର ଅନ୍ୟ ଜଣେ ଫେରାର ଅଭିଯୁକ୍ତ ବାଲେଶ୍ୱର ଜିଲ୍ଲା ଖନ୍ତାପ ଅଞ୍ଚଳର ଚନ୍ଦନ ମଣ୍ଡଳ ଓରଫ ଚନ୍ଦୁକୁ ଗିରଫ କରି କୋର୍ଟ ଚାଲାଣ କରିଛି ବୈଶିଙ୍ଗା ପୁଲିସ ।

## ବାଇକ୍ ଧକ୍କାରେ ସାଇକେଲ ଆରୋହୀ ଗୁରୁତର : ରାସ୍ତାରୋକ

ସୋର, (ସବ୍ୟୁ): ସୋର ପୌର ପାଳିକା ଅନ୍ତର୍ଗତ ସୋର - ମାଣିପୁର ରାସ୍ତା ଲେଙ୍କା ଘର ଛକରେ ଶୁକ୍ରବାର ଅପରାହ୍ନରେ ବାଇକ ଧକ୍କା ଦେବାରୁ ସାଇକେଲ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଅପରାହ୍ନରେ ସିଙ୍ଗାଖୁଣ୍ଟା ଗ୍ରାମର ମଧୁ ସିଂ ଓ ପ୍ରତାପ ସିଂ ଓଡି ୦୧ ଏ ଜେଡ ୨୪୫୬ ନମ୍ବର ବିଶିଷ୍ଟ ଏକ ହିରୋ ସ୍ପ୍ଲେଣ୍ଡର ବାଇକରେ ସୋର ଅଭିମୁଖେ ଆସୁଥିବା ବେଳେ ବିପରିତ ଦିଗରୁ ନଟାପ ପଞ୍ଚାୟତର ସୁରେଶ ସେଠୀ (୩୯) ସୋର କଲେଜ ଛକରେ ଲଣ୍ଡ୍ରି ଦୋକାନରୁ ଘରକୁ ଫେରୁଥିବା ବେଳେ ଏହି ଛକ ନିକଟରେ ଦୁର୍ଘଟଣା ଘଟିଥିଲା। ଫଳରେ ସୁରେଶ ଗୁରୁତର ଆହତ ହୋଇଥିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ପଟେ ସ୍ଥାନୀୟ ଲୋକେ ଉକ୍ତ ଛକରେ ବାରମ୍ବାର ଦୁର୍ଘଟଣା ହେଉଥିବାରୁ ରାସ୍ତାକାମ ତୁରନ୍ତ ଶେଷ କରିବା ସହ ହମ୍ପ ଓ ସ୍ପିଡ଼ ବ୍ରେକର ନିର୍ମାଣ କରିବା ଦାବିରେ ରାସ୍ତା ରୋକ କରିବା ସହ ଦୁଇ ବାଇକ ଆରୋହୀଙ୍କୁ ଅଟକ ରଖିଥିଲେ। ଖବର ପାଇ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର, ସୋର ତହସିଲଦାର ଦୈତାରୀ ମଲ୍ଲିକ,ଅତିରିକ୍ତ ତହସିଲଦାର କୃଷ୍ଣ ମୋହନ ସିଂ ଓ ରାସ୍ତା ନିର୍ମାଣ କରୁଥିବା ଠିକା ସଂସ୍ଥାର କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଲୋକ ମାନଙ୍କୁ ବୁଝାସୁଝା କରିବା ସହ ଖୁବ ଶିଘ୍ର କାମ ଶେଷ କରିବା ପାଇଁ ପ୍ରତିଶୃତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ।

## ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ

ବେତନଟୀ,(ସବ୍ୟୁ):ମୟୂରଭଞ୍ଜ ଜିଲ୍ଲା ଅଧୀନ ବୈଶିଙ୍ଗା ମୁନିଲାଲ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବେତନଟୀ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଶଶୀଧର ସିଂ ଏହାକୁ ଉଦଘାଟନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଳବ କର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅପର୍ଣ୍ଣା ସାହୁ, ବ୍ଲକ ବିଜ୍ଞାନ ପରିଦର୍ଶକ କିଶୋର କୁମାର ଆଚାର୍ଯ୍ୟ, ବିଜ୍ଞାନ ମେଳାର ସାଂଗଠନିକ ସଂପାଦକ ଦେବେନ୍ଦ୍ର ମୁର୍ମୁ ଓ ଶିକ୍ଷକ ସଂଘର ସଭାପତି ସୁନୀଲ କୁମାର ବଡେ ମଞ୍ଚାସୀନ ରହି ମାର୍ଗଦର୍ଶନ କରିଥିଲେ । ପୂର୍ବତନ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଜଗନ୍ନାଥ ସାହୁଙ୍କ ନେତୃତ୍ୱରେ ଅନ୍ୟ ୪ ଜଣ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ମୂଲ୍ୟାୟନ କରାଯାଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଳବ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ , ମୁଖ୍ୟବକ୍ତା ଭାବେ ପ୍ରତିରକ୍ଷା ଓ ଗବେଷଣା ସଂସ୍ଥାର ବରିଷ୍ଠ ବୈଜ୍ଞାନିକ ଶୁଭାଶିଷ ମାର୍ଣ୍ଡି ,ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅପର୍ଣ୍ଣା ସାହୁ, ବ୍ଲକ ବିଜ୍ଞାନ ପର୍ଯ୍ୟବେକ୍ଷକ କିଶୋର କୁମାର ଆଚାର୍ଯ୍ୟ, ବିଜ୍ଞାନ ମେଳାର ସାଂଗଠନିକ ସଂପାଦକ ଦେବେନ୍ଦ୍ର ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ । ଏଥିରେ ମୋଟ ୧୦୫ଟି ପ୍ରକଳ୍ପ ସ୍ଥାନ ପାଇଥିବାବେଳେ ବିଭିନ୍ନ ବିଭାଗରୁ ୭ଟି ପ୍ରକଳ୍ପ ଜିଲ୍ଲାସ୍ତର ପାଇଁ ମନୋନୀତ ହୋଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା ।

## ଅବକାରୀ ଚଢ଼ାଉ ୪ ଗିରଫ

ସୋର, (ସବ୍ୟୁ): ସୋର ଅବକାରୀ ବିଭାଗ ତରଫରୁ ଶିଙ୍ଗାଖୁଣ୍ଟା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀମଦ ଜବତ କରିଥିବା ବେଳେ ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକଙ୍କ ନେତୃତ୍ୱରେ ଏକ ଟିମ ଶିମିଳିଖୋଲ ଗ୍ରାମରେ ଚଢ଼ାଉ କରି କାର୍ତ୍ତିକ ଭକ୍ତା ନିକଟରୁ ୫୫ ଲିଟର, ଜଟିଆ ଭକ୍ତା ନିକଟରୁ ୫୦ ଲିଟର, କୈଳାଶ ସିଂ ନିକଟରୁ ୩୫ ଲିଟର ଦେଶୀମଦ ଏବଂ ସରଳିଆ ଗ୍ରାମର ସବିତା ସିଂ ନିକଟରୁ ୫୦ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ବସନ୍ତ ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ, ମିନତୀ ପରିଡା ପ୍ରମୁଖ ସାମିଲ ହୋଇଥିଲେ।

## ଭଦ୍ରକରେ ସମବାୟ ବିଭାଗ ସଚିବ

ଭଦ୍ରକ,(ସବ୍ୟୁ): ବୁଧବାର ଦିନ ଭଦ୍ରକ ଜିଲ୍ଲାଗ୍ରସ୍ତରେ ଜିଲ୍ଲା ପ୍ରଭାରୀ ଓଡିଶା ସରକାରଙ୍କର ସମବାୟ ବିଭାଗ ସଚିବ ରାଜେଶ ପ୍ରଭାକର ପାଟିଲ ଆସି ପ୍ରଥମେ ଆରଏମସି ଅଫିସ୍ ପରିସରରେ ନିର୍ମିତ ହୋଇଥିବା ଖାସୀ ମାଂସ ଦୋକାନ ଗୃହ ଗୁଡ଼ିକୁ ବିଧାୟକ ସିତାଂଶୁ ସେଖର୍ ମହାପାତ୍ରଙ୍କ ଉପସ୍ଥିତିରେ ଉନ୍ମୋଚନ କରିଥିଲେ। ଏହା ପରେ ଆରଏମସିର ବିଭିନ୍ନ କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ଏହାପରେ ରାହାଞ୍ଚି ଓ ବରହମପୁର ପେକସକୁ ଗ୍ରସ୍ତ କରି ଧାନ ମଣ୍ଡି ବୁଲି ଦେଖିଥିଲେ। ପାକ୍ସର କାର୍ଯ୍ୟକଳାପରେ ବିଭିଧତା ଆଣିବା ସହିତ ଏହାକୁ ସାଧାରଣ ସେବା କେନ୍ଦ୍ରରେ ପରିଣତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ପିପିଏଲ ଇନଫ୍ରାର ନିର୍ମାଣର ପ୍ରଗତି ବିଷୟରେ ସମୀକ୍ଷା କରିଥିଲେ।

## ନ୍ୟାୟ ପାଇଁ ମହିଳା ଏସ୍‌ପିଙ୍କ ଦ୍ୱାରସ୍ଥ

ଆଗରପଡ଼ା,(ସବ୍ୟୁ):ନ୍ୟାୟ ନ ପାଇ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ଜଣେ ମହିଳା । ମହିଳା ଜଣଙ୍କ ଭଦ୍ରକ ଜିଲ୍ଲା ବନ୍ତ ଥାନା ସାହାରାଗଡ଼ିଆ ଗ୍ରାମର ସ୍ୱର୍ଗତ ଅଜୟ ଜେନାଙ୍କ ପତ୍ନୀ କୁନି ଜେନା । ସେ ଗତ ୨୦୧୮ମସିହାରେ ନିଜ ସୁନାଗହଣା ନିଜ ଗାଁର ଜନୈକ ବ୍ୟକ୍ତିଙ୍କ ନିକଟରେ ବନ୍ଧକ ରଖି ଏକଲକ୍ଷ ସୁଧ ଆକାରରେ ଆଣିଥିଲେ। ଗତ ୨୦୨୨ମସିହାରେ କୁନି ମୂଳ ଏବଂ ସୁଧ ଟଙ୍କା ଫେରାଇ ନିଜର ସୁନା ଗହଣା ମୁକୁଳାଇବାକୁ ଧାର ଦେଇଥିବା ଲୋକଙ୍କ ନିକଟକୁ ଯାଇଥିଲେ। କିନ୍ତୁ ସେ ଅଧିକ ଟଙ୍କା ଦାବୀ କରି କୁନୀଙ୍କୁ ତାଙ୍କ ସୁନାଗହଣା ଫେରାଇ ନଥିଲେ। ବିଧବା କୁନି ନିରାଶ ହୋଇ ବନ୍ତ ଥାନାରେ ନ୍ୟାୟ ପାଇଁ ବହୁବାର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ପୋଲିସ୍ କୌଣସି ପଦକ୍ଷେପ ନେଇ ନଥିଲା ବୋଲି ଅଭିଯୋଗ ହୋଇଛି। ଫଳରେ ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇ କୁନି ନ୍ୟାୟ ଭିକ୍ଷା କରିଥିବାର ଜଣାପଡ଼ିଛି।

## ଡାକ୍ତର ପୁଅ ଆଗରେ ବାପାଙ୍କ ମୃତ୍ୟୁ

ଆଗରପଡ଼ା,(ସବ୍ୟୁ): ଅସୁସ୍ଥ ବାପାଙ୍କୁ ଆଗରପଡ଼ା ମେଡିକାଲରେ କାର୍ଯ୍ୟରତ ତାଙ୍କ ଡାକ୍ତର ଚିକିତ୍ସା କରୁଥିବା ବେଳେ ପୁଅ। ଆଗରେ ବାପାଙ୍କ ମୃତ୍ୟୁ ଘଟିଛି । ହାଟଡିହି ବ୍ଲକର ମୌଦା ଗ୍ରାମର ତାଙ୍କ ବାପା ଗଂଗାଧର ରାଉତ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା ଓ ତାଙ୍କ ପୁଅ ଚିକିତ୍ସା କରୁଥିବାବେଳେ ବାପାଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ପୁଅ ସାମ୍ନାରେ ବାପାଙ୍କ ମୃତ୍ୟୁ ଘଟଣା ଅତ୍ୟନ୍ତ ହୃଦୟ ବିଦାରକ ଥିଲା।

## ବାଲି ମାଫିଆଙ୍କ ଆକ୍ରମଣରେ ଜଣେ ଗୁରୁତର

ବାଲେଶ୍ୱର, (ସବ୍ୟୁ): ବାଲି ମାଫିଆଙ୍କ ଦୌରାତ୍ମ୍ୟ, ବେଆଇନ ବାଲି ଉତ୍ତୋଳନର ପ୍ରତିବାଦ କରିବାରୁ ତାପସ ଜେନା ନାମକ ବ୍ୟକ୍ତିଙ୍କୁ ଗୋଡ଼ାଇ ଗୋଡ଼ାଇ ବାଲିମାଫିଆମାନେ ହାଣିଛନ୍ତି। ତାପସ ଗୁରୁତର ଆହତ ହୋଇ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଖବର ପାଇ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସମସ୍ତ ପ୍ରକାରର ସହାୟତା କରିବା ସହ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି। ବେଆଇନ ବାଲି ଉତ୍ତୋଳନ ବନ୍ଦ କରନ୍ତୁ ଓ ଘଟଣାରେ ସମ୍ପୃକ୍ତ ଅପରାଧିଙ୍କୁ ଗିରଫ୍ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଂସଦ ପ୍ରତାପ ଷଡ଼ଙ୍ଗୀ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ।

## ବାଲି ମାଫିଆଙ୍କ ଉପରେ ଚଢ଼ାଉ, ୨୮ ହାଇୱା ଜବତ

ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ପୋଲିସ ଜଳେଶ୍ୱର ତହସିଲ ଅଧୀନ ଅଞ୍ଚଳରେ ଅବୈଧ ବାଲି ଉତ୍ତୋଳନ ଓ ପରିବହନ ବିରୋଧରେ ବଡ଼ ଧରଣର ଚଢ଼ଉ । ଏହି ଚଢ଼ାଉରେ ନେତୃତ୍ୱ ନେଇଛନ୍ତି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ.ପି. ପ୍ରତ୍ୟୁଷ ଦିବାକର, ଉପ ଜିଲ୍ଲାପାଳ ଶିବ ମାଳବିୟ ଓ ଡି ଏସ ପି ସିଟି ମନିଷା ଶୌଗୁନ। ତହସିଲଦାର ଜଳେଶ୍ୱର ଶ୍ରୀ ସତ୍ୟଜିତ ମହାନ୍ତି ଓ ତାଙ୍କ ଦଳ ସହିତ ସ୍ଥାନୀୟ ଆରକ୍ଷୀ ନିରୀକ୍ଷକ ଉପସ୍ଥିତ ଥିଲେ। ଚଢ଼ଉ ସମୟରେ ଅନୁମତି ନ ଥାଇ ବାଲି ପରିବହନ କରୁଥିବା ୨୮ ଟି ହାଇୱାକୁ ଜବତ କରାଯାଇଛି । ଜିଲ୍ଲାପାଳ କହିଛନ୍ତି ଯେ, ଅବୈଧ ଖନନ ବିରୋଧରେ ଶୂନ୍ୟ ସହିଷ୍ଣୁତା ନୀତି ଗ୍ରହଣ କରାଯିବ ଓ ଆଗାମୀ ଦିନରେ ମଧ୍ୟ ଏପରି ରେଡ ଜାରି ରହିବ। ଅପରାଧୀମାନଙ୍କ ବିରୋଧରେ ଓ ଏମ ଏମ ସି ଓ ଅନ୍ୟାନ୍ୟ ନିୟମାବଳୀ ଅନୁସାରେ ଆଇନଗତ ପଦକ୍ଷେପ ନିଆଯିବ।

## ହତ୍ୟା ଘଟଣାର ଅଭିଯୁକ୍ତ କୋର୍ଟ ଚାଲାଣ



ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନରେ ବାଘୁଆ ଗ୍ରାମରେ ୨୦୧୮ ମସିହା ଘଟିଥିବା ହତ୍ୟା ଘଟଣାରେ ଫେରାର ଅଭିଯୁକ୍ତକୁ କୋର୍ଟ ଚାଲାଣ କଲା ବୈଶିଙ୍ଗା ପୁଲିସ । ପ୍ରାପ୍ତ ସୂଚନା ମୁତାବକ ଦୀର୍ଘ ୭ ବର୍ଷ ପୂର୍ବରୁ ମେ ମାସ ୧୮ ତାରିଖ ସନ୍ଧ୍ୟାରେ ରେ ବାଘୁଆ ଗ୍ରାମର ଚୁନୁରାମ ମହାନ୍ତଙ୍କ ସହିତ ହରିପୁର ଗ୍ରାମର ସଇଁତିରିଶ ମହାନ୍ତ ଏବଂ ବାଉରିବନ୍ଧୁ ମହାନ୍ତଙ୍କ ସହିତ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା । ଏହି ଝଗଡ଼ା ଏତେ ବଢିଯାଇଥିଲା କି ତାହା ହତ୍ୟାର ରୂପ ନେଇଥିଲା । ସଇଁତିରିଶ ଏବଂ ବାଉରୀବନ୍ଧୁ ଚୁନୁରାମଙ୍କୁ ହତ୍ୟା କରିଥିଲେ । ଏ ନେଇ ମୃତକ ଚୁନୁରାମର ବିଧବା ସ୍ତ୍ରୀ ସୁଭଦ୍ରା ମହାନ୍ତ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ଆଧାର କରି ୯୦/ ୨୦୧୮ର ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିଲା । କିନ୍ତୁ ଏହି ଘଟଣାରେ ଜଡିତ ଥିବା ଅଭିଯୁକ୍ତ ସଇଁତିରିଶ ମହାନ୍ତ ଫେରାର ହୋଇଯାଇଥିଲା । ସାତ ବର୍ଷ ପରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୈଶିଙ୍ଗା ଥାନାର ଏଏସଆଇ ସୁକାନ୍ତ କୁମାର ନାୟକ ଏବଂ ପ୍ରଦୀପ କୁମାର ଦେ ସଦଳବଳ ଚଢାଉ କରି ଫେରାର ଥିବା ଅଭିଯୁକ୍ତ ସଇଁତିରିଶ କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିବାର ଜଣାଯାଇଛି ।

## ଟେଣ୍ଟ ବାନ୍ଧୁଥିବା ଯୁବକଙ୍କ ମୃତ୍ୟୁ

ଆଗରପଡ଼ା,(ସବ୍ୟୁ): ବର୍ଦ୍ଧନା ପଞ୍ଚାୟତ ଅନ୍ତର୍ଗତ ହରିପୁର ଗ୍ରାମରେ ବାହାଘର ପାଇଁ ଭଦ୍ରକସ୍ଥିତ ସାବରଙ୍ଗ,ତୁରଣପଦା ଗ୍ରାମର ପ୍ରେମାନନ୍ଦ ଭୋଇ (୨୧)ଟେଣ୍ଟ ବାନ୍ଧିବାକୁ ଆସିଥିଲେ । ହଠାତ୍ ସେ ଅଚେତ ହୋଇ ପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ଆଗରପଡ଼ା ମେଡ଼ିକାଲରେ ଭର୍ତ୍ତିକରାଯାଇଥିଲା। ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ସନ୍ଦେହ ଘେରରେ ରହିଛି। ଏହି ସଂପର୍କରେ ଆଗରପଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ନଂ୧୫ରେ ରୁଜୁ ହୋଇଛି।

# ରଘୁନାଥ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ପ୍ରକଳ୍ପ ଜିଲ୍ଲାସ୍ତରକୁ ଉନ୍ନୀତ



ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ର ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ପ୍ରକଳ୍ପ ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ଅଂଶ ଗ୍ରହଣ ପାଇଁ ଯୋଗ୍ୟ ବିବେଚିତ ହୋଇଛି। ୱେଷ୍ଟ ମ୍ୟାନେଜମେଣ୍ଟ ଆଣ୍ଡ ଅଲ୍ଟାରନେଟିଭ ଟୁ ପ୍ଲାଷ୍ଟିକ ଉପ ବିଷୟବସ୍ତୁ ଉପରେ ଏହି ପ୍ରକଳ୍ପ କୁ ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନାଙ୍କ ମାର୍ଗ ଦର୍ଶନରେ ପ୍ରସ୍ତୁତ କରିଛନ୍ତି ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ହିମାଂଶୁ ସେନାପତି। ସାମ୍ପ୍ରତିକ ପରିସ୍ଥିତିରେ ପ୍ଲାଷ୍ଟିକ ବର୍ଜ୍ୟ ବସ୍ତୁର ସମ୍ବରଣ,ପୁନଃ ବ୍ୟବହାର କିପରି କରାଯିବ ତାହା ଏହି କାର୍ଯ୍ୟକ୍ଷମ ସାଧନ ରେ ଦର୍ଶାଯାଇଛି। ହିମାଂଶୁ ସେନାପତି ଙ୍କ ଏହି ପ୍ରକଳ୍ପଟି ମୁନିଲାଲ, ଉଚ୍ଚ ବିଦ୍ୟାଳୟ, ବୈସିଙ୍ଗା ଠାରେ ଅନୁଷ୍ଠିତ ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ଶ୍ରେଷ୍ଠ ପ୍ରକଳ୍ପ ଭାବରେ ଜିଲ୍ଲାସ୍ତରକୁ ଉନ୍ନୀତ ହୋଇ ପାରିଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମେତ ସମସ୍ତ ଶିକ୍ଷକ ହିମାଂଶୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶ ଥାଉକି ରଘୁନାଥ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ ପ୍ରକଳ୍ପ ଗୁଡିକ ଲଗାତାର ବହୁ ବର୍ଷ ଧରି ଜିଲ୍ଲା, ରାଜ୍ୟ ତଥା ଜାତୀୟସ୍ତରରେ ସଫଳତା ହାସଲ କରି ଆସୁଛି।


## ବାଂଲାଦେଶୀ ନାଗରିକ ଚିହ୍ନଟ ଅଭିଯାନ

ଧାମନଗର,(ସବ୍ୟୁ): ଭଦ୍ରକ ଜିଲ୍ଲା ଧାମନଗର ପୋଲିସ ତରଫରୁ ବିଗତ ଦୁଇ ତିନିଦିନ ଧରି ବିଭିନ୍ନ ସ୍ଥାନରେ ବାଂଲାଦେଶୀ ନାଗରିକ ଚିହ୍ନଟ ଅଭିଯାନ ଆରମ୍ଭ ହୋଇଛି। ଧାମନଗର ଏନଏସି ଅଧିନସ୍ଥ ହବିବନଗର, ଜଗତି, ମୁଲଣାସାହି, ବଜାରସାହି ଆଦି ଗ୍ରାମରେ ଧାମନଗର ପୋଲିସ ଦ୍ୱାରା ସନ୍ଦେହ ଭିତରକୁ ଆସୁଥବା ବ୍ୟକ୍ତି ଅଥବା ପରିବାର ସଦସ୍ୟଙ୍କ ଭୋଟ ପରିଚୟ ପତ୍ର, ଆଧାରକାର୍ଡ, ପାନକାର୍ଡ ଆଦି ଆବଶ୍ୟକ ପ୍ରମାଣପତ୍ର ଯାଂଚ କରାଯାଉଛି। ସନ୍ଦେହ ଘେରରେ ଥିବା କେତେଜଣ ବ୍ୟକ୍ତିଙ୍କୁ ଥାନାକୁ ଡାକି ପୋଲିସ ସେମାନଙ୍କୁ ପଚରା ଉଚରା କରୁଥିବା ଜଣାଯାଇଛି। ଖାନକାସରିଫର ପୀରବାବାଙ୍କ ଆଶ୍ରିତ ହୋଇ ଧର୍ମ ଭାବନା ସହ କିଛି ଲୋକ ବିଗତ କିଛିଦିନ ହେବ ଧାମନଗରରେ ରହୁଛନ୍ତି ବୋଲି ପୋଲିସ ଜାଣିବାକୁ ପାଇଛି। ଧାମନଗର ଥାନା ନିକଟସ୍ଥ ହବିବନଗର ଠାରେ ପଶ୍ଚିମବଙ୍ଗ ମୁରସିଦାବାଦ ଅଂଚଳର କେତେ ଜଣ ବ୍ୟକ୍ତି ବ୍ୟବସାୟ କରିବା ପାଇଁ ରହୁଥିବା ପୋଲିସ ଜାଣିବା ପରେ ସେମାନଙ୍କୁ ଥାନାକୁ ଡାକି ପଚରା ଉଚରା କରୁଛି। ତେବେ ଏପର୍ଯ୍ୟନ୍ତ କୌଣସି ବାଂଲାଦେଶ ନାଗରିକଙ୍କୁ ଚିହ୍ନଟ କରାଯାଇ ନଥିବା ଧାମନଗର ଥାନା ଆଇଆଇସି ରଞ୍ଜନ କୁମାର ସେଠୀ ସୂଚନା ଦେଇଛନ୍ତି।

# କ୍ଷେତରେ ଗଚ୍ଛିତ ଧାନଗଦାକୁ ନଷ୍ଟ କଲେ ହାତୀପଲ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ତଥା ରେଞ୍ଜ ଅଧୀନ ସଇତପୁର ଗ୍ରାମର ଦୁର୍ଗା କିସ୍ତୁ ନିଜର ଦୁଇମାଣ ଜମିରେ ଧାନଚାଷ କରିଥିଲେ । ଆଉ ଫସଲକୁ ବଣୁଆ ହାତୀପଲଙ୍କ ଦାଉରୁ ରକ୍ଷା ମଧ୍ୟ କରି ଆସୁଥିଲେ ଶେଷରେ ଧାନକାଟି କ୍ଷେତରେ ଗୋଟିଏ ଜାଗାରେ ଗଚ୍ଛିତକରି ରଖିଥିବା ବେଳେ ଗୁରୁବାର ଧାନପିଟ ମେସିନ ନଆସି ପାରିବାରୁ ଅମଳ ହୋଇପାରିନଥିଲା । ବଡାମପୁର ସଂରକ୍ଷିତ ଜଙ୍ଗଲରେ ଥିବା ୨୨ଟିକିଆ ବଣୁଆ ହାତୀପଲ ଦୁର୍ଗା କିସ୍ତୁଙ୍କ କ୍ଷେତରେ ଗଚ୍ଛିତ ହୋଇ ଗୋଟିଏ ସ୍ଥାନରେ ରଖାଯାଇଥିବା ଧାନଗଦାକୁ ନଷ୍ଟ କରିପକାଇଥିଲେ । ଶୁକ୍ରବାର ସକାଳ ସମୟରେ କ୍ଷେତରେ ପହଞ୍ଚି ଏହା ଦେଖି ସେ ଭାଙ୍ଗି ପଡିଥିଲେ । ଏନେଇ ନିରୂପାୟ ଦୁର୍ଗା କିସ୍ତୁ ପୂର୍ବତନ ସରପଞ୍ଚ ରବୀନ୍ଦ୍ର କିସ୍ତୁଙ୍କୁ ନିଜର ଅସହାୟତା ଜଣାଇବା ସହିତ ବିଚଳିତ ହୋଇପଡିଥିଲେ । ରବୀନ୍ଦ୍ର କିନ୍ତୁ ସଙ୍ଗେସଙ୍ଗେ ବେତନଟୀ ରେଞ୍ଜ ଦାୟିତ୍ୱ ରେ ଥିବା ଡେପୁଟି ରେଞ୍ଜର ଧୃବେନ୍ଦ୍ରନାଥ ନାୟକ, ବଡାମପୁର ବନପାଳ ଦୀପକ ପାତ୍ର ପ୍ରମୁଖଙ୍କୁ ଜଣାଇବାପରେ ବନବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧାନ ପୂର୍ବକ କ୍ଷୟକ୍ଷତିର ଆକଳନ କରିଥିଲେ । କ୍ଷୟକ୍ଷତିର ପରିମାଣ ଅନୁଯାୟୀ ସରକାରଙ୍କ ଦାରା ଧାର୍ଯ୍ୟ କ୍ଷତପୂରଣ ରାଶି ଦୁର୍ଗା କିନ୍ତୁଙ୍କୁ ମିଳିବ ବୋଲି ଡେପୁଟି ରେଞ୍ଜର ଧୃବେନ୍ଦ୍ରନାଥ ନାୟକ ସୂଚନା ଦେଇଛନ୍ତି ।

# ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ




କରଞ୍ଜିଆ ,(ସବ୍ୟୁ):ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆବ୍ଲକ ଅନ୍ତର୍ଗତ କାଦଡ଼ିହା ସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ଶୁକ୍ରବାର ଦିନି ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଧ୍ୟାଳୟର ଅଧକ୍ଷା ଡ଼ ଜ୍ୟୋର୍ତିମୟୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପାଞ୍ଚପୀଡ଼ ଉପଜିଲ୍ଲାପାଳ ତଥା ରଘୁନାଥ ଉଚ୍ଚ ମାଧ୍ୟମିକ ପରିଚାଳନା କମିଟି ସଭାପତି କସ୍ତୁରୀ ପଣ୍ଡା ମୁଖ୍ୟ ଅତିଥି , ଶୁକୁଳି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ବିରଞ୍ଚି ନାରାୟଣ ମହାନ୍ତ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ କରଞ୍ଜିଆ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମିଶ୍ର ଯୋଗଦାନ କରି ଉଦବୋଧନ ଦେଇଥିଲେ। ବିଭିନ୍ନ ସାଂସ୍କୃତିକ ତଥା ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଅନୁଷ୍ଠାନ ର ଅଧାପିକା ମିତାରାଣୀ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳ ଅଧ୍ୟାପକ ଜନ୍ମେଜୟ ଶତପଥି, ତପନ କୁମାର ବେହେରା, ରଞ୍ଜନ କୁମାର ବେହେରା, ଭରତ ଚନ୍ଦ୍ର ମହାନ୍ତ ପ୍ରମୁଖ ଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପରିଶେଷରେ ଡ଼ ମନୋଜ କୁମାର ସାମଲ ଅନୁଷ୍ଠାନ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କବି ଡ.ଅଶୋକ ପୁହାଣଙ୍କୁ ଅରୁଣ ଚକ୍ରବର୍ତ୍ତୀ ଲାଲ ପାହାଡୀ ସମ୍ମାନ

ଆନନ୍ଦପୁର ,(ସବ୍ୟୁ): ଓଡ଼ିଆ କବିତା କ୍ଷେତ୍ରରେ ଯୁବ ପ୍ରେରଣାର ଉତ୍ସ କବି ଡ.ଅଶୋକ ପୁହାଣଙ୍କୁ ପଶ୍ଚିମବଙ୍ଗର ବିଶିଷ୍ଟ କବି ଓ ଦାର୍ଶନିକ ଅରୁଣ ଚକ୍ରବର୍ତ୍ତୀଙ୍କ ପ୍ରଥମ ଶ୍ରାଦ୍ଧ ଉତ୍ସବ ଓ ଇ ଜେଡ ସି ସି ଭାରତ ସରକାରଙ୍କ ସହଭାଗିତାରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଅରୁଣ ଚକ୍ରବର୍ତ୍ତୀ ଲାଲ ପାହାଡୀ ସମ୍ମାନ ପ୍ରଦାନ କରାଯାଇଛି । ପଶ୍ଚିମବଙ୍ଗ ସରକାର ଙ୍କର ପଶ୍ଚିମବଙ୍ଗ କବିତା ଆକାଡେମୀର ଅଧକ୍ଷ ବିଶିଷ୍ଟ କବି ପ୍ରଫେସର ସୁବୋଧ ସରକାର କବି ଡ.ଅଶୋକ ପୁହାଣ ଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି । କବି ଡ.ଅଶୋକ ପୁହାଣଙ୍କ ଓଡ଼ିଆ କବିତା ସଙ୍କଳନ ପ୍ରେମ ଓ ଭୋକ ର ବଂଗଳା ଅନୁବାଦ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଓଡ଼ିଶାର ଅନ୍ୟତମ ବିଶିଷ୍ଟ କବି ତଥା ଅନୁବାଦକ କବି ନିରଞ୍ଜନ ଜେନା ଏହି କବିତା ସଙ୍କଳନର ବଙ୍ଗଳା ଅନୁବାଦ କରିଛନ୍ତି । ଅରୁଣ ଉତ୍ସବ କମିଟିର ଅଧକ୍ଷ କବି ଅମିତ ରାୟ ଏବଂ ସଦସ୍ୟ କବି ଅନିକ ରୁଦ୍ର କବି ଡ. ଅଶୋକ ପୁହାଣ ଙ୍କୁ ଶୁଭେଚ୍ଛା ପ୍ରଦାନ କରିବା ସହ ଓଡ଼ିଶାର ବିଭିନ୍ନ ସାହିତ୍ୟ ସଂଗଠନ, କବି ଓ ଲେଖକ ତଥା ବିଶେଷ ଭାବେ ଆନନ୍ଦପୁର ଲେଖକ ସମବାୟ ସମିତିର କର୍ମକର୍ତ୍ତା ଡ. ରାମଚନ୍ଦ୍ର ନାୟକ , ବିଶିଷ୍ଟ ଶିଶୁ ସାହିତ୍ୟିକ ରତ୍ନାକର ଦାସ ,




ପ୍ରାବନ୍ଧିକ ରମାକାନ୍ତ ନାୟକ, କବି କୀର୍ତ୍ତନ ସାହୁ, କବି ପ୍ରଫୁଲ୍ଲ ଚକ୍ର, କବି ନିରଞ୍ଜନ ପତି ତଥା ଓଡିଶାର ଅନ୍ୟତମ ବିଶିଷ୍ଟ କବି ଗାଳ୍ପିକ ଔପନ୍ୟାସିକ ଡ. ଅଜୟ ସ୍ୱାଇଁ,ପକ୍ଷୀଘର ପ୍ରକାଶନୀର ସଂପାଦକ ବନୋଜ ତ୍ରିପାଠୀ ପ୍ରମୁଖ କବି ଡ.ଅଶୋକ ପୁହାଣ ଙ୍କୁ ସେମାନଙ୍କ ଶ୍ରଦ୍ଧା ଓ ଶୁଭେଚ୍ଛା ଜଣାଇଛନ୍ତି।କବି ଡ. ଅଶୋକ ପୁହାଣ ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି କବିତା ତାଙ୍କ ଜୀବନର ଅନ୍ୟତମ ପରିଚୟ ତଥା ଓଡିଆ ସାହିତ୍ୟରେ ନୂଆ ନୁଆ କରି ପାଦ ଥାପୁଥିବା ଯୁବପିଢି ମାନେ ଓଡିଆ ସାହିତ୍ୟର ସାମଗ୍ରିକ ବିକାଶ ପାଇଁ ପ୍ରତିଶୃତି ବଦ୍ଧ ହେବା ଦରକାର।

(ଶ୍ରୀମଦ୍ଭଗବଦ୍ ଗୀତା ୧/୨୪)

**ଅର୍ଜ୍ଜୁନ-ବିଷାଦଯୋଗଃ**

**ସଞ୍ଜୟ ଉବାଚ**

**ଏବମୁକ୍ତୋ ହୃଷିକେଶୋ ଗୁଡ଼ାକେଶନ ଭାରତ ।**
**ସେନୟୋରୁଭୟୋର୍ମଧ୍ୟେ ସ୍ଥାପୟିତ୍ୱା ରଥୋତ୍ତମମ୍ ।। ୨୪ ।।**

ହେ ଭାରତ ! ହୃଶୀକେଶଃ ଗୁଡ଼ଶକେଶେନ (ଗୁଡ଼ାକା-ନିଦ୍ରା, ତସ୍ୟାଇଶେନ, ଜିତନିଦ୍ରେଣ ଅର୍ଜ୍ଜୁନେନ) ଏବଂ ଉକ୍ତଃ (ସନ୍) ଉଭୟୋଃ ସେନୟୋଃ ମଧ୍ୟେ ଭୀଷ୍ମଦ୍ରୋଣପ୍ରମୁଖତଃ ସର୍ବୋଷାଂ ଚ ମହୀକ୍ଷିତାଂ (ରାଜ୍ଞାଂ) (ସମ୍ମୁଖେ) ରଥୋତ୍ତମଂ ସ୍ଥାପୟିତ୍ୱା 'ହେ ପାର୍ଥଃ ଏତାନ୍ ସମବେତାନ୍ (ଯୁଦ୍ଧାର୍ଥଂ ଏକସ୍ମିନ୍ ଏବ ରଣାଙ୍ଗନେ ମିଳିତାନ୍) କୁରୁନ୍ ପଶ୍ୟ' ଇତି ଉବାଚ ।। ୨୪ ।।

# ରାଷ୍ଟ୍ରପତି ଆସିଥିଲେ...

ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଓଡ଼ିଶା ବିଧାନସଭାକୁ ଆସିବା ଆମମାନଙ୍କ ପାଇଁ ଐତିହାସିକ ଘଟଣା । ଆଉ ତାଙ୍କ ପାଇଁ ଅତୀତର ସ୍ମୃତି ରୋମନ୍ଥନ, ଯାହାକୁ ଆଧାର କରି ଭାବାବେଗ ବକ୍ତୃତା ସେ ଦେଲେ । କହିଲେ 'ଜଗନ୍ନାଥଙ୍କ ଆଶୀର୍ବାଦ ନଥିଲେ, ମୁଁ ଏଇଠି ନଥାନ୍ତି' । ପ୍ରକୃତରେ ଶ୍ରୀମତୀ ମୁର୍ମୁ ଯିଏ ଓଡ଼ିଶା ବିଧାନସଭାରେ ଏଇ କଥା ପଦକ କହିଦେଲେ, ତାହା ଅଗଣିତ ଓଡ଼ିଆଙ୍କ ମନକୁ ଛୁଇଁଛି । ଏଥିରୁ ଜଣାପଡୁଛି, ତାଙ୍କର ଈଶ୍ୱରଙ୍କ ପ୍ରତି ଭକ୍ତିଭାବ ଓ ଓଡ଼ିଆମାନଙ୍କୁ ଭଲ ପାଇବା କଥା । ଏଇ ଗୃହରେ ସେ ବିଧାୟିକା ହୋଇ ଆସିବା ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ସେ ଜଣେ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ବହନ କରିଥିଲେ । ଏହି ବିଧାନସଭାରେ ସେ ମନ୍ତ୍ରୀ ଥାଇ ବିଧାୟକମାନଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଥିଲେ । କେତେ ମୁଲତବୀ ପ୍ରସ୍ତାବ, ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ଅତୀତରେ ଆସିଥିବ, ତାହାକୁ ସେ ସାମ୍ନା କରିଥିବେ । କେତେ କ'ଣ ଘଟିଥିବ ଅତୀତରେ । ସେ ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ଥିବାବେଳେ ଦିଲ୍ଲୀରେ ସମ୍ଭବତଃ ଗୋଟାଏ ସମ୍ମିଳନୀରେ ଯେଉଁ ବକ୍ତୃତା ଦେଇଥିଲେ, ତାହାକୁ ତାଙ୍କର ତତ୍କାଳୀନ ବ୍ୟକ୍ତିଗତ ସଚିବ ଓ ଏବର ରାଷ୍ଟ୍ରପତିଙ୍କ ଅତିରିକ୍ତ ଶାସନ ସଚିବ ବିଜୟ ନାୟକ ସମ୍ବାଦପତ୍ରରେ ପ୍ରକାଶନ ପାଇଁ ଏ ଲେଖକକୁ ଦେଇଥିଲେ । ଖୁବ୍ ଭଲ ବକ୍ତୃତା ସେ ସେତେବେଳେ ଦେଇଥିଲେ ବୋଲି ମନେ ପଡୁଛି ।

ଓଡ଼ିଶାର ବିଧାନସଭାକୁ ଭାରତର ମହାମହିମ ରାଷ୍ଟ୍ରପତି ଆସି ବିଧାୟକ, ପୂର୍ବତନ ବିଧାୟକ, ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମାନଙ୍କୁ ଉଦ୍‌ବୋଧନ ଦେବା ପ୍ରକୃତରେ ପ୍ରଥମ ଘଟଣା । ଓଡ଼ିଶା ଇତିହାସରେ ଏହା ଲେଖା ହୋଇ ରହିବ । ଅତୀତରେ ଓଡ଼ିଶା ଇତିହାସରେ ଏମିତି କେତେ କ'ଣ ଘଟିଛି । ତା' ମଧ୍ୟରୁ ଅନେକ କିଛି ଇତିହାସରେ ରହିଛି ଓ ଆଉ କେତେକ ଘଟଣା ଅବଶ୍ୟ ଇତିହାସରେ ନ ରହି ଅନ୍ଧକାର ଗର୍ଭରେ ଲୁଚି ରହିଛି । ସେ ସବୁ କଥାର ଦୃଷ୍ଟାନ୍ତ ଦେଉଛି ବା କିଏ ?

ସମୟ ବଦଳି ଗଲାଣି । ଆମେ ସବୁ ସୂଚନା ଓ ପ୍ରଯୁକ୍ତି ବିଦ୍ୟାରେ ଆଗକୁ ଯିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ଖସଡା ପ୍ରସ୍ତୁତ କରିଛନ୍ତି, ତାହା ଆମକୁ ହୁଏତ ୨୦୩୬ରେ ବିକଶିତ ଓଡ଼ିଶା ଏବଂ ୨୦୪୭ରେ ବିକଶିତ ଭାରତ ନିକଟକୁ ନେଇଯିବା ପାଇଁ ସୁବିଧା ହେବ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ଧନ୍ୟବାଦ ଯେ ସେ ଓଡ଼ିଶା ଉପରେ ତାଙ୍କର ଶୁଭ ଦୃଷ୍ଟି ନିବଦ୍ଧ କରି ଜଣେ ଓଡ଼ିଆ ଆଦିବାସୀ ମହିଳାଙ୍କୁ ପ୍ରଥମେ ପଡୋଶୀ ରାଜ୍ୟରେ ରାଜ୍ୟପାଳ ହେବାର ସୁଯୋଗ ଦେଇ ପରବର୍ତ୍ତୀ ଅବସ୍ଥାରେ ଭାରତର ପ୍ରଥମ ନାଗରିକ ହେବାର ସୁଯୋଗ ଦେଲେ । ସବୁଠାରୁ ପୁରାତନ ଦଳ କଂଗ୍ରେସ ଅଧିକାଂଶ ସମୟରେ ଓଡ଼ିଶାରୁ ବେଶୀ ଭୋଟ ପାଇ ନିଜର ହାତ ମୁଠାକୁ ଅତୀତରେ ଟାଣ କରି ଆସୁଥିଲା । ମାତ୍ର କୌଣସି ଓଡ଼ିଆଙ୍କୁ ପ୍ରାୟ ଉପରକୁ ଉଠିବାକୁ କଂଗ୍ରେସ ଦେଉ ନଥିଲା । ଅବଶ୍ୟ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ ମନ୍ତ୍ରୀ ଥିଲେ ପ୍ରଥମ ଓଡ଼ିଆ ହରେକୃଷ୍ଣ ମହତାବ । ମାତ୍ର ଅଳ୍ପ ସମୟ ପାଇଁ ସେ କେନ୍ଦ୍ରମନ୍ତ୍ରୀ ହେବାର ସୁଯୋଗ ପାଇଥିଲେ । ଯଦିଓ ଅବିଭକ୍ତ ବମ୍ବେରେ ସେ ପ୍ରଥମ ଓଡ଼ିଆ ଭାବେ ରାଜ୍ୟପାଳ ଥିଲେ, ତାହା ମଧ୍ୟ ଅଳ୍ପ ଦିନ ଲାଗି । ତାଙ୍କ ପରେ ଇନ୍ଦିରା ଗାନ୍ଧିଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ଜାନକୀ ବଲ୍ଲଭ ପଟ୍ଟନାୟକ ମଧ୍ୟ ଅଳ୍ପ ଦିନ ପାଇଁ କେନ୍ଦ୍ରରେ କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନନ୍ଦିନୀ ଶତପଥୀ, କାହ୍ନୁ ଚରଣ ଲେଙ୍କା, ରାମ ଚନ୍ଦ୍ର ରଥ, ଚିନ୍ତାମଣି ପାଣିଗ୍ରାହୀ, ଗିରିଧର ଗମାଁଙ୍ଗ, କାମାକ୍ଷା ପ୍ରସାଦ ସିଂହଦେଓ, ଶ୍ରୀକାନ୍ତ ଜେନା ଓ ଚନ୍ଦ୍ରଶେଖର ସାହୁ, ପ୍ରଭୃତି କଂଗ୍ରେସ ଅମଳରେ କ୍ୟାବିନେଟ ପାହ୍ୟାକୁ ଉଠି ପାରି ନଥିଲେ । ବରଂ କେନ୍ଦ୍ରରେ ଅଣ-କଂଗ୍ରେସ ସରକାରଙ୍କ ଅମଳରେ ବିଜୁ ପଟ୍ଟନାୟକ, ରବି ରାୟ, ନୀଳମଣି ରାଉତରାୟ ପ୍ରଭୃତି କ୍ୟାବିନେଟ ପାହ୍ୟାକୁ ଉଠିଥିଲେ । ସମରେନ୍ଦ୍ର କୁଣ୍ଡୁଙ୍କୁ ବୈଦେଶିକ ବ୍ୟାପାର ବିଭାଗରେ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ଦିଆ ଯାଇଥିଲା, ଯେତେବେଳେ ଅଟଳ ବିହାରୀ ବାଜପେୟୀ ବୈଦେଶିକ ବ୍ୟାପାର ବିଭାଗର କ୍ୟାବିନେଟ ମନ୍ତ୍ରୀ ଥିଲେ । ରବି ରାୟଙ୍କୁ ମଧ୍ୟ ଅଣ-କଂଗ୍ରେସ ସରକାରଙ୍କ ଅମଳରେ ପ୍ରଥମ ଲୋକସଭାର ବାଚସ୍ପତି ହେବାର (କ୍ୟାବିନେଟ ପାହ୍ୟାରେ) ସୁଯୋଗ ମିଳିଥିଲା ।

ସେ ଯାହା ହେଉ, ରାଷ୍ଟ୍ରପତି ଜାଣି ପାରିଥିବେ କି ନାହିଁ କେଜାଣି, ଶାସକ ବିଜେପି ଦଳ ସମେତ, ବିରୋଧୀ ବିଜୁ ଜନତା ଦଳ ବା କଂଗ୍ରେସ ଦଳ ମଧ୍ୟରେ ପ୍ରବଳ ଗୋଷ୍ଠୀ କନ୍ଦଳ ଥିବା ସତ୍ତ୍ୱେ ସେମାନେ ଓଡ଼ିଆ ରାଷ୍ଟ୍ରପତିଙ୍କୁ ଏକଜୁଟ ହୋଇ ସମ୍ମାନ ପ୍ରଦର୍ଶନ କରିଥିଲେ । ରାଷ୍ଟ୍ରପତି ମଧ୍ୟ ଜାଣି ନଥିବେ, କେତେକ ନିର୍ଦ୍ଦିଷ୍ଟ ଓଡ଼ିଆ ସମ୍ବାଦପତ୍ରର ସଂପାଦକ ବା ସଂପାଦିକାଙ୍କୁ ଓଡ଼ିଶା ବିଧାନସଭାକୁ ଡାକି ଆଣି ଦର୍ଶକ ଗ୍ୟାଲେରୀରେ ବସିବାର ସୁଯୋଗ ଦିଆ ଯାଇଥିଲା । ଆଉ ପ୍ରେସ ଗ୍ୟାଲେରୀରେ କେତେକ ନିର୍ଦ୍ଦିଷ୍ଟ ଅଫିସରଙ୍କୁ ସୁବିଧାରେ ବସିବାର ସୁଯୋଗ ମଧ୍ୟ ମିଳିଥିଲା । ଅନେକ ସରକାରୀ ପଦାଧିକାରୀଙ୍କୁ ସ୍ଥାନାଭାବ ଦର୍ଶାଇ ବିଧାନସଭା ଭିତରକୁ ପ୍ରବେଶ କରିବାର ସୁଯୋଗ ମଧ୍ୟ ମିଳି ନଥିଲା । ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀ ଏ ସବୁ ବିଷୟରେ କିଛି ନ ଜାଣିବା ବରଂ ଭଲ ହେବ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ପରିବା ଭିତରେ ପ୍ଲାଷ୍ଟିକ !



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

କିଛି ଦିନ ତଳେ ଇଟାଲୀ, ଚୀନ୍ ଏବଂ ଭାରତର ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିବା ଏକ ମିଳିତ ଅଧ୍ୟୟନରେ ଗାଜର, ପାଳଙ୍ଗ, ସାଲଡ ଏବଂ ଟମାଟୋ ଭଳି ପନିପରିବାର ଟିସୁରେ ମାଇକ୍ରୋପ୍ଲାଷ୍ଟିକ୍‌ର ଚିହ୍ନ ମିଳିଛି । ବୈଜ୍ଞାନିକଙ୍କ କହିବା ଅନୁଯାୟୀ ଏହି କଣିକାଗୁଡ଼ିକ ପାଣି, ଫସଫେଟ୍-ଆଧାରିତ ସାର ଏବଂ ପ୍ରଦୂଷିତ ମାଟି ମାଧ୍ୟମରେ ଉଦ୍ଭିଦରେ ପ୍ରବେଶ କରୁଛନ୍ତି । ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ସବୁଠି ପ୍ଲାଷ୍ଟିକ୍ ଅପଚୟ ଦେଖିବାକୁ ମିଳେ । ଅଜ୍ଞତା ଏବଂ ସଚେତନତାର ଅଭାବ ଯୋଗୁଁ ଉଦ୍ଭିଦ ମୂଳରେ ପହଞ୍ଚିଥିବା ଏହି ମାଇକ୍ରୋପ୍ଲାଷ୍ଟିକ୍ କଣିକାଗୁଡ଼ିକ ମୂଳ ଦ୍ୱାରା ଶୋଷିତ ହୁଏ ଏବଂ ପରେ ଜାଇଲେମ୍ ଏବଂ ଫ୍ଲୋଏମ୍ ମାଧ୍ୟମରେ ପତ୍ର ଏବଂ ଫଳ ପର୍ଯ୍ୟନ୍ତ ପହଞ୍ଚେ ।

ପନିପରିବାଗୁଡ଼ିକୁ ବହୁ ଦିନ ଧରି ମାନବ ପୁଷ୍ଟି ଶୃଙ୍ଖଳରେ ସବୁଠାରୁ ମୌଳିକ ଏବଂ ବିଶୁଦ୍ଧ ବୋଲି ବିବେଚନା କରାଯାଉଛି । କିନ୍ତୁ ସାମ୍ପ୍ରତିକ ଅଧ୍ୟୟନ ଏହି ଧାରଣାକୁ ଭାଙ୍ଗି ଦିଏ । ବର୍ତ୍ତମାନ ମାଇକ୍ରୋପ୍ଲାଷ୍ଟିକ୍ କଣିକାଗୁଡ଼ିକ ପନିପରିବା ଟିସୁରେ ମଧ୍ୟ ମିଳୁଛି । ପୂର୍ବରୁ ଏହି କଣିକାଗୁଡ଼ିକ ମାତୃ କ୍ଷୀର, ରକ୍ତ ଏବଂ ସାମୁଦ୍ରିକ ଖାଦ୍ୟରେ ମିଳୁଥିଲା । ଏହା ସ୍ପଷ୍ଟ ଯେ ପ୍ରଦୂଷଣ ପୃଥିବୀର ପ୍ରତ୍ୟେକ ସ୍ତର - ବାୟୁ, ପାଣି, ମାଟି ଏବଂ ଏବେ ଖାଦ୍ୟରେ ମଧ୍ୟ ପ୍ରବେଶ କରିଛି । ମାଇକ୍ରୋପ୍ଲାଷ୍ଟିକ୍ ଏତେ କ୍ଷୁଦ୍ର ଯେ ସେମାନେ ମାଟି, ଭୂତଳ ଜଳ, ବର୍ଷା ଏବଂ ଉଦ୍ଭିଦ ମୂଳରେ ପହଞ୍ଚି ପାରନ୍ତି ।

ଏହି ପରିସ୍ଥିତି ବିଶେଷ ଗମ୍ଭୀର କାରଣ ପୂର୍ବରୁ ମାଇକ୍ରୋପ୍ଲାଷ୍ଟିକ୍ ସାମୁଦ୍ରିକ ଏବଂ ଜଳଜୀବମାନଙ୍କ ମଧ୍ୟରେ ସୀମିତ ବୋଲି ଚିନ୍ତା କରାଯାଉଥିଲା । ୨୦୨୧ ମସିହାରେ ଅଷ୍ଟ୍ରିଆନ ବୈଜ୍ଞାନିକମାନେ ମଣିଷ ରକ୍ତରେ ସେମାନଙ୍କର ଉପସ୍ଥିତି ପ୍ରଦର୍ଶନ କରିଥିଲେ । ୨୦୨୨ ମସିହାରେ ଏଗୁଡ଼ିକ ମାତୃ କ୍ଷୀରରେ ମିଳିଲା ଏବଂ ୨୦୨୩ ମସିହାରେ ମିଳିତ ଜାତିସଂଘର ଏକ ରିପୋର୍ଟ ପ୍ରକାଶ କରିଥିଲା ଯେ ଜଣେ ବ୍ୟକ୍ତି ପ୍ରତି ସପ୍ତାହରେ ପ୍ରାୟ ପାଞ୍ଚ ଗ୍ରାମ ପ୍ଲାଷ୍ଟିକ୍ ସେବନ କରନ୍ତି ଯାହା ଏକ କ୍ରେଡିଟ୍ କାର୍ଡ ଆକାରର । ଏବେ ଏହା ପନିପରିବାରେ ମିଳୁଥିବାରୁ ଏହା ସ୍ପଷ୍ଟ ଯେ ପ୍ରଦୂଷଣ ଆମର ସମଗ୍ର ଖାଦ୍ୟ ଶୃଙ୍ଖଳରେ ବ୍ୟାପି ରହିଛି ।

ଭାରତରେ ସମସ୍ୟା ଆହୁରି ଗମ୍ଭୀର । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ କହିବା ଅନୁଯାୟୀ ପ୍ରତିବର୍ଷ ଭାରତରେ ପ୍ରାୟ ୪୧ ଲକ୍ଷ ଟନ୍ ପ୍ଲାଷ୍ଟିକ୍ ଅଳିଆ ସୃଷ୍ଟି ହୁଏ, ଯାହା ମଧ୍ୟରୁ ପ୍ରାୟ ୬୦ ପ୍ରତିଶତ ପୁନଃଚକ୍ରିତ ହୁଏ ନାହିଁ । ଏହି ଅଳିଆ ମାଟି ଏବଂ ଜଳ ଉତ୍ସରେ ଶେଷ ହୁଏ । ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ଏବଂ ବାରାଣସୀ ଆଖପାଖର କୃଷି କ୍ଷେତ୍ରର ମାଟି ଉପରେ କରାଯାଇଥିବା ଅଧ୍ୟୟନରୁ ଜଣାପଡିଛି ଯେ ମାଇକ୍ରୋପ୍ଲାଷ୍ଟିକ୍ ପ୍ରାୟ ୭୦ ପ୍ରତିଶତ ଚାଷ ଜମିରେ ଉପସ୍ଥିତ ଅଛି । ଭାରତର ଅନେକ ନଗର ନିଗମ ସିୱେଜ୍ କାଦୁଅକୁ ସାର ଭାବରେ କ୍ଷେତରେ ପ୍ରୟୋଗ କରନ୍ତି । ଯଦିଓ ଏହି କାଦୁଅ ପ୍ଲାଷ୍ଟିକ୍ ତନ୍ତୁରେ ପରିପୂର୍ଣ୍ଣ । ଏହି ସମାନ ତନ୍ତୁଗୁଡ଼ିକ ଉଦ୍‌ଭିଦ ମାଧ୍ୟମରେ ଆମର ଖାଦ୍ୟରେ ପ୍ରବେଶ କରନ୍ତି । ମାଇକ୍ରୋପ୍ଲାଷ୍ଟିକ୍ କଣିକା ଶରୀରରେ ପ୍ରବେଶ କରି ଚାପ, ହରମୋନ୍ ଅସନ୍ତୁଳନ ଏବଂ କୋଷୀୟ କ୍ଷତି ସୃଷ୍ଟି କରନ୍ତି । ଏହା କର୍କଟ, ହୃଦରୋଗ, ପ୍ରଜନନ କ୍ଷମତା ହ୍ରାସ ଏବଂ ସ୍ନାୟୁତନ୍ତ୍ର ଉପରେ ନକାରାତ୍ମକ ପ୍ରଭାବ ପକାଇବାର ଆଶଙ୍କା ବୃଦ୍ଧି କରେ ।

କିଛି ଅଧ୍ୟୟନରୁ ଜଣାପଡିଛି ଯେ ନାନୋପ୍ଲାଷ୍ଟିକ୍ କଣିକା ମସ୍ତିଷ୍କ ଏବଂ ଭ୍ରୁଣ ପର୍ଯ୍ୟନ୍ତ ପହଞ୍ଚିପାରେ, ଯାହା ଗର୍ଭବତୀ ମହିଳା ଏବଂ ପିଲାମାନଙ୍କ ଉପରେ ପ୍ରଭାବ ପକାଇଥାଏ । ମାଇକ୍ରୋପ୍ଲାଷ୍ଟିକ୍ ମାଟି ଗଠନକୁ ପରିବର୍ତ୍ତନ କରି ଜଳଧାରଣ କ୍ଷମତା ଏବଂ ଜୀବାଣୁ ସଂଖ୍ୟାକୁ ହ୍ରାସ କରେ । ଏହା ଫସଲର ଗୁଣବତ୍ତା ଏବଂ ଉତ୍ପାଦକତାକୁ ପ୍ରଭାବିତ କରି ଖାଦ୍ୟ ସୁରକ୍ଷାକୁ ବିପଦରେ ପକାଇଥାଏ ।

ଏହି ସଙ୍କଟର ସମାଧାନ ପାଇଁ ନୀତି, କୃଷି ଏବଂ ବ୍ୟକ୍ତିଗତ ସ୍ତରରେ କାର୍ଯ୍ୟ ଅତ୍ୟନ୍ତ ଜରୁରୀ । ସରକାର ଏକକ ବ୍ୟବହାର ପ୍ଲାଷ୍ଟିକ୍ ଉପରେ କଠୋର ନିଷେଧ ଲାଗୁ କରିବା ଉଚିତ । ପ୍ଲାଷ୍ଟିକ୍ ମିଶ୍ରିତ ସାର କିମ୍ବା କ୍ଷେତରେ ନର୍ଦ୍ଦମା କାଦୁଅ ପ୍ରୟୋଗ ନିଷେଧ କରାଯିବା ଉଚିତ । ଏହା ବ୍ୟତୀତ ମାଟି ଏବଂ ପାଣିରେ ମାଇକ୍ରୋପ୍ଲାଷ୍ଟିକ୍‌ର ନିୟମିତ ପରୀକ୍ଷା କରାଯିବା ଉଚିତ । ଚାଷୀମାନଙ୍କୁ ସ୍ୱଚ୍ଛ ପାଣିରେ ଜଳସେଚନ କରିବାକୁ ଏବଂ ପ୍ରାକୃତିକ ସାର ବ୍ୟବହାର କରିବାକୁ ଉତ୍ସାହିତ କରାଯିବା ଉଚିତ । ସରକାରୀ ଯୋଜନା ସହିତ ପ୍ଲାଷ୍ଟିକ୍ ମୁକ୍ତ କୃଷିକୁ ସମନ୍ୱିତ କରିବା ସମୟର ଆବଶ୍ୟକତା ।

ବ୍ୟକ୍ତିଗତ ସ୍ତରରେ ମଧ୍ୟ ପରିବର୍ତ୍ତନ ଆବଶ୍ୟକ । ଆମେ ବୋତଲ ପାଣି ଏବଂ ପ୍ଲାଷ୍ଟିକ୍ ପ୍ୟାକେଜ୍ ହୋଇଥିବା ଖାଦ୍ୟର ବ୍ୟବହାର ହ୍ରାସ କରିବା ଉଚିତ । ପନିପରିବାକୁ ବିକ୍ରି କରିବା ପୂର୍ବରୁ ଭଲ ଭାବରେ ଧୋଇବା ଏବଂ ସ୍ଥାନୀୟ ଜୈବିକ ଉତ୍ପାଦଗୁଡ଼ିକୁ ପ୍ରାଥମିକତା ଦେବା ଉଚିତତ । ମାଇକ୍ରୋପ୍ଲାଷ୍ଟିକ୍ କେବଳ ପ୍ରଦୂଷଣର ବିଷୟ ନୁହେଁ ଏହା ଜୀବନ ଏବଂ ସ୍ୱାସ୍ଥ୍ୟ ସୁରକ୍ଷାର ବିଷୟ ମଧ୍ୟ । ଯେତେବେଳେ ପ୍ଲାଷ୍ଟିକ୍ ଆମ କ୍ଷେତରେ ଚାଷ ହେଉଥିବା ଖାଦ୍ୟରେ ଦ୍ରବୀଭୂତ ହେବାକୁ ଆରମ୍ଭ କରେ ଏହା ସଙ୍କେତ ଦିଏ ଯେ ଆମକୁ ଆମର ବିକାଶ ଓ ଜୀବନଶୈଳୀର ଦିଗ ଉପରେ ପୁନର୍ବିଚାର କରିବାକୁ ପଡିବ । ବଞ୍ଚିବା ପାଇଁ ପରିବେଶକୁ ରକ୍ଷା କରିବା ଅତି ଆବଶ୍ୟକ । ଯଦି ପଦକ୍ଷେପ ନ ନିଆଯାଏ ତେବେ ଭବିଷ୍ୟତ ପିଢ଼ି କେବଳ ପୁସ୍ତକରେ ଶୁଦ୍ଧ ଭୋଜନ ଏବଂ ସଫା ମାଟି ବିଷୟରେ ପଢ଼ିବେ ।

**ନୟାଗଡ଼, ମୋ-୯୪୩୭୬୪୨୯୪୭**

# ଅଦ୍ୱିତୀୟ ସାମ୍ବାଦିକ ବରେନ୍ଦ୍ରକୃଷ୍ଣ ଧଳ



**ବିବେକାନନ୍ଦ ଜେନା**

ଉଚ୍ଚକୋଟୀର ନିଚ୍ଛକ ସାମ୍ବାଦିକତା ବୃତ୍ତି ନିର୍ବାହ କରି ଓଡ଼ିଶା ତଥା ଜାତୀୟସ୍ତରରେ ବେଶ୍ ସୁନାମ ହାସଲ କରିଥିବା ସାମ୍ବାଦିକଙ୍କ ମଧ୍ୟରେ ବରେନ୍ଦ୍ରକୃଷ୍ଣ ଧଳ ଅଗ୍ରଣୀ ଥିଲେ । କେବଳ ସାମ୍ବାଦିକତା ନୁହେଁ, ସଂଗଠନ, ଓଡ଼ିଆ ଭାଷା-ସାହିତ୍ୟ, ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ମଧ୍ୟ ତାଙ୍କର ବଳିଷ୍ଠ ଭୂମିକା ଅତୁଳନୀୟ । ଶେଷ ଜୀବନ ପର୍ଯ୍ୟନ୍ତ, ସତ୍ୟ, ନିରପେକ୍ଷ, ନିର୍ଭୀକ, ତଥ୍ୟଭିତ୍ତିକ ତଥା ଗଠନମୂଳକ ସାମ୍ବାଦିକତା କରିବାରେ ସେ କେବଳ ଯେ ସିଦ୍ଧହସ୍ତ ଥିଲେ ତା ନୁହେଁ, ଏସବୁ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସେ ସୃଷ୍ଟି କରିପାରିଥିଲେ । 'ତୁଳସୀ ଦୁଇ ପତ୍ରରୁ ବାସିଲା' ପରି ପିଲାଟି ଦିନରୁ ଜଣା ପଡିଥିଲା ବରେନ୍ଦ୍ରକୃଷ୍ଣ ଜଣେ ଯଶସ୍ୱୀ ତଥା ସଫଳ ବ୍ୟକ୍ତିତ୍ୱର ଅଧିକାରୀ ହେବେ, ସଫଳତାର ଶିଖର ଛୁଇଁବେ ।

ତାଙ୍କ ପିତା ସ୍ୱର୍ଗତ ସୁରେନ୍ଦ୍ରନାଥ ଶ୍ରୀଚନ୍ଦନ ଜ୍ୟୋତିଷ ଶାସ୍ତ୍ର ଆଧାରରେ ଏହି ଭବିଷ୍ୟବାଣୀ ଶୁଣାଇଥିଲେ । ପରବର୍ତ୍ତୀ ସମୟରେ ତାହା ସତ ହୋଇଥିଲା। ଜନ୍ମସ୍ଥାନ ବାଙ୍କୀ ଚର୍ଚ୍ଚିକା ପୀଠରୁ ବାଲ୍ୟକାଳ ଅତିବାହିତ କରି ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରୁ ମାଟ୍ରିକ ପାସ୍ କଲାପରେ ସାଇକେଲରେ କଟକ ଚାଲିଆସିଥିଲେ ସେ । କଟକରେ ରହି କଲେଜ ଶିକ୍ଷା ଆରମ୍ଭ କରିବା ପରେ ଦୈନିକ ସମ୍ବାଦପତ୍ର 'ମାତୃଭୂମି'ରେ 'ରିପୋର୍ଟର' ଭାବେ ବରେନ୍ଦ୍ରକୃଷ୍ଣ ସାମ୍ବାଦିକତା ଜୀବନ ଆରମ୍ଭ କରିଥିଲେ ୧୯୬୦ ମସିହାରେ । ତା'ପରେ ସେ ସାମ୍ବାଦିକତା କ୍ଷେତ୍ରରେ ବିଭିନ୍ନ ସମ୍ବାଦପତ୍ରରେ କାମ କରିବାର ସୁଯୋଗ ପାଇଥିଲେ ଏବଂ ଜୀବନର ଶେଷ ପର୍ଯ୍ୟନ୍ତ ଏହି ମହନୀୟ ପେଷାରେ ହିଁ ବ୍ରତୀ ରହିଥିଲେ ।

ଓଡ଼ିଶାର ପ୍ରାୟ ସମସ୍ତ ପ୍ରତିଷ୍ଠିତ ଦୈନିକ ସମ୍ବାଦପତ୍ରମାନଙ୍କରେ ନିୟମିତ ଭାବେ ତାଙ୍କ ଲିଖିତ ସ୍ତମ୍ଭ ପ୍ରକାଶ ପାଉଥିଲା । ଦୀର୍ଘ ଛଅ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଧରି ନିରନ୍ତର ଭାବେ ଲେଖନୀ ଚାଳନା ଜରିଆରେ ଓଡିଶାବାସୀଙ୍କୁ ସଚେତନ କରାଉଥିଲେ ସେ । ସବୁ ବିଷୟରେ ଏବଂ ସବୁ ବର୍ଗର ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସେ ଲେଖୁଥିଲେ । ବିଶେଷକରି ସମାଜର, ରାଜ୍ୟର ତଥା ଦେଶର ବୃହତ୍ତର ସ୍ୱାର୍ଥଜଡିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ ତାଙ୍କର ଲେଖନୀ ଚାଲିଥିଲା । ଅଧିକାଂଶ ସମୟରେ ବିଧାନସଭାରେ କିମ୍ବା ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ସଭା ସମିତିରେ ବିଧାୟକ, ମନ୍ତ୍ରିମାନେ ବରେନ୍ଦ୍ରକୃଷ୍ଣଙ୍କ ତଥ୍ୟ ସମ୍ବଳିତ ଅନୁସନ୍ଧାନମୂଳକ ରିପୋର୍ଟ ବା ଲେଖା ସମ୍ପର୍କରେ ଅବତାରଣା କରିଥିବାର ନଜିର ରହିଛି । ଏହା ବ୍ୟତୀତ ଓଡ଼ିଶାରେ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ତଥା ବିକାଶ ପାଇଁ ଲେଖକ ସାମୁଖ୍ୟ ଗଠନ କରି ଏହି ଅନୁଷ୍ଠାନ ଜରିଆରେ ପ୍ରଥମେ ବିଭିନ୍ନ ସ୍ଥାନରେ ସାହିତ୍ୟମେଳା ଆୟୋଜନ କରିଥିଲେ । ଅଶୀଦଶକରେ ଭୁବନେଶ୍ୱର ପୁସ୍ତକମେଳା ଆରମ୍ଭ କରି ଏହାର ପ୍ରତିଷ୍ଠାତା ମାନ୍ୟତା ପାଇଥିଲେ ସେ, ଯାହା ଆଜି ସମଗ୍ର ରାଜ୍ୟରେ ଏକ ବିରାଟ ଆନ୍ଦୋଳନରେ ପରିଣତ ହୋଇ ପାରିଛି ।

ତାଙ୍କ ଲେଖା ବା ଲେଖନୀର ପ୍ରଭାବ-ପ୍ରାସଙ୍ଗିକତା ଏବଂ ଗୁରୁତ୍ୱ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ରାଜନେତା, ବୁଦ୍ଧିଜୀବୀ ମହଲ, ସର୍ବୋପରି ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ତଥା ଶାସନ ବ୍ୟବସ୍ଥାକୁ ମଧ୍ୟ ପ୍ରଭାବିତ ହେଉଥିଲା । ତାଙ୍କର ପ୍ରଭାବ କେବଳ ଓଡ଼ିଶା ମାଟିରେ ସୀମିତ ରହିନଥିଲା ବରଂ ଜାତୀୟ ଓ ଆର୍ନ୍ତଜାତିକ ସ୍ତରକୁ ମଧ୍ୟ ପରିବ୍ୟାପ୍ତ ହୋଇଥିଲା । ନିଜର ସ୍ୱକୀୟ ପ୍ରତିଭା ଏବଂ ଦକ୍ଷତା ବଳରେ ସେ ଜାତୀୟ ସ୍ତରରେ ବି ପ୍ରତିଷ୍ଠିତ ହୋଇ ପାରିଥିଲେ ।

**୧୯୯୦ ମସିହାରେ ସର୍ବଭାରତୀୟ ସାମ୍ବାଦିକ ସଂଗଠନ (ନ୍ୟାସନାଲ ୟୁନିୟନ୍ ଅଫ ଜର୍ଣ୍ଣାଲିଷ୍ଟ)ର ସଭାପତି ନିର୍ବାଚିତ ହେବାରେ ବରେନ୍ଦ୍ରକୃଷ୍ଣ ଥିଲେ ପ୍ରଥମ ଓଡ଼ିଆ ସାମ୍ବାଦିକ । ତତ୍‌କଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସେତେବେଳେ ଏହି ଖବର ଉତ୍ତର ପ୍ରଦେଶର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ମୁଲାୟମ୍ ସିଂ ଯାଦବଙ୍କୁ ଜଣାଇବା ସହ ଗର୍ବ ଅନୁଭବ କରିଥିଲେ । ପଣ୍ଡିତ ଜବାହାରଲାଲ ନେହେରୁ, ଲାଲ ବାହାଦୂର ଶାସ୍ତ୍ରୀ, ଇନ୍ଦିରା ଗାନ୍ଧି, ମୋରାରଜୀ ଦେଶାଇଙ୍କ ଭଳି ଭାରତ ବର୍ଷର ସୁଯୋଗ୍ୟ ପ୍ରଧାନମନ୍ତ୍ରୀମାନଙ୍କର ଓଡ଼ିଶା ଆଗମନ ସମୟରେ ସମ୍ବାଦ ସଂଗ୍ରହ ନିମନ୍ତେ ବରେନ୍ଦ୍ରକୃଷ୍ଣ ସେମାନଙ୍କ ସଭାସମିତି ଓ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିବାର ଅନେକ ବିରଳ ଫଟୋଚିତ୍ର ଏବେବି ସୁରକ୍ଷିତ ରହିଛି, ଯାହାକି ତାଙ୍କର ସାମ୍ବାଦିକତା ପେଷା ପ୍ରତି ନିଷ୍ଠା ଓ ଅଧ୍ୟବସାୟକୁ ପ୍ରମାଣିତ କରୁଛି ।**

୧୯୯୦ ମସିହାରେ ସର୍ବଭାରତୀୟ ସାମ୍ବାଦିକ ସଂଗଠନ (ନ୍ୟାସନାଲ ୟୁନିୟନ୍ ଅଫ ଜର୍ଣ୍ଣାଲିଷ୍ଟ)ର ସଭାପତି ନିର୍ବାଚିତ ହେବାରେ ବରେନ୍ଦ୍ରକୃଷ୍ଣ ଥିଲେ ପ୍ରଥମ ଓଡ଼ିଆ ସାମ୍ବାଦିକ । ତତ୍‌କଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସେତେବେଳେ ଏହି ଖବର ଉତ୍ତର ପ୍ରଦେଶର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ମୁଲାୟମ୍ ସିଂ ଯାଦବଙ୍କୁ ଜଣାଇବା ସହ ଗର୍ବ ଅନୁଭବ କରିଥିଲେ । ପଣ୍ଡିତ ଜବହାରଲାଲ ନେହେରୁ, ଲାଲ ବାହାଦୂର ଶାସ୍ତ୍ରୀ, ଇନ୍ଦିରା ଗାନ୍ଧି, ମୋରାରଜୀ ଦେଶାଇଙ୍କ ଭଳି ଭାରତ ବର୍ଷର ସୁଯୋଗ୍ୟ ପ୍ରଧାନମନ୍ତ୍ରୀମାନଙ୍କର ଓଡ଼ିଶା ଆଗମନ ସମୟରେ ସମ୍ବାଦ ସଂଗ୍ରହ ନିମନ୍ତେ ବରେନ୍ଦ୍ରକୃଷ୍ଣ ସେମାନଙ୍କ ସଭାସମିତି ଓ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିବାର ଅନେକ ବିରଳ ଫଟୋଚିତ୍ର ଏବେବି ସୁରକ୍ଷିତ ରହିଛି, ଯାହାକି ତାଙ୍କର ସାମ୍ବାଦିକତା ପେଷା ପ୍ରତି ନିଷ୍ଠା



ଓ ଅଧ୍ୟବସାୟକୁ ପ୍ରମାଣିତ କରୁଛି । ଭଗବାନଙ୍କର ଆଶୀର୍ବାଦ ନମିଳିଲେ ମଣିଷ ଜୀବନ ତୁଚ୍ଛ ହୋଇପଡେ ହେଲେ ତାଙ୍କ ଉପରେ ଭଗବାନଙ୍କର ଅପାର କରୁଣା ଓ ଆଶୀର୍ବାଦ ରହିଥିଲା, ଯେଉଁଥିପାଇଁ ସେ ସଫଳତାର ଶିଖର ଛୁଇଁଥିଲେ । ବରେନ୍ଦ୍ରକୃଷ୍ଣ ଧଳଙ୍କ ସମଗ୍ର ଜୀବନକାଳ ଥିଲା ସାମ୍ବାଦିକତାରେ କଲମ ଚାଳନା। କେବଳ ଲେଖିବା, ଆଉ ପଢ଼ିବା, ଆଉ ତାରି ମାଧ୍ୟମରେ ବିଶୃଙ୍ଖଳିତ ସମାଜକୁ ସଜାଡିବା ଥିଲା ତାଙ୍କର କର୍ତ୍ତବ୍ୟ ।

ସବୁଦିନ ପାଇଁ ନିଜର ଲେଖନୀ ମାଧ୍ୟମରେ ହିଁ ବରେନ୍ଦ୍ରକୃଷ୍ଣ ଅମର ହୋଇ ରହିବେ । ତାଙ୍କର ସ୍ମୃତିପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଲେଖନୀର ଜୟଜୟକାର କରୁଅଛୁ ।

***(ବରେନ୍ଦ୍ରକୃଷ୍ଣ ଧଳଙ୍କ ସ୍ମୃତିରେ ଅନୁଷ୍ଠିତ ବକ୍ତୃତମାଳା ଉପଲକ୍ଷେ ।)***

**ବରିଷ୍ଠ ସାମ୍ବାଦିକ**
**ମୋ-୯୪୩୮୩୩୬୩୧୭**

# ଆନନ୍ଦମୟ ଜୀବନର ମନ୍ତ୍ର

**ବିଜୟଲକ୍ଷ୍ମୀ ଶତପଥୀ**

ଭଗବାନ ଶ୍ରୀସତ୍ୟସାଇ ବାବା କୁହନ୍ତି ତୁମ ପ୍ରତି ହୋଇଥିବା ଅପକାର ଓ ତୁମେ ଅନ୍ୟ ପାଇଁ କରିଥିବା ଉପକାରକୁ ଭୁଲିଯାଅ । ଭଗବାନଙ୍କ ଏହି ଦୁଇଧାଡ଼ି ଉପଦେଶ ଜଣେ ଅଧ୍ୟାତ୍ମ ପିପାସୁ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସାଧାରଣତଃ ଆମର ଭାବନା ଖୁବ ଭଲ ଥିଲେ ମଧ୍ୟ, ଆମର ଅନିଚ୍ଛା ସତ୍ତ୍ୱେ ବେଳେ ବେଳେ କିଛି ଲୋକଙ୍କ ସହ ଆମ ସମ୍ପର୍କରେ ତିକ୍ତତା ଆସିଯାଏ । ଏସବୁ କ୍ଷେତ୍ରରେ କ୍ୱଚିତ ସେମାନେ ବୁଝିବାରେ ସମର୍ଥ ଥାଆନ୍ତି ଏବଂ ଆମର କ୍ଷତି ପହଞ୍ଚାଇ ଥାଆନ୍ତି ।

ସାଧାରଣତଃ ଆମେ ଆମ ପ୍ରତି ହୋଇଥିବା ଅପକାରକୁ ଭୁଲି ପାରି ନଥାଉ । ସବୁବେଳେ ତାଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ସୁଯୋଗର ଅପେକ୍ଷା କରିବସୁ । କିନ୍ତୁ ଭଗବାନ ବାବା କହନ୍ତି, ଅନ୍ୟମାନେ ତୁମ ପ୍ରତି କରିଥିବା ଅପକାରକୁ ଭଲିଯାଅ ।

ଆମ ପ୍ରତି ହୋଇଥିବା ଅପକାରକୁ ଭୁଲିବା ପାଇଁ ଆମକୁ କ୍ଷମା ଗୁଣର ଅଧିକାରୀ ହେବାକୁ ପଡ଼ିବ । ଯିଶୁ ସେହି ମହାନ ଗୁଣରେ ଭୂଷିତ ଥିଲେ । ତାଙ୍କର ଏହି ଗୁଣ ଯୋଗୁଁ ସେ ତାଙ୍କୁ କୃଶବିଦ୍ଧ କରୁଥିବା ଲୋକମାନଙ୍କୁ କ୍ଷମା କରିଦେବାକୁ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲେ । ତେଣୁ ଆମକୁ ଯିଶୁଙ୍କ ଭଳି ହୃଦୟର ଅଧିକାରୀ ହେବାକୁ ହେବ । ଏହା ବ୍ୟତିରେକ ଯଦି ଆମେ ସବୁବେଳେ ଆମ ପ୍ରତି ହୋଇଥିବା ଅପକାରକୁ ମନେ ପକାଉଥିବା, ତେବେ କ୍ରୋଧ, ଅହଂକାର, ଘୃଣା, ଈର୍ଷା ଭଳି ନକାରାତ୍ମକ ଭାବନା ମନକୁ କବଳିତ କରି ରଖିବ ଏବଂ ଆମର ଅନେକ ଦିନର ଆଧ୍ୟାତ୍ମିକ ସାଧନାକୁ ନଷ୍ଟ କରିଦେବ ।

ଆହୁରି ମଧ୍ୟ ଆମେ ଅନେକ ସମୟରେ ଅନ୍ୟମାନଙ୍କର ଉପକାର କରିଥାଉ। ଏହି ଉପକାର ବଦଳରେ ଆମେ ଚାହୁଁ ଯେ ସେମାନେ ଆମ ପ୍ରତି କୃତଜ୍ଞ ରହନ୍ତୁ । ଯେତେବେଳେ ସେମିତି ହୁଏ ନାହିଁ, ଆମେ ସେମାନଙ୍କ ପ୍ରତି ଖରାପ ଭାବନା ରଖୁ । ଯେଉଁ ମୁହୂର୍ତ୍ତରେ ଏଭଳି ଭାବନା ଆମ ମନକୁ ଆସେ, ଅନ୍ୟ ପ୍ରତି କରିଥିବା ଆମ ଉପକାର ସ୍ୱାର୍ଥ ସହ ଜଡ଼ିତ ହୋଇଯାଏ । ଏହି ଉପକାରକୁ ଆମେ ନିଃସର୍ତ୍ତ, ନିଃସ୍ୱାର୍ଥ ବୋଲି କହିପାରିବା ନାହିଁ ।

ବରଂ ଆମେ ଭଗବାନଙ୍କ ପ୍ରତି ତଥା ସେବା କରିଥିବା ବ୍ୟକ୍ତିଙ୍କ ପ୍ରତି ନିଜେ କୃତଜ୍ଞ ରହିବା ଉଚିତ ଯେ ଆମକୁ ଏକ ସେବାର ସୁଯୋଗ ପ୍ରଦାନ କରିଛନ୍ତି । କିନ୍ତୁ ସେପରି ଭାବନା ନ ରଖି ଯଦି ଆମେ ଆମ ଉପକାର ପ୍ରତିବଦଳରେ କୃତଜ୍ଞତା ଭାବର ଆଶା ରଖିବା ଓ ସେହି ଉପକାରକୁ ସବୁବେଳେ ମନେ ରଖିଥିବା ତେବେ ଆମ ମଧ୍ୟରେ ଅହଂକାରର ବୃଦ୍ଧି ହେବ । ପରିମାଣତଃ ତାହା ଆମ ସାଧନା ପଥରେ ବାଧକ ହେବ । ତେଣୁ ଅନ୍ୟ ପ୍ରତି କରିଥିବା ଉପକାରକୁ ମଧ୍ୟ ଆମକୁ ଭୁଲିଯିବାକୁ ହେବ । ଭଗବାନ ବାବାଙ୍କ ପ୍ରତିଟି ଉପଦେଶ ଆମର ଆନନ୍ଦମୟ ଜୀବନ ସୁନିଶ୍ଚିତ କରେ ।

ଆହୁରି ମଧ୍ୟ ଅନ୍ୟର ଦୁଃଖରେ ଦୁଃଖୀ ହେବା ତ ସହଜ, କିନ୍ତୁ ଯେତେବେଳେ ଆମେ ଅନ୍ୟର ଖୁସିରେ ଖୁସି ହେବାର କଳା ଶିଖିଯିବା, ତେବେ ଆନନ୍ଦମୟ ଜୀବନର ମନ୍ତ୍ର ଆମେ ଜାଣିଯିବା ।

**ଖରିଆର ରୋଡ୍,**
**ନୂଆପଡ଼ା**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୭,୪୪୦...

କୋଟି ଟଙ୍କା ଓ ସରକାରୀ ତାମିଲ ମହାବିଦ୍ୟାଳୟ ପାଇଁ ୧୬ କୋଟି ଟଙ୍କା ଦିଆଯାଇଛି । କୃଷକ କଲ୍ୟାଣକୁ ଗୁରୁତ୍ୱ ଦିଆଯାଇଛି । ଧାନ କ୍ରୟ ପାଇଁ ରିଭଲିଂ ପାଣ୍ଠିରେ ୩ ହଜାର କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବାବେଳେ ଇନ୍‌ପୁଟ୍ ସହାୟତା ପାଇଁ ୮୫୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ୯୧୪ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ସୁଭଦ୍ରା ଯୋଜନା ପାଇଁ ୨୧୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ମିଶନ ଶକ୍ତି କାର୍ଯ୍ୟକ୍ରମ ଅଧୀନରେ ୪୦୫ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବାବେଳେ ପିଏମ୍ ପୋଷଣ ଅଧୀନରେ ୩୧୨ କୋଟି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୩୨୦ କୋଟି, ନବମ, ଦଶମଶ୍ରେଣୀ ଛାତ୍ରଙ୍କୁ ପାଠ୍ୟ ପୁସ୍ତକ ଯୋଗାଣ ପାଇଁ ୫୦ କୋଟି, ପଞ୍ଚସଖା ଶିକ୍ଷା ସେତୁ ପାଇଁ ୫୧ କୋଟି ଟଙ୍କା ଦିଆଯାଇଛି । ଶକ୍ତିଶ୍ରୀ ନାମରେ ଏକ ନୂଆ ଯୋଜନା କାର୍ଯ୍ୟକାରୀ ପାଇଁ ନିଷ୍ପତ୍ତି କରି ୧୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଲାଗି ୨୬ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଅନୁସୂଚିତ ଜାତି ଯୋଜନା ଅଧୀନରେ ମାଟ୍ରିକ ପରବର୍ତ୍ତୀ ଛାତ୍ର ବୃତ୍ତି ପାଇଁ ୮୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ବୃଦ୍ଧାବସ୍ଥା କ୍ଷତିପୂରଣ ରାଶି ପାଇଁ ୪୭୨ କୋଟି ଟଙ୍କା ଆବଣ୍ଟନ ହୋଇଛି । ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମ ଅଧୀନରେ ନିର୍ବାଚନମଣ୍ଡଳୀ ଆବଣ୍ଟନ ୧୪୨ କୋଟି ଥିବାବେଳେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ୨୦୦ କୋଟି, ଅମୃତ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୬୪ କୋଟି, ଗ୍ରାମ୍ୟ ଜଳ ନିଷ୍କାସନ ପାଇଁ ୩୦ କୋଟି ବ୍ୟୟ ବରାଦ କରାଯାଇଛି । ନକ୍ସଲ ପ୍ରଭାବିତ କ୍ଷେତ୍ରରେ ସଡ଼କ ନିର୍ମାଣ ପାଇଁ ୨୮ କୋଟି ଟଙ୍କା ଆବଣ୍ଟନ ହୋଇଥିବାବେଳେ ଓସ୍ୱାନ୍ ହରିଜେଣ୍ଟାଲ କନେକ୍ଟି ପାଇଁ ୭୧ କୋଟି, ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଅଧୀନରେ ୧୦୦ କୋଟି ବ୍ୟୟ ବରାଦ ହୋଇଛି । ପର୍ଯ୍ୟଟନ ଉନ୍ନତିକରଣ ଓ ନବୀକରଣ ପାଇଁ ୨୩ କୋଟି ଟଙ୍କା ପ୍ରଦାନ କରାଯାଇଛି । ଗଣଶିକ୍ଷା ବିଭାଗକୁ ୨୦୦୦ କୋଟି ଟଙ୍କା ଦିଆଯାଇଥିବାବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ୪୩୨୯ କୋଟି, କୃଷି ବିଭାଗକୁ ୮୫୮ କୋଟି, ମହିଳା-ଶିଶୁ ବିକାଶ ପାଇଁ ୭୫୧ କୋଟି, ମିଶନ ଶକ୍ତି ପାଇଁ ୮୦୭ କୋଟି ବ୍ୟୟବରାଦ ହୋଇଛି ।

## ୮.୨% ରହିବ...

ଅର୍ଥନୈତିକ ଦେଶ ହେବା ପାଇଁ ଏକ ଆତ୍ମବିଶ୍ୱାସୀ ପଥ ପ୍ରସ୍ତୁତ କରୁଛି । ଜିଡିପି ୭.୩ ଟ୍ରିଲିୟନ ଡଲାର ଆକଳନ କରାଯାଇଛି । ବର୍ତ୍ତମାନର ଅଭିବୃଦ୍ଧି ପର୍ଯ୍ୟାୟ ନିର୍ଣ୍ଣାୟକ ନୀତି ନିର୍ଦ୍ଧାରଣ, ସଂସ୍କାର ଏବଂ ଭାରତର ଗଭୀର ବିଶ୍ୱ ସମନ୍ୱୟର ଶକ୍ତିକୁ ପ୍ରତିଫଳିତ କରେ । ଅଭିବୃଦ୍ଧି ତ୍ୱରାନ୍ୱିତ ହେବା ସହିତ, ଭାରତ ପୁଣି ଥରେ ବିଶ୍ୱ ସମକକ୍ଷମାନଙ୍କୁ ପଛରେ ପକାଇ ଦେଇଛି । ସର୍ବାଧିକ ବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଛି । ଏହି ବୃଦ୍ଧି ସ୍ଥାୟୀ ଘରୋଇ ଚାହିଦା, ମଜଭୁତ ମୁଦ୍ରାସ୍ଫୀତି, ଏବଂ ଉଚ୍ଚ ଶ୍ରମଶକ୍ତି ଅଂଶଗ୍ରହଣ ଦ୍ୱାରା ସମର୍ଥିତ । ଘରୋଇ ବ୍ୟବସାୟରେ ପୁନର୍ଜୀବନ ଏବଂ ଦୃଢ଼ ନିବେଶକ ଭାବନା ଏକ ସ୍ଥିର ଏବଂ ବ୍ୟାପକ-ଆଧାରିତ ଅର୍ଥନୈତିକ ସଙ୍କେତ ଦିଏ । ଭାରତର ଅର୍ଥନୈତିକ ଦୃଷ୍ଟିକୋଣ ଉତ୍ସାହଜନକ ରହିଛି, ଯାହା ନିରନ୍ତର ଗତି ଏବଂ ବିଭିନ୍ନ କ୍ଷେତ୍ରର ଅଭିବୃଦ୍ଧିକୁ ସୂଚିତ କରୁଛି । ୨୦୨୫-୨୬ ଆର୍ଥିକ ବର୍ଷର ୧ ମାସ (ଏପ୍ରିଲ-ସେପ୍ଟେମ୍ବର) ରେ ପ୍ରକୃତ ଜିଡିପି ୨୦୨୫ ତ୍ରୟମାସରେ ୮.୨% ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି ଏବଂ ୨୦୨୫-୨୬ ଆର୍ଥିକ ବର୍ଷର ୧ ମାସ (ଏପ୍ରିଲ-ସେପ୍ଟେମ୍ବର) ରେ ୮% ଅଭିବୃଦ୍ଧି ପଞ୍ଜିକୃତ ହୋଇଛି । ଅକ୍ଟୋବର ୨୦୨୪ ତୁଳନାରେ ଅକ୍ଟୋବର ୨୦୨୫ ରେ ସିପିଆଇ ୦.୨୫% କୁ ହ୍ରାସ ପାଇଛି, ଯାହା ବର୍ତ୍ତମାନର ସିପିଆଇ ସିରିଜର ସର୍ବନିମ୍ନ ବାର୍ଷିକ ମୁଦ୍ରାସ୍ଫୀତି । ଶ୍ରମଶକ୍ତି ଅଂଶଗ୍ରହଣ ହାର ଛଅ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ଅକ୍ଟୋବର ୨୦୨୫ରେ ୫୫.୪% ରେ ପହଞ୍ଚିଛ । ଏପ୍ରିଲ-ଅକ୍ଟୋବର ୨୦୨୪ ତୁଳନାରେ ଏପ୍ରିଲ-ଅକ୍ଟୋବର ୨୦୨୫ରେ ଭାରତର କ୍ରମାଗତ ରପ୍ତାନି (ପଣ୍ୟଦ୍ରବ୍ୟ ଏବଂ ସେବା) ୪.୮୪% ବୃଦ୍ଧି ପାଇଛି । ଅକ୍ଟୋବର ୨୦୨୪ ତୁଳନାରେ ଅକ୍ଟୋବର ୨୦୨୫ରେ ସିପିଆଇ ୦.୨୫% କୁ ହ୍ରାସ ପାଇଛି, ସେପ୍ଟେମ୍ବର ୨୦୨୫ ତୁଳନାରେ ୧୧୯ ଆଧାର ପଏଣ୍ଟ ହ୍ରାସ ପାଇଛି । ମୋଟ ଘରୋଇ ଉତ୍ପାଦ ସାମଗ୍ରିକ ଅର୍ଥନୈତିକ ପ୍ରଦର୍ଶନର ପ୍ରାଥମିକ ସୂଚକ ମଧ୍ୟରୁ ଗୋଟିଏ ଯାହା ଦେଶର ପ୍ରସାରଣ ହାରକୁ ପ୍ରତିଫଳିତ କରେ ।

## ମାଓବାଦୀଙ୍କ...

ଉପରେ ୧୦ ଲକ୍ଷ ଟଙ୍କା ମୁଣ୍ଡ ଜାମିନ ଅର୍ଥରାଶି ରହିଛି ସେମାନେ ଆତ୍ମସମର୍ପଣ କଲେ ସରକାର ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବେ । ଏହାଛଡା ସେମାନଙ୍କ ନାମରେ ଥିବା ଛୋଟମୋଟ ମାମଲାଗୁଡ଼ିକୁ ପ୍ରତ୍ୟାହାର କରିନିଆଯିବ ।

## ମଣ୍ଡି...

ସେମାନଙ୍କ ନାମ ପଞ୍ଜିକରଣ କରିପାରି ନାହାନ୍ତି । କେବଳ ବରଗଡ଼ ଜିଲ୍ଲାରେ ୫ହଜାରରୁ ଉର୍ଦ୍ଧ୍ୱର୍ ଚାଷୀ ଧାନ ବିକ୍ରି କରିବା ପାଇଁ ପୋର୍ଟାଲରେ ପଞ୍ଜିକରଣ କରିନାହାନ୍ତି । ମିଲର ଓ ବ୍ୟାଙ୍କଗୁଡ଼ିକ ଗ୍ୟାରେଣ୍ଟି ସରକାର ନେଇନାହାନ୍ତି । ସରକାର ଧାନ କିଣିଲେ କେଉଁଠି ରଖିବେ, ସେଥିପାଇଁ ଜାଗାର ଅଭାବ ରହିଛି । ଗତବର୍ଷ ଚାଉଳ ଉଠାଇ ପାରିନି ଏଫ୍‌ସିଆଇ । ସରକାର ଚାଷୀଙ୍କ ଭାଗ୍ୟ ଓ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି ।

ଧାନ ବିକ୍ରି କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଉଛନ୍ତି ଚାଷୀ । ଏଥିସହ ବରଗଡ଼ ଜିଲ୍ଲାର ଅଲ୍ ଓଡ଼ିଶା ମିଲର୍ସ ଆସୋସିଏସନ ଧାନ ସଂଗ୍ରହ ନକରିବାକୁ ସରକାରଙ୍କୁ ଖୋଲା ଆହ୍ୱାନ ଦେଇଛନ୍ତି । ଧାନ ଅମଳ ପରେ ଘରେ ବେଶିଦିନ ରଖିପାରିବେନି ଚାଷୀ । କେତେକ ଚାଷୀଙ୍କ ଘରେ ମଧ୍ୟ ଧାନ ସାଇତି ରଖିବା ପାଇଁ ଜାଗାର ଅଭାବ ରହିଛି । ଫଳରେ ଚାଷୀମାନେ କମ୍ ଦାମରେ ଧାନ ବିକ୍ରି କରିବା ସହ ଦଲାଲ୍‌ର ଶିକାର ହେଉଛନ୍ତି । ବିପଜ୍ଜନକ ନିଆଁ ସହିତ ସରକାର ଖେଳନ୍ତୁନି । ନଚେତ ସାରା ରାଜ୍ୟରେ ନିଆଁ ଲାଗିଯିବ । ରାଜନୈତିକ ଦୃଷ୍ଟିରୁ ମୁଁ ଏହା କହୁନି, ବରଂ ମୋ ସହିତ କୃଷି ମନ୍ତ୍ରୀ କ୍ଷେତ୍ର ପରିଦର୍ଶନ କଲେ ସବୁ ଜାଣିପାରିବେ । କୃଷି ମନ୍ତ୍ରୀ ଓ ସମବାୟ ମନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରିବା ସହ ଏହି ଘଟଣାରେ ହସ୍ତକ୍ଷେପ କରନ୍ତୁ ବୋଲି ଗୃହରେ ଶ୍ରୀ ଆଚାର୍ଯ୍ୟ ଦାବି କରିଛନ୍ତି ।

## ଧାନ...

ମାତ୍ର ମିଲର୍ସ ମାନେ ଧାନ ଉଠାଇବାକୁ ଅମଙ୍ଗ ହୋଇଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ସୁବୋଧ କୁମାର ହୋତା , ଚାଷୀ ଓ ମିଲର୍ସଙ୍କ ବୈଠକ ଚାଲିଥିବା ବେଳେ ସେମାନେ ଅଧାରୁ ଉଠି ଚାଲି ଯାଇଥିଲେ। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଇଥିଲା। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ନିର୍ଦ୍ଦେଶ କ୍ରମେ ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ମାତ୍ର ସମସ୍ୟାର ସମାଧାନ ହୋଇନଥିଲା। ଦୂରଦୂରାନ୍ତରୁ ଗାଡି ଭଡା କରି ଚାଷୀ ଆଣିଥିବା ଧାନକୁ ମଣ୍ଡିରେ ଛାଡି ଫେରିବାକୁ ବାଧ୍ୟ ହୋଇଥିଲେ। ସମ୍ବଲପୁର ଜିଲ୍ଲା ପ୍ରଶାସନ ଧାନ କ୍ରୟ ପାଇଁ ଦିନ ଧାର୍ଯ୍ୟ କରିଥିଲା। ତଥାପି ଧାନ କିଣିପାରିଲା ନାହିଁ ଏହା ଜିଲ୍ଲା ପ୍ରଶାସନର ବଡ ବିଫଳତା ଓ ମିଲର୍ସଙ୍କ ନିୟନ୍ତ୍ରଣରେ ଧାନ କ୍ରୟ ବ୍ୟବସ୍ଥା ରହିଛି ବୋଲି ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି। ସମ୍ବଲପୁର ଓ କୁଚିଣ୍ଡା ଉପଖଣ୍ଡରେ ବିଭିନ୍ନ ମଣ୍ଡିରେ ଧାନ ପଡି ରହିଥିବା ବେଳେ ଏହି ସମସ୍ୟାର ସମାଧାନ ବାହାରିବ ବୋଲି ଆଶା କରାଯାଉଛି।

## ଟ୍ରକ୍..

ଶୁକ୍ରବାର ପାହାନ୍ତିଆରୁ ୩ ଯୁବକ ଏକ ସ୍କୁଟିରେ ଢେଙ୍କାନାଳରୁ କଟକ ଆଡକୁ ଯାଉଥିଲେ । ସେମାନେ ୫୫ ନମ୍ବର ଜାତୀୟ ରାଜପଥ ଦେଇ ଯାଉଥିବା ବେଳେ ସ୍କୁଟି ଆରୋହୀଙ୍କୁ ଏକ ଟ୍ରକ ଧକ୍କା ଦେଇ ଚାଲିଯାଇଥିଲା । ଫଳରେ ଯୁବକ ୩ ଜଣ ରାସ୍ତା ପାଖର୍କୁ ଛିଟିକି ପଡିଥିଲେ । ଏହା ଜାଣିବା ପରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଯୁବକ ୩ ଜଣ ଚୌଦ୍ୱାରର ଏକ ହୋଟେଲରେ କାମ କରୁଥିବାର ଜଣାପଡିଛି । ଖବରପାଇ ପରିବାର ଲୋକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିବାର ଜଣାପଡିଛି । ଘଟଣାକୁ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସେହିପରି ସଦର ଥାନା ଅନ୍ତର୍ଗତ ମୂଳିସିଂହ ଠାରେ ୫୫ ନମ୍ବର ଜାତୀୟ ରାଜପଥ ପାର ହେଉଥିବା ବେଳେ ଏକ ଦ୍ରୁତ ଗାମୀ ଟ୍ରକ ଧକ୍କା ଦେବାରୁ ସଦାଶିବପୁର ଗ୍ରାମର ଗଣେଶ୍ୱର ମିଶ୍ର ଓରଫ ବଙ୍କା ଭାଇନା ଗୁରୁତର ଆହତ ହୋଇଥିଲେ । ତାଙ୍କୁ ସ୍ଥାନୀୟ ଲୋକ ପ୍ରଥମେ ଢେଙ୍କାନାଳ ଓ ପରେ କଟକ ସ୍ଥାନାନ୍ତର କରିଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ସିମିନଈରେ ଓମଫେଡ ଦୋକାନ କରି ସେ ପରିବାର ଚଳାଉଥିଲେ । ତାଙ୍କ ମୃତ୍ୟୁରେ ସ୍ଥାନୀୟଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଦୁର୍ଘଟଣା ପରେ ଟ୍ରକ ଡ୍ରାଇଭର ଫେରାର ହୋଇଯାଇଛି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ମଞ୍ଜେଶ୍ୱର...

ଓ ଆର୍‌ପିଏଫ୍ ଅଫିସରମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ । କିଛି ସମୟ ଅନୁଧ୍ୟାନ କରିବା ପରେ ରାସ୍ତରେ ବିଚ୍ଛୁରିତ ହୋଇପଡିଥିବା କଣ୍ଟା ଓ ସିତୁଳି ପ୍ରଭୃତିର ନମୂନା ପୋଲିସ ସଂଗ୍ରହ କରିଥିଲା । ବିଧାନସଭାରେ ଏ ସମ୍ପର୍କରେ ପ୍ରଶ୍ନ ହେବା ସାଙ୍ଗକୁ ଏନ୍‌ଆଇଏ ଅଫିସର ଘଟଣାସ୍ଥଳରେ ପହଞ୍ଚିଥିଲେ । ଏହି ସମୟରେ ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ, ଡିସିପି ଜଗମୋହନ ମିନା ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ମଞ୍ଚେଶ୍ୱର ଥାନା ଇନ୍ସପେକ୍ଟର ଓ ଅନ୍ୟାନ୍ୟ ପୋଲିସ ଅଫିସରମାନେ ଘଟଣାସ୍ଥଳକୁ ଯାଇଥିଲେ । ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ନମୂନା ସଂଗ୍ରହ କରିଛି । ବୋମାମାଡ କିଏ କାହିଁକି କଲା ତାହା ଜଣାପଡି ନଥିବା ବେଳେ ପୋଲିସ କିଛି ଦୂରରେ ଥିବା ସିସି କ୍ୟାମେରା ଫୁଟେଜକୁ ଯାଞ୍ଚ କରୁଛି ।

ବୋମାମାଡ ସ୍ଥଳ ଗେଟ୍ ପାଖରେ କ୍ୟାମେରା ନଥିବାରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପୋଲିସ ପାଇଁ କଷ୍ଟ ହେଉଛି । ସ୍କୁଲ ଗେଟ୍ ପାଖରେ ବୋମାମାଡ କରିବାର ରହସ୍ୟ କ'ଣ ତାହା ମଧ୍ୟ କେହି କହିପାରୁ ନାହାନ୍ତି । ସ୍କୁଲ ପାଖରେ ବୋମାମାଡ ହୋଇଥିବାରୁ କମିଶନରେଟ୍ ପୋଲିସ ଘଟଣାକୁ ଗୁରୁତର ଭାବେ ଗ୍ରହଣ କରି ଛାନ୍‌ଭିନ୍ କରୁଛି । ବୋମାମାଡ ଖବର ମଞ୍ଚେଶ୍ୱର ଅଞ୍ଚଳରେ ଚର୍ଚ୍ଚା ହେବାରୁ ଘଟଣାସ୍ଥଳକୁ ବହୁ ଲୋକ ଯାଇଥିଲେ । ସକାଳ ୮ଟାରୁ ଦିନ ୨ଟା ପର୍ଯ୍ୟନ୍ତ ସେହି ଅଞ୍ଚଳ ଜନଗହଳି ରହିବା ସାଙ୍ଗକୁ ପୋଲିସ ଅଫିସରଙ୍କ ଧାଁଦୌଡ ଲାଗି ରହିଥିଲା ।

## ଭାରତର...

ଏହାର ପ୍ରଭାବ ପଡୁଛି । ଯାହା ଫଳରେ କି ଶକ୍ତିଶାଳୀ ଭୂକମ୍ପ ସଂଗଠିତ ହେଉଛି । ପ୍ରମୁଖ ତ୍ରୁଟି ବ୍ୟବସ୍ଥା ରହୁଛି ଯେ ଏହି ଅଞ୍ଚଳରେ ଥିବା ପ୍ରମୁଖ ସ୍ତରଗୁଡ଼ିକରେ ଦେଖାଦେଇଥିବା ଅସମାନତା ଯୋଗୁ ଶକ୍ତିଶାଳୀ ଭୂକମ୍ପ ହେଉଛି । ଏହି ମ୍ୟାପ୍‌ରେ ମୁଖ୍ୟତଃ ବୃହଳ ଜନବସତି ରାଜ୍ୟ ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶର କିଛି ଅଞ୍ଚଳ ଓ ହିମାଚଳପ୍ରଦେଶକୁ ବିପଦଶଙ୍କୁଳ ଭାବେ ଚିହ୍ନଟ କରାଯାଇଛି ।

## ୪ରେ...

ଏହି ଗସ୍ତ ଭାରତ ଓ ଋଷ୍ ନେତୃତ୍ୱ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଦୁଇ ଦେଶ ମଧ୍ୟରେ ସ୍ୱତନ୍ତ୍ର ସୁଚିନ୍ତିତ ଭାଗିଦାରି ଏବଂ ଆଞ୍ଚଳିକ ଓ ବିଶ୍ୱର ଉଭୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପରେ ସମୀକ୍ଷା କରାଯାଇ ଏକ ସୁଯୋଗ ସୃଷ୍ଟି କରାଯିବ । ଋଷ୍ ରାଷ୍ଟ୍ରପତି ଭାରତ ଆସିବେ ବୋଲି ଅଗଷ୍ଟ ମାସରେ ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ୍ ଡୋଭାଲ ମସ୍କୋ ଗସ୍ତ ସମୟରେ ଅଗଷ୍ଟରେ କହିଥିଲେ । ତେବେ ତାରିଖ ଚୂଡାନ୍ତ ହୋଇନଥିଲା । ପ୍ରଧାନମନ୍ତ୍ରୀ ମୋଦୀ ଓ ପୁଟିନ ଗତ ସେପ୍ଟେମ୍ବରରେ ସାଂଘାଇ କୋଅପରେସନ୍ ଅର୍ଗାନାଇଜେସନ ସମ୍ମିଟ୍ ଯାହାକି ଚୀନ୍‌ରେ ହୋଇଥିଲା । ସେଠାରେ ଘଣ୍ଟା ଘଣ୍ଟା ଧରି ଆଲୋଚନା କରିଥିଲେ । ପୁଟିନ୍‌ଙ୍କ ଏହି ଗସ୍ତ ଭାରତର ଜିଓ ପଲଟିକାଲ ରଣନୀତି ପାଇଁ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ।

# ନର୍ଥ ପକ୍ଷରୁ ସ୍ୱଳ୍ପ ମୂଲ୍ୟରେ ଫୋନ୍ (୩ଏ) ଲାଇଟ୍‌ର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ) : ଲଣ୍ଡନ ସ୍ଥିତ ଟେକ୍ନୋଲୋଜି କମ୍ପାନୀ, ନର୍ଥ ଭାରତରେ ଫୋନ୍ (୩ଏ) ଲାଇଟର ଉନ୍ମୋଚନ କରିଛି, ଯାହାକୁ କ୍ଲାସିକ୍ କଳା ଏବଂ ଧଳା ସହିତ ଏକ ନୂତନ ନୀଳ ରଙ୍ଗରେ ଉନ୍ମୋଚନ କରାଯାଇଛି । ଏହି ଡିଭାଇସ ନର୍ଥଙ୍ଗର ସିଗ୍ନେଚର ଟ୍ରାନ୍ସପରେଣ୍ଟ ଡିଜାଇନ୍, ୬.୭୭ ଇଞ୍ଚ ଏମୋଏଲଡ ଡିସପ୍ଲେ, ଟ୍ରୁଲେନ୍ସ ଇଞ୍ଜିନ ୪.୦ ସହିତ ୫୦ ଏମପି ମୁଖ୍ୟ କ୍ୟାମେରା, ମିଡିଆଟେକ ଡାଇମେନସିଟି ୭୩୦୦ ପ୍ରୋ ଚିପସେଟ୍ ଏବଂ ୫୦୦୦ ମେଗା ଆମ୍ପିୟର ବ୍ୟାଟେରୀ ଆଣିଛି । ୮ ଜିବି ୧୨୮ ଜିବି ଭାରିଆଣ୍ଟ ପାଇଁ ମୂଲ୍ୟ ୨୦,୯୯୯ ଟଙ୍କାରରୁ ଆରମ୍ଭ ହୋଇ ବ୍ୟାଙ୍କ ରିହାତି ପରେ ୧୯,୯୯୯ ଟଙ୍କା ପର୍ଯ୍ୟନ୍ତ ଯିବ । ଫୋନ୍ (୩ଏ) ଲାଇଟ୍ ୫ ଡିସେମ୍ବର ୨୦୨୫ ରୁ ଫ୍ଲିପକାର୍ଟ, ବିଜୟ ସେଲ୍ସ, କ୍ରୋମା ଏବଂ ଭାରତର ପ୍ରମୁଖ ଖୁଚୁରା ଦୋକାନଗୁଡ଼ିକରେ ବିକ୍ରୟ ପାଇଁ ଉପଲବ୍ଧ ହେବ । ଫୋନ୍ (୩ଏ) ଲାଇଟ୍ ଆଇପି ୫୪ ପ୍ରତିରୋଧ, ଏକ ଆଲୁମିନିୟମ ଇଂଟରନାଲ ଫ୍ରେମ ଏବଂ ଏକ ପରିଷ୍କୃତ ହାଲୁକା ବଡ଼ିଲା ସହିତ ସ୍ୱଚ୍ଛ ସୌନ୍ଦର୍ଯ୍ୟକୁ ଆଗକୁ ବହନ କରୁଛି । ଏଥିରେ ୧୨୦ ଏଚଜେଡ ଆଡାପଟିଭ୍ ରିଫ୍ରେସ୍ ରେଟ ଏବଂ ୩୦୦୦ ନିଟ୍ସ ପିକ୍ ଏଚଡିଆର ଉଜ୍ଜ୍ୱଳତା ସହିତ ୬.୭୭-ଇଂଚ ଫ୍ଲେକ୍ସିବଲ ଏମୋଲଡ ଡିସପ୍ଲେ ରହିଛି ।

# ରାଷ୍ଟ୍ରୀୟ ମହିଳା ଆୟୋଗଙ୍କ ଦ୍ୱାରା ଜନ ଶୁଣାଣି

ବାଲେଶ୍ୱର, (ସବ୍ୟୁ): ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟସ୍ଥିତ ଅଡିଟୋରିୟମ୍ ହଲ୍‌ରେ ରାଷ୍ଟ୍ରୀୟ ମହିଳା ଆୟୋଗଙ୍କ କାର୍ଯ୍ୟକ୍ରମ ରାଷ୍ଟ୍ରୀୟ ମହିଳା ଆୟୋଗ ଆପଣଙ୍କ ଦ୍ୱାର ମହିଳା ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଜନ ଶୁଣାଣିରେ ରାଷ୍ଟ୍ରୀୟ ମହିଳା ଆୟୋଗର ସଦସ୍ୟା ଡ଼. ଅର୍ଚ୍ଚନା ମଜୁମଦାର ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଜ୍ୟୋସ୍ନା ମହାନ୍ତି, ରାଷ୍ଟ୍ରୀୟ ମହିଳା ଆୟୋଗର ବିଶେଷ ସମନ୍ୱୟକ ସୁଶ୍ରୀ ନେହା ମହାଜନ ଗୁପ୍ତା, ଏବଂ ଜେ.ଟି.ଇ (ଆଇନ୍) ମନମୋହନ ଶର୍ମା, ମଞ୍ଚାସିନ ଥିଲେ । ଏହି ଜନ ଶୁଣାଣିରେ ୬ଟି ଜିଲ୍ଲାରୁ ମୋଟ୍ ୫୦ଟି ପୂର୍ବରୁ ପଞ୍ଜିକୃତ ଏବଂ ୧୫ଟି ଓ୍ୱାକ୍-ଇନ୍ ମାମଲା ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଗୁଡ଼ିକ ମୁଖ୍ୟତଃ ଘରୋଇ ହିଂସା, ଯୌତୁକ ନିର୍ଯାତନା ଏବଂ ବିବାହ ପୂର୍ବରୁ ବିଶ୍ୱାସଘାତକତା ଆଦି ସହ ଜଡ଼ିତ ଥିଲା । ଏହି ୬୫ଟି ଅଭିଯୋଗ ମଧ୍ୟରୁ ୩୮ଟି ମାମଲାର ତକିାଳ ସମାଧାନ କରାଯାଇଥିଲା । ଅବଶିଷ୍ଟ ୧୨ଟି ମାମଲାର ରିପୋର୍ଟ ପୋଲିସ ନିକଟରେ ବିଚାରାଧୀନ ରହିଛି । ଏହି କାର୍ଯ୍ୟକ୍ରମ ଅବସରରେ ରାଷ୍ଟ୍ରୀୟ ମହିଳା ଆୟୋଗର ସଦସ୍ୟା ଡ଼. ଅର୍ଚ୍ଚନା ମଜୁମଦାର ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନର ସହଯୋଗ ଏବଂ ତତ୍ପରତାକୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଘରୋଇ ହିଂସାର ଶୂନ୍ୟ ସହନଶୀଳତା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଜନ ଶୁଣାଣି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ବିକାଶଙ୍କ ଧନ୍ୟବାଦ ଅର୍ପଣ ସହ ସମାପନ ହୋଇଥିଲା ।

**ପୂର୍ବ ତଟ ରେଳପଥ**
**ଇ-କ୍ରୟ ପ୍ରଣାଳୀ**
ଟେଣ୍ଡର ବିଜ୍ଞପ୍ତି ସଂ.MCS/Stores/Tender Notice/PP/RMPU/392, ତା.24.11.2025ରିଖ
କ୍ରମ ସଂ.1: ଟେଣ୍ଡର ସଂ. 92256018, ବିବରଣୀ : LHB EOG କୋଚ୍‌ଗୁଡ଼ିକ ନିମନ୍ତେ ରୁଫ୍ ମାଉଣ୍ଟେଡ୍ ଏସି ପ୍ୟାକେଜ୍ ୟୁନିଟ୍ (RMPU) ଟାଇପ୍-I ର ଯୋଗାଣ, ପରିମାଣ : 10 ସେଟ୍।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.12.2025 ରିଖ 1500 ଘଟିକାରେ।
ଉପରୋକ୍ତ ଇ-ଟେଣ୍ଡରରେ ସମସ୍ତ ବିବରଣୀ ଇ-ଟେଣ୍ଡର ଦସ୍ତାବିଜ ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ।
ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ,
ରେଳ ଚକା ମରାମତି କାରଖାନା,
ମଞ୍ଚେଶ୍ୱର
PR-842/Q/25-26

**AFFIDAVIT**
I, Tapan Kumar Samantray, S/o-Raghunath Samantray, MIG-5, Sriram Nagar, Khurda- 752055, Odisha Declare by this Affidavit No-18653, Dt- 28.11.2025 That Now Onwards I Shall be Known as **Tapan Kumar Samantaray** for All Future Purposes.

**AFFIDAVIT**
I, Padmini Samantray, W/o-Tapan Kumar Samantaray ,MIG-5, Sriram Nagar, Khurda- 752055, Odisha Declare by this Affidavit No-18654,Dt 28.11.2025 That Now Onwards I Shall be Known as **Padmini Samantaray** for All Future Purposes.

**AFFIDAVIT**
**(Above 18 years of age)**
By virtue of an affidavit sworn before Nilamani Behera, BBSR, 19-November-2025. I Sridhara Parida, Address At/Po : Barabati, Ps : Fategarh, Dist : Nayagarh, Odisha, Pin : 752077 declare that I have changed my name from **Sridhar Parida** to **Sridhara Parida.** Henceforth, I shall be known as **Sridhara Parida** for all purpose.
Sd/- (New Name)
Sridhara Parida

**AFFIDAVIT**
By virtue of an affidavit sworn before Notary Public, Bhubaneswar, dated. 28/11/2025 I, Prabhat Ranjan Nayak, Address At-Trishakti Colony, Gangapada, Po-Gangapada, Ps-Infocity-2, District-Khordha, Odisha, Pin Code - 752054 declare that I have changed the name of my daughter from Baby of Sonali Nayak to Vijay Laxmi Nayak. Henceforth, she shall be known as vijay Laxmi Nayak for all purposes.
**Prabhat Ranjan Nayak**

**AFFIDAVIT**
By virtue of an affidavit sworn before Executive Magistrate,Odagaon Odisha on dated 28.11.2025 I,Chinmaya Behera S/o -Kedar Behera Resident Of Village-Badhulipur P.O- Beruanbari P.S- Odagaon Dist-Nayagarh,PIN-752082 declare that I have changed my name from Chinmay Behera to Chinmaya Behera Henceforth, I shall be known as Chinmaya Behera for all purposes.
**Sd/- Chinmaya Behera**

**AFFIDAVIT**
By virtue of an affidavit sworn before Executive Magistrate, Odagaon Odisha on dated 28.11.2025 I, Susanta Pradhan S/o - Abhimanyu Pradhan Resident Of Village-Paikabankatara P.O-Kurumabankatara, P.S- Odagaon Dist-Nayagarh, PIN-752081 declare that I have changed my name from Susant Pradhan to Susanta Pradhan Henceforth, I shall be known as Susanta Pradhan for all purposes.
**Sd/- Susanta Pradhan**

L-119
**OFFICE OF THE EXECUTIVE ENGINEER (AGRIL.), AGRIL. ENGG. DIVISION, RAYAGADA**
Email Id: rayagadaeeagril@gmail.com
INVITATIONS FOR BIDS THROUGH e-Procurement
No. 819-Agril, Date-20/11/2025
Bid Identification No/e- Procurement Notice No - E.E(A), RAYAGADA Division-04/2025-26

| Sl. No. | Block | Name of the work | Approximate Estimated value put to Tender (Excluding G.S.T) (Rs. in Lakhs) | EMD (in Rs.) | Cost of Bid Documents (in Rs.) | Class of Contractor | Period of Completion in Days |
|---|---|---|---|---|---|---|---|
| 1 | Rayagada | Development & Beautification of CDAO Campus at Rayagada including a design of external facade, boundary wall, maingate landscaping etc. | 33,67,278/- | 33,673/- | 6,000/- | C&B | 120 |

1. The Executive Engineer (Agril.), Agril. Engg.Division. Rayagada, Odisha on behalf of Governor of Odisha invites Percentage Rate Bids in Single cover system for the works as detailed in table below. The bidders have to participate in ONLINE bidding only. The web-site for "ONLINE BIDDING" is **http://tendersorissa.gov.in.** Bid documents will be available in above Website from Dt. 29.11.2025 at 10.00 AM up to 5.30 PM of Dt.06.12.2025 for "ONLINE BIDDING". Date of original bid documents submission Dt. 01.12.2025 at 10.00 AM to Dt. 08.12.2025 up to 5.30 PM. Bids shall be opened at 11.00 AM & onwards on Dt. 09.12.2025. The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from DTCN in the e- Procurement web site **www.tendersorissa.gov.in**

**N.B:** Subsequent corrigendum/addendum if required shall be available in the website as indicated above

OIPR : 01461/11/0002/2526
Executive Engineer (Agril.), Agril.Engg.Division,Rayagada

**ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ରାଉରକେଲା (କେ.ପ.) ବନଖଣ୍ଡ**
**OFFICE OF THE DIVISIONAL FOREST OFFICER, ROURKELA (KL) DIVISION**
(Phone No. 0661-2950169 // E-mail- dfokl 1973@gmail.com)
Order No. 206 / Date. 26.11.2025
MM-313
**INVITATION FOR BIDS (IFB)**
**E-Procurement Bid Identification No. 1 RKL-KL- F.E & C.C/2025-26 Dtd. 26.11.2025**

| | | |
|---|---|---|
| 1. | Name of work | Construction Of Range Office-Cum-Residence at Rajgangpur (KL) Range Under Rourkela K.L. Division, District-Sundargarh. |
| 2. | No. of works | 01 Nos. |
| 3. | No. of covers | Double Cover |
| 4. | Estimated Cost (Excluding GST) | Rs. 54,63,859.00 |
| 5. | Period of Completion | 03 Calendar Months |
| 6. | Date & Time of availability of bid documents in portal | From 10:00 A.M. of Date 29.11.2025 to 05:00 P.M*. of Date 12.12.2025 |
| 7. | Last date/ time for receipt of bids in the portal | Up to 05:00 P.M. of Date 12.12.2025 |
| 8. | Date of opening of bid documents | At 11:30 A.M. of Date 15.12.2025 |
| 9. | Class of Contractor | "B" Class Contractor |
| 10. | Name and address of officer inviting Bid | Divisional Forest Officer, Rourkela K.L. Division, Panposh |

Further, details can be seen from the e-Procurement portal **www.tenderodisha.gov.in.** The Addendum / Corrigendum if any will be hosted in the website only.

Sd/- Divisional Forest Officer,
Rourkela K.L. Division
OIPR : 08072/11/0002/2526

**GOVERNMENT OF ODISHA : OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**
Phone-0674-2540742 Email- se ccrw@yahoo.co.in : No. 5196 / Date: 18.11.2025
O-
**"e" Procurement Notice for Road Works**
**T.C.N No. Tender- Online-C.C-39 of 2025**

| | | |
|---|---|---|
| 1. | Name of the Work | Road works under Periodical Renewal work of 5 years Completed PMGSY (POST DLP) roads for the year 2025-26 |
| 2. | Total No. of Packages | 2 Nos. of Package |
| 3. | Estimated Cost of the Package | Varies from Rs.31.76 lakhs to Rs. 58.83 lakhs |
| 4. | Class of Contractor | |
| | a) Estimated cost more than Rs. 20.00 lakhs up to Rs. 3.00 Crores | B Class (of Odisha PWD) or relevant class of other licensing authorities |
| 5. | Period of completion | As mentioned in Column-8 of Annexure |
| 6. | Offered rates by bidder | The offered rate by the contractor shall be excluding GST. |
| 7. | Other details | |
| | i) Officer inviting tender | Chief Construction Engineer, Central Rural Works Circle, Bhubaneswar |
| | ii) Availability of Tender | Dt.27.11.2025 from 11.00 hours to Dt.12.12.2025 up to 5.00 PM |
| | iii) Seeking clarification of tender | Dt.11.12.2025 Up to 5.00 PM |
| | iv) Date of opening of Technical Bid | Dt.15.12.2025 at 11.00 AM |
| | v) Date of opening of Financial Bid | To be intimated later on |

Further details can be seen from the web site www tendersodisha.gov.in

OIPR : 25082/11/0021/2526
Sd/- Chief Construction Engineer
Central Rural Works Circle, Bhubaneswar

**OFFICE OF THE CHIEF EXECUTIVE, RPRC, BHUBANESWAR**
(e-mail Id: rprcbbsr@gmail.com)
Tel-(0674)-2557925
MM-318
No-T/36/ 1942/RPRC Date : 28.11.2025
**REQUEST FOR PROPOSAL**
**Bid Identification No. RPRC/ 39 / 2025-26**

The Chief Executive, RPRC, Bhubaneswar on behalf of Forest, Environment & Climate Change Department, Govt, of Odisha invites RFP for "Design, fabrication, supply, installation of GFRP Security Cabins with solar panel set ups in RPRC, Bhubaneswar" from eligible bidders though e-tendering process though two bid system. The bidders fulfilling the eligibility criteria of the RFP document can access and download the complete RFP and other details from RPRC website www.rprcbbsr.in / e-portal https://rprc.ewizard.in. The bid calendar under the end-to-end process are -

| EMD in Rs. | Cost of Bid Document in Rs. | Availability of RFP document (online) | | Date of Opening (Technical Bid) |
|---|---|---|---|---|
| | | From | To | |
| 60,000/- (online) | 10,000.00 (On line | 30.11.2025 / 10.00 A.M. | 15.12.2025 / 10.00 A.M | 15.12.2025/ 11.30 A.M. |

Addendum/ Corrigendum/ Cancellation, if any, will be published in RPRC website and e-portal. Bidder needs to register on the portal after successful Registration and send a mail to eprochelpdesk.101@gmail.com with details (For New Bidders). For any other queries regarding registration & online tender submission contact to: Mr. Shivendra Kumar, Mobile- 9355030613 and Jitesh Kumar, Mobile 9355030604, e-mail : eprochelpdesk.101@gmail.com

OIPR : 08004/11/0045/2526
CHIEF EXECUTIVE, RPRC, BHUBANESWAR

**GOVERNMENT OF ODISHA : OFFICE OF THE EXECUTIVE ENGINEER RURAL WORKS DIVISION, BONAI**
E.mail-rwd.bonai@yahoo.com
O-1602
**TENDER CALL NOTICE**
**BID IDENTIFICATION NO. ONLINE-EEBNI-04 of 2025-26**

1. Name of the work : Road Repair Works
2. Total No. of works : 3 (Three) Nos.
3. Estimated Cost : Rs. 5.08 - 12.71 Lakhs
4. Class of Contractor : "D" & "C" Class
5. Period of Completion : 02 (Two) Months
6. Type of Tender : Single Cover
7. Other details

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 7 |
| Executive Engineer, Rural Works Division, Bonai | ONLINE-EEBNI-04 of 2025-26 | 29.11.2025 from 10.00 AM | 08.12.2025 upto 05.00 PM | 06.12.2025 upto 5.00 PM | 09.12.2025 at 11.00 AM |

Further details can be seen from the website **www.tendersorissa.gov.in** & for more information please visit the office.

Sd/- Executive Engineer
RW Division, Bonai
OIPR : 25200/11/0007/2526

**OFFICE OF THE SUPERINTENDING ENGINEER ELECTRICAL CIRCLE (R&B) NIRMAN SOUDHA BHUBANESWAR**
B-769
E-mail seec.bbsr2010 @ gmail.com
**Bid Identification No.S.E.E.C (R&B) 21/2025-26**
No. 4331 / Date : 27.11.2025

The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.01.12.2025 at 05.00 P.M. to dt. 15.12.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt. 16.12.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in.**

Addendum / Corrigendum, if required, will be available only in the Website.

OIPR : 34006/11/0056/2526
Sd/- Superintending Engineer
Electrical Circle (R&B) Odisha, BBSR

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା : ୨୨୮୦୨/ଭୁ.ଉ.କ., ଭୁବନେଶ୍ୱର ତା.୧୮.୧୧.୨୦୨୫
SRB-495/88
CAD- 2495
**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚନ୍ଦ୍ରଶେଖରପୁର ଫେଜ-୨ ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ୍ ନଂ- **S-2-136** କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୪୭୮୭ / ଏ.ଏଲ୍, ତା. ୧୭.୦୮.୧୯୯୯ ରିଖ ଅନୁଯାୟୀ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶିଶିର କୁମାର ଚୌଧୁରୀଙ୍କ ନାମରୁ ଶ୍ରୀମତୀ ମୀନା ପଟ୍ଟନାୟକ, ସ୍ୱାମୀ-ଗୋପାଳ ଚନ୍ଦ୍ର ଦାସ, ଗ୍ରାମ/ପୋଷ୍ଟ-ଯମକୁଣ୍ଡ, ଥାନା-ବାଲିଆପାଳ, ଜିଲ୍ଲା- ବାଲେଶ୍ୱର, ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା ।

ଆବଣ୍ଟନଗ୍ରାହୀ ମୀନା ପଟ୍ଟନାୟକ ଗତ ତା.୨୭.୦୫.୨୦୧୬ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (Death certificate Registration No. 2998/2016 dated. 01.06.2016). Legal heir certificate No. E-LHC/2023/25030 dated. 09.06.2023 ଅନୁଯାୟୀ ମୀନା ପଟ୍ଟନାୟକଙ୍କର ଉତ୍ତରାଧିକାରୀ (୧) ଗୋପାଳ ଚନ୍ଦ୍ର ଦାସ (ସ୍ୱାମୀ), (୨) ଗାର୍ଗିମିନି ଦାସ (ବିବାହିତା କନ୍ୟା) ଓ (୩) ଗାୟତ୍ରୀ ଦାସ (ବିବାହିତା କନ୍ୟା) ଅଟନ୍ତି ।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ସେମାନଙ୍କ ନାମରେ ମାଲିକାନା ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ପ୍ଲଟ୍‌ର ମାଲିକାନା ସତ୍ତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସଂପାଦନ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR : 13033/11/0398/2526

# ସରକାର କହୁଛି ନାରୀ ନିର୍ଯାତନା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନୁହଁ : ମହିଳା କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ଦୁଷ୍କର୍ମ, ଗଣ ଦୁଷ୍କର୍ମ, ଯୌନ ଉତ୍ପୀଡ଼ନ, ଛାତ୍ରବାସରେ ନାବାଳିକା ଗର୍ଭଧାରଣ ଓ ବିଭିନ୍ନ ଅତ୍ୟାଚାର ହୁ ହୁ ହୋଇ ବଢ଼ିବାରେ ଲାଗିଛି । ପରିସ୍ଥିତି ଅଣାୟତ୍ତ ଅବସ୍ଥାକୁ ଆସିଗଲାଣି । ସରକାର, ପୋଲିସ ଓ ପ୍ରଶାସନ ଏହି ପ୍ରସଙ୍ଗକୁ ନେଇ ଆଦୌ ଚିନ୍ତିତ ନଥିବା ଜଣା ପଡିଛି । ତେଣୁ ସରକାରଙ୍କୁ ନାରୀ ନିର୍ଯାତନା ପ୍ରସଙ୍ଗରେ ମହିଳା କଂଗ୍ରେସ ଦଳ ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନଠାରେ ବିଭିନ୍ନ ଦାବୀ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । କଂଗ୍ରେସ ମୁଖପାତ୍ର ଡଃ ମନୀଷା ଦାସ ପଟ୍ଟନାୟକ ଓ ଜୟଶ୍ରୀ ପାତ୍ର ଯୋଗଦେଇ ସରକାରଙ୍କ ନାରୀଙ୍କ ସମ୍ମାନ ପ୍ରତି ଆଭିମୁଖ୍ୟକୁ କଟୁ ଭାଷାରେ ସମାଲୋଚନା କରି ବିଭିନ୍ନ ଦାବି ଉପସ୍ଥାପନା କରିଥିଲେ ।

ମୁଖପାତ୍ର ଡଃ ଦାସ ପଟ୍ଟନାୟକ କହିଲେ ଯେ, ଓଡ଼ିଶାରେ ନୂଆ ସରକାରର ୧୭ ମାସରେ ମହିଳା ଓ ନାବାଳିକାଙ୍କ ଉପରେ ଅତ୍ୟାଚାର, ଧର୍ଷଣ , ଗଣ ଧର୍ଷଣ ଓ ହିଂସାର ଅଭୂତପୂର୍ବ ବୃଦ୍ଧି ସତ୍ତ୍ୱେ ସରକାର ଓ ପ୍ରଶାସନ ପୂରାପୁରି ନିର୍ବାକ ଓ ନିଷ୍କ୍ରିୟ ରହିବାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ୍ କଟୁ ଭାବରେ ନିନ୍ଦା କରୁଛି । ସରକାର୍ ନିଦା ବିଷ୍ଣୁ ସାଜି ମହିଳା ସୁରକ୍ଷା ପ୍ରସଙ୍ଗକୁ ଆଖି ବୁଜି ଦେଇଛନ୍ତି । ଖୋର୍ଦ୍ଧା ବାଘମାରୀରେ



ନାବାଳିକାଙ୍କୁ ନିର୍ମମ ଭାବେ ଗଣବଳାତ୍କାର ହେବା ସତ୍ତ୍ୱେ ଅପରାଧି ଏପର୍ଯ୍ୟନ୍ତ ଗିରଫ ନ ହେବା, ମାଲକାନଗିରିରେ ଜନୈକ ୪୫ ବର୍ଷର ବ୍ୟକ୍ତି ଦ୍ୱାରା ୫-୭ ବର୍ଷର ତିନି ନାବାଳିକା ଉପରେ ଅମାନବୀୟ ବଳାତ୍କାର ତଦନ୍ତର ମନ୍ଥରତା ଏବଂ ହୃଦୟ ଥରେଇ ଦେବା ଭଳି କଟକ ଏସସିବି ମେଡିକାଲର ଆଇସିୟୁରେ ଏକ ମହିଳାଙ୍କୁ ଅଟେଣ୍ଡାଣ୍ଟଙ୍କ ଅସଦାଚରଣ-ଏହି ସମସ୍ତ ଘଟଣା ସରକାରର ଅକ୍ଷମତା, ଅବହେଳା ଓ ରାଜ୍ୟ ଆଇନ୍ ବ୍ୟବସ୍ଥା ଧ୍ୱସ୍ତ ହେଉଥିବାକୁ ସ୍ପଷ୍ଟ କରୁଛି । ପୁରୀ, କେଉଁଝର, ମୟୂରଭଞ୍ଜ, ସମ୍ବଲପୁର, ଗୋପାଳପୁର ଓ ରାୟଗଡ଼ାରେ ପ୍ରତି ସପ୍ତାହ ପ୍ରାୟ ନୂଆ ମହିଳା ନିର୍ଯାତନା ଘଟଣା ଘଟୁଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି କଠୋର କାର୍ଯ୍ୟ ଦେଖିବାକୁ ମିଳୁନାହିଁ । ଏହି ପରିସ୍ଥିତି ପାଇଁ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ୍ ତତ୍କାଳ ଫାସଫ-ଟ୍ରାକ୍ ବିଚାର, ବିଶେଷ ମହିଳା ତଦନ୍ତ ଦଳ ଗଠନ, ଦାୟୀ ପୋଲିସ୍ ଅଧିକାରୀଙ୍କୁ କଠୋର କାର୍ଯ୍ୟାନୁଷ୍ଠାନ ଓ ପୀଡ଼ିତାଙ୍କୁ ସୁରକ୍ଷା-ପରାମର୍ଶ-ଆଇନ ସହାୟତା ଦେବାକୁ ଦୃଢ଼ ଦାବି କରୁଛି । ସମ୍ମିଳନୀର ଅନ୍ୟତମ ମୁଖପାତ୍ର ଶ୍ରୀମତୀ ପାତ୍ର କହିଥିଲେ ଯେ ଖୋର୍ଦ୍ଧା ଜିଲ୍ଲାର ବାଘମାରି ଅଞ୍ଚଳରେ ଜଣେ ଦଳିତ ନାବାଳିକାକୁ ଗଣଦୁଷ୍କର୍ମ , ମାଲକାନଗିରିରେ ୩ ଶିଶୁ ଙ୍କୁ ଦୁଷ୍କର୍ମ ନିମାପଡାରେ ନାବାଳିକା ନିଖୋଜ ରାଜ୍ୟରେ ଚାଲିଛି କଣ ବୋଲି ପ୍ରଶ୍ନ କରିଛନ୍ତି । ଡବଲ ଇଞ୍ଜିନ ସରକାରରେ ମହିଳା ଅସୁରକ୍ଷିତ ଡବଲ ମାତ୍ରାରେ ଛ ୧୭ ମାସର ସରକାରରେ ୧୦ ମାସରେ ୧୦ ହଜାର ମହିଳାଙ୍କୁ ଅସଦାଚରଣ, ୩୩୭୭ ଜଣ ମହିଳାଙ୍କୁ ଯୌତୁକ ନିର୍ଯାତନା,୨୪୬୫ ମହିଳା ଆତ୍ମହତ୍ୟା,୩୧୭୮ ମହିଳା ଅପହରଣ,୨୪୪ ହତ୍ୟା ର ଶିକାରର ରିପୋର୍ଟ କାର୍ଡ ଦେଖାଇବା ସହ କିଭଳି ସୁଶାସନର ଡିଣ୍ଡିମ ପିଟାଯାଉଛି ବୋଲି ପ୍ରଶ୍ନ କରିବା ସହ ବେଟି ବଚାଓ ବେଟି ପଢାଓ ନାରା ଖାଣ୍ଟି ମିଛ । ରାଜରାସ୍ତାରୁ ବିଧାନସଭା ଯାଏଁ ମହିଳା ସୁରକ୍ଷା, ସମ୍ମାନ ଓ ଅଧିକାର ପାଇଁ ଲଢେଇ ହେବ ଏବଂ ଜୋରଦାର ହେବ ବୋଲି ଶ୍ରୀମତୀ ପାତ୍ର ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

## ହିଣ୍ଡାଲକୋ ହୀରାକୁଦ ଆନୁକୂଲ୍ୟରେ

# ଗଡ଼ମୁଣ୍ଡା କ୍ଲଷ୍ଟର ସ୍ତରୀୟ ବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା



ଭୁବନେଶ୍ୱର (ସବ୍ୟୁ): ହିଣ୍ଡାଲକୋ ହୀରାକୁଦର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଆନୁକୂଲ୍ୟ ରେ ଛାତ୍ର-ଛାତ୍ରୀ ମାନଙ୍କର କ୍ରୀଡାର ବିକାଶ ପାଇଁ ଗଡ଼ମୁଣ୍ଡା କ୍ଲଷ୍ଟର ସ୍ତରୀୟ ବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନୂଆ ଡେଙ୍ଗୀମଚାର ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ଛାତ୍ର-ଛାତ୍ରୀ ମାନେ ଯୋଗ ଦେଇ ବିଭିନ ଖେଳକୁଦ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଏଥିରେ ମୁଖ୍ୟ ଅତିଥି ରୂପେ ବିଆରସିସି ଧନକଉଡା, ସମ୍ବଲପୁର ରମେଶ ଚନ୍ଦ୍ର ମିଶ୍ର, ସିଆରସିସି ଗଡ଼ମୁଣ୍ଡା କ୍ଲଷ୍ଟର ର ଶ୍ରୀମତୀ ସୁପ୍ରଭା ସ୍ୱାଇଁ, ହିଣ୍ଡାଲକୋ ସିଏସ୍‌ଆର ଉପଦେଷ୍ଟା ସୁକାନ୍ତ ମହାପାତ୍ର, ଗ୍ରାମର ବରିଷ୍ଠ ନାଗରିକ ଯୋଗେଶ୍ୱର ପ୍ରଧାନ, ଶ୍ରୀ କ୍ଷମା ସାଗର ସାହୁ, ଖେଳକୁଦ ପ୍ରତିଯୋଗିତାକୁ ଶୁଭାରମ୍ଭ କରିଥିଲେ । ଏହି ଖେଳକୁଦ ପ୍ରତିଯୋଗିତାରେ ମୋଟ ୧୯ଟି ବିଭାଗ ର ବିଭିନ ପ୍ରତିଯୋଗି ଯୋଗିତା ଅନୁଷ୍ଠିତ ହୋଇଥିଲା । ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ହିଣ୍ଡାଲକୋ ର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିଦ୍ଧେ ଯୋଗ ଦେଇଥିଲେ। ଯୋଗ ଦେଇ ବିଜେତା ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ସହ ପୁରସ୍କୃତ କରିଥିଲେ।

## ଚୌଦ୍ୱାର ଇମ୍ଫାର ୬୪ତମ ପ୍ରତିଷ୍ଠା ଦିବସ

# ଫେରୋ ଆଲ୍‌ଏଜ୍ ଉତ୍ପାଦନ କ୍ଷେତ୍ରରେ ଇମ୍ଫା ଭାରତରେ ଏକ ନମ୍ବର : ଉପ ମୁଖ୍ୟମନ୍ତ୍ରୀ

କଟକ,(ସବ୍ୟୁ.): ଇମ୍ଫା ଶିଳ୍ପ ଗୋଷ୍ଠୀର ପ୍ରତିଷ୍ଠାତା ସ୍ୱର୍ଗତ ବଂଶୀଧର ପଣ୍ଡାଙ୍କର ୯୩ତମ ଜନ୍ମତିଥି ଅବସରରେ ଚୌଦ୍ୱାର ଇମ୍ଫାର ୬୪ତମ ପ୍ରତିଷ୍ଠା ଦିବସ କମ୍ପାନୀ ପରିସରରେ ପାଳିତ ହୋଇଯାଇଛି । ଚୌଦ୍ୱାର ଇମ୍ଫାର ଉପସଭାପତି ତଥା ଇଆଇସି ବିନୟ ଅଗ୍ରୱାଲ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ସମ୍ମାନିତ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଏବଂ ଇମ୍ଫା ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡାଙ୍କ ଯୋଗ ଦେଇଥିଲେ । ଫେରୋ ଆଲଏଜ ଉତ୍ପାଦନ କ୍ଷେତ୍ରରେ ଇମ୍ଫା ଶିଳ୍ପଗୋଷ୍ଠୀ ଭାରତରେ ଏକ ନମ୍ବର ଓ ବିଶ୍ୱରେ ଷଷ୍ଠ ସ୍ଥାନରେ ପହଂଚି ପାରିଥିବାରୁ ମୁଖ୍ୟଅତିଥି ଶ୍ରୀ ବର୍ଦ୍ଧନ ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ଇମ୍ଫାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇ ପ୍ରଶଂସା କରିଥିଲେ । ଚୌଦ୍ୱାରର ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଚୌଦ୍ୱାର ଇମ୍ଫା ଗତବର୍ଷ ପ୍ରାୟ ୧କୋଟି ୩୫ଲକ୍ଷ ଟଙ୍କା ସିଏସ୍‌ଆର ଫଣ୍ଡ୍ ମାଧ୍ୟମରେ ବିନିଯୋଗ କରିଥିବା ବେଳେ ଆସନ୍ତା ଆର୍ଥିକ ବର୍ଷ ପାଇଁ ଦେଢ଼ କୋଟିର ବଜେଟ୍ ରଖାଯାଇଛି ବୋଲି ଉପସଭାପତି



ଶ୍ରୀ ଅଗ୍ରୱାଲ ପ୍ରକାଶ କରିଥିଲେ । ଯାଜପୁରରେ ୧୧୫ଏକର ଜମିରେ ଇମ୍ଫାର ଏକ ନୂତନ କାରଖାନା ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ମ୍ୟାନେଜିଙ୍ଗ ଡାଇରେକ୍ଟର ଶ୍ରୀ ପଣ୍ଡା ଘୋଷଣା କରିଥିଲେ । ଏହି ଅବସରରେ ଚୌଦ୍ୱାରରେ ଥିବା ବିଭିନ୍ନ ବିଦ୍ୟାଳୟ ଯଥା ସେ ଜାଭିୟର ହାଇସ୍କୁଲ ହିଙ୍ଗୁଳାଇ ରୋଡ୍, ବିଆଇପିଏଫ୍ ସ୍କୁଲ, କଳିଙ୍ଗ ପବ୍ଲିକ୍ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ଚାରବାଟିଆ, କଳିଙ୍ଗ ବିଦ୍ୟାପୀଠ, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ଓଟିଏମ୍. ହାଇସ୍କୁଲର ଛାତ୍ରଛାତ୍ରୀମାନେ ସେଠାରେ ହୋଇଥିବା ବିଜ୍ଞାନମେଳାରେ ଯୋଗ ଦେବା ସହ ବିଭିନ୍ନ ପ୍ରକାରର ପ୍ରକଳ୍ପମାନ ପ୍ରଦର୍ଶିତ କରିଥିଲେ ।

କଂପାନୀରେ ୫ବର୍ଷରୁ ୩୫ବର୍ଷ ଧରି କାର୍ଯ୍ୟ କରିଆସୁଥିବା କର୍ମଚାରୀମାନଙ୍କୁ କଂପାନୀ ତରଫରୁ କର୍ମଚାରୀ ଏବଂ ପ୍ରଥମଥର ପାଇଁ ସେମାନଙ୍କ ସହଧର୍ମିଣୀମାନଙ୍କୁ ମଧ୍ୟ ମାନପତ୍ର ଓ ପୁରସ୍କାର ଦେଇ ସମ୍ମାନିତ କରାଯାଇଥିଲା । ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ କଂପାନୀ କର୍ମଚାରୀଙ୍କ ମଧ୍ୟରେ ପୂର୍ବରୁ ହୋଇଥିବା ବହୁ ପ୍ରତିଯୋଗିତାର ବିଜେତାଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଇମ୍ଫା ମହିଳା କ୍ଲବ୍ ସଭାନେତ୍ରୀ ନମିତା ଅଗ୍ରୱାଲ, ଭୁବନେଶ୍ୱର ଅଫିସ ର ଜିଏମ୍ ଏଚ୍‌ଆର ଜି.ସାରଦା ପ୍ରସାଦ ରାଓ, ଇମ୍ଫାର ବରିଷ୍ଠ ଲୋକସମ୍ପର୍କ ପ୍ରବନ୍ଧକ ମାନସ କୁମାର ବସନ୍ତିଆ, ବରିଷ୍ଠ ଜେନେରାଲ ମ୍ୟାନେଜର ଲଲାଟ କିଶୋର ମହାପାତ୍ର, ସାମାଜିକ ଦାୟିତ୍ୱବୋଧ ଶାଖାର ବରିଷ୍ଠ ମ୍ୟାନେଜର ମାନସ ରଞ୍ଜନ ପ୍ରଧାନ, ଲୋକ ସମ୍ପର୍କ ଅଧିକାରୀ ଅଭିଷେକ ଘୋଷ, ମ୍ୟାନେଜର ପ୍ରଦ୍ୟୁମ୍ନ ତ୍ରିପାଠୀ, ସିନିୟର ମ୍ୟାନେଜର ଆଡମିନ୍ ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ନାବାଳିକା ପ୍ରତି ଅସଦାଚରଣ, ଆସାମୀକୁ ୪ବର୍ଷ ଜେଲ୍

କଟକ,(ସବ୍ୟୁ): ନାବାଳିକା ପ୍ରତି ଅସଦାଚରଣ କରିବା ଅଭିଯୋଗରେ ଅଭିଯୁକ୍ତ ସତ୍ୟଜିତ୍ ବେହେରାକୁ ଆଡହକ୍ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ଫାଷ୍ଟଟ୍ରକ୍ ଅଦାଲତ-୧, ୪ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଆସାମୀ ଉପରେ ୨୩ ହଜାର ଟଙ୍କାର ଜରିମାନା କରାଯାଇଛି । ଜରିମାନା ଅନାଦାୟ ଆସାମୀ ଅଧିକ ୧୪ମାସ ଜେଲ୍‌ଦଣ୍ଡ ଭୋଗିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅପରପକ୍ଷରେ ପୀଡ଼ିତାଙ୍କୁ ୧ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାରୁ ଜଣାଯାଇଛି ଯେ, ପୀଡ଼ିତା ସାଲେପୁର କଲେଜ୍‌ରେ ପଢୁଥିଲାବେଳେ ଅଭିଯୁକ୍ତ ଗତ ଜାନୁଆରୀ ୨୬ରେ କଲେଜ୍‌ରେ ପହଞ୍ଚି ପୀଡ଼ିତାଙ୍କୁ ଗାଡ଼ିରେ ବସାଇ ବୁଲାଇନେବାକୁ କହିଥିଲା । ପୀଡ଼ିତା ବୁଲିଯିବା ପରେ ଏକ ନଦୀକୂଳକୁ ନେଇ ତାଙ୍କ ପ୍ରତି ଅସଦାଚରଣ କରିଥିଲା। ପୀଡ଼ିତା ବିରୋଧ କରିବାରୁ ତାଙ୍କୁ ଗାଳିଗୁଲଜ ମଧ୍ୟ କରିଥିଲା । ପୀଡ଼ିତାଙ୍କୁ ଏକ ଗାଡ଼ି ଆଗକୁ ଠେଲି ମାରିଦେବାକୁ ଉଦ୍ୟମ କରିଥିଲା । ପୀଡ଼ିତା ଅଭିଯୁକ୍ତ କବଳରୁ ମୁକୁଳି ଆସିବା ପରେ ପରିବାର ଆଗରେ ସବୁକଥା କହିଥିଲେ। ଏନେଇ ସାଲେପୁର ଥାନାରେ ଏତଲା ଦିଆଯାଇଥିଲା। ଏହି ଏତଲା ଆଧାରରେ ପୁଲିସ୍ ଅଭିଯୁକ୍ତକୁ ଗିରଫ କରିବା ସହ ଚାର୍ଜସିଟ୍ ମଧ୍ଯ ଦାଖଲ କରିଥିଲା। ଅଦାଲତ ମାମଲାର ଶୁଣାଣି କରି ଅଭିଯୁକ୍ତ ସତ୍ୟଜିତ୍‌କୁ ଏହି ଘଟଣାରେ ଦୋଷୀ ସାବ୍ୟସ୍ତ କରିବା ସହ ୪ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ଓମ୍‌ଫେଡ ପ୍ରଶିକ୍ଷଣ କେନ୍ଦ୍ରରେ ଦୁଗ୍ଧ ଦିବସ ପାଳିତ

ଫୁଲନଖରା ,(ସବ୍ୟୁ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁରସ୍ଥିତ ଓମଫେଡ ପ୍ରଶିକ୍ଷଣ କେନ୍ଦ୍ରରେ ବିଶ ଦୁଗ୍ଧ ଦିବସ ମହାଆଡମ୍ବରରେ ପାଳିତ ହୋଇଯାଇଛି । ଅତିରିକ୍ତ ନିର୍ଦ୍ଦେଶକ ଡାଃ ଗିରିଧାରୀ ଭୋଇ, ସି.ଡି.ଭି.ଓ ଡାଃ ସୁଶାନ୍ତ ନାୟକ, ଏନ. ଡି. ଏସଜୋନାଲ ହେଡ ଡାଃ ଏସ. ଶଙ୍କର, ମ୍ୟାନେଜର ହରପ୍ରିୟା ଦାଶ, ଡାଃ ଅନ୍ତର୍ଯ୍ୟାମି ଖଟୁଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।ଏହି ଅବସରରେରେ କାମଧେନୁ ଯୋଜନା ମାଧ୍ୟମରେ ବିଭିନ୍ନ ବ୍ଲକର ହିତାଧିକାରୀମାନଙ୍କୁ ଶଙ୍କର ଜାତୀୟ ଗାଈ ପ୍ରଦାନ କରାଯାଇଥିଲା ।

# ଶନିବାର ଠାରୁ ଦୁଇ ଦିନିଆ ତୃତୀୟ ସୋଆ ସାହିତ୍ୟ ଉତ୍ସବ-୨୦୨୫

ଭୁବନେଶ୍ୱର, (ସବ୍ୟୁ): ଶନିବାରୁ ଠାରୁ ଆରମ୍ଭ ହେବ ୨-ଦିନିଆ ତୃତୀୟ ସୋଆ ସାହିତ୍ୟ ଉତ୍ସବ-୨୦୨୫ । ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ନଭେମ୍ବର ୨୯ ଓ ୩୦ ତାରିଖରେ ତୃତୀୟ ସୋଆ ସାହିତ୍ୟ ଉତ୍ସବର ଆୟୋଜନ କରାଯାଇଛି । ସୋଆ ପରିଚାଳିତ ସେଂଟର ଫର ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଂଟ କଲ୍‌ଚର ହେରିଟେଜ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଏହି ସାହିତ୍ୟ ଉତ୍ସବ ଆୟୋଜନ କରାଯାଇଥିବା ବେଳେ ଚଳିତ ବର୍ଷର ପ୍ରସଙ୍ଗ ରହିଛି 'କଲ୍‌ଚର, କ୍ରିଏଟିଭିଟି ଆଣ୍ଡ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ' ଅର୍ଥାତ୍ ସଂସ୍କୃତି, ସର୍ଜନଶୀଳତା ଓ କୃତ୍ରିମ ବୁଦ୍ଧିମତା। ଉତ୍ସବର ପ୍ରଥମ ଦିନ ଅର୍ଥାତ ନଭେମ୍ବର ୨୯ ତାରିଖ ଶନିବାର ଦିନ ସୋଆ ସାହିତ୍ୟ ଉତ୍ସବକୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି ଉଦ୍‌ଘାଟନ କରିବେ।

ଏହି ସାହିତ୍ୟ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାରତୀୟ ଚଳଚ୍ଚିତ୍ର ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଓ ଜୀବନବ୍ୟାପୀ ଅବଦାନ ନିମନ୍ତେ ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଓ ସମାଜ ଚିନ୍ତକ ପଦ୍ମ ଭୂଷଣ ଜାଭେଦ ଅଖତରଙ୍କୁ ସୋଆ ସାହିତ୍ୟ ସମ୍ମାନ ୨୦୨୫ ପ୍ରଦାନ କରାଯିବ। ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ବର୍ଷ ପ୍ରତିଷ୍ଠିତ ସୋଆ ସାହିତ୍ୟ ସମ୍ମାନ ଦେଶରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରାଯିବ। ଭାରତୀୟ ସମ୍ବିଧାନ ଅନୁମୋଦିତ ଯେକୌଣସି ଭାରତୀୟ ଭାଷାର ସାହିତ୍ୟିକଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଶବ୍ଦର ଯାଦୁକର ଜାଭେଦ ଅଖତର ସମ୍ମାନ ଗ୍ରହଣ କରିବା ସହ ନିଜର ଅଭିଭାଷଣ ରଖିବେ। ସେହିପରି ସୋଆ ସାହିତ୍ୟ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନ ଅର୍ଥାତ ନଭେମ୍ବର ୩୦ ତାରିଖ ରବିବାର ଦିନ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାହିତ୍ୟିକ ମାନଙ୍କୁ ଉତ୍ସାହିତ କରିବା ସହ ନିଜର ଅଭିଭାଷଣ ରଖିବେ। ଏହି ଅବସରରେ ଓଡ଼ିଆ ଯୁବ କବି ଓ ଲେଖକ ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କୁ ସୋଆ ଯୁବ ସାହିତ୍ୟ ପୁରସ୍କାର ୨୦୨୫ ସମ୍ମାନରେ ସମ୍ମାନିତ କରାଯିବ।

# କଳାକନା ବୁଲାଇଲେ ଦୁର୍ବୃତ୍ତ, ପାଖାପାଖି ୧୫ ଲକ୍ଷ ଟଙ୍କାର ଚୋରି

ବୈଶିଙ୍ଗା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅର୍ନ୍ତଗତ କଳମା ଗ୍ରାମରେ ବୁଧବାର ରାତିରେ ଚୋରି ହୋଇଯାଇଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଥିବା ବେଳେ ବୈଶିଙ୍ଗା ପୁଲିସର ତଦନ୍ତ ଜାରି । ମିଳିଥିବା ସୂଚନା ମୁତାବକ କଳମା ଅଞ୍ଚଳର ସୁଦର୍ଶନ ମହାଳିକଙ୍କ ପରିବାର ବର୍ଗ ଘରେ କେହି ନଥିଲେ ଛୁ ଏହାର ସୁଯୋଗ ନେଇ ବୁଧବାର ବିଳମ୍ବିତ ରାତ୍ରିରେ କିଛି ଦୁର୍ବୃତ୍ତ ଘର ର ପ୍ରମୁଖ ତାଲା ଭାଙ୍ଗିବା ଘର ଭିତରେ ଥିବା ଆଲମିରା ଭାଙ୍ଗି ଲକ୍ଷାଧିକ ଟଙ୍କାର ଗହଣା, ଟଙ୍କା, ଲାପଟପ ଚୋରି କରିନେଇଥିଲେ । ଘର ଭିତରେ ଥିବା ସମସ୍ତ ସାମଗ୍ରୀ ମଧ୍ୟ ଏଣେତେଣେ ପଡ଼ିରହିଥିଲା । ଗୁରବାର ସକାଳ ୯ ଘଟିକା ସମୟରେ ସୁଦର୍ଶନଙ୍କର ବଡଭାଇଙ୍କ ପୁଅ ଉକ୍ତ ଘରକୁ ଆସିଥିବା ବେଳେ ଘରର କବାଟରେ ଲାଗିଥିବା ତାଲା ଭଙ୍ଗାଯାଇଥିବାର ଦେଖିବାକୁ ପାଇଥିଲେ । ସେ ଏହା ଦେଖି ସଙ୍ଗେ ସଙ୍ଗେ ସୁଦର୍ଶନଙ୍କୁ ଯୋଗାଯୋଗ କରିଥିଲେ । ସୁଦର୍ଶନଙ୍କର ବଡ ଭାଇ ଏ ନେଇ ବୈଶିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପତ୍ରରେ ଚୋରି ସମସ୍ତ ସାମଗ୍ରୀର ଆନୁମାନିକ ମୂଲ୍ୟ ପାଖାପାଖି ୧୫ ଲକ୍ଷ ଟଙ୍କା ଟଙ୍କା ହେବ । ଏହି ଲିଖିତ ଅଭିଯୋଗକୁ ଆଧାରକରି ବୈଶିଙ୍ଗା ଥାନାରେ ୬୦୪/୨୫ର ଏକ ମାମଲା ରୁଜୁ କରିବା ସହ ଆଜି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ଏହା ସହ ପୁଲିସ ସନ୍ଧାନୀ କୁକୁର ଯୋଗେ ତଦନ୍ତ କରିବା ସହ ସାଇଣ୍ଟିଫିକ ଟିମ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାଯାଇଛି ।

## ଏଫ୍‌ଆଇଏଚ୍ ମହିଳା ଜୁନିଅର ହକି ବିଶ୍ୱକପ୍ ପାଇଁ

# ଜୁନିଅର ମହିଳା ଦଳ ପ୍ରସ୍ତୁତିକୁ ସମର୍ଥନ କଲା କୋକା-କୋଲା ଇଣ୍ଡିଆ

ଭୁବନେଶ୍ୱର, (ସବ୍ୟୁ): ଆନନ୍ଦନା - କୋକା-କୋଲା ଇଣ୍ଡିଆ ଫାଉଣ୍ଡେସନ୍ ଆଜି ଚିଲିର ସାଂଟିଆଗୋରେ ଏଫଆଇଏଚ ମହିଳା ଜୁନିଅର ହକି ବିଶ୍ୱକପ୍ ୨୦୨୫ ପାଇଁ ପ୍ରସ୍ତୁତିରେ ଭାରତର ଜୁନିଅର ମହିଳା ହକି ଦଳକୁ ସମର୍ଥନ କରିଛି । ଆନନ୍ଦନା ଏବଂ ହକି ଇଣ୍ଡିଆ ତିନି ବର୍ଷରୁ ଅଧିକ ସମୟ ଧରି ସହଭାଗୀ ଅଛନ୍ତି, ଯୁବ ମହିଳା ଖେଳାଳିମାନଙ୍କ ପାଇଁ ସୁଯୋଗ ବିସ୍ତାର କରିବା ଏବଂ ଭାରତରେ ଉଦୀୟମାନ ହକି ପ୍ରତିଭା ପାଇଁ ପଥକୁ ମଜବୁତ କରିବା ପାଇଁ ଏକାଠି କାମ କରୁଛନ୍ତି। ଏହି ସହଭାଗୀତା ସ୍ଥିର ତାଲିମ ସମର୍ଥନ, ଅନ୍ତର୍ଜାତୀୟ ଏକ୍ସପୋଜର ଏବଂ ସାମଗ୍ରିକ ଆଥଲେଟ୍ ବିକାଶ ମାଧ୍ୟମରେ ଦଳର ପ୍ରସ୍ତୁତି ନିର୍ମାଣ ଉପରେ ଧ୍ୟାନ ଦେଇଛି । ଏଥିରେ ଯୁବ ଖେଳାଳିମାନଙ୍କୁ ବିଶ୍ୱ ସ୍ତରରେ ପ୍ରଦର୍ଶନ କରିବା ପାଇଁ ଆବଶ୍ୟକ ଦକ୍ଷତା, ଆତ୍ମବିଶ୍ୱାସ ଏବଂ ପ୍ରତିଯୋଗିତାମୂଳକ ପ୍ରସ୍ତୁତି ନିର୍ମାଣ କରିବାରେ ସାହାଯ୍ୟ କରିବା ପାଇଁ ଦୀର୍ଘକାଳୀନ ପ୍ରୟାସ ଅନ୍ତର୍ଭୁକ୍ତ ଅଟେ। ପ୍ରସ୍ତୁତି ସମର୍ଥନ ଅଷ୍ଟ୍ରେଲିଆରେ ଦଳର ସମ୍ପ୍ରତି ପାଂଚ-ମ୍ୟାଚ୍ ଏକ୍ସପୋଜର ଗସ୍ତକୁ ସକ୍ଷମ କରିଥିଲା, ଯେଉଁଠାରେ ଖେଳାଳିମାନେ ବିଶ୍ୱସ୍ତରୀୟ ପ୍ରତିପକ୍ଷଙ୍କ ବିରୁଦ୍ଧରେ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମ୍ୟାଚ୍ ଅଭିଜ୍ଞତା ହାସଲ କରିଥିଲେ। ଏହି ସହଭାଗୀତା ଭାରତ, ଆମଷ୍ଟରଡାମ ଏବଂ ବର୍ଲିନରେ ଆୟୋଜିତ ଅନେକ ପ୍ରସ୍ତୁତି ଶିବିରକୁ ମଧ୍ୟ ସୁବିଧା ଦେଇଥିଲା, ଯେଉଁଥିରେ ବୈଷୟିକ ଦକ୍ଷତା ଏବଂ ମ୍ୟାଚ୍ ମନୋଭାବକୁ ତୀକ୍ଷ୍ଣ କରିବା ପାଇଁ ଡିଜାଇନ୍ କରାଯାଇଥିବା ସ୍ଥାନ-ନିର୍ଦ୍ଦିଷ୍ଟ ଏବଂ ଉଚ୍ଚ-ପ୍ରଦର୍ଶିତା ତାଲିମ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା।

# ଅନଲାଇନରେ ବଢୁଛି ପିଜା, କେକ୍‌ର ଚାହିଦା

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ଗ୍ରାହକଙ୍କ ବିକଶିତ ଖାଦ୍ୟ ଅଭ୍ୟାସକୁ ନେଇ ଭାରତର ଅଗ୍ରଣୀ ଅନ୍-ଡିମାଣ୍ଡ ପ୍ଲାଟଫର୍ମ ସ୍ୱିଗି, କାର୍ନି ସହିତ ସହଭାଗୀତାରେ ଡ଼ହାଓ ଇଣ୍ଡିଆ ଇଟ୍ସ' ଶୀର୍ଷକ ଏହାର ବାର୍ଷିକ ରିପୋର୍ଟ ୨୦୨୫ ସଂସ୍କରଣର ଶୁଭାରମ୍ଭ କରିଛି । ରିପୋର୍ଟ ମୁତାବକ ରାତ୍ରିଭୋଜନ ଅପେକ୍ଷା ବିଳମ୍ବିତ ରାତିରେ ଖାଦ୍ୟ ଅର୍ଡର ୩ ଗୁଣ ବୃଦ୍ଧି ଘଟିଛି ଯେଉଁଥିରେ ପିଜା, କେକ୍ ଏବଂ ମୃଦୁ ପାନୀୟର ବ୍ୟବହାର



ରାତି ୧୧ପରେ ସର୍ବାଧିକ ବୃଦ୍ଧି ପାଉଛି । ବଟରମିଲ୍କ ଏବଂ ଶରବତ ପରି ସ୍ଥାନୀୟ ଭାରତୀୟ ପାନୀୟ, ସାମଗ୍ରିକ ପାନୀୟର ୪-୬ ଗୁଣ ବୃଦ୍ଧି ପାଇଛି । ଅନ୍ୟ ପାନୀୟ ତୁଳନାରେ ଚା' ୩ ଗୁଣରୁ ଅଧିକ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ରାସ୍ତା କଡ଼ରେ ଥିବା ଛୋଟ ଚା ଦୋକାନଗୁଡ଼ିକ ମଧ୍ୟ ଏବେ ଗ୍ରାହକମାନଙ୍କୁ ସେବା ଯୋଗାଇବା ପାଇଁ ଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର କରୁଛନ୍ତି । ଗତ ୫ବର୍ଷ ମଧ୍ୟରେ ବୋବା ଟି ଏବଂ ମଚ୍ଛା ଟି ପାଇଁ ସନ୍ଧାନ ୧୧ଗୁଣ ଏବଂ ୪ଗୁଣ ବୃଦ୍ଧି ପାଇଛି । ଭାରତରେ ପ୍ରତି ଗ୍ରାହକ ପିଛା ଅର୍ଡର କରାଯାଇଥିବା ସ୍ୱତନ୍ତ୍ର ଖାଦ୍ୟରେ ୨୦% ଅଭିବୃଦ୍ଧି, ଏବଂ ରେଷ୍ଟୁରାଣ୍ଟରୁ ଅର୍ଡର ଖାଦ୍ୟରେ ୩୦% ଅଭିବୃଦ୍ଧି ଘଟିଛି । ରିପୋର୍ଟରେ ପୂର୍ବାନୁମାନ କରାଯାଇଛି ଯେ ୨୦୩୦ ସୁଦ୍ଧା ଭାରତର ଖାଦ୍ୟ ସେବା ବଜାର ୧୨୫ ବିଲିୟନ ଆମେରିକୀୟ ଡଲାର ଅତିକ୍ରମ କରିବ ଏବଂ ସଂଗଠିତ କ୍ଷେତ୍ର, ଅଣ ସଂଗଠିତ କ୍ଷେତ୍ର ତୁଳନାରେ ୨ ଗୁଣ ବୃଦ୍ଧି ପାଇବ । ବଢୁଥିବା ଆୟ, ଡିଜିଟାଲ୍ ଗ୍ରହଣୀୟତା ଏବଂ ଅତ୍ୟାଧୁନିକ ସୁବିଧା ଏହି ଅଭିବୃଦ୍ଧିର ଏକ ପ୍ରମୁଖ କାରଣ । ରିପୋର୍ଟ ଉପରେ ମତାମତ ଦେଇ ସ୍ୱିଗି ଫୁଡ୍ ମାର୍କେଟପ୍ଲେସର ସିଇଓ ରୋହିତ କପୁର କହିଛନ୍ତି, ଖାଦ୍ୟ ଶିଳ୍ପ ମାତ୍ର ଏକ ଦଶନ୍ଧି ମଧ୍ୟରେ ଦ୍ରୁତ ଗତିରେ ପରିବର୍ତ୍ତନ ଆସିଛି, ଆମର ୧୦-ମିନିଟ୍ ଡ଼ବୋଲଫ' ଅଫରିଂ ପରି ସେବା ଦ୍ୱାରା ଦ୍ରୁତ ବିତରଣ ଆଶା ପରିଚାଳିତ ହୋଇଛି । ଗ୍ରାହକମାନେ ଏବେ ସୁଲଭ ପରିଚିତ ଖାଦ୍ୟ ଏବଂ ମଚ୍ଛା ଏବଂ ବୋବା ଟି ଭଳି ଟ୍ରେଣ୍ଡି ବିକଳ୍ପ ଉଭୟ ଚାହୁଁଛନ୍ତି । ସେହିଭଳି କିଅର୍ନିରେ କ୍ୟୁଏସଆର ଏସିଆ ଲିଡର ଏଫ ଆଣ୍ଡ ବି ଲିଡର ପାର୍ଟନର ରଜତ ତୁଲି କହିଛନ୍ତି, ଭାରତର ଖାଦ୍ୟ ଅର୍ଥନୀତି ବିସ୍ତାରିତ ହେଉଛି, ଅଣ-ମେଟ୍ରୋ ସହରଗୁଡ଼ିକରେ ଡାଇନିଂ-ଆଉଟ୍ ଅଭିବୃଦ୍ଧି ଶୀର୍ଷ ଆଠଟି ମେଟ୍ରୋ ସହର ତୁଳନାରେ ୨ ଗୁଣ ଦ୍ରୁତ ଗତିରେ ବୃଦ୍ଧି ପାଉଛି ।

# ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍, ଆଞ୍ଚଳିକ କାର୍ଯ୍ୟାଳୟ, କଟକ ଦ୍ୱାରା ଗ୍ରାହକ ସମ୍ମିଳନୀ

ଭୁବନେଶ୍ୱର (ସବ୍ୟୁ) : ଶିଖରପୁର ସ୍ଥିତ ଏକ ହୋଟେଲ ଟେଲରେ ଏକ ଗ୍ରାହକ ସମ୍ମିଳନୀର (ଟାଉନ ହଲ ସଭା) ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ଷ୍ଟେଟ୍ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଚୌଧୁରି




ଅଶ୍ୱିନ୍ ଅନୁପମ ପ୍ରହରାଜ ସଭାପତିତ୍ୱ କରିଥିଲେ । । ଶ୍ରୀ ପ୍ରହରାଜ ଗ୍ରାହକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ସେମାନଙ୍କୁ ବ୍ୟାଙ୍କରେ ଉପଲବ୍ଧ ହେଉଥିବା ବିଭିନ୍ନ ସେବା ଏବଂ ସୁବିଧା ବିଷୟରେ ଅବଗତ କରିଥିଲେ । ବ୍ୟାଙ୍କର ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟର ଏ.ଜି.ଏମ୍ କିର୍ତ୍ତୀକାନ୍ତ ସ୍ୱାଇଁ ଯୋଗଦେଇ ଗ୍ରାହକମାନଙ୍କୁ ସାଇବର ସୁରକ୍ଷା ଏବଂ ବିଭିନ୍ନ ପ୍ରକାର ଅନଲାଇନ୍ ଠକାମି ବିଷୟରେ ସଚେତନ କରାଇଥିଲେ । ସଭାରେ ଯୋଗଦେଇଥିବା ଶତାଧିକ ଗ୍ରାହକ ବ୍ୟାଙ୍କର ପ୍ରଚଳିତ ଡିଜିଟାଲ ପ୍ରକ୍ରିୟା ଏବଂ ଆଧୁନିକ କରଣ ସେବାର ଭୂୟସୀ ପ୍ରଶଂସା କରିଥିଲେ । ଗ୍ରାହକମାନେ ବ୍ୟାଙ୍କର ଉପଲବ୍ଧ ଜମା, ଋଣ ଏବଂ ବୀମା ଇତ୍ୟାଦି ଯୋଜନା ଦ୍ୱାରା କିପରି ଉପକୃତ ହେଉଛନ୍ତି ତାହା ବର୍ଣ୍ଣନା କରିଥିଲେ । ଗ୍ରାହକମାନେ ବ୍ୟାଙ୍କ ସହିତ ସେମାନଙ୍କ ଦୀର୍ଘଦିନର ସଂପୃକ୍ତି ଏବଂ ତତ୍‌ସହିତ ଥିବା ଅନୁଭୂତିର ବର୍ଣନା ସହିତ ସେମାନଙ୍କର ସନ୍ତୋଷ ପ୍ରକାଶ କରିଥିଲେ । ଯୁବ ଉଦ୍ୟୋଗୀମାନେ କିପରି ବ୍ୟାଙ୍କର ସହାୟତରେ ନିଜର ବ୍ୟବସାୟର ଅଭିବୃଦ୍ଧି ଘଟାଇବା ସହିତ ଅନେକ ଲୋକଙ୍କ ପାଇଁ ନିଯୁକ୍ତିର ବ୍ୟବସ୍ଥା କରିଛନ୍ତି ତାହାର ବର୍ଣ୍ଣନା କରିଥିଲେ । ଗ୍ରାହକ ମାନେ ସମ୍ମିଳିତ ସ୍ୱରରେ ବ୍ୟାଙ୍କର ଅତୁଳନୀୟ ସେବା ଏବଂ ଶ୍ରେଷ୍ଠତାର ପ୍ରଶଂସା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର କଟକ ସହରର ସମସ୍ତ ଶାଖାର ପ୍ରବନ୍ଧକ ଏବଂ ଆଞ୍ଚଳିକ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ । ବ୍ୟାଙ୍କର ଅଧିକାରୀମାନେ 'SBI Wealth' ସ୍କିମ୍‌ର ବିଭିନ୍ନ ଉପଯୋଗିତା, ବିଭିନ୍ନ ବୀମା ଯୋଜନାର ଲାଭ ବିଷୟରେ ଆଲୋକପାତ କରିଥିଲେ । ବ୍ୟାଙ୍କର ଟୋଲଫ୍ରି ନମ୍ବର ୟୁନୋ ଏବଂ ଡିଜିଟାଲ ସେବା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ ।

## ଅରୁଣ ଆଇସକ୍ରିମ୍ ସୁସ୍ୱାଦୁ ଆଇସକ୍ରିମ ଡୋନଟ୍ସର ଶୁଭାରମ୍ଭ କରିଛି

ଭୁବନେଶ୍ୱର (ସବ୍ୟୁ): ଚଳିତ ଋତୁରେ, ଅରୁଣ ଆଇସକ୍ରିମ, ପ୍ରକୃତ କ୍ଷୀର ଏବଂ କ୍ରିମ ସହିତ ପ୍ରସ୍ତୁତ ଆଇସକ୍ରିମର ପରିସର ପାଇଁ ବହୁଳ ଭାବରେ ଲୋକପ୍ରିୟ ଏବଂ କାସାଟାସ୍ଲାଇସ୍, ଆଇକୋନ୍, ଆବାର, ସ୍ୱାଇରାଲ୍, ବାଇଟ୍ସ, ବଲ୍ ଆଇସକ୍ରିମ, ଆଇସକ୍ରିମ ସାଣ୍ଡୱିଚ୍ ଏବଂ ପୁସଅପ୍ କଟନ୍ କ୍ୟାଣ୍ଡି ଭଳି ଆଇକନିକ ଉତ୍ପାଦ ଶୁଭାରମ୍ଭ କରିବା ପାଇଁ ଜଣାଶୁଣା ଏକ କାଟେଗୋରିଲିଡର ଏହାର ପ୍ରିୟଟ୍ରିଟ୍ସରେଞ୍ଜି - ଅରୁଣ ଆଇସକ୍ରିମ ଡୋନଟ୍‌ରେ ନୂତନତମ ଉତ୍ପାଦର ଶୁଭାରମ୍ଭ କରିଛି । ଏହିବାଇଟ୍-ଆକାରର ଆନନ୍ଦ ଏକ ମଜାଦାର ମିଶ୍ରଣ ଯାହା ଗ୍ରାହକମାନଙ୍କୁ ସତେଜ, ରୋମାଂଚକର ଏବଂ ସ୍ୱାଦ ପାଇଁ ଉପଯୁକ୍ତ କିଛି ଖୋଜୁଥିବା ଲୋକଙ୍କୁ ଆକର୍ଷିତ କରିବା ପାଇଁ ଡିଜାଇନ୍ କରାଯାଇଛି। ଅରୁଣ ଆଇସକ୍ରିମ୍‌ର ନୂତନ ଶୁଭାରମ୍ଭ ସମସ୍ତ ବୟସ ଗୋଷ୍ଠୀକୁ ଆକର୍ଷିତ କରୁଥିବା କ୍ଲାସିକ୍‌ଟ୍ରିଟ୍ ପ୍ରସ୍ତୁତ କରିବା ସହିତ ଏକ ଅତୁଳନୀୟ ସ୍ୱାଦ ପ୍ରଦାନ କରେ। ଏହାର ଟ୍ରେଣ୍ଡ-ନେତୃତ୍ୱାଧୀନ ନବସୃଜନ ଏବଂ ଅଣସାଳିସଯୁକ୍ତ ଗୁଣବତା ସହିତ, ବ୍ରାଣ୍ଡ ପିଢ଼ି ପରେ ପିଢ଼ି ପରିବାରକୁ ଆନନ୍ଦ ଦେବା ସହିତ ଯୁବଗ୍ରାହକଙ୍କ ସହିତ ଗଭୀର ଭାବରେ ସଂଯୋଗ ଜାରି ରଖିଛି ।

# ବାତ୍ୟା ଡିଟୱା ନେଲାଣି ୫୬ ଜୀବନ

**କଲମ୍ବୋ:** ସାମୁଦ୍ରିକ ଝଡ଼ ଡିଟୱା ଶ୍ରୀଲଙ୍କାରେ ତାଣ୍ଡବ ରଚିଛି । ବାତ୍ୟା ଡିଟୱା ଯୋଗୁ ଲାଗି ରହିଥିବା ଝଡ଼ ବର୍ଷା ଶ୍ରୀଲଙ୍କାର ଉପକୂଳବର୍ତ୍ତୀ ଅଞ୍ଚଳରେ ସାଂଘାତିକ ସ୍ଥିତି ସୃଷ୍ଟି କରିଛି । ଏଥିରେ ବର୍ତ୍ତମାନ ସୁଦ୍ଧା ୫୬ ଜଣ ପ୍ରାଣ ହରାଇଥିବା ବେଳେ ଅନେକ ନିଖୋଜ ରହିଛନ୍ତି । ଲଗାଣ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ହୋଇଛି । ସେହିପରି ଅଚାନକ ବନ୍ୟା ଶ୍ରୀଲଙ୍କାବାସୀଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଛି । ଆଗକୁ ବାତ୍ୟା ଡିଟୱା ଅଧିକ ଘନୀଭୂତ ହୋଇ ଅତିଭୀଷଣ ବାତ୍ୟା ରୂପ ନେବାର ଆଶଙ୍କା ରହିଛି । ଅତି ଭୀଷଣ ବାତ୍ୟାର ରୂପ ନେଇ ଏହା ଭାରତର ତାମିଲନାଡୁ ଉପକୂଳରେ ନଭେମ୍ବର ୩୦ ବେଳକୁ ସ୍ଥଳ ଭାଗ ଛୁଇଁବାର ଯଥେଷ୍ଟ ଆଶଙ୍କା ରହିଥିବା ଆଇଏମଡି ପୂର୍ବାନୁମାନ କରିଛି । ଏହାର ପ୍ରଭାବ ଏବେ ଠାରୁ ହିଁ ତାମିଲନାଡୁର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି ।ସମୁଦ୍ର ଅଶାନ୍ତ ରହିବା ସହ ଲଗାଣ ବର୍ଷା ଆରମ୍ଭ ହୋଇଯାଇଛି ।



ଭାରତକୁ ଡିଟୱା ଆସିବା ପୂର୍ବରୁ ଶ୍ରୀଲଙ୍କାରେ ଜୀବନ ନେବାରେ ନେଇଛି ।ବାଦୁଲ୍ଲା ଜିଲ୍ଲାରେ ଭୂସ୍ଖଳନ ହେବାରୁ ୨୧ ଜଣ ପ୍ରାଣ ହରାଇଛନ୍ତି । କାଦୁଅ ମିଶା ପାଣି ଏକାଧିକ ଘର ଓ ରାସ୍ତାକୁ ଭସାଇ ନେଇଛି। ଶ୍ରୀଲଙ୍କା ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର(ଡିଏମସି) କହିଛି ଯେ ବାତ୍ୟା ପ୍ରଭାବରେ ଲାଗି ରହିଥିବା ବର୍ଷା ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି ।

ଏଥିଯୋଗୁ ୪୩,୯୯୧ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ସ୍କୁଲ ଘର ଓ ଅସ୍ଥାୟୀ ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯାଇଛିଛ ୩୦୦ ମିମିରୁ ଅଧିକ ବର୍ଷା ହେବାରୁ ଦେଶର ପୂର୍ବ ଓ କେନ୍ଦ୍ର ଭାଗରେ ବନ୍ୟା ଦେଖାଯାଇଛି । ବର୍ତ୍ତମାନ ସୁଦ୍ଧା ୫୬ ଜଣ ପ୍ରାଣ ହରାଇବା ବେଳେ ୬୦୦ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଛ । ସ୍ଥିତିକୁ ଦେଖି ଶ୍ରୀଲଙ୍କାରେ ସମସ୍ତ ସରକାରୀ ଅଫିସ ଓ ସ୍କୁଲକୁ ଶୁକ୍ରବାର ଛୁଟି ଘୋଷଣା କରାଯାଇଛି ।

ଗୁରୁବାର ଠାରୁ ଶ୍ରୀଲଙ୍କାରେ ଲଗାଣ ବର୍ଷା ଲାଗି ରହିଥିବା ବେଳେ ରାତିଠାରୁ ସ୍ଥିତି ଜଟିଳ ହୋଇଛି । ବିଭିନ୍ନ ସ୍ଥାନରେ ଲୋକଙ୍କ ଘରେ ବନ୍ୟା ପାଣି ପ୍ରବେଶ କରିଛି ।ରାସ୍ତା ଘାଟ ବୁଡ଼ି ଯାଇଥିବା ବେଳେ ଭୂସ୍ଖଳନ ସ୍ଥିତିକୁ ଭୟଙ୍କର କରିଛି । ବଦୁଲ୍ଲା ଓ ନୁୱାରା ଇଲିୟା ଭଳି ଚା' ଚାଷ ହେଉଥିବା ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ହେବାରୁ ୩୦ ଜଣ ପ୍ରାଣ ହରାଇଛନ୍ତି । ସେହିପରି ଏହି ଦୁଇଟି ସ୍ଥାନରେ ୨୧ରୁ ଅଧିକ ଲୋକ ନିଖୋଜ ରହିଛନ୍ତି । ମାଟି ତଳକୁ ୧୪ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଡିଏମସି ପକ୍ଷରୁ କୁହାଯାଇଛ ।

ଡିଏମସି କହିଛି ଯେ ଅବିଶ୍ରାନ୍ତ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଥିବା ଜଳ ଭଣ୍ଡାର ଓ ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ବନ୍ୟା ପାଣି ରାସ୍ତା ଉପରେ ଚାଲୁଥିବାରୁ କିଛି ସ୍ଥାନରେ ଯାତାୟାତ ବାଧାପ୍ରାପ୍ତ ହୋଇଛି ।ବନ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଯାତ୍ରୀବାହୀ ଟ୍ରେନ ଚଳାଚଳକୁ ବନ୍ଦ କରି ଦିଆଯାଇଛି ।

ଶ୍ରୀଲଙ୍କା ସ୍ଥିତି ସମୟ ଗଡ଼ିବା ସହ ଜଟିଳ ହେଉଥିବାରୁ ଭାରତ ସରକାର ସହାୟତାର ହାତ ବଢାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ଶୋକ ପ୍ରକାଶ କରିଛନ୍ତି ।ସେହିପରି ଭାରତ ସରକାରଙ୍କ ପକ୍ଷରୁ ଅପରେସନ ସାଗର ବନ୍ଧୁ ଆରମ୍ଭ କରାଯାଇଛି । ଏହାବାଦ ଆଇଏନଏସ୍ ବିକ୍ରାନ୍ତଙ୍କୁ ମଧ ସହାୟତା କରିବା ପାଇଁ ପ୍ରସ୍ତୁତ ହୋଇ ରହିଛି।



# ୟୁକ୍ରେନ ପଛକୁ ହଟିଲେ ଯୁଦ୍ଧ ବନ୍ଦ ହେବ

**ମସ୍କୋ:** ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ଏକ ପ୍ରମୁଖ ରାଜନୈତିକ ବିକାଶ ଦେଖାଦେଇଛି । ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ନିଶ୍ଚିତ କରିଛନ୍ତି ଯେ ଆମେରିକୀୟ ଅଧିକାରୀମାନେ ଆସନ୍ତା ସପ୍ତାହରେ ମସ୍କୋ ଗସ୍ତ କରିବେ । ଏହି ଗସ୍ତ ଗତ ସପ୍ତାହରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଉପସ୍ଥାପିତ ୨୮-ସୂତ୍ରୀ ଶାନ୍ତି ପ୍ରସ୍ତାବ ଉପରେ ଆଲୋଚନା କରିବା ପାଇଁ ହେବ । କିର୍ଗିଜସ୍ତାନକୁ ତିନି ଦିନିଆ ଗସ୍ତ ପରେ ପୁଟିନ ଗଣମାଧ୍ୟମ ସହିତ ଆଲୋଚନା ସମୟରେ ଏହି ଘୋଷଣା କରିଥିଲେ ।



ପୁଟିନ କହିଛନ୍ତି ଯେ ଆମେରିକା ଦ୍ୱାରା ଉପସ୍ଥାପିତ ଶାନ୍ତି ପ୍ରସ୍ତାବ ଆଲୋଚନାର ଆଧାର ହୋଇପାରେ । ସେ କହିଛନ୍ତି, ଆମେ ଏହି ପ୍ରସ୍ତାବର ପ୍ରତ୍ୟେକ ବିନ୍ଦୁ ଉପରେ ବିସ୍ତୃତ ଆଲୋଚନା ପାଇଁ ପ୍ରସ୍ତୁତ । ତଥାପି, ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ୟୁକ୍ରେନକୁ ପ୍ରଥମେ ରୁଷ ଦାବି କରୁଥିବା ଅଞ୍ଚଳରୁ ତାର ସୈନ୍ୟ ପ୍ରତ୍ୟାହାର କରିବାକୁ ପଡିବ । ପୁଟିନ ଚେତାବନୀ ଦେଇଛନ୍ତି ଯେ ଯଦି ୟୁକ୍ରେନୀୟ ସୈନ୍ୟ ପ୍ରତ୍ୟାହାର ନକରନ୍ତି, ତେବେ ରୁଷ ବଳ ପ୍ରୟୋଗ କରିବ ।

ଅନ୍ୟପଟେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ପୁଟିନଙ୍କ ବିବୃତ୍ତିକୁ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ ଶାନ୍ତି, ରୁଷର ଧମକ କିମ୍ବା ଚେତାବନୀ ଦ୍ୱାରା ନିର୍ଣ୍ଣୟ ହେବ ନାହିଁ, ବରଂ ଅନ୍ତର୍ଜାତୀୟ ପରିସ୍ଥିତି ଦ୍ୱାରା ନିର୍ଣ୍ଣୟ ହେବ । ତାଙ୍କ ଭାଷଣରେ, ଜେଲେନସ୍କି କହିଛନ୍ତି, ଆମେ, ଆମେରିକୀୟ ପ୍ରତିନିଧିମାନଙ୍କ ସହିତ, ଜେନେଭାରେ ପହଞ୍ଚିଥିବା ଶାନ୍ତି ବିନ୍ଦୁଗୁଡ଼ିକୁ ଆଗକୁ ବଢ଼ାଉଛୁ ଏବଂ ସୁରକ୍ଷା ଦିଗରେ କାମ କରୁଛୁ ।

ସୂତ୍ର ଅନୁଯାୟୀ, ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟକଫ୍ ଆସନ୍ତା ସପ୍ତାହରେ ମସ୍କୋରେ ପହଞ୍ଚିବେ, ଯେତେବେଳେ ଆମେରିକୀୟ ସେନା ସଚିବ ଡାନ୍ ଡ୍ରିସ୍କଲ୍ ଖୁବ୍ ଶୀଘ୍ର କିଭ୍ ଗସ୍ତ କରିବାକୁ ପ୍ରସ୍ତୁତ ହେଉଛନ୍ତି । ରୁଷ-ୟୁକ୍ରେନ ଯୁଦ୍ଧ ୟୁରୋପୀୟ ଦେଶଗୁଡ଼ିକର ସୁରକ୍ଷା ପାଇଁ ବିପଦ ସୃଷ୍ଟି କରୁଛି ବୋଲି ବିଶ୍ୱାସ କରାଯାଉଛି । ଫଳସ୍ୱରୂପ, ଅନେକ ୟୁରୋପୀୟ ନେତା ଏବେ ଶାନ୍ତି ପ୍ରକ୍ରିୟାରେ ସେମାନଙ୍କର ଭୂମିକା ନିର୍ଣ୍ଣୟ କରିବା ପାଇଁ ଆଲୋଚନାରେ ଯୋଗଦେବାକୁ ଚେଷ୍ଟା କରୁଛନ୍ତି । ପୁଟିନ୍ ଦାବି କରିଛନ୍ତି ଯେ ରୁଷ ନାଟୋ କିମ୍ବା ୟୁରୋପ ଉପରେ ଆକ୍ରମଣ କରିବ ନାହିଁ । ସେ ଏପରି ସମସ୍ତ ଅଭିଯୋଗକୁ ମିଥ୍ୟା ବୋଲି ଖାରଜ କରିଛନ୍ତି ।

# କଠୋର ହେଲେ ଟ୍ରମ୍ପ

**ୱାଶିଂଟନ:** ଆମେରିକା ଇମିଗ୍ରେସନ ନୀତି ବା ଆମେରିକା ଦେଶାନ୍ତର ନୀତିକୁ ନେଇ ଆହୁରି କଠୋର ହୋଇଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ତୃତୀୟ ବିଶ୍ୱର ଦେଶର ଲୋକଙ୍କ ଆମେରିକା ପ୍ରବେଶ ଉପରେ ସେ ସଂପୂର୍ଣ୍ଣ ତଥା ସ୍ଥାୟୀ ରୋକ ଲଗାଇବା ବୋଲି ଶୁକ୍ରବାର ଘୋଷଣା କରିଛନ୍ତି । ଘରୋଇ ବ୍ୟବସ୍ଥାକୁ ପୁନଃ ତିଆରି କରିବା, ବେଆଇନ ପ୍ରବାସୀଙ୍କୁ ବିଦା କରିବା ଓ ବିଦେଶୀ ନାଗରିକଙ୍କ ଯାଞ୍ଚକୁ କଡ଼ାକଡ଼ି କରିବାର ଆଦି ନୀତିର ଅଂଶବିଶେଷ ଭାବେ ଟ୍ରମ୍ପ ଏପରି ଘୋଷଣା କରିଛନ୍ତି । ଦିନକ ତଳେ ହ୍ୱାଇଟ ହାଉସ ନିକଟରେ ଜାତୀୟ ଗାର୍ଡର ଦୁଇ ଜଣ ସୁରକ୍ଷାକର୍ମୀଙ୍କୁ ଜଣେ ଆଫଗାନ ନାଗରିକ ଗୁଳିମାଡ଼ କରିଥିଲା । ଏଥିରେ ଜଣେ ପ୍ରାଣ ହରାଇଥିବା ବେଳେ ଆଉ ଜଣେ ଏବେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଏହାକୁ ଅତ୍ୟନ୍ତ କ୍ଷୁବ୍ଧ ହୋଇଥିଲେ ଟ୍ରମ୍ପ । ଘଟଣା ପରେ ଟ୍ରମ୍ପ ପ୍ରଶାସନ ଘୋଷଣା କରିଥିଲା ଯେ ଆଫଗାନ ସମେତ ୧୯ଟି ଦେଶର ଲୋକଙ୍କ ସ୍ଥାୟୀ ରହଣୀ ଷ୍ଟାଟସର ଯାଞ୍ଚ କରାଯିବ । ଏବେ ଟ୍ରମ୍ପ ଦେଶାନ୍ତର ନୀତିକୁ ନେଇ ଆହୁରି କଠୋର ହୋଇଛନ୍ତି ।

ସେ କହିଛନ୍ତି, ମୁଁ ଆମେରିକା ବ୍ୟବସ୍ଥାକୁ ସଂପୂର୍ଣ୍ଣ ଭାବେ ଠିକ କରିବା ପାଇଁ ସମସ୍ତ ତୃତୀୟ ଦୁନିଆର ଦେଶର ପ୍ରବାସୀଙ୍କ ଉପରେ ସ୍ଥାୟୀ ରୋକ ଲଗାଇବି । ବାଇଡେନଙ୍କ ବେଆଇନ ପ୍ରବେଶ ନିୟମ ଯୋଗୁ ଆମେରିକା ଆସିଥିବା ଲକ୍ଷାଧିକ ଲୋକଙ୍କୁ ବହିଷ୍କାର କରିବି । ଆମେରିକାର ସମ୍ପତ୍ତି ସହ ଜଡ଼ିତ ନଥିବା କିମ୍ବା ଆମ ଦେଶକୁ ଭଲ ପାଇବାର ଯୋଗ୍ୟତା ରଖି ନଥିବା ସମସ୍ତ ଲୋକଙ୍କୁ ହଟାଇ ଦେବି ।

ଅଣନାଗରିକଙ୍କୁ ମିଳୁଥିବା ସମସ୍ତ ସଂଘୀୟ ସୁବିଧା ଓ ସବସିଡିକୁ ମଧ ସେ ଶେଷ କରିବେ ବୋଲି ଘୋଷଣା କରିଛନ୍ତି । ଘରୋଇ ଶାନ୍ତିକୁ କ୍ଷତି ପହଞ୍ଚାଉଥିବା ସମସ୍ତ ପ୍ରବାସୀଙ୍କୁ ବ୍ୟାନ କରାଯିବ । ସାର୍ବଜନୀନ ବୋଝ, ସୁରକ୍ଷା ପ୍ରତି ବିପଦ ଓ ପଶ୍ଚିମ ସଭ୍ୟତାକୁ ଖାତିର କରୁ ନଥିବା ସମସ୍ତ ବିଦେଶୀ ନାଗରିକଙ୍କୁ ଦେଶରୁ ବିଦା କରାଯିବ ବୋଲି ଟ୍ରମ୍ପ କହିଛନ୍ତି ।

# ବିଶ୍ୱର ସବୁଠାରୁ ଉଚ୍ଚ ରାମ ପ୍ରତିମୂର୍ତ୍ତି ଉନ୍ମୋଚନ

**ପାଣାଜୀ:** ଭଗବାନ ଶ୍ରୀ ରାମଙ୍କ ସବୁଠାରୁ ଉଚ୍ଚ ପ୍ରତିମୂର୍ତ୍ତିର ଉନ୍ମୋଚନ ହୋଇଛି । ୭୭ ଫୁଟ ଉଚ୍ଚ ଏହି କାଂସ୍ୟ ପ୍ରତିମୂର୍ତ୍ତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି(ଶୁକ୍ରବାର) ଉନ୍ମୋଚନ କରିଛନ୍ତ ।ଦକ୍ଷିଣ ଗୋଆର ଶ୍ରୀ ସମସ୍ଥାନ ଗୋକରାମ ଜୀବୋତ୍ତମ ମଠରେ ପ୍ରତିମୂର୍ତ୍ତିକୁ ସ୍ଥାପନ କରାଯାଇଛି । ଆଜି ଯାଏ ଭଗବାନ ରାମଙ୍କ ଏତେ ବଡ଼ ପ୍ରତିମୂର୍ତ୍ତି ବିଶ୍ୱର କେଉଁଠି ସ୍ଥାପନ ହୋଇ ନଥିଲା । ହେଲେ ଏବେ ୭୭ ଫୁଟ ଉଚ୍ଚ ପ୍ରତିମୂର୍ତ୍ତି ସ୍ଥାପନ ହୋଇଛି । ପ୍ରଧାନମନ୍ତ୍ରୀ ମୋଦି ଏହି ବିଶାଳକାୟ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିବା ସହ ମଠରେ ଥିବା ମନ୍ଦିର ବୁଲି ଦେଖିଛନ୍ତି । ସ୍ଥପତି ରାମ ସୁତାର ହିଁ ଏହି ପ୍ରତିମୂର୍ତ୍ତିକୁ ତିଆରି କରିଛନ୍ତି । ସୁତାର ହେଉଛନ୍ତି ସେହି ସ୍ଥପତି ଯିଏ ଗୁଜରାଟରେ ଷ୍ଟାଚ୍ୟୁ ଅଫ ୟୁନିଟୀକୁ ତିଆରି କରିଥିଲେ । ଏବେ ସେ ବିଶ୍ୱର ସବୁଠାରୁ ବଡ଼ ଶ୍ରୀ ରାମ ପ୍ରତିମୂର୍ତ୍ତି ତିଆରି କରି ଆଉ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି । ଗୋଆରେ ଥିବା ଏହି ମଠ ହେଉଛି ଭାରତର ଅନ୍ୟତମ ପୁରାତନ ପ୍ରତିଷ୍ଠାନ । ନିଜର ଧାର୍ମିକ, ସାଂସ୍କୃତି ଓ ସାମାଜିକ ଅବଦାନ ପାଇଁ ମଠ ବେଶ ପରିଚିତ । ସରସ୍ୱତୀ ସଂପ୍ରଦାୟ ମଧ୍ୟରେ ଏହାର ମହତ୍ତ୍ୱ ବେଶ ଅଧିକ । ମଠ ପରମ୍ପରାର ୫୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ନଭେମ୍ବର ୨୭ରୁ ଏଠାରେ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଜାରି ରହିଛି । ଏହା ଡିସେମ୍ବର ୭ ଯାଏ ଚାଲିବ । ପ୍ରତିଦିନ ମଠର ବିଭିନ୍ନ କାର୍ଯ୍ୟକ୍ରମରେ ୭ ରୁ ୧୦ ହଜାର ଲୋକ ସାମିଲ ହେଉଥିବା କୁହାଯାଉଛି । ଏହିକ୍ରମରେ ଆଜି ପ୍ରଧାନମନ୍ତ୍ରୀ ସେଠାରେ ପହଞ୍ଚି ବ୍ରୋଞ୍ଜରେ ନିର୍ମିତ ବିରାଟକାୟ ରାମ ପ୍ରତିମୂର୍ତ୍ତିର ଉନ୍ମୋଚନ କରିଛନ୍ତି । ଭଗବାନ ରାମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କର୍ଣ୍ଣାଟକର ଉଡପିରେ ବିଶାଳ ରୋଡ ଶୋ' କରିଥିଲେ । ଏଥିସହ ଶ୍ରୀକ୍ରିଷ୍ଣା ମଠରେ ଆୟୋଜିତ ଲକ୍ଷ କଣ୍ଠ ଗୀତା ପାରାୟଣମ କାର୍ଯ୍ୟକ୍ରମକୁ ସମ୍ବୋଧନ କରିଥିଲେ । ସେଠାରୁ ସେ ସିଧା ଗୋଆ ଯାଇ ପ୍ରଭୁ ଶ୍ରୀରାମଙ୍କ ୭୭ ଫୁଟ ଉଚ୍ଚ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଛନ୍ତି ।





# ଆକାଶରେ ଫସି ରହିଲେ ପର୍ଯ୍ୟଟକ

**ଇଡୁକ୍କି :** କେରଳର ଇଡୁକ୍କି ଜିଲ୍ଲାର ଅନାଚଲରେ ଥିବା ଏକ ଘରୋଇ ସ୍କାଏ-ଡାଇନିଂ ରେସ୍ତୋରାଁରେ ଶୁକ୍ରବାର ଏକ ଅଘଟଣ ଘଟିଛି ।ରେସ୍ତୋରାଁର କ୍ରେନ ଖରାପ ହୋଇଯିବାରୁ ପର୍ଯ୍ୟଟକମାନେ ଭୂମିଠାରୁ ୧୨୦ ଫୁଟ ଉଚ୍ଚରେ ଝୁଲିରହିଥିଲେ । ଗୁରୁତ୍ୱ ପୂର୍ଣ୍ଣ କଥା ହେଉଛି ଫସିଯାଇଥିବା ଲୋକମାନଙ୍କ ମଧ୍ୟରେ ୨ ଜଣ ଶିଶୁ ମଧ ରହିଥିଲେ । ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ସୁରକ୍ଷିତ ଭାବରେ ତଳକୁ ଆଣିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ।



ଏହି ଘଟଣାଟି ମୁନ୍ନାର ନିକଟରେ ଘଟିଛି, ଯେଉଁଠାରେ ଏକ କ୍ରେନ୍ ଚାଳିତ ଡାଇନିଂ ପ୍ଲାଟଫର୍ମ ପରିଦର୍ଶକଙ୍କୁ ଏକ ଦୁଃସାହସିକ ଆକାଶୀ ଭୋଜନ ଅଭିଜ୍ଞତା ପ୍ରଦାନ କରେ । କିଛି ମାସ ପୂର୍ବେ ଆରମ୍ଭ ହୋଇଥିବା ଏହି ସିଷ୍ଟମରେ ଏକାଥରେ ୧୬ ଜଣ ଲୋକ ବସିପାରିବେ, ଯାହା ସେମାନଙ୍କୁ ପ୍ରାୟ ଅଧ ଘଣ୍ଟା ପାଇଁ ୧୨୦ ଫୁଟ ଉଚ୍ଚରୁ ଉପତ୍ୟାକାର ଦୃଶ୍ୟ ଉପଭୋଗ କରିବା ସହିତ ଭୋଜନ କରିବାକୁ ଅନୁମତି ଦିଏ । ରିପୋର୍ଟ ଅନୁଯାୟୀ କ୍ରେନରେ ଏକ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ପ୍ଲାଟଫର୍ମଟି ତଳକୁ ଆସିନଥିଲା ଓ ଉପରେ ଅଟକି ରହିଥିଲେ । ମୁନ୍ନାରରୁ ନିୟୋଜିତ ଅଗ୍ନିଶମ ଏବଂ ସୁରକ୍ଷା କର୍ମଚାରୀମାନେ ଉଦ୍ଧାର କାମରେ ଲାଗିଛନ୍ତି । ସେମାନେ ଦଉଡ଼ି ବ୍ୟବହାର କରି ଲୋକଙ୍କୁ ତଳକୁ ଓହ୍ଲାଇବା ବିକଳ୍ପ ଉପରେ କାମ କରୁଛନ୍ତି । ଉଦ୍ଧାର କାର୍ଯ୍ୟ ଏବେବି ଜାରି ରହିଛି, ଏବଂ ଇଞ୍ଜିନିୟରମାନେ ସିଷ୍ଟମକୁ ପୁଣି ଚାଲୁ କରିବା ଏବଂ ସମସ୍ତ ଫସି ରହିଥିବା ପର୍ଯ୍ୟଟକ ଏବଂ କର୍ମଚାରୀଙ୍କୁ ସୁରକ୍ଷିତ ଭାବରେ ଫେରାଇ ଆଣିବା ଲାଗି କାର୍ଯ୍ୟ କରୁଛନ୍ତି ।

# ଇମ୍ରାନଙ୍କ ଘଟଣା ନେଉଛି ଭିନ୍ନମୋଡ଼: ଜେଲ ପ୍ରଶାସନ

**ଇସଲାମାବାଦ:** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଗତ ଦୁଇ ବର୍ଷ ଧରି ଆଦିଆଲା ଜେଲରେ ବନ୍ଦୀ ଅଛନ୍ତି । ଗତଏକ ମାସ ହେବ ଇମ୍ରାନ ଖାନଙ୍କୁ ତାଙ୍କ ପରିବାର ସଦସ୍ୟଙ୍କ ସହ କୌଣସି ପରିସ୍ଥିତିରେ ଭେଟିବାକୁ ଦିଆଯାଉ ନାହିଁ ।

ଏଭଳି ସମୟରେ ସୋସିଆଲ ମିଡିଆରେ ଖବର ପ୍ରସାରିତ ହେଉଛି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଏବଂ ପିଟିଆଇ ପ୍ରତିଷ୍ଠାତା ଇମ୍ରାନ ଖାନଙ୍କ ପରଲୋକ ହୋଇଛି । ଏହି ଖବର ପାଇବା ପରେ ହଜାର ହଜାର ଲୋକ ଆଦିଆଲା ଜେଲ ବାହାରେ ଏକାଠି ହୋଇ ପ୍ରତିବାଦ କରିବା ଆରମ୍ଭ କରି ଦେଇଛନ୍ତି । ବଢୁଥିବା ଗୁଜବ ମଧ୍ୟରେ, ଜେଲ ପ୍ରଶାସନ କହିଛନ୍ତି ଯେ, ଇମ୍ରାନ ଖାନ ଜେଲରେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ତାଙ୍କ ସୁରକ୍ଷା ପ୍ରତି କୌଣସି ବିପଦ ନାହିଁ । ଇମ୍ରାନଙ୍କୁ ଅନ୍ୟ କୌଣସି ସ୍ଥାନକୁ ସ୍ଥାନାନ୍ତର କରାଯାଇ ନାହିଁ ।

ଇମ୍ରାନଙ୍କୁ ନେଇ ସୋସିଆଲ ମିଡିଆରେ ପ୍ରସାରିତ ହେଉଥିବା ଖବର ସମ୍ପୂର୍ଣ୍ଣ ଭାବେ ମିଥ୍ୟା ଅଟେ ।ଏଭଳି ସମୟରେ ଇମ୍ରାନ ଖାନଙ୍କ ପୁରୁଣା ଲେଖା ଘଟଣାକୁ ଆହୁରି ଗରମ କରି ଦେଇଛି । ୨୦୨୪ ମଇ ୨ ତାରିଖରେ ବ୍ରିଟେନର ଟେଲିଗ୍ରାଫରେ ଇମ୍ରାନଙ୍କ ଏକ ଲେଖା ଛପା ଯାଇଥିଲା । ଯେଉଁଥିରେ ଇମ୍ରାନ ଲେଖିଥିଲେ, 'ସାମରିକ ପ୍ରତିଷ୍ଠାନ ମୋ ବିରୋଧରେ ସମସ୍ତ ଉପାୟ ଆପଣାଇ ସାରିଛନ୍ତ । ଏବେ ମୋ ଜୀବନ ପ୍ରତି ବିପଦ ରହିଛିଛ ଯଦି ମୋର କିମ୍ବା ମୋ ପତ୍ନୀଙ୍କ ସହିତ କିଛି ହୁଏ, ତେବେ ଏଥିପାଇଁ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିର ସିଧାସଳଖ ଦାୟୀ ରହିବେ ।'ଇମ୍ରାନ ଖାନଙ୍କ ସମର୍ଥକମାନେ ଆଦିଆଲା ଜେଲ ବାହାରେ ଏକାଠି ହୋଇ ନିରନ୍ତର ପ୍ରଶ୍ନ କରୁଛନ୍ତି ଯେ, ଯଦି ସେ ସୁସ୍ଥ ଅଛନ୍ତି ତେବେ ତାଙ୍କୁ କାହିଁକି ଭେଟିବାକୁ ପ୍ରତିବନ୍ଧକ ଲଗାଯାଇଛି । ଜେଲ ଭିତରେ କ'ଣ ଘଟୁଛି ସେ ବିଷୟରେ ସରକାର ଏବଂ ସେନାର ନୀରବତା ପିଟିଆଇ ସମର୍ଥକଙ୍କ ସନ୍ଦେହକୁ ଆହୁରି ବଢାଇ ଦେଇଛି । ଇମ୍ରାନ ଖାନଙ୍କ ସାନ ପୁଅ କାସିମ ଖାନ ବ୍ରିଟେନରୁ ସୋସିଆଲ ମିଡିଆ ମାଧ୍ୟମରେ କହିଛନ୍ତି, 'ବାପାଙ୍କୁ ଗତ ଛଅ ସପ୍ତାହ ଧରି ବିଚ୍ଛିନ୍ନ ରଖାଯାଇଛି ଏବଂ ପରିବାର ଜାଣିନାହିଁ ଯେ ସେ କିପରି ଅଛନ୍ତି । ଏହା କେବଳ ଏକ ସୁରକ୍ଷା ବାହାନା ନୁହେଁ ବରଂ ଏକ ପ୍ରକାର ଷଡ଼ଯନ୍ତ୍ର । ଯଦି ବାପାଙ୍କ ସହିତ କିଛି ଅଘଟଣ ଘଟେ, ତେବେ ପାକିସ୍ତାନ ସରକାର ଏଥିପାଇଁ ସିଧାସଳଖ ଦାୟୀ ରହିବେ ।

## କପିଳ ଶର୍ମାଙ୍କ କାଫେ ଗୁଳିକାଣ୍ଡ

# ମାଷ୍ଟରମାଇଣ୍ଡର ସହଯୋଗୀ ଲୁଧିଆନାରୁ ଗିରଫ

**ନୂଆଦିଲ୍ଲୀ:** ଦିଲ୍ଲୀ ପୁଲିସର କ୍ରାଇମବ୍ରାଞ୍ଚକୁ କପିଲ ଶର୍ମାଙ୍କ କାନାଡାସ୍ଥିତ କାଫେ କପିଲ ଶର୍ମା କାଫେରେ ହୋଇଥିବା ଗୁଳିକାଣ୍ଡ ଘଟଣାରେ ଏକ ବଡ଼ ସଫଳତା ମିଳିଛି । ଗୁଳିକାଣ୍ଡର ମାଷ୍ଟରମାଇଣ୍ଡ ଗୋଲ୍ଡି ଢିଲୋନ ଗ୍ୟାଙ୍ଗର ଜଣେ ପ୍ରମୁଖ ସଦସ୍ୟ ବନ୍ଧୁମାନ ସିଂହ ସେଖୋନ ଓରଫ ବନ୍ଧୁ ମାନ ସିଂହକୁ କ୍ରାଇମବ୍ରାଞ୍ଚ ଲୁଧିଆନାରୁ ଗିରଫ କରିଛି ।




ବନ୍ଧୁ ମାନ ଭାରତର କାନାଡାସ୍ଥିତ ହ୍ୟାଣ୍ଡଲର ଥିବା ବେଳେ ତା' ବିରୋଧରେ ପୂର୍ବରୁ ଅନେକ ହତ୍ୟା, ବଟି ଆଦାୟ ଏବଂ ଅସ୍ତ୍ରଶସ୍ତ୍ର ମାମଲା ରୁଜୁ ହୋଇଛି । ଗିରଫ ବନ୍ଧୁଠାରୁ ଏକ ଚାଇନିଜ୍-୩ ପିସ୍ତଲ ଏବଂ ଆଠଟି କାର୍ଟ୍ରିଜ୍ ଜବତ କରାଯାଇଛି । ଦିଲ୍ଲୀ ପୁଲିସ 'କପିଲ ଶର୍ମା କାଫେ' ଗୁଳିକାଣ୍ଡ ଘଟଣାକୁ ନେଇ କହିଛି, 'ଅଭିଯୁକ୍ତ ବନ୍ଧୁ ମାନ ସିଂହ ସେଖୋନକୁ ଲୁଧିଆନାରୁ ଗିରଫ କରାଯାଇଛି । ସେ ଦୁଇଟି ଗୁଳିକାଣ୍ଡ ଘଟଣା ପରେ କାନାଡା ପଳାଇଯାଇଥିଲା । କପିଲ ଶର୍ମାଙ୍କ କାଫେରେ ଆକ୍ରମଣ ଘଟଣାରେ ସେ ୱାଣ୍ଟେଡ୍ ଥିଲା । ସେଖୋନ ଦୀର୍ଘ ଦିନ ଧରି ଭାରତ ଏବଂ କାନାଡାରେ ଗ୍ୟାଙ୍ଗଷ୍ଟରମାନଙ୍କ ମଧ୍ୟରେ ଏକ ଲିଙ୍କ ଭାବରେ କାର୍ଯ୍ୟ କରିଆସୁଥିଲା । ସେ ଗ୍ୟାଙ୍ଗଷ୍ଟରମାନଙ୍କ ନିର୍ଦ୍ଦେଶରେ ଗୁଳିଚାଳନା, ଦାଦାବଟି ଆଦାୟ ଏବଂ ଧମକ ଭଳି କାର୍ଯ୍ୟକଳାପ ଚଳାଇଥିଲା ।

# ଆଧାର କାର୍ଡ ନିୟମରେ ପରିବର୍ତ୍ତନ

**ଜନ୍ମ ପ୍ରମାଣପତ୍ର ପାଇଁ ହେବ ନାହିଁ ପ୍ରଯୁଜ୍ୟ**

**ନୂଆଦିଲ୍ଲୀ:** ମହାରାଷ୍ଟ୍ରରେ ଜନ୍ମ ପ୍ରମାଣପତ୍ର ପାଇବା ପାଇଁ ଆଧାର କାର୍ଡକୁ ଆଉ ବାଧ୍ୟତାମୂଳକ ଡକ୍ୟୁମେଣ୍ଟ ଭାବରେ ବିବେଚନା କରାଯିବ ନାହିଁ । ଏହାର ଅର୍ଥ ହେଉଛି ଆଧାର କାର୍ଡ ଦେଖାଇ ଜଣେ ବ୍ୟକ୍ତିଙ୍କ ଜନ୍ମ ପ୍ରମାଣପତ୍ର ଆଉ ଜାରି କରାଯିବ ନାହ । ଏହା ବ୍ୟତୀତ, ଅଗଷ୍ଟ ୨୦୨୩ ଆଇନରେ ସଂଶୋଧନ ପରେ, କେବଳ ଆଧାର କାର୍ଡ ବ୍ୟବହାର କରି ପ୍ରଦାନ କରାଯାଇଥିବା ଜନ୍ମ ପ୍ରମାଣପତ୍ର ବାତିଲ ହୋଇଯିବ । ସରକାର ବେଆଇନ ଉଦ୍ଦେଶ୍ୟ ପାଇଁ ନକଲି ଜନ୍ମ ଏବଂ ମୃତ୍ୟୁ ପ୍ରମାଣପତ୍ର ବ୍ୟବହାରକୁ ରୋକିବା ପାଇଁ ଏହି ନିଷ୍ପତ୍ତି ନେଇଛନ୍ତି । ରାଜସ୍ୱ ମନ୍ତ୍ରୀ ଚନ୍ଦ୍ରଶେଖର ବାୱନକୁଲେ ଆଧାର କାର୍ଡ ବ୍ୟବହାର କରି ପ୍ରଦାନ କରାଯାଇଥିବା ସମସ୍ତ ସନ୍ଦିଗ୍ଧ ପ୍ରମାଣପତ୍ର ବାତିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ, ଏହି ପ୍ରମାଣପତ୍ର ପ୍ରଦାନ କରିଥିବା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜସ୍ୱ ବିଭାଗ ସମସ୍ତ ତହସିଲଦାର, ଉପ-ବିଭାଗୀୟ ଅଧିକାରୀ, ଜିଲ୍ଲା କମିଶନର ଏବଂ ବିଭାଗୀୟ କମିଶନରଙ୍କୁ ୧୬-ସୂତ୍ରୀ ଯାଞ୍ଚ ନିର୍ଦ୍ଦେଶାବଳୀ ଜାରି କରିଛି । ଉତ୍ତର ପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ମଧ ଏକ ନିର୍ଦ୍ଦେଶ ଜାରି କରିଛନ୍ତି । ଆଧାର କାର୍ଡକୁ ଆଉ ଜନ୍ମ ତାରିଖର ପ୍ରମାଣ ଭାବରେ ବିବେଚନା କରାଯିବ ନାହିଁ । ମହାରାଷ୍ଟ୍ର ରାଜସ୍ୱ ମନ୍ତ୍ରୀ ଚନ୍ଦ୍ରଶେଖର ବାୱନକୁଲେ ସମସ୍ତ ସନ୍ଦିଗ୍ଧ କାଗଜପତ୍ର ବାତିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ ଜାଲ୍ ଡକ୍ୟୁମେଣ୍ଟ ଜାରି କରିଥିବା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ ନିର୍ଦ୍ଦେଶ ଦେଇଛନ୍ତି । ଯଦି କୌଣସି ବ୍ୟକ୍ତି ମୂଳ ଡକ୍ୟୁମେଣ୍ଟ ଦେଖାଇବାରେ ଅସମର୍ଥ ହୁଅନ୍ତି, ତେବେ ତାଙ୍କୁ ପଳାତକ ଘୋଷଣା କରାଯିବ ଏବଂ ତାଙ୍କ ବିରୁଦ୍ଧରେ ଏଫଆଇଆର ରୁଜୁ କରାଯିବ ।



# ବଦଳିବେ ରୋହିତଙ୍କ ପାର୍ଟନର




ନୂଆଦିଲ୍ଲୀ,୨୮।୧୧(ଏଜେନ୍ସି): ଆଗାମୀ ୩୦ ତାରିଖରୁ ଭାରତ ଓ ଦ.ଆଫ୍ରିକା ମଧ୍ୟରେ ଦିନିକିଆ ଶୃଙ୍ଖଳା ଆରମ୍ଭ ହେବ। ଟେଷ୍ଟରେ ମୁଳପୋଛ ହେବା ପରେ ଭାରତ ଏବେ ଦିନିକିଆରେ ପ୍ରତିଶୋଧ ନେବାକୁ ଲକ୍ଷ୍ୟ ରଖିଛି। ଦିନିକିଆ ଶୃଙ୍ଖଳାରେ ଦଳକୁ ବିରାଟ କୋହଲି ଓ ରୋହିତ ଶର୍ମା ଫେରିଛନ୍ତି। ଭାରତର ବ୍ୟାଟିଂ ଲାଇନ ଅପ୍ ଶକ୍ତିଶାଳୀ ରହିଛି। ଏହି ଶୃଙ୍ଖଳାରେ ରୋହିତ ଶର୍ମା ଇନିଂସ ଓପନ କରିବେ। ଶୁଭମନ ଗିଲ ଦଳରୁ ବାହାରି ଥିବାରୁ ତାଙ୍କ ସ୍ଥାନରେ କିଏ ଇନିଂସ ଓପନ କରିବେ ତାହାକୁ ନେଇ ଦ୍ୱନ୍ଦ ରହିଛି। ଯଶସ୍ୱ ଜୟଶ୍ୱାଲ ଓ ଋତୁରାଜ ଗାଏକ୍ୱାର୍ଡ ଦୁଇ ଓପନର ବିକଳ୍ପ ରହିଛନ୍ତି। ଏମାନଙ୍କୁ ଜଣେ ରୋହିତ ଶର୍ମାଙ୍କ ସହ ଇନିଂସ ଓପନ କରିବେ। ଦିନିକିଆ ଶୃଙ୍ଖଳାରେ ଭାରତୀୟ ଦଳରେ ଏକାଧିକ ପରିବର୍ତ୍ତନ ଦେଖିବାକୁ ମିଳିବ। ନେତୃତ୍ୱ ନେବେ ଲୋକେଶ ରାହୁଲ। ରାହୁଲ ମଧ୍ୟ ପୂର୍ବରୁ ନିଜେ ଇନିଂସ ଓପନ କରିଛନ୍ତି। କିନ୍ତୁ ଦୀର୍ଘ ଦିନ ହେବ ସେ ୫ କିମ୍ବା ୬ ନମ୍ବରରେ ବ୍ୟାଟିଂ କରିଛନ୍ତି। ସେ ମିଡ଼ିଲ ଅର୍ଡରରେ ଖେଳିବାରେ ଅଧିକ ସମ୍ଭାବନା ରହିଛି। ଯଶସ୍ୱୀ କେବଳ ଗୋଟିଏ ଦିନିକିଆର ମ୍ୟାଚ ଖେଳିଛନ୍ତି। ଗତ ଫେବୃଆରୀରେ ନାଗପୁର ମ୍ୟାଚରେ ସେ ୧୫ ରନ୍ କରିଥିଲେ। ଅନ୍ୟ ଦିଗରେ ଋତୁରାଜ ୬ଟି ମ୍ୟାଚ ଖେଳିଛନ୍ତି। ୪ଟିରେ ଓପନିଂ କରିଛନ୍ତି। ଗୋଟିଏ ଅର୍ଦ୍ଧଶତକ ରହିଛି। ଲିଷ୍ଟ 'ଏ' ରେ ଋତୁରାଜ ୮୯ ମ୍ୟାଚ ଖେଳିଛନ୍ତି। ସେ ୪୫୩୪ ରନ୍ କରିଛନ୍ତି। ୧୭ଟି ଶତକ ରହିଛି। ଭାରତ 'ଏ' ପାଇଁ ମଧ୍ୟ ସେ ଓପନିଂ କରିଛନ୍ତି। ଯଶସ୍ୱୀ ୩୩ଟି ଲିଷ୍ଟ ଏ ମୁକାବିଲାରେ ୫୨.୬୨ ହାରରେ ୧୫୨୬ ରନ୍ କରିଛନ୍ତି। ତେଣୁ ରୋହିତଙ୍କ ସହ କିଏ ଇନିଂସ ଓପନ କରିବ ତାକୁ ନେଇ ଦ୍ୱନ୍ଦ୍ୱ ଜାରି ରହିଛି।

# ଏଫଆଇଏଚ ପୁରୁଷ ଜୁନିୟର ହକି ବିଶ୍ୱକପ ବିଗୁଲ ବାଜିଲା

ଚେନ୍ନାଇ,୨୮।୧୧(ଏଜେନ୍ସି): ତାମିଲନାଡୁର ଚେନ୍ନାଇ ଓ ମଦୁରାଇରେ ଏଫଆଇଏଚ ଜୁନିୟର ପୁରୁଷ ହକି ବିଶ୍ୱକପ୍ ବିଗୁଲ ବାଜିଛି। ପ୍ରଥମ ଦିନ ୪ଟି ଯାକ ପୁଲର ୮ଟି ମ୍ୟାଚ ଖେଳାଯାଇଛି। ସକାଳ ୯.୧୫ରୁ ମଦୁରାଇରେ ପୁଲ 'ଏ' ମ୍ୟାଚ ଆରମ୍ଭ ହୋଇଥିଲା। ଉଦଘାଟନୀ ମ୍ୟାଚରେ ଦ.ଆଫ୍ରିକାକୁ ଭେଟିଥିଲା ଜର୍ମାନୀ। ଏହି ମ୍ୟାଚରେ ଜର୍ମାନୀ ୪-୦ ଗୋଲରେ ଦ.ଆଫ୍ରିକାକୁ ଧରାଶାୟୀ ଅଭିଯାନ ଆରମ୍ଭ କରିଛି। ଦ୍ୱିତୀୟ ମ୍ୟାଚରେ କାନାଡାକୁ ଭେଟିଥିଲା ଆୟର୍ଲାଣ୍ଡ। ଶକ୍ତିଶାଳୀ ଆୟର୍ଲାଣ୍ଡ ଦଳ କଡ଼ା ସଂଘର୍ଷ କରି ୪-୩ ଗୋଲରେ କାନାଡାକୁ ପରାଜିତ କରିଛି। ତୃତୀୟ ମ୍ୟାଚରେ ଆର୍ଜେଣ୍ଟିନା ଓ ଜାପାନ ମୁହାଁମୁହିଁ ହୋଇଥିଲେ। ଏହି ମ୍ୟାଚରେ ଆର୍ଜେଣ୍ଟିନା




୪-୧ ଗୋଲରେ ବିଜୟଲାଭ କରିଛି। ଚତୁର୍ଥ ମ୍ୟାଚରେ ସ୍ପେନ୍ ଏକତରଫା ବିଜୟଲାଭ କରିଥିଲା। ମଦୁରାଇରେ ଖେଳାଯାଇଥିବା ଏହି ମ୍ୟାଚରେ ଇଜିପ୍ଟକୁ ଭେଟିଥିଲା ସ୍ପେନ। ସ୍ପେନ ୮-୦ ଗୋଲରେ ବିଜୟଲାଭ କରିଥିଲା। ପଞ୍ଚମ ମ୍ୟାଚରେ ନ୍ୟୁଜିଲାଣ୍ଡ ଓ ଚୀନ ମୁହାଁମୁହିଁ ହୋଇଥିଲେ। ନ୍ୟୁଜିଲାଣ୍ଡ ୫-୩ ଗୋଲରେ ବିଜୟଲାଭ କରି ଆଗକୁ ବଢ଼ିଛି। ଷଷ୍ଠ ମ୍ୟାଚରେ ନାମ୍ବିଆକୁ ଭେଟିଥିଲା ବେଲଜିୟମ। ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଦଳ ଭାବେ ପରିଚିତ ବେଲଜିୟମ୍ ୧୨-୧ ଗୋଲରେ ବୃହତ ବିଜୟ ହାସଲ କରିଛି। ସପ୍ତମ ମ୍ୟାଚରେ ସ୍ୱିଜରଲାଣ୍ଡ ଓ ଓମାନ ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚରେ ସ୍ୱିଜରଲାଣ୍ଡ ୪-୦ ଗୋଲରେ ବିଜୟଲାଭ କରିଛି। ପ୍ରଥମ ଦିନର ଶେଷ ମ୍ୟାଚ ଭାରତ ଓ ଚିଲି ମଧ୍ୟରେ ଖେଳାଯିବ।

## ବିସିସିଆଇର କଲର ପାର୍ଟନର ଏସିଆନ୍ ପେଣ୍ଟ୍

ମୁମ୍ବାଇ,୨୮।୧୧(ଏଜେନ୍ସି): ଭାରତର ଅଗ୍ରଣୀ ପେଣ୍ଟ୍ ଏବଂ ଡେକରବ୍ରାଣ୍ଡ ଏସିଆନ୍ ପେଣ୍ଟସ୍ ଏବଂ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ରହିଛି। ଆଗାମୀ ୩ ବର୍ଷ ପାଇଁ ବିସିସିଆଇର ଅଫିସିଆଲ କଲର ପାର୍ଟନର ରହିବ ଏସିଆନ୍ ପେଣ୍ଟସ୍। ୩ ବର୍ଷ ମଧ୍ୟରେ ଭାରତରେ ଖେଳାଯିବାକୁଥିବା ପୁରୁଷ ମହିଳା ଏବଂ ଘରୋଇ ଶୃଙ୍ଖଳାର ୧୧୦ଟି ମ୍ୟାଚ ନିମନ୍ତେ ଏସିଆନ୍ ପେଣ୍ଟସ୍ ଏହି ଚୁକ୍ତି କରିଛି। କ୍ରିକେଟ୍ ସହ ଏସିଆନ୍ ପେଣ୍ଟସ୍ ସମ୍ପର୍କକୁ ସୁଦୃଢ଼ କରିବା ସହିତ ୧.୪ ବିଲିୟମ ଲୋକଙ୍କୁ ଯୋଡିବ। ଦୀର୍ଘ ଦଶନ୍ଧି ଧରି ଭାରତର ଘରେ ଘରେ ବେଶ ଲୋକପ୍ରିୟତା ଲାଭ କରିଛି ଏସିଆନ୍ ପେଣ୍ଟସ୍। ସାଧାରଣ ଜନତାଙ୍କ ଭାବବେଗ ଓ ଦିନ ଚର୍ଯ୍ୟାରେ ରଙ୍ଗ ଭରିଛି ଏସିଆନ୍ ପେଣ୍ଟସ୍। କ୍ରିକେଟ ସହ ଯୋଡି ହୋଇ ଆହୁରି ଲୋକଙ୍କ ନିକଟତର ହେବ ଏସିଆନ୍ ପେଣ୍ଟସ୍। ଏହି ଚୁକ୍ତି ପରେ ଏସିଆନ୍ ପେଣ୍ଟସ ପକ୍ଷରୁ କୁହାଯାଇଛି, ଏହି ସହଯୋଗିତା ସେହି ବିଶ୍ୱାସକୁ ସୁଦୃଢ଼ କରୁଛି। ବିସିସିଆଇ ସହିତ ଆମର ସହଯୋଗିତା ଏକ ନୂତନ ଅଧ୍ୟାୟ ହେବାକୁ ଯାଉଛି। ଯେଉଁଥିରେ ଆମେ ସର୍ବାଧିକ ଭଲ ପାଉଥିବା କ୍ରିକେଟର ହୃଦୟକୁ ରଙ୍ଗର ଦୁନିଆକୁ ଆଣିଦେଲେ। ଅଫିସିଆଲ କଲର ପାର୍ଟନର ଭାବେ ଆମେ ଅର୍ଥପୂର୍ଣ୍ଣ ବିସିସିଆଇର ଅଂଶ ହୋଇଥିବାରୁ ଆନନ୍ଦିତ ଓ ଗର୍ବିତ।

## ଖୋର୍ଦ୍ଧା କପ ବ୍ୟାଡ଼ମିଣ୍ଟନ ଉଦଯାପିତ

ଖୋର୍ଦ୍ଧା :୨୮।୧୧(ସବ୍ୟୁ): ଖୋର୍ଦ୍ଧା ସ୍ଥିତ ବିଜୁ ପଟ୍ଟନାୟକ ବହୁ ମୁଖୀ ଇଣ୍ଡୋର ହଲ୍ ଠାରେ ଖୋର୍ଦ୍ଧା ଜିଲ୍ଲା ଯୁବ ବ୍ୟାଡ ମିଣ୍ଟନ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ୯ମ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ଭବ୍ୟ ସମାପନୀ ସମାରୋହ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଅଛି। ଏହି ଟୁର୍ଣ୍ଣାମେଣ୍ଟ ଅଣ୍ଡର–୧୩, ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ—ମୋଟ ତିନିଟି ଶ୍ରେଣୀରେ ସଂଚାଳିତ ହୋଇଥିଲା। ଅଣ୍ଡର–୧୩ ଶ୍ରେଣୀରେ କେ ତନିଷ୍ କୁମାର ବିଜେତା ଏବଂ ସାଇ ସୁର୍ଯ୍ୟାଂଶୁ ଉପବିଜେତା ହୋଇ ଅତିଥି ମାନଙ୍କଠାରୁ ପୁରସ୍କାର ରାଶି ସହିତ ଟ୍ରଫି ଗ୍ରହଣ କରିଥିଲେ। ଜିଲ୍ଲାସ୍ତରରେ କହ୍ନେଇ ଘଡେଇ ଓ ରଜତ୍ କୁମାର ରଣସିଂହ ବିଜେତା ହୋଇ ୮,୦୦୦ ଟଙ୍କା ପୁରସ୍କାର ରାଶି ସହିତ ଟ୍ରଫି ଗ୍ରହଣ କରିଥିଲେ ଏବଂ ଦିବ୍ୟଜ୍ୟୋତ୍ କୁମାର ସେଠୀ ଓ ମଳୟ ବେହେରା ଉପବିଜେତା ହୋଇ ୬,୦୦୦ ଟଙ୍କା ପୁରସ୍କାର ରାଶି ସହିତ ଟ୍ରଫି ଗ୍ରହଣ କରିଥିଲେ।ରାଜ୍ୟସ୍ତରରେ ତନ୍ମୟ ସାହୁ ଓ ଅଭିଜିତ୍ ମହାରଣା ବିଜେତା ହୋଇ ୧୨,୦୦୦ ଟଙ୍କା ପୁରସ୍କାର ରାଶି ସହିତ ଟ୍ରଫି ଗ୍ରହଣ କରିଥିଲେ। ଏବଂ ଉପ ବିଜେତା ଭାବରେ ପାରଶ୍ ମାଥୁର ଓ ଅନିର୍ବାଣ ମଣ୍ଡଳ ୮,୦୦୦ ଟଙ୍କା ପୁରସ୍କାର ରାଶି ସହିତ ଟ୍ରଫି ଗ୍ରହଣ କରିଥିଲେ।ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ,ଖୋର୍ଦ୍ଧା ଶ୍ରୀନିବାସ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବରେ ଉପ ଜିଲ୍ଲାପାଳ, ଖୋର୍ଦ୍ଧା କିଶୋର ଚନ୍ଦ୍ର ପଣ୍ଡା ଯୋଗଦାନ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ଯୁବ ବ୍ୟାଡମିଣ୍ଟନ ସଂଘର ସମ୍ପାଦକ ରାଜେଶ ଦାସ ଙ୍କ ଦ୍ୱାରା କାର୍ଯ୍ୟକ୍ରମ ସଫଳତାର ସହିତ ସମ୍ପନ୍ନ ହୋଇଥିଲା। ସଫଳତାର ସହିତ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଥିବାରୁ ସଂଘର ସଭାପତି ରାଜେନ୍ଦ୍ର କୁମାର ସାହୁ ସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ କୃତି ପ୍ରତିଯୋଗି ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି କ୍ରୀଡା ଆୟୋଜନ ଉପସ୍ଥିତ କ୍ରିଡ଼ାପ୍ରେମୀ ଓ ରାଜ୍ୟର କୋଣ ଅନୁକୋଣରୁ ଅଂଶଗ୍ରହଣ କରିଥିବା ପ୍ରତିଯୋଗିଙ୍କ ଦ୍ୱାରା ପ୍ରଶଂସିତ ହେବା ସହିତ ରାଜ୍ୟର ଯୁବ ପ୍ରତିଭାମାନଙ୍କ ପାଇଁ ଏକ ଗୌରବମୟ ମଞ୍ଚ ସୃଷ୍ଟି କରିଛି।

## କ୍ରୀଡା ଯୁବବର୍ଗଙ୍କ ଜୀବନକୁ ସନ୍ତୁଳିତ କରିଥାଏ ହାଇଟେକ୍ ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ




ଭୁବନେଶ୍ୱର,୨୮।୧୧(ସବ୍ୟୁ): କ୍ରୀଡା ଯୁବବର୍ଗଙ୍କୁ ଏକ ସ୍ୱତନ୍ତ୍ର ଜୀବନ ବଞ୍ଚିବାକୁ ଦିଏ। ଯୁବ ଗୋଷ୍ଠୀମାନେ ଏହି କ୍ରୀଡା ପ୍ରତିଯୋଗୀତା ଦ୍ୱାରା ସେମାନଙ୍କ ଭିତରେ ଥିତବା ଯୁବ ଶକ୍ତିକୁ ସମୁଜ୍ଜଳ କରନ୍ତି ଏବଂ ଦେଶ, ଜାତି, ରାଷ୍ଟ୍ର ପାଇଁ ସେମାନଙ୍କ ଜୀବନ ଗରିୟାନ ହୁଏ। ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟର ୧୯ ତମ ବାର୍ଷିକ କ୍ରୀଡା ଉତ୍ସବ ମହାସମାରୋହରେ ଉଦ୍ଘାଟିତ ହୋଇଛି। ଏହାକୁ ମୁଖ୍ୟ ଅତିଥ୍ୟ ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ ଅନୁଷ୍ଠାନିକ ଭାବେ ଉଦ୍ଘାଟିତ କରିଥିବାବେଳେ ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ, ଉପାଧ୍ୟକ୍ଷ ବିଭୂତି ଭୂଷଣ ବେହେରା ଏବଂ ହାଇଟେକ୍ ଗ୍ରୁପର କ୍ରୀଡା ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଲଳିତେନ୍ଦୁ ମହାନ୍ତି ଉପସ୍ଥିତ ଥିବାବେଳେ ହାଇଟେକ୍ ଗ୍ରୁପର କ୍ରୀଡା ପ୍ରଶିକ୍ଷକ ଶୁରେଶ କୁମାର ନାୟକ, ମେଘବର୍ଣ୍ଣ ସ୍ୱାଇଁ, ବିଜ୍ଞାନ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ସତ୍ୟ ବିପ୍ଳବ ମିଶ୍ର ଏହାକୁ ପରିଚାଳନା କରିଛନ୍ତି। ସମସ୍ତ ଅଧ୍ୟାପକ, ଅଧ୍ୟାପିକାଙ୍କ ଉପସ୍ଥିତିରେ ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ମହାବିଦ୍ୟାଳୟର ଓଡିଆ ବିଭାଗୀୟ ମୁଖ୍ୟ ଡ. ଚିତ୍ତରଞ୍ଜନ ସାହାଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ୧୬ ବର୍ଷରୁ କମ ବିଜୟ ମର୍ଚାଣ୍ଟ ଟୁର୍ଣ୍ଣାମେଣ୍ଟ ପାଇଁ ରାଜ୍ୟ କ୍ରିକେଟ ଦଳରେ ଅରବିନ୍ଦ

ନାଉଗାଁ,୨୮।୧୧(ସବ୍ୟୁ): ରାଜ୍ୟ ୧୬ବର୍ଷରୁ କମ କ୍ରିକେଟ ଦଳରେ ସ୍ଥାନ ପାଇଛନ୍ତି ଅରବିନ୍ଦ ମୁଦୁଲି। ନାଉଗାଁ ବ୍ଲକର ଏହି ଖେଳାଳି ମାଷ୍ଟର୍ସ କ୍ଲବ ତରଫରୁ ପ୍ରତିନିଧି କରନ୍ତି। ନାଉଗାଁ ବ୍ଲକ ଶାଳୀଜଙ୍ଗା ଗ୍ରାମର ଜିତେନ୍ଦ୍ର ମୁଦୁଲି ଓ ଅମିତା ମହାନ୍ତି ପୁଅ ଅରବିନ୍ଦର ଏହି ସଫଳତା ନିମନ୍ତେ ମାଷ୍ଟର୍ସ କ୍ଲବର ମୁଖ୍ୟ ପରିଚାଳକ ସହଦେବ ସେଠୀଙ୍କୁ ସମସ୍ତ ଶ୍ରେୟ ପ୍ରଦାନ କରିଛନ୍ତି।ଅରବିନ୍ଦ ଜଣେ ପ୍ରାରମ୍ଭିକ ବ୍ୟାଟର ଭାବେ ମଧ୍ୟପ୍ରଦେର ଗ୍ୱାଲିୟର ଠାରେ ଆରମ୍ଭ ହେଉଥିବା ବିସିସିଆଇ ଘରୋଇ ଟୁର୍ଣ୍ଣାମେଣ୍ଟ ବିଜୟ ମର୍ଚାଣ୍ଟ ଟ୍ରଫି ପାଇଁ ଘୋଷିତ ୧୮ ଜଣିଆ ଓଡିଶା ଦଳରେ ସ୍ଥାନ ପାଇଛନ୍ତି। ଏହି ଉପଲକ୍ଷେ ଜଗତସିଂହପୁର ଜିଲ୍ଲା କ୍ରିକେଟ ଆସୋସିଏସନ ସଭାପତି ରଞ୍ଜୀବ ବିଶ୍ୱାଳ, ସଂପାଦକ ଅନିଲ କୁମାର ବିଶ୍ୱାଳ, ରାଜ୍ୟ ବିଜେଡି ଉପସଭାପତି ଚିରଞ୍ଜୀବ ବିଶ୍ୱାଳ, ଜିଲ୍ଲା




କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକ, ମାଷ୍ଟର୍ସ କ୍ଲବର ସମ୍ପାଦକ ମହାଦେବ ସେଠୀ, ସଭାପତି ମନୋଜ ନାୟକ,କ୍ରୀଡାବିତ ରମାକାନ୍ତ ଚେଧୁରୀ ବଦ୍ରି ମହାନ୍ତି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ନଭେମ୍ବର ୩୦ରୁ ଆଇକନିକ୍ ଇଣ୍ଡିଆନ୍ ଓପନ ଗେଟବଲ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର,୨୮।୧୧(ସବ୍ୟୁ): ନଭେମ୍ବର ୩୦ରୁ ଆଇକନିକ୍ ଇଣ୍ଡିଆନ୍ ଓପନ ଗେଟବଲ ଟୁର୍ଣ୍ଣାମେଣ୍ଟ ଭୁବନେଶ୍ୱରରେ ଆରମ୍ଭ ହେବାକୁଯାଉଛି। ଏହି ପ୍ରତିଯୋଗିତାରେ ଜାପାନ, ଥାଇଲ୍ୟାଣ୍ଡ, ଇଣ୍ଡୋନେସିଆ ଏବଂ ତାଇୱାନ ପରି ଚାରୋଟି ବିଶ୍ୱସ୍ତରୀୟ ଦଳ ସହିତ ଭାରତର ୧୮ ଟି ରାଜ୍ୟ ଦଳ ଅଂଶଗ୍ରହଣ କରିବେ। ଯେଉଁଥିରେ ୪୦୦ ରୁ ଅଧିକ ଖେଳାଳି, ଅଧିକାରୀ ଏବଂ ବିଶିଷ୍ଟ ବ୍ୟକ୍ତିମାନେ ଏକତ୍ରିତ ହେବେ। ଖେଳାଳିମାନେ କ୍ଲାସିକ୍ ଏବଂ ଡବଲ୍ସ ଉଭୟ ବର୍ଗରେ ପ୍ରତିଯୋଗିତା କରିବେ। ଆଇଏସଏଫ, କେଉଁଝରର ନାଇବୁଗା ଲୁହା ଏବଂ ମାଙ୍ଗାନିଜ୍ ଖଣିର ଅଧ୍ୟକ୍ଷ-ଏବଂ -ପରିଚାଳନା ନିର୍ଦ୍ଦେଶକ ତାରିଣୀ ପ୍ରସାଦ ମହାନ୍ତିଙ୍କୁ ଆୟୋଜନ କମିଟିର ଅଧ୍ୟକ୍ଷ ଭାବରେ ନିଯୁକ୍ତ କରିଛି। ଉମାକାନ୍ତ ଜେନାଙ୍କୁ କାର୍ଯ୍ୟକାରୀ ସମ୍ପାଦକ ଭାବେ ନିଯୁକ୍ତି କରାଯାଇଛି। ଏହି ସମ୍ମାନଜନକ ଭୂମିକା ଓଡ଼ିଶାରେ କ୍ରୀଡା ବିକାଶରେ ତାଙ୍କର ଉଲ୍ଲେଖନୀୟ ଅବଦାନକୁ ସମ୍ମାନ ଦେଇଛି। ଏହି କାର୍ଯ୍ୟକ୍ରମରେ ତାରିଣୀ ପ୍ରସାଦ ମହାନ୍ତିଙ୍କ ସହ ଡକ୍ଟର ଚିଦାମ୍ବିକା ଖଟୁଆ, ଦିପାୟନ ପଟ୍ଟନାୟକ, ଉମାକାନ୍ତ ପାଣି, ସଞ୍ଜୟ ଚୌଧୁରୀ, ଶେଖ ଅବଦୁଲ ସମିମ୍, ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଅଧିକ ଖେଳାଳିଙ୍କୁ ଫେରାଇ ଆଣିବା ଆମ ରଣନୀତି ଥିଲା: ନୀତା ଅମ୍ବାନୀ

ନୂଆଦିଲ୍ଲୀ,୨୮।୧୧(ଏଜେନ୍ସି): ନୂଆଦିଲ୍ଲୀରେ ଅନୁଷ୍ଠିତ ମେଗା ନିଲାମରେ ଦଳରୁ ପୂର୍ବ ଚାମ୍ପିଅନମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଫେରାଇ ଆଣିବାରେ ସଫଳ ହେବା ପରେ ଦୁଇ ଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ ୨୦୨୬ ରେ ମହିଳା ପ୍ରିମିୟର ଲିଗର ଏକ ନୂତନ ସିଜିନ ପୂର୍ବରୁ ନିଜ ଆତ୍ମବିଶ୍ୱାସ ଦୃଢ଼ କରିଛି। ଦଳର ଚିନ୍ତାଧାରା ସମ୍ପର୍କରେ ଶ୍ରୀମତୀ ନୀତା ଏମ୍ ଅମ୍ବାନୀ କହିଛନ୍ତି, "ନିଲାମ ଦିନଗୁଡ଼ିକ ପ୍ରକୃତରେ ରୋମାଞ୍ଚକର କିନ୍ତୁ ଅନେକ ସମୟରେ ଉତ୍କଣ୍ଠାପୂର୍ଣ୍ଣ ମଧ୍ୟ ହୋଇଥାଏ। ଆମର ରଣନୀତି ଥିଲା ୨୦୨୫ ର ଆମର ବିଜେତା ଦଳରୁ ଯଥାସମ୍ଭବ ଅଧିକ ଖେଳାଳିଙ୍କୁ ଫେରାଇ ଆଣିବା। ମୁଁ ଆମେଲିଆ କେର ଏବଂ ଆମର ଚାରି ଜଣ ଏସ, ଶବନିମ, ସାଇକା, ସଜାନା ଏବଂ ସଂସ୍କୃତିଙ୍କୁ ଫେରାଇ ଆଣିପାରିଥିବାରୁ ବହୁତ ଉତ୍ସାହିତ। ଆମେ ତିନି ଜଣ ଯୁବ ପ୍ରତିଭା - ରାହିଲା ଫିରଦୌସ୍, ନାଲ୍ଲା କ୍ରାନ୍ତି ରେଡ୍ଡୀ ଏବଂ ତ୍ରିବେଣୀ ବଶିଷ୍ଠଙ୍କୁ ସ୍ୱାଗତ କରିବାକୁ ବେଶ ଉତ୍ସାହିତ ରହିଛୁ। ଏହି ଅବସରରେ ମୁଁ ପୁନମ ଖେମନାର, ମିଲି ଇଲିଙ୍ଗୱର୍ଥ ଏବଂ ନିକୋଲା କେରିଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ପରିବାରକୁ ସ୍ୱାଗତ କରୁଛି।

ରିଟେନ ରହିଥିବା ଅଧିନାୟିକା ହରମନପ୍ରୀତ କୌର, ନାଟ୍ ସାଇଭର-ବ୍ରଣ୍ଟ, ହେଲି ମାଥ୍ୟୁସ୍, ଅମନଜୋତ କୌର ଏବଂ ଜି କମଲିନିଙ୍କ ସମେତ, ଏମଆଇ ନିକଟରେ



ଅନୁଷ୍ଠିତ ଟି-୨୦ ବିଶ୍ୱକପରେ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ଆମେଲିଆ କେର ଏବଂ ଏସ୍ ସଜାନା, ସାଇକା ଇସାକ, ସଂସ୍କୃତି ଗୁପ୍ତା ଏବଂ ଅଭିଜ୍ଞ ପେସର ଶବନିମ୍ ଇସମାଇଲଙ୍କୁ ଫେରାଇ ଆଣିବାରେ ସଫଳ ହୋଇଛି। ଭାରତର ବିଶ୍ୱକପ୍ ବିଜୟୀ ଅଧିନାୟିକା ହରମନପ୍ରୀତ ମଧ୍ୟ ନୂଆଦିଲ୍ଲୀରେ ଅନୁଷ୍ଠିତ ନିଲାମରେ ଉପସ୍ଥିତ ରହି ନିଲାମ ଟେବୁଲ ଆଲୋଚନା ଏବଂ ରଣନୀତିରେ ତାଙ୍କର ଅଭିଜ୍ଞତା ଯୋଡିଥିଲେ।

## ଭାରତ-ଦ.ଆଫ୍ରିକା ବାରବାଟୀ ଟି-୨୦ : ଓସିଏର ପ୍ରସ୍ତୁତି ବୈଠକ




ଭୁବନେଶ୍ୱର,୨୮।୧୧(ସବ୍ୟୁ): ଡିସେମ୍ବର ୯ରେ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଭାରତ-ଦ. ଆଫ୍ରିକା ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ ଖେଳାଯିବ। ଏହି ଅନ୍ତର୍ଜାତୀୟ ମ୍ୟାଚକୁ ସଫଳତ ତଥା ସୁଚାରୁରୂପେ ପରିଚାଳନା କରିବା ପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପକ୍ଷରୁ ପ୍ରସ୍ତୁତି ଜାରୀ ରହିଛି। ଶୁକ୍ରବାର ଓସିଏ କନଫରେନ୍ସ ହଲରେ ଓସିଏର ଅନୁବନ୍ଧିତ କମିଟି ଗୁଡିକ ସହ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ତଥା ସମ୍ପାଦକ ସଞ୍ଜୟ ବେହେରାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ସଞ୍ଜୟ ବେହେରା, ଟି-୨୦ ମ୍ୟାଚ ପାଇଁ ବାରବାଟୀ ଷ୍ଟାଡିୟମର ସମସ୍ତ ପ୍ରସ୍ତୁତି ସମ୍ପର୍କରେ କମିଟିର ସଦସ୍ୟମାନଙ୍କୁ ବିସ୍ତୃତ ସୂଚନା ଦେଇଥିଲେ। ବିସିସିଆଇର ଗାଇଡଲାଇନ୍ ଅନୁଯାୟୀ ସମସ୍ତ ବ୍ୟବସ୍ଥା ଆଗକୁ ବଢ଼ୁଛି। ଖୁବ ଶୀଘ୍ର ସମସ୍ତ ପ୍ରସ୍ତୁତି ଶେଷ ହୋଇଯିବ ବୋଲି ଶ୍ରୀ ବେହେରା କହିଛନ୍ତି। ଏହି ବୈଠକରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ବ୍ୟତୀତ ଉପସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଅନୁଗୁଳ ବିଧାୟକ ତଥା ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ସିଇଓ ସୁବ୍ରତ କୁମାର ବେହେରା, ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ ସମ୍ପାଦକ ଅଭିଜିତ ପାଲ, ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ସଞ୍ଜୟ ରାଉଲଙ୍କ ସହ ଓସିଏର ସମସ୍ତ କର୍ମକର୍ତ୍ତା ଏବଂ ସବକମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ସର୍ବଭାରତୀୟ ବେସାମରିକ ଦୌଡ଼କୁଦ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ

ଭୁବନେଶ୍ୱର,୨୮।୧୧(ସବ୍ୟୁ): ବିହାର ପାଟନାର ସ୍ଥିତ ପାଟଳିପୁତ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଡିସେମ୍ବର ୧୩ରୁ ସର୍ବଭାରତୀୟ ବେସାମରିକ ଦୌଡ଼କୁଦ ପ୍ରତିଯୋଗିତା ଆରମ୍ଭ ହେବାକୁଯାଉଛି। ଏଥିପାଇଁ ଖେଳାଳି ଚୟନ ରବିବାର ସକାଳ ୯ଟାରେ ୟୁନିଟ୍-୬ ଫୁଟବଲ ପଡ଼ିଆରେ ହେବ। ଏହି ପ୍ରତିଯୋଗିତାରେ କେବଳ ନିୟମିତ ସରକାରୀ ଚାକିରିରେ ଥିବା କର୍ମଚାରୀ ଭାଗ ନେଇପାରିବେ। ଇଚ୍ଛୁକ ଥିବା କର୍ମଚାରୀ ନିଜର ସେବା ପୁସ୍ତିକାର ପ୍ରଥମ ପୃଷ୍ଠା, ଅଫିସ ପରିଚୟ ସହ ଏକ ପାସପୋର୍ଟ ଫଟୋ ତଥା ନୋ-ଅବଜେକସନ ସାର୍ଟିଫିକେଟ ସାଙ୍ଗରେ ଆଣି ନାମପଞ୍ଜିକରଣ କରିପାରିବେ। ଅଧିକ ସୂଚନା ପାଇଁ ହରପ୍ରସାଦ ବିଶ୍ୱାଳ (୯୪୩୭୨୨୮୬୮୭), ଦେବୀ ପ୍ରସାଦ ଦାଶ (୯୪୩୮୫୦୬୧୬୮), ଆଲୋକ ସୋରେଙ୍ଗ (୯୭୭୬୨୧୨୯୧୧)ଙ୍କୁ ଯୋଗାଯୋଗ କରିପାରିବେ।

## ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି: ଆନ୍ଧ୍ର ଠାରୁ ହାରିଲା ଓଡିଶା

ଭୁବନେଶ୍ୱର,୨୮।୧୧(ସବ୍ୟୁ): ଲକ୍ଷ୍ନୌର ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଥିବା ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ ଟ୍ରଫିର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ଦଳ ୬୬ ରନ୍ ବ୍ୟବଧାନରେ ଆନ୍ଧ୍ର ନିକଟରୁ ହାରିଯାଇଛି। ଏହି ମ୍ୟାଚରେ ଆନ୍ଧ୍ର ୨୦ ଓଭରରେ ୭ ୱିକେଟ୍ ହରାଇ ୧୮୪ ରନ୍ କରିଥିଲା। ରିକି ଭୂଇଁ ସର୍ବାଧିକ ୪୭ ଓ କେଏସ୍ ଭରତ ୪୨ ରନ୍ କରିଥିଲେ। ବିପ୍ଳବ ସାମନ୍ତରାୟଙ୍କୁ ସର୍ବାଧିକ ୩ ୱିକେଟ ମିଳିଥିଲା। ଓଡ଼ିଶା ୧୭.୨ ଓଭରରେ ୧୧୮ ରନ୍ କରି ଅଲଆଉଟ୍ ହୋଇଥିଲା। ସୌରଭ ଗୌଡ ସର୍ବାଧିକ ୨୪ ରନ୍ କରିଥିଲେ।

# ଡିସେମ୍ବର ୧ରୁ ସବଜୁନିୟର ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପ

ଭୁବନେଶ୍ୱର,୨୮।୧୧(ସବ୍ୟୁ): କଳିଙ୍ଗ ଷ୍ଟଡିୟମ ସ୍ଥିତ ଡାଲମିଆ ଭାରତ ଗୋପିଚାନ୍ଦ ବ୍ୟାଡମିଣ୍ଟନ ଉତ୍କର୍ଷ କେନ୍ଦ୍ର (ସଟଲ) ରେ ପୁଣି ଜମିବେ ସାରା ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳର ୧୫ ରୁ ୧୭ ବର୍ଷରୁ କମ ବାଳକ ଓ ବାଳିକା ବ୍ୟାଡମିଣ୍ଟନ ଖେଳାଳି। ୩୭ତମ ସବ୍ ଜୁନିୟର ଜାତୀୟ ବ୍ୟାଡମିଣ୍ଟନ ଖେଳାଳି ଟାଇଟିଲ ଲଢେଇ ପାଇଁ ୨୫୬ଜଣ ବାଳିକା ଓ ୩୨୪ଜଣ ବାଳକ ପରସ୍ପର ସହିତ ପ୍ରତିଦ୍ୱନ୍ଦିତାରେ ଅବତିର୍ଣ୍ଣ ହେବେ। ଗତ ବର୍ଷ ଜାତୀୟ ବରିଷ୍ଠ ବ୍ୟାଡମିଣ୍ଟନ ପ୍ରତିଯୋଗିତା ପରେ ଏ ବର୍ଷ ପୁଣି ଥରେ ସଟଲ ରେ ଅନୁଷ୍ଠିତ ହେଉଛି ଏହି ସବ୍ ଜୁନିୟର ଜାତୀୟ ବ୍ୟାଡ ମିଣ୍ଟନ ଚାମ୍ପିଅନସିପ। ଭାରତୀୟ ବ୍ୟାଡ ମିଣ୍ଟନ ସଂଘ (ବାଇ) ଦ୍ୱାରା ଅନୁମୋଦିତ ଏହି ପ୍ରତିଯୋଗିତା କୁ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସହଯୋଗ ରେ ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଏହି ପ୍ରତିଯୋଗିତା ଆୟୋଜନ କରୁଛି। ବାଇ ରାଜ୍ୟ କ୍ରୀଡା ବିଭାଗ ସହ ସମନ୍ୱୟ ରକ୍ଷା କରି ଏହି ଜାତୀୟ ଚାମ୍ପିଅନସିପ ପାଇଁ ଓଡିଶା ରାଜ୍ୟ ବ୍ୟାଡ ମିଣ୍ଟନ ସଂଘର ସଭାପତି ରାଜେଶ ପ୍ରଭାକର ପାଟିଲ, ସଂପାଦକ ନିଳିନ କୁମାର ଏହାର ସଫଳ ଆୟୋଜନ ପାଇଁ ବିଭିନ୍ନ ସବ୍ କମିଟି ଜରିଆରେ ଜୋରସୋର ରେ ପ୍ରସ୍ତୁତି ଚଳାଇଛନ୍ତି। ଫୁଡ, ଏକୋମଡେସନ, ଟ୍ରନ୍ସପୋଟେସନ, ରିସେପ୍ସନ, ରେଜିଷ୍ଟ୍ରେସନ, ମିଡିଆ କମିଟିରେ ରାଜ୍ୟ ସଂଘର ବିଭିନ୍ନ କର୍ମକର୍ତ୍ତା, ପ୍ରକ୍ତନ ଖେଳାଳିମାନଙ୍କୁ ଦାୟିତ୍ୱ ଦିଆଯାଇ ଏହି ଚାମ୍ପିଅନସିପ




ଯେପରି ସଫଳତା ସହ ଆୟୋଜନ ହୋଇପାରିବ ସେ ଦିଗରେ ସମସ୍ତ ପ୍ରସ୍ତୁତି ଜାରି ରହିଛି। ପ୍ରତିଯୋଗିତା ସଫଳ ପରିଚାଳନା ପାଇଁ ଚିପ୍ ରେଫରି ଭାବରେ ଆନ୍ଧ୍ରପ୍ରଦେଶର ପି.ରାମକ୍ରିଷ୍ଣା ଡେପୁଟି ରେଫରୀ ଭାବରେ ବିଜୟ ବାଗ ଓ ମନୋଜ ସାବତ ନିଯୁକ୍ତ ହୋଇଥିବା ବେଳେ ମ୍ୟାଚ କଣ୍ଟ୍ରୋଲର ଭାବରେ ତେଲେଙ୍ଗାନାରେ ପିଭି ଏଲ୍ କୁମାର ଦାୟିତ୍ୱ ତୁଲାଇବେ। ଡିସେମ୍ବର ୧ ତାରିଖ ଦିନ ଉଦଘାଟନ ହେବାକୁ ଥିବା ଏହି ଜାତୀୟ ଚାମ୍ପିଅନସିପରେ ସାରା ଦେଶ ତଥା ଆମ ରାଜ୍ୟବାସୀଙ୍କ ନଜର ବ୍ୟାଡମିଣ୍ଟନ ଖେଳାଳି ବିସ୍ମୟ ବାଳିକା ତନଭି ପତ୍ରିଙ୍କ ଉପରେ ନିଶ୍ଚିତ ଭାବରେ ରହିବ। ତନଭିଙ୍କ ଟ୍ରେକ ରେକର୍ଡକୁ ଦେଖିଲେ ସେ ନିଶ୍ଚିତ ଭାବରେ ଏହି ପ୍ରତିଯୋଗିତା ଉଭୟ ବର୍ଗରେ ସ୍ୱର୍ଣ୍ଣ ପଦକ ପ୍ରବଳ ଦାବିଦାର ରହିବେ। ପୂର୍ବରୁ ବଲାଙ୍ଗିର (ଓଡିଶା)ରେ ଆୟୋଜିତ ୩୫ତମ ସବ୍ ଜୁନିୟର (୧୩ ବର୍ଷରୁ କମ୍ ) ଜାତୀୟ ଚାମ୍ପିଅନସିପରେ ଚାମ୍ପିଅନ ତଥା ୧୫ ବର୍ଷରୁ କମ୍ ଏସିଆ ଚାମ୍ପିଅନସିପରେ ଚାମ୍ପିଅନ ହୋଇଥିବା ତନଭି ଏ ବର୍ଷ ମଧ୍ୟ ସୁନ୍ଦର ଫର୍ମରେ ଅଛନ୍ତି। ସେ ସଦ୍ୟ ସମାପ୍ତ ହୋଇଥିବା ଅଣ୍ଡର-୧୯ ରେ ବ୍ରୋଞ୍ଜ ପଦକ ହତେଇ ଥିବା ବେଳେ ଇଷ୍ଟଜୋନ ଚମ୍ପିୟାନସିପ୍ ର ୧୯ ବର୍ଷ ବୟସରେ ରନର୍ସଅପ୍ ସିନିୟର ବର୍ଗରେ ବ୍ରୋଞ୍ଜ ପଦକ ହତେଇଛନ୍ତି। ଗତ ବର୍ଷ ଓଡିଶାରେ ଅନୁଷ୍ଠିତ ୧୯ ବୟସ ବର୍ଗର ଜାତୀୟ ଚାମ୍ପିଅନସିପରେ ଦଳଗତ ଇଭେଣ୍ଟରେ ତାଙ୍କର ଉତ୍ତମ ପ୍ରଦର୍ଶନ ଯୋଗୁଁ ସ୍ୱର୍ଣ୍ଣପଦକ ହାସଲ କରିଥିଲା। ଦୁଇ ଦିନ ପୂର୍ବରୁ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟପାର ର ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ତନଭି ପତ୍ରିଙ୍କୁ ତାଙ୍କର ବ୍ୟାଡମିଣ୍ଟନ କ୍ରୀଡାରେ ଉତ୍ତମ ଉପଲବ୍ଧି ତଥା ଆଗାମୀ ସବ୍ ଜୁନିୟର ଚାମ୍ପିଅନସିପ ପାଇଁ ଶୁଭେଚ୍ଛା ଜଣାଇବା ପାଇଁ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୨୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୨୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି